# ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
କଲ୍ୟାଣ ବିଭାଗ, ଭୁବନେଶ୍ୱର

# ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ

ସଂପାଦନା

ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର

କ୍ଷେତ୍ରାନୁଧାନ

ଶ୍ରୀ ପୁରୁଷୋତ୍ତମ ସିଂ ମାଝୀ

ଶ୍ରୀ ଭଗବାନ ମାଝୀ

ଆଦିବାସୀ ସଂସ୍କୃତି ଗବେଷଣା ପରିଷଦ, ସିନାପାଲି

ଜିଃ ନୂଆପଡ଼ା, ଓଡ଼ିଶା

ପ୍ରଚ୍ଛଦ : ଗୋଁଡ୍ ଗାଁର ଗୁଡ଼ି

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧

ଭୁବନେଶ୍ୱର-୭୫୧୦୦୯

୧୯୯୮

# GOND SAMSKRITI
# O
# LOKASAHITYA

**Compilation :**

Sri Surendra Kumar Mishra.

**Field Investigators :**

Sri Purusottam Singh Majhi

Sri Bhagaban Majhi

**Adivasi Samskriti Gabesana Parisad**

**Sinapali, Dist. - Nuapada, Orissa**

**Cover : GOND VILLAGE GUDI**

**Published by :**

ACADEMY OF TRIBAL DIALECTS & CULTURE
WELFARE DEPARTMENT

Adivasi Ground, Unit-1

Bhubaneswar-751009,

**1998**

**Rupees one hundred only.**

Printed at : Bholanath Press

1201/1601, Bomikhal, Bhubaneswar - 10

# ଉତ୍ସର୍ଗ

ଗୋଁଡ଼ ସଂସ୍କୃତିର ପ୍ରତିଭୂ, କଲ୍ୟାଣ ବିଭାଗର ପୂର୍ବତନ ମନ୍ତ୍ରୀ ତଥା
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଭାପତି
**ସ୍ୱର୍ଗତ ଘାସିରାମ ମାଝୀଙ୍କ**
ଅମର ସ୍ମୃତିରେ ନିବେଦିତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

# ଭୂମିକା

'ଭାରତର ବୃହତ୍ତମ ଜନଜାତି ହେଉଛନ୍ତି ଗୋଁଡ଼ । ଓଡ଼ିଶାରେ ଏମାନଙ୍କର ସଂଖ୍ୟା ୧୯୮୧ ଜନଗଣନା ଅନୁଯାୟୀ ୬୦୨୭୪୯ ଏବଂ ଏମାନେ ଓଡ଼ିଶାରେ ପ୍ରାୟ ଅଧିକାଂଶ ଅଞ୍ଚଳରେ ବସବାସ କରୁଥିଲେ । ପଶ୍ଚିମ ଓଡ଼ିଶାରେ ଏମାନେ ଅଧିକ କେନ୍ଦ୍ରୀଭୂତ । ଏହା ଏକ ମହାନ୍ ସଂପ୍ରଦାୟ ଭାବରେ ସାରା ଭାରତରେ ପ୍ରସିଦ୍ଧ ।

ଆମର ଏକାଡ଼େମୀ ପକ୍ଷରୁ ପ୍ରଥମେ ''ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକସାହିତ୍ୟ'' (୧୯୯୨) ବହିରେ ଗୋଁଡ଼ ଲୋକ ସାହିତ୍ୟର ସମ୍ୟକ ସୂଚନା ଦିଆଯାଇଥିଲା, ତାପରେ 'ଗୋଣ୍ଡି' ଭାଷା ସମ୍ବନ୍ଧରେ ଖଣ୍ଡିଏ ବହି (୧୯୯୬) ପ୍ରକାଶିତ ହୋଇଥିଲା । ବର୍ତ୍ତମାନ **''ଗୋଡ଼ଁ ସଂସ୍କୃତି ଓ ଲୋକ ସାହିତ୍ୟ''** ସମ୍ବନ୍ଧରେ ବିସ୍ତୃତ ବିବରଣୀ ଓ ବ୍ୟାଖ୍ୟା ସମ୍ବଳିତ ବହିଟି ପ୍ରସ୍ତୁତ କରାଯାଇଛି । ଗୋଁଡ୍ ଅଧ୍ୟୁଷିତ ପ୍ରଧାନ ଅଞ୍ଚଳ ନୂଆପଡ଼ାରୁ ସଂଗୃହିତ ତଥ୍ୟ ଏହି ଗ୍ରନ୍ଥର ମୂଳପିଣ୍ଡ । ସ୍ଥାନୀୟ ଅଧିବାସୀଙ୍କ ମୁଖରୁ ହିଁ ଏହା ସଂଗ୍ରହ କରାଯାଇଥିବାରୁ ଏସବୁ ତଥ୍ୟର ପ୍ରାମାଣିକତା ରହିଛି । କ୍ରମ ବିଲୁପ୍ତିଶୀଳ ଆଦିବାସୀ ସଂସ୍କୃତି ଓ ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ଦିଗରେ ଏହି ଗ୍ରନ୍ଥଟି ଅବଶ୍ୟ ସହାୟକ ହେବ ।

ଆଦିବାସୀ ସଂସ୍କୃତି ଗବେଷଣା ପରିଷଦ, ସିନାପାଲି (ନୂଆପଡ଼ା) ନିକଟରେ ଆମ ଏକାଡ଼େମୀ କୃତଜ୍ଞ । ଏହି ପ୍ରକଳ୍ପର ପଶ୍ଚାଦଭାଗରେ **ଡଃ ମହେନ୍ଦ୍ର କୁମାର ମିଶ୍ରଙ୍କ** ଉଦ୍‌ବୋଧନ ସର୍ବଥା ସ୍ମରଣୀୟ । ଆମର ଆଶା, ଗ୍ରନ୍ଥଟି ଗୋଁଡ଼ ସଂସ୍କୃତି ପ୍ରତି ସ୍ପୃହାବାନ୍ ସମସ୍ତଙ୍କର ସମାଦର ଲାଭ କରିବ ।

ଖଗେଶ୍ୱର ମହାପାତ୍ର
ନିର୍ଦ୍ଦେଶକ

## ପୁସ୍ତକ ସଂକଳନ ସଂପର୍କରେ

୧୯୮୪ ନଭେମ୍ବର ମସିହାରେ ସିନାପାଲିର ଦୁର୍ଗା ମନ୍ଦିରରେ ଶ୍ରୀ ପୁରୁଷୋତ୍ତମ ସିଂହ ମାଝୀ, ଶ୍ରୀ ଭଗବାନ ମାଝୀ, ଶ୍ରୀ କୁମୁନ୍ଦ ବନ୍ଧୁ ପତି ଓ ମୁଁ, - ଆମେ ଚାରିଜଣ ଶପଥ ନେଲୁଁ, ଏହି ଅଞ୍ଚଳର ଆଦିବାସୀ ସଂସ୍କୃତି ଉପରେ କିଛି କାମ କରିବା । ଏହା ଏକ କ୍ଷୁଦ୍ର ପ୍ରୟାସ ଥିଲା । ହେଲେ ଆଦିବାସୀ ସମାଜର ଉତ୍ସାହ ଓ ସ୍ୱାଭିମାନ ତଥା ରାଜ୍ୟ ସରକାରଙ୍କ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ନିର୍ଦ୍ଦେଶକ **ଡଃ ଖଗେଶ୍ୱର ମହାପାତ୍ରଙ୍କ** ଅନ୍ତହୀନ ପ୍ରେରଣାକୁ ସମ୍ବଳ କରି ସିନାପାଲି ଠାରେ ଆଦିବାସୀ ସଂସ୍କୃତି ଗବେଷଣା ପରିଷଦଟିଏ ଗଠିତ ହେଲା । ସୀମିତ ସମ୍ବଳ ଭିତରେ ଅନେକ କାମ କରିବାର ସଂକଳ୍ପ ରହିଛି ଏହି ପରିଷଦର । କଳାହାଣ୍ଡିର ୪୬ ପ୍ରକାର ଆଦିବାସୀଙ୍କ ଜୀବନ ଓ ସଂସ୍କୃତିକୁ ନେଇ ପ୍ରବନ୍ଧ ରଚନା, ପୁସ୍ତକ ପ୍ରକାଶନ, ଗବେଷଣା କାର୍ଯ୍ୟ, ସଂସ୍କୃତିର କଳା ଓ ଶିଳ୍ପର ସୁରକ୍ଷା, ଲୋକ ସାହିତ୍ୟ ସଂଗ୍ରହ ପ୍ରଭୃତି ଏହି ପରିଷଦର ଲକ୍ଷ୍ୟ । ହେଲେ ଏଯାବତ୍ ସେ ସବୁ ସମ୍ଭବ ହୋଇ ପାରିନାହିଁ । ବ୍ଲକ ସ୍ତରରେ ଗୋଟିଏ ଗବେଷଣା ପରିଷଦ ଚଳାଇବା ଆମ ସାମାଜିକ ପରିବେଶରେ ଯେ କେଡ଼େ ଦୁରୂହ କାର୍ଯ୍ୟ ତାହା ଅନୁଭବୀ ମାନେ ହିଁ ଜାଣି ପାରୁଥିବେ । ତେବେ ଆମର ସୀମିତ ପ୍ରୟାସର ଫଳ ସ୍ୱରୂପ ସିନାପାଲି ଅଞ୍ଚଳର ଲୋକ ସଂସ୍କୃତି ଆନ୍ତର୍ଜାତିକ ସ୍ତରରେ ସୁଦ୍ଧା ପରିଚିତ ହୋଇ ପାରିଛି । ଏହା ଆମ ପକ୍ଷରେ ବଡ଼ ଉପଲବ୍ଧି ନିଶ୍ଚୟ ।

୧୯୯୨ ମସିହାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ମୋ ସଂକଳିତ ୬ଟି ଆଦିବାସୀ ଗୋଷ୍ଠୀର ଲୋକସାହିତ୍ୟ ପ୍ରକାଶ କଲେ । ପୁସ୍ତକଟିର ନାମ **"ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ"** । ଗୌଡ଼, କନ୍ଧ, ଭୁଞ୍ଜିଆ, ପହରିଆ, ବିଂଝାଲ୍ ଓ ବନଜାରା ଏହି ଛଅଟି ଗୋଷ୍ଠୀର ସଂକ୍ଷିପ୍ତ ପ୍ରଜାତିକ ପରିଚିତି ସହିତ ସେମାନଙ୍କ ଲୋକ ସାହିତ୍ୟ ସଂକଳିତ ହେଲା । କିନ୍ତୁ ଦେଖାଗଲା, ପ୍ରତ୍ୟେକ ଗୋଷ୍ଠୀର ସମାଜ ଓ ସଂସ୍କୃତିକୁ ନେଇ ଗୋଟିଏ ଗୋଟିଏ ପୁସ୍ତକ ରଚନା ହେବା ଦରକାର । ପୁଣି ସେହି ପୁସ୍ତକ ସବୁ ଆଦିବାସୀ ଭାଇମାନଙ୍କ ହାତରେ ପହଞ୍ଚିବା ଆବଶ୍ୟକ । ତେବେ ଯାଇ ସଂସ୍କୃତିର ସୁରକ୍ଷା ତଥା ଏହାର ମୂଲ୍ୟବୋଧର ପ୍ରତିଷ୍ଠା ଦିଗରେ ସେମାନେ ବ୍ରତୀ ହେବେ । ଏଣୁ ପ୍ରଥମେ

ଗୋଁଡ଼ ସମାଜ ଓ ସଂସ୍କୃତିକୁ ଭିତ୍ତିକରି ଗୋଟିଏ ପୁସ୍ତକ ସଂକଳନ କରିବା ପାଇଁ ପୂର୍ବତନ ଆଦିବାସୀ କଲ୍ୟାଣ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀ ଓ ଶ୍ରୀ ଦୁର୍ଯ୍ୟୋଧନ ମାଝୀ, ଖଡ଼ିଆଳ ବିଧାୟକ, ଗୋଟିଏ ପ୍ରସ୍ତାବ ଦେଲେ । ଆଦିବାସୀ ସଂସ୍କୃତି ଗବେଷଣା ପରିଷଦ, ସିନାପାଲିକୁ ଏହି ଦାୟିତ୍ୱ ଦିଆଗଲା । ୧୯୯୫-୯୬ ମସିହାରେ ଏହି ପ୍ରକଳ୍ପଟିକୁ ସାରି ଶୀଘ୍ର ପୁସ୍ତକାକାରରେ ପ୍ରକାଶ କରିବା ପାଇଁ ଏକାଡ଼େମୀର ନିର୍ଦ୍ଦେଶ ମିଳିଲା ।

ଏହି ସଂକଳନରେ ପ୍ରଣିତ ସମସ୍ତ ତଥ୍ୟର ସଂଗ୍ରହ ଭୂମି ହେଉଛି ଏବର ନୂଆପଡ଼ା ଜିଲ୍ଲା । ଓଡ଼ିଶାର ପଶ୍ଚିମାଞ୍ଚଳର ପଶ୍ଚିମ ସୀମାନ୍ତରେ କାଠପାରପୁରୁବାଦୀ ପର୍ବତମାଳାର ପାଦଦେଶରେ ବୋଡ଼େନ, କୋମନା, ଖଡ଼ିଆଳ, ସିନାପାଲି ଓ ନୂଆପଡ଼ା ବ୍ଲକ୍ ସମେତ ଛତିଶଗଡ଼ ଗୋଁଡ଼ ଅଧ୍ୟୁଷିତ ଅଞ୍ଚଳ । ଏହି ଅଞ୍ଚଳର ଆଦିବାସୀ ସଂସ୍କୃତିର ପରିଚାୟକ । ଓଡ଼ିଶା ଓ ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳରୂପେ ଓଡ଼ିଆ ଓ ଛତିଶ ଗଡ଼ୀ ସଂସ୍କୃତିର ମଧୁର ସମନ୍ୱୟ ଏଠିକାର ଲୋକଜୀବନ, କଳା, ସଙ୍ଗୀତ, ନୃତ୍ୟ ଓ ଲୋକ ସାହିତ୍ୟରେ ଦେଖିବାକୁ ମିଳେ । ଏଠିକାର ଏହି ସମନ୍ୱିତ ସଂସ୍କୃତିକୁ ଉଭୟ ରାଜ୍ୟର ରାଜନୈତିକ ସୀମାରେଖା କୌଣସି ବାଡ଼ ସୃଷ୍ଟି କରି ପାରିନାହିଁ ବରଂ ସାଂସ୍କୃତିକ ଆଦାନ ପ୍ରଦାନର ସେତୁ ହୋଇ ରହିଛି ।

ନୂଆପଡ଼ା ଜିଲ୍ଲାରେ ସଂଖ୍ୟା ଗରିଷ୍ଠ ଗୋଁଡ଼ ଜାତିର ଲୋକ ରହିଛନ୍ତି । ଓଡ଼ିଆ ଗୋଁଡ଼, ଲରିଆ ଗୋଁଡ଼ ଅଛନ୍ତି । ସେମାନେ ଅନେକ ଗାଁରେ ରହିଛନ୍ତି । ଦୃଢ଼ ରାଜନୈତିକ ଶକ୍ତି ରୂପେ ସେମାନେ ଏବେବି ପାରଂପରିକ ଭାବେ ସଂଘବଦ୍ଧ । ଭୁଞ୍ଜିଆ, ପହରିଆ, କନ୍ଧ, ଦଳ ପ୍ରଭୃତି ଗୋଷ୍ଠୀମାନଙ୍କ ସହିତ ଏମାନଙ୍କ ସାଂସ୍କୃତିକ ଆଦାନପ୍ରଦାନ ନିବିଡ଼ ।

ଗୋଁଡ଼ମାନେ ନୂଆପଡ଼ାର ଭୂମ୍ୟଧିକାରୀ ଥିଲେ । ଏଣୁ ପ୍ରବାଦ ଅଛି "ଗୋଁଡ଼ର ଯେ ଭୂଇଁ, ରଜାର ଯେ ରାଏଜ୍" ଅର୍ଥାତ୍ ରାଜତ୍ୱ (administration) ସିନା ରଜାର, ହେଲେ ଭୂମିର ମାଲିକ ହେଉଛି ଗୋଁଡ଼୍ । ଏହି ପ୍ରବାଦ ସୂଚାଇ ଦିଏ ଯେ ରଜା ଆଗମନର ବହୁ ପୂର୍ବରୁ ଏଠିକାର ଭୂମିପୁତ୍ର ରୂପେ ଗୋଁଡ଼ମାନେ ରହି ଆସିଛନ୍ତି ।

ସାରା ଓଡ଼ିଶା, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ର ଅଞ୍ଚଳରେ ଗୋଁଡ଼ମାନଙ୍କ ବିସ୍ତୃତି । ବଡ଼ ବୈଚିତ୍ର୍ୟ ପୂର୍ଣ୍ଣ ଏମାନଙ୍କ ସାଂସ୍କୃତିକ ପରଂପରା । ବଡ଼ ରକ୍ଷଣଶୀଳ ଏମାନେ । ଓଡ଼ିଶାର ଅନ୍ୟ ଆଦିବାସୀ ହୁଏତ ଅନ୍ୟ ଧର୍ମ ଗ୍ରହଣ କରିଥିବେ ହେଲେ ଗୋଁଡ଼ମାନେ ଅନ୍ୟଧର୍ମରେ ଦୀକ୍ଷିତ ହେବା କେବେ ବି କେଉଁଠି ଶୁଣା ଯାଇ ନାହିଁ ।

ଏମାନେ ଶାସକ ଜାତି, ଆଦିବାସୀ ସମାଜରେ ଶ୍ରେଷ୍ଠ ପୂଜକ ଜାତି ଓ ବୃହତ୍ତର ଗ୍ରାମୀଣ ସମାଜର କୃଷକ ଜାତି । ପରଂପରାର ଉପାସକ, ଏଣୁ ସେମାନେ ନିଜକୁ ଶିବଙ୍କ ପୁତ୍ର ବୋଲି କହନ୍ତି । ଗୋଁଡ଼ ଓ କନ୍ଧ- ଏ ଦୁହେଁ ଶିବଙ୍କ ଗଣ୍ଡ ଓ ସ୍କନ୍ଧରୁ ଜନ୍ମ ନେଇଥିଲେ ବୋଲି କହନ୍ତି । ଶିବ ପାର୍ବତୀଙ୍କ ପୁତ୍ର ଗୋଁଡ଼ ବୋଲି ମଧ୍ୟଭାରତୀୟ ପୁରାଣ କଥାରେ ଉଲ୍ଲେଖ ଅଛି । ଜୀବନକୁ ବଂଚିବାରେ ଏମାନେ କେତେ କର୍ମଠ, ପରିଶ୍ରମୀ ଓ ସରଳ ତାହା ସମସ୍ତେ ଦେଖିବାର ଅଛି । ଶିଖିବାର ଅଛି ।

ଇଂରେଜ ଗବେଷକ ଓ ପ୍ରଜାତିତତ୍ତ୍ୱବିତ୍‌ମାନେ ଗୋଁଡ଼ମାନଙ୍କ ଉପରେ ବହୁ ତଥ୍ୟ ସମ୍ବଳିତ ଲେଖା ଲେଖିଛନ୍ତି । ସେଗୁଡ଼ିକ କେବେ ବି ଆମ ପାଠକ ସମାଜ ପାଖରେ ପହଞ୍ଚି ପାରୁନାହିଁ । ଓଡ଼ିଆରେ ଗୋଁଡ଼ମାନଙ୍କ ଉପରେ ସାଧାରଣ ଭାବେ ପରିଚୟାତ୍ମକ ପୁସ୍ତକଟିଏ ବି ନାହିଁ । ସେ ଦୃଷ୍ଟିରୁ ଏହି ପୁସ୍ତକ ଏକ ପ୍ରାଥମିକ ପ୍ରୟାସ ଯାହାକି ପରବର୍ତ୍ତୀ କାଳରେ ନୂତନ ଗବେଷକଙ୍କୁ ପ୍ରେରଣା ଯୋଗାଇବ ନୂତନ କାର୍ଯ୍ୟ କରିବା ପାଇଁ । ଏ ପୁସ୍ତକର ସଂକଳନ କାର୍ଯ୍ୟ ମୁଖ୍ୟତଃ **ଶ୍ରୀ ପୁରୁଷୋତ୍ତମ ସିଂ ମାଝୀ ଓ ଶ୍ରୀ ଭଗବାନ ମାଝୀ**ଙ୍କ ଦ୍ୱାରା ସମ୍ଭବ ହୋଇଛି । ସେ ନୂଆପଡ଼ା ଜିଲ୍ଲାର ଗୋଁଡ଼ ବସତି ଓ ଗ୍ରାମମାନ ବୁଲି ବୁଲି ତଥ୍ୟ ସଂଗ୍ରହ କରିଛନ୍ତି । ଅନେକ ସ୍ଥାନରେ ସଫଳ ହୋଇଛନ୍ତି କେତେକ ସ୍ଥାନରେ ବିଫଳ ହୋଇଛନ୍ତି । କାରଣ ରକ୍ଷଣଶୀଳ ଗୋଁଡ଼ ଲୋକ ଓ ସେମାନଙ୍କ ''ପରଘନିଆ'' (ethnic bard) ମାନଙ୍କ ଯୋଗୁଁ ଅନେକ ତଥ୍ୟ ଥିଲେ ବି ମିଳିବା ସମ୍ଭବ ପର ନୁହେଁ । ଏସବୁ କାର୍ଯ୍ୟ ତଥାପି ଆମକୁ କରିବାକୁ ପଡ଼ିବ । **ଶ୍ରୀ ପୁରୁଷୋତ୍ତମ ସିଂ ମାଝୀ**, ଏହି ପରିଷଦର ସଭାପତି, ବହୁ କଷ୍ଟ ସ୍ୱୀକାର କରି ଏହି ପୁସ୍ତକରେ ଥିବା ତ୍ରୁଟି ସଂଶୋଧନ କରିଛନ୍ତି । ପୁସ୍ତକଟି ପାଇଁ ଯେତିକି ତଥ୍ୟ ସଂଗୃହୀତ ହୋଇଛି, ସେ ସବୁ ଏଠି ଦେବା ସମ୍ଭବ ହୋଇ ନାହିଁ । ତାହା ପରବର୍ତ୍ତୀ କାଳରେ ବ୍ୟବହୃତ ହେବ । ଏଠାରେ ଏହି ପୁସ୍ତକରେ ଗୋଁଡ଼ ସମାଜ ଓ ସଂସ୍କୃତିର ପ୍ରମୁଖ ଅଂଶକୁ ଦିଆଯାଇଛି । ଲୋକବିଶ୍ୱାସ, ଯାଦୁବିଦ୍ୟା, ପ୍ରଭୃତି ସଂଶୟ ପୂର୍ଣ୍ଣ ତଥ୍ୟକୁ ଏଠି ଜାଣିଶୁଣି ବାଦ୍ ଦିଆଯାଇଛି, କାରଣ ସଂପ୍ରତି ଗୋଁଡ଼ ସମାଜର ଚାହିଦା ଅନୁସାରେ ଏସବୁ ପରିଗ୍ରହଣୀୟ ହେଉ ନାହିଁ । ପୁଣି ଏଠି କେବଳ ନୂଆପଡ଼ା ଅଞ୍ଚଳର ଗୋଁଡ଼ ସମାଜର ଚଳଣିର ଚିତ୍ର ହିଁ ଦିଆଯାଇଛି । ଏଣୁ ଅନ୍ୟ ଅଞ୍ଚଳର ଚିତ୍ର ଏଠି ମିଳିବା ଦୁଷ୍କର ।

ଭୁବନେଶ୍ୱରରେ ଗୋଁଡ଼ ସାଂସ୍କୃତିକ ସମାଜର ପ୍ରମୁଖ କର୍ମକର୍ତ୍ତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଶ୍ରୀ ଶରମାନନ୍ଦ ନାଏକ ଗୋଁଡ଼ ସମାଜ ଉପରେ ଯଥେଷ୍ଟ ତଥ୍ୟ

ଯୋଗାଇଛନ୍ତି ଏ ସବୁ ମଧ୍ୟପ୍ରଦେଶର ଗୋଁଡ଼ ସମାଜର ସମ୍ୟକ ପରିଚୟ ଦିଏ । ଓଡ଼ିଶାର ଗୋଁଡ଼ ସମାଜ ପାଇଁ ଏହି ପୁସ୍ତକଟି ନିଶ୍ଚିତ ଭାବେ ଆଦରଣୀୟ ହେବ ବୋଲି ବିଶ୍ୱାସ । ପୁସ୍ତକଟି ରଚନା ବେଳେ ଶ୍ରୀ ଘାସିରାମ ମାଝୀ ଓ ଶ୍ରୀ ଦୁର୍ଯ୍ୟୋଧନ ମାଝୀ ବିଧାୟକ ନୂଆପଡ଼ା ଓ ଖଡ଼ିଆଳ, ତଥା ସେହି ଅଞ୍ଚଳର ବହୁ ଗୋଁଡ଼ ନେତା ଓ ଗ୍ରାମମୁଖ୍ୟ ଗୌନ୍ତିଆ, ପରଘନିଆ ତଥା ଶିକ୍ଷିତ ବ୍ୟକ୍ତି ତଥ୍ୟ ସଂଗ୍ରହ କାଳରେ ବହୁ ସାହାଯ୍ୟ କରିଛନ୍ତି । ଏଣୁ ପରିଷଦ ସେମାନଙ୍କଠାରେ କୃତଜ୍ଞ ।

ସବା ଶେଷରେ ପରିଷଦ **ଡଃ ଖଗେଶ୍ୱର ମହାପାତ୍ର** ନିର୍ଦ୍ଦେଶକ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱରଙ୍କ ଠାରେ ଚିର କୃତଜ୍ଞ । କାରଣ ୧୯୮୯ ମସିହାରୁ ଏକାଡ଼େମୀ ତରଫରୁ ଏହି ପରିଷଦ ସବୁକାଳରେ ନିରବଚ୍ଛିନ୍ନ ପ୍ରେରଣା ଓ ଉତ୍ସାହ ପାଇଆସିଛି । **ଡଃ ପରମାନନ୍ଦ ପଟେଲ**, ଗବେଷଣା ସହାୟକଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ପରିଷଦର ଗବେଷଣା କାର୍ଯ୍ୟ ସଫଳ ହୋଇପାରିଛି । ଏଣୁ ପରିଷଦ ତାଙ୍କଠାରେ ଋଣୀ ।

**ଶ୍ରୀ ମହେନ୍ଦ୍ର କୁମାର ମିଶ୍ର**

* * *

# ଗୋଁଡ଼ ସଂସ୍କୃତି ଓ ଲୋକ ସାହିତ୍ୟ

## ସୂଚୀପତ୍ର


ଉତ୍ସର୍ଗ

ଭୂମିକା

ସଂକଳନ ସଂପର୍କରେ

**ପ୍ରଥମ ପରିଚ୍ଛେଦ**

**ଗୋଁଡ଼ ଇତିହାସ :** ଲୋକସଂଖ୍ୟା, ଗବେଷଣା, ଗୋଁଡ଼ମାନଙ୍କ ଐତିହାସିକ ଭିତ୍ତିଭୂମି, ଓଡ଼ିଶାରେ ଗୋଁଡ଼ ସଂପ୍ରଦାୟର ଐତିହ୍ୟ, ସାଂପ୍ରତିକସ୍ଥିତି, ନୂଆପଡ଼ା ଜିଲ୍ଲାରେ ଗୋଁଡ଼ମାନଙ୍କ ବସତି-ଜୀବିକା ।

**ଦ୍ୱିତୀୟ ପରିଚ୍ଛେଦ**

ଗୋଁଡ଼ମାନଙ୍କ ପାରିବାରିକ-ସାମାଜିକ ଜୀବନ :

ଜନ୍ମ, କଣାବରା, ବିବାହ ରୀତି ମନ୍ଦତରପା, ମାଙ୍ଗେନ, ଗରବୁଡ଼ା,ବିହା, ବନ୍ଦନା, ମୋଡ୍ରୋ ଝରେନ୍, ବିବାହର ପ୍ରକାର; ଘିଚା, ପଏସାମୁଡ଼ି, ଉଦୁଲିଆ, ଘରଜୁଏଁ ।

**ମୃତ୍ୟୁ ସଂସ୍କାର :** ତେଲକାମ ବା ଛୋଟ କରମ, ଦଶାକାମ ବା ବଡ଼ କରମ, ବୁଢ଼କାମ ।

ଗୋଁଡ଼ମାନଙ୍କ ପାରିବାରିକ ଚଳଣିରେ ପରଘନିଆର ଭୂମିକା, ଡୁମା ଉତରେନ, ଡୁମା ଉତରେନ ଗୀତ, ଖାଇବଛା ଗୀତ, ବନାଗୋଦା ଓ ବନ୍ଧିବନ୍ଧା ଗୀତ ।

**ତୃତୀୟ ପରିଚ୍ଛେଦ**

ଗୋଁଡ଼ ଯତରା ପରବ

ପର୍ବ, ଚଇତ ଯତରା ବା ମହୁଲ ଯତରା. ବିହନ ଛିନା, ଅକ୍ଷୟ ତୃତୀୟା, ଅଷାର ଖେନା, ହରୁଆଲି ଉଆଁସ, ଡଶସରା, ନୂଆଖାଇ. ଦଶରା ବା ବୋଏଲ ଯତରା, ଚଉଲ ଧୁଆ ଯତରା, ଚରୁପୂଜା ।

**ଗୋଁଡ଼ ଦେବାଦେବୀ** : ବାରଭାଇ ବାବୁରାଏ, ଷୋଳ ଭଉଣୀ ଗଂଗାଦି ।

**ଚତୁର୍ଥ ପରିଚ୍ଛେଦ**

ମୌଖିକ ସାହିତ୍ୟ

**(କ) ଗୀତ:** ଧର୍ମାଚାର ସଂପର୍କୀୟ ଗୀତ, ଆଠସଗା ଗୀତ, ଦେବୀ ବନ୍ଦନା ଗୀତ, ପାରିବାରିକ ଆଚାର ଚଳଣି ଭିତ୍ତିକ ଗୀତ, ଓଇଗୋନା ଗୀତ।

**ଖେଳ ଓ ନୃତ୍ୟଗୀତ:** ବୋରିଆ, ସଜନୀ, ରସରକେଲି, ଡାଲଖାଇ ଭମରାଗୀତ, ଗୁଆ ନଡ଼ିଆ, ବାଙ୍ଗରା, ବିଭାଘର ବେଳର ଗୀତ, ହଳିଆ ଗୀତ, ପଲାରୁଆ ଗୀତ।

**(ଖ) ଗୌଡ଼ ଲୋକୋକ୍ତି** - ପ୍ରବାଦ, ପ୍ରବଚନ, ଢଗ ଢମାଳି।

**(ଗ) ଗୌଡ଼ ମିଥ୍:** ୧. ବୁଢାଦେଓଙ୍କ ଚାଷ ନିର୍ଣ୍ଣୟ, ୨. ବାଘ କାହିଁକି କୋକକୁ ଡ଼ରେ ? ୩. ବୁଢ଼ାରଢା ମିଥ୍, ୪. ଚାଷକାମର ଆରମ୍ଭ ୫. ମରକାମ ବରଗ ଓ କଇଁଚ।

**(ଘ) ଗୌଡ଼ ବଂଶାବଳୀ** ''ପୂର୍ଜା'' ବୁଢାଦେଓ ମିଥ୍ ଓ ଆଠସଗା।

**(ଙ) ଗୌଡ଼ ଆଖ୍ୟାନ** : ଲୋକକାବ୍ୟର କଥ୍ୟ ରୂପ ଚିଟଲ ସିଂ ଛତ୍ରୀ କଥାନି : କଦେଲ କଛାର, ବାଗ୍ ବଗାନି, ସାଲେବନ କଥାନି।

**ପଞ୍ଚମ ପରିଚ୍ଛେଦ :** ଉପସଂହାର

ସହାୟକ ଗ୍ରନ୍ଥସୂଚୀ।

# ପ୍ରଥମ ପରିଚ୍ଛେଦ

## ଗୋଁଡ଼ ଇତିହାସ

ଗୋଁଡ଼ମାନେ ଦ୍ରାବିଡ଼ ଭାଷାଗୋଷ୍ଠୀ ଅନ୍ତର୍ଗତ । ତେଣୁ ସ୍ୱାଭାବିକ ଭାବେ ସେମାନେ ଦକ୍ଷିଣରୁ ମଧ୍ୟ ଭାରତ ଓ ପୂର୍ବଭାରତକୁ ବ୍ୟାପିଥିବା ଅନୁମାନ । ନବମ ଶତାବ୍ଦୀରୁ ଗୋଁଡ଼ମାନେ ମଧ୍ୟଭାରତର "ଗୋଣ୍ଡୱାନା" ରାଜ୍ୟରେ ବସତି ସ୍ଥାପନ କରିଥିଲେ । ଏମାନେ ୧୪/୧୫ ଶତାବ୍ଦୀରୁ ସମଗ୍ର ମଧ୍ୟ ଭାରତର ଏକ ପ୍ରଭାବଶାଳୀ ରାଜବଂଶ ଭାବେ ମଧ୍ୟଯୁଗୀୟ ଇତିହାସକୁ ଆଚ୍ଛନ୍ନ କରି ରଖିଥିଲେ । ୧୪ଶ ଶତାବ୍ଦୀରୁ ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଏମାନେ ମଧ୍ୟଭାରତର ଗଡ଼ାମଣ୍ଡଳା (ଏବର ଜବଲପୁର ଅଂଚଳ) ଖେରଲାଗଡ଼ (ଏବର ବେତୁଲ) ଦେଓଗଡ଼ ଓ ଚାନ୍ଦା ଏହି ଚାରୋଟି ବଡ଼ ରାଜ୍ୟ ଗଠନ କରିଥିଲେ ।

ପ୍ରଥମେ ଏମାନେ ଗଣଭିତ୍ତିକ ସ୍ୱାୟତ୍ତଶାସନର ପକ୍ଷପାତୀ ଥିଲେ କିନ୍ତୁ ସମୟକ୍ରମେ ଏମାନେ ସାମନ୍ତବାଦୀ ହୋଇଗଲେ । ଫଳରେ ରାଜଶକ୍ତି ସହିତ ସମ୍ମିଳିତ ହେବାରୁ ତଥା କ୍ଷତ୍ରିୟ ରାଜାମାନଙ୍କ ସହିତ ବୈବାହିକ ସଂପର୍କ ସ୍ଥାପନ କରିବା ପରେ ଏମାନେ "ରାଜଗୋଁଡ଼" ରୂପେ ପରିଚିତ ହେଲେ । ଆନ୍ଧ୍ରର ଆଦିଲାବାଦ, ମଧ୍ୟପ୍ରଦେଶର ଛତିଶଗଡ଼ ଓ ପଶ୍ଚିମ ଓଡ଼ିଶାର ୧୮ ଗଡ଼ରୁ ୧୦ଟି ଗଡ଼ରେ ଏହି ରାଜଗୋଁଡ଼ମାନେ ରାଜୁତି କରୁଥିବା କଥା ଇତିହାସରୁ ଜଣାଯାଏ । ସମୟକ୍ରମେ ରାଜନୈତିକ, ଆର୍ଥିକ ଓ ସାମାଜିକ ପ୍ରସ୍ଥିତି ଅନୁସାରେ ଏମାନେ ନିଜ ନିଜ ବୃତ୍ତି ଅନୁରୂପେ ପରିଚିତ ହେଲେ । ଅର୍ଥାତ୍ ଯିଏ ରାଜପଣ କଲା ସିଏ ରାଜଗୋଁଡ଼ ବୋଲାଇଲା ଓ ଯିଏ କୃଷକ କିମ୍ୱା ଅରଣ୍ୟଜୀବୀ ହେଲା ସିଏ ମାଡ଼ିଆ, ମୁରିଆ, ଧରୁଆ, ଜଗତ, ନେଟି, ପୋରଟି ପ୍ରଭୃତି ବର୍ଗରେ ବିଭକ୍ତ ହେଲା ।

ସଂଖ୍ୟା ଗରିଷ୍ଠତା ଦିଗରୁ ଗୋଁଡ଼ମାନେ ଏତେ ଅଧିକ ଯେ, ତଥା ଅଞ୍ଚଳ ଭେଦରେ ଏମାନଙ୍କ ଚଳଣି, ଭାଷା, ପ୍ରଥା ଓ ପରଂପରାରେ ଏତେ ବିବିଧତା ରହିଅଛି ଯେ, ଏମାନଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରୂପେ ସାଧାରଣ ଭାବେ ସାମ୍ୟ ଖୋଜି ବସିଲେ ନିରାଶ ହେବାକୁ ପଡ଼ିବ । ଏକ ପକ୍ଷରେ ଗୋଁଡ଼ ଜାତି ରାଜ୍ୟର ରାଜା ହୋଇ ଛତ୍ର ଧାରଣ କରିଥିଲାବେଳେ ଅନ୍ୟ ପକ୍ଷରେ ଜଙ୍ଗଲରେ ରହୁଥିବା ଗୋଁଡ଼ ପେଟ ପାଇଁ ପତ୍ର ବିକିବା ବି ଦେଖାଯାଏ । ଏଣୁ କଥିତ ଅଛି ଯେ - "ବଢ଼ିଲେ ଗୋଁଡ଼ ଛତର ଟେକେ, ଆଉ ଛିଡ଼ିଲେ ଗୋଁଡ଼ ପତର ବିକେ" । ସଂପ୍ରତି ଶିକ୍ଷାର ପ୍ରସାର ଫଳରେ ଗୋଁଡ଼ ସମାଜରେ ପ୍ରଭୂତ ଉନ୍ନତି ସାଧିତ ହୋଇଛି । ଚାକିରୀ, ରାଜନୀତି, କୃଷି, ବାଣିଜ୍ୟ କ୍ଷେତ୍ରରେ ଏମାନେ ଉଲ୍ଲେଖଯୋଗ୍ୟ କୃତିତ୍ୱ ହାସଲ କରିଅଛନ୍ତି । ହେଲେ ସଂଖ୍ୟାଗରିଷ୍ଠ ଲୋକେ ଗ୍ରାମାଞ୍ଚଳ ଓ ଅରଣ୍ୟ ଅଞ୍ଚଳରେ ବିକାଶ ଲାଭ କରିପାରୁନାହାନ୍ତି । ଶିକ୍ଷା ଓ ସଚେତନତା ଦ୍ୱାରା ହିଁ ଏମାନଙ୍କ ଦ୍ରୁତ ବିକାଶ ସମ୍ଭବ ହୋଇ ପାରିବ ।

## ଲୋକ ସଂଖ୍ୟା

ଭାରତବର୍ଷରେ ଅବସ୍ଥାନ କରୁଥିବା ସଂଖ୍ୟାଗରିଷ୍ଠ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରୁ ଗୋଁଡ଼ ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ । ଏମାନେ ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ବସବାସକରି ରହିଛନ୍ତି । ସମଗ୍ର ମଧ୍ୟଭାରତରେ ଏମାନେ ମଧ୍ୟଯୁଗରୁ ପ୍ରଭାବ ବିସ୍ତାର କରିଥିବାରୁ ମଧ୍ୟ ଭାରତ "ଗୋଣ୍ଡୱାନା" ଭୂମି ବୋଲି ଇତିହାସରେ ବର୍ଣ୍ଣିତ ଅଛି । ବିନ୍ଧ୍ୟ ପର୍ବତମାଳା ଓ ସାତପୁରା ପର୍ବତମାଳାରେ ଏମାନେ ଉଦ୍ଭବ ହୋଇ ପରବର୍ତ୍ତୀ କାଳରେ ବସ୍ତର, ଛତିଶଗଡ଼ ଓ ପଶ୍ଚିମ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାକୁ ଆସିଥିଲେ ବୋଲି ଇତିହାସରୁ ଜଣାଯାଏ । ସମଗ୍ର ଭାରତର ମୋଟ ଗୋଁଡ଼ ଜନସଂଖ୍ୟାର ୭୩.୧୩ ପ୍ରତିଶତ ଲୋକ ମଧ୍ୟପ୍ରଦେଶରେ ଦେଖାଯାନ୍ତି । ୧୯୭୧ ମସିହା ଜନଗଣନା ଅନୁସାରେ ଭାରତରେ ଗୋଁଡ଼ ଜନଜାତିର ବିସ୍ତୃତି ନିମ୍ନ ପ୍ରକାର ଥିଲା (୧).

1. Hazra. D. The Gonds, Adibasi Vol. XXIII, No.2 July 83.

| ରାଜ୍ୟ | ଗୋଁଡ଼ ଜନସଂଖ୍ୟା | ଶତକଡ଼ା ହାର |
|---|---|---|
| ଓଡ଼ିଶା | ୫୫୯,୩୪୦ | ୧୦.୮୫ |
| ମହାରାଷ୍ଟ୍ର | ୩୩୧,୮୪୧ | ୬.୪୪ |
| ଆନ୍ଧ୍ରପ୍ରଦେଶ | ୪୪୨,୭୧୫ | ୮.୫୯ |
| ମଧ୍ୟପ୍ରଦେଶ | ୩,୭୬୯,୫୪୭ | ୭୩.୧୩ |
| ଅନ୍ୟ ରାଜ୍ୟ | ୫୧,୦୯୩ | ୦.୯୯ |
| | ୫,୧୫୪,୫୩୬ | ୧୦୦.୦୦ |

## ଗବେଷଣା

୧୮୬୬ ମସିହାରେ ସାର ରିଚାର୍ଡ୍ ଟେମ୍ପଲ୍‌ଙ୍କ ସଂପାଦନାରେ ରେଭରେଣ୍ଡ ଷ୍ଟିଫେନ୍ ହିସଲପ୍‌ଙ୍କ ପୁସ୍ତକ Papers on the aboriginal Tribes of the Central Provinces ପ୍ରକାଶ ପାଏ । ଏହି ପୁସ୍ତକରେ ଗୋଁଡ଼ମାନଙ୍କ ସୃଷ୍ଟି ମିଥ୍ ଗୋଣ୍ଡି ଭାଷାରେ ତଥା ଇଂରାଜୀ ଅନୁବାଦ ହୋଇ ସ୍ଥାନିତ ହୋଇଥିଲା । ଏହାପରେ କ୍ୟାପ୍‌ଟେନ୍ ସି.ଆଇ.ଆର ଗ୍ଲାସ୍‌ଫର୍ଡ୍, ମେଜର ଲୁସି ସ୍ମିଥ୍, ସାର୍ ରିଚାର୍ଡ୍ ଟେମ୍ପଲ୍, ସାର ସି.ଗ୍ରାଣ୍ଟ ଏବଂ କୋଲୋବେଲ ୱାର୍ଡ୍ ଗୋଁଡ଼ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ତା ପରେ କ୍ୟାପ୍‌ଟେନ୍ ଫୋରସିଥ୍ The Highland of Central India ପୁସ୍ତକରେ ଗୋଁଡ଼ମାନଙ୍କ ବିସ୍ତୃତି ସଂପର୍କରେ ତଥ୍ୟ ଦେଇଥିଲେ । ଥର୍ସଟନ (Thorston)ଙ୍କ Caste and Tribes of Southern India (୧୯୦୯) ରେ ତଥା R.V. Russell ଙ୍କ The Tribes and Castes of the Central Provinces of India (୧୯୧୬) ପୁସ୍ତକରେ ଗୋଁଡ଼ମାନଙ୍କ ସଂପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି । ୧୯୧୯ ମସିହାରେ C.U. Wills ଙ୍କ ଲିଖିତ The RajGond Maharajas of the Satpura Hills (୧୯୧୩) ତଥା Territorial System of the Rajput kingdoms of medieval Chhatishagarh (୧୯୧୯) ପ୍ରାମାଣିକ ପୁସ୍ତକ । ହେଲେ ତହିଁରେ ଗୋଁଡ଼ପ୍ରଜାତି ତତ୍ତ୍ୱ ଉପରେ ବିଶେଷ ବର୍ଣ୍ଣନା ନାହିଁ ।

୧୯୩୮ ମସିହାରେ W.V. Grigson ଗୋଁଡ଼ମାନଙ୍କ ଉପରେ The Maria Gonds of Bastar ପୁସ୍ତକ ଲେଖନ୍ତି ଓ ଏହା ଲଣ୍ଡନରେ ପ୍ରକାଶ ପାଏ । ତାଙ୍କ ପରେ ଭେରିଅର ଏଲଉ୍ଵିନ୍ ମଧ୍ୟ ଭାରତୀୟ ଗୋଁଡ଼ମାନଙ୍କ ଉପରେ ଗବେଷଣା କରି ବହୁ ଉପାଦେୟ ପୁସ୍ତକ ରଚନା କରନ୍ତି । ତାଙ୍କ Leaves from the Jungle (1936), Phulmat of the Hills - A Tale of the Gonds (1937), The Baiga and the Agria (1942), Maria Murder and Suicide (1943), Folktales of Mahakoshala (1944), Folk songs of the Maikala Hills (1944), The Pradhans of the upper Narbada Valley (1945) ଓ The Muria and their Ghotul (1947) ପ୍ରଭୃତି ପୁସ୍ତକରେ ଗୋଁଡ଼ ଜନଜାତିର ସାମାଜିକ ଜୀବନ ଓ ଚଳଣି ସମେତ ଲୋକସାହିତ୍ୟର ବିବିଧ ବିଭାଗକୁ ବିସ୍ତୃତ ଭାବେ ସ୍ଥାନ ଦିଅଯାଇଛି ।

ଏହାଛଡ଼ା ଡି.ଏନ୍. ମଜୁମ୍‌ଦାର, ଏମ୍.ପି. ବୁରାଦ୍‌କର, ଷ୍ଟିଫେନ୍ ଫୁକସ୍ ଓ କ୍ରିଷ୍ଟଫ୍ ଭନ୍‌ଫ୍ୟୁରର ହାଇମେନ୍‌ଡ୍ରଫ୍, ପ୍ରମୁଖଙ୍କ ଦୀର୍ଘକାଳୀନ ଗବେଷଣା ଗୋଁଡ଼ ସଂସ୍କୃତିର ସମ୍ବାହକ । ଷ୍ଟିଫେନ୍ ଫୁକସ୍‌ଙ୍କ The Gonds and the Bhumiaas of Eastern Mandala (1960) ତଥା Tales of Gondvana ଓ କ୍ରିଷ୍ଟଫ୍ ଭନ୍ ଫ୍ୟୁରର ହାଇମେନ୍‌ଡ୍ରଫ୍‌ଙ୍କ The Gonds of Adilabad ଏବଂ the Gonds of Andhra Pradesh (1979) ଗୋଁଡ଼ ସଂସ୍କୃତି ଉପରେ ପ୍ରାମାଣିକ ପୁସ୍ତକ । ପୁନଶ୍ଚ କ୍ରିଷ୍ଟଫ୍ ହାଇମେନ୍‌ଡ୍ରଫ୍ ଓ ଉର୍ମିଳା ପିଙ୍ଗଲେ Gonds and their neighbour ପୁସ୍ତକରେ ଗୋଁଡ଼ମାନଙ୍କ ସାଂପ୍ରତିକ ସ୍ଥିତି ଉପରେ ବିଶଦ୍ ଆଲୋଚନା କରିଛନ୍ତି । (Haimendorf : 1979)

ଓଡ଼ିଶାରେ ଗୋଁଡ଼ମାନଙ୍କ ଉପରେ ଇଂରାଜୀ ଭାଷାରେ ନୃତତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା ବିଶେଷ କାର୍ଯ୍ୟ ହୋଇ ନାହିଁ କହିଲେ ଚଳେ । ଓଡ଼ିଆ ଭାଷାରେ ସୁଦ୍ଧା ଗୋଁଡ଼ମାନଙ୍କ ସମାଜ ଓ ସଂସ୍କୃତି ଉପରେ କତିପୟ ଆଲୋଚନା ପତ୍ରପତ୍ରିକାରେ ପ୍ରକାଶିତ । ହେଲେ ପୂର୍ଣ୍ଣାଙ୍ଗ ରୂପେ ପୁସ୍ତକଟିଏ ଏବେସୁଦ୍ଧା ରଚିତ ହୋଇ ନାହିଁ । ଏହି ଦୃଷ୍ଟିରୁ ଗୋଁଡ଼ ସମାଜ ଓ ସଂସ୍କୃତି ସଂପର୍କରେ ଏହି ପୁସ୍ତକ ରଚନା ପ୍ରଥମ ପ୍ରୟାସ ବୋଲି କୁହାଯାଇପାରେ ।

# ଗୋଁଡ଼ମାନଙ୍କ ଐତିହାସିକ ଭିତ୍ତିଭୂମି

ଦକ୍ଷିଣରେ ଗୋଦାବରୀ ନଦୀଠାରୁ ଆରମ୍ଭ କରି ଉତ୍ତରରେ ବିନ୍ଧ୍ୟାଞ୍ଚଳ ପର୍ଯ୍ୟନ୍ତ, ପଶ୍ଚିମରେ ଗୋଣ୍ଡୁକୀ ନଦୀଠାରୁ ପୂର୍ବର ସାତପୂରା ପର୍ବତମାଳା ଯାଏ ଗୋଁଡ଼ମାନେ ମଧ୍ୟଭାରତର ବିସ୍ତୃତ ଅଞ୍ଚଳରେ ବସତି ସ୍ଥାପନ କରିଥିଲେ। ସେମାନେ ଶାସକ ଥିଲେ। ସେମାନେ ନବମ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀଯାଏ ଏକ ଐତିହାସିକ ବୀର ଜାତି ରୂପେ ମଧ୍ୟ ଭାରତର ଇତିହାସରେ ଗୌରବୋଜ୍ଜ୍ୱଳ ନାମର ଅଧିକାରୀ ହୋଇ ରହିଥିଲେ।

ମଧ୍ୟ ପ୍ରଦେଶର ବେଟୁଲ, ଛିନ୍ଦୱାଡ଼ା, ସିଓନି ଜିଲ୍ଲା, ମଣ୍ଡଳା, ଗଢ଼ା, କୱର୍ଦ୍ଧା, ଶକ୍ତି, ରାୟଗଢ଼, ସାରଂଗଗଡ଼, ଦୁର୍ଗ, ବସ୍ତର, ରାୟପୁର, ଆନ୍ଧ୍ରପ୍ରଦେଶର ଆଦିଲାବାଦ ଓ ହାଇଦ୍ରାବାଦ ଅଞ୍ଚଳ, ମହାରାଷ୍ଟ୍ରର ୟୋତମଲ ଓ ଚାନ୍ଦା ରାଜ୍ୟ ତଥା ପଶ୍ଚିମ ଓଡ଼ିଶାର ଅଠର ଗଡ଼ ମଧ୍ୟରୁ ଦଶଟି ଗଡ଼ ଗୋଁଡ଼ରାଜାମାନଙ୍କ ଶାସନାଧୀନ ଥିଲା। ଉନବିଂଶ ଶତାବ୍ଦୀରେ ବ୍ରିଟିଶ ରାଜସ୍ୱ କମିଶନର ତଥା ସରକାରୀ କର୍ମଚାରୀମାନଙ୍କର ରିପୋର୍ଟ ତଥା ପୁସ୍ତକାବଳୀ ଗୋଁଡ଼ମାନଙ୍କ ଇତିହାସ ସଂପର୍କରେ ଯଥେଷ୍ଟ ଆଲୋକପାତ କରିଥାଏ।

# ଓଡ଼ିଶାରେ ଗୋଁଡ଼ ସଂପ୍ରଦାୟର ଐତିହ୍ୟ ଓ ସାଂପ୍ରତିକ ସ୍ଥିତି

ଓଡ଼ିଶାର ଦକ୍ଷିଣ ପଶ୍ଚିମାଞ୍ଚଳରେ ଗୋଁଡ଼ମାନଙ୍କ ସଂଖ୍ୟା ଗରିଷ୍ଠତା ରହିଛି। କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଏମାନଙ୍କ ସଂଖ୍ୟା ସର୍ବାଧିକ। ପଶ୍ଚିମ ଓଡ଼ିଶାରେ ଅନେକ ଜମିଦାରୀ ଓ ରଜା ଗୋଁଡ଼ଶାସକମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଦକ୍ଷିଣ ଓଡ଼ିଶାରେ ଓ ଉତ୍ତର ଓଡ଼ିଶାରେ ବି ଗୋଁଡ଼ମାନେ ବସବାସ କରିଛନ୍ତି; ହେଲେ ପଶ୍ଚିମ ଓଡ଼ିଶାରେ ଗୋଡ଼ମାନେ ଶାସନ ମୁଖ୍ୟ ଥିଲାବେଳେ ଦକ୍ଷିଣ ଓଡ଼ିଶାରେ ଏମାନେ କେବଳ ଅରଣ୍ୟଜୀବୀ। ଉତ୍ତର ଓଡ଼ିଶାର କେଉଁଝର ଓ ମୟୂରଭଂଜରେ ଏମାନଙ୍କ ସଂଖ୍ୟା କମ୍।

ପଶ୍ଚିମ ଓଡ଼ିଶାର ବଣାଇରାଜ୍ୟରେ ତୁଙ୍ଗବଂଶ ରାଜୁତି କରୁଥିଲେ । ଏହି ବଂଶର ରାଜା ବିନୟତୁଙ୍ଗ ନିଜକୁ "ଅଷ୍ଟାଦଶ ଗୋଣ୍ଡମଧିପତି" ବୋଲାଇଥିଲେ । (Sah : 1976 : 136) ସୁଲ୍‌କୀ ରାଜା କାଳସ୍ତମ୍ଭ ଦେବ ଆପଣାର ସନନ୍ଦରେ ନିଜକୁ ସକଳ ଗୋଣ୍ଡମଧିନାଥ" ବୋଲାଇଥିବା ଜଣାଯାଏ । (ତତ୍ରୈବ) ମଧ୍ୟଯୁଗର ଏହି ଦୁଇଗୋଟି ସନନ୍ଦରୁ ଜଣାଯାଏ ଯେ ପଶ୍ଚିମ ଓଡ଼ିଶା ଇତିହାସରେ ଗୌଁଡ଼ମାନେ ବହୁକାଳରୁ ଉଲ୍ଲେଖନୀୟ ସ୍ଥାନ ଅଧିକାର କରି ସାରିଥିଲେ ।

ଚତୁର୍ଦ୍ଦଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାରେ ଗୌଁଡ଼ମାନେ ଏକ ଶକ୍ତିଶାଳୀ ସାମନ୍ତବାଦୀ ସାମ୍ରାଜ୍ୟ (Oligarchic form of Govt.) ଗଠନ କରିବାରେ ସମର୍ଥ ହୋଇଥିଲେ । ପଶ୍ଚିମ ଓଡ଼ିଶାର ପାଟଣାଗଡ଼ ଏହିପରି ଆଠଟି ଗଡ଼କୁ ନେଇ ଗଠିତ ହୋଇଥିଲା ।

ଇଂରେଜ ଶାସନ ଓ ରାଜୁଡ଼ା ଶାସନ ବେଳେ ସୁଦ୍ଧା ଗୌଁଡ଼ମାନେ ଗ୍ରାମମାନଙ୍କରେ ପ୍ରକୃତ ଭୂମ୍ୟଧିକାରୀ ଓ ଗ୍ରାମ ଶାସନର ମୁଖ୍ୟ ହୋଇ ରହିଥିଲେ । ମଧ୍ୟପ୍ରଦେଶ ଓ ଓଡ଼ିଶାର ଗୌଁଡ଼ ଅଧ୍ୟୁଷିତ ରାଜ୍ୟଗୁଡ଼ିକ ପରବର୍ତ୍ତୀକାଳରେ କ୍ଷତ୍ରୀୟ ରାଜ ପରିବାରମାନଙ୍କ ଦ୍ୱାରା ଅଧିକୃତ ହୋଇଅଛି । ସମ୍ବଲପୁରର ଅଠରଗଡ଼ ଓ ରତନପୁରର ଅଠରଗଡ଼ ମଧ୍ୟରୁ ଅନେକ ଆଦିବାସୀ ସଂପ୍ରଦାୟର ଶାସକ ମୁଖ୍ୟ ଥିଲେ । ପଶ୍ଚିମ ଓଡ଼ିଶାର ଅଠରଗଡ଼ ମଧ୍ୟରୁ ଦଶଟି ଗଡ଼ରେ ଗୌଁଡ଼ ରାଜା ରାଜୁତି କରୁଥିଲେ । "ପାଟଣା"ର ରାଜା ଚୌହାନବୀର ରମାଇ ଦେଓ ଚତୁର୍ଦ୍ଦଶ ଶତାବ୍ଦୀରେ ଦମାଇ ଗୌଁଡ଼ଙ୍କୁ ମାରି ପାଟଣା ଅଧିକାର କରିଥିବା କଥା ଇତିହାସ ଓ କିମ୍ବଦନ୍ତୀରୁ ମିଳେ । ଓଡ଼ିଶାର ଅନେକ ଗଡ଼ଜାତ ଓ ମୋଗଲବନ୍ଦୀ ରାଜ୍ୟ ଗୁଡ଼ିକର କ୍ଷତ୍ରୀୟମାନଙ୍କ ଦ୍ୱାରା ରାଜ୍ୟ ସ୍ଥାପନର ଇତିହାସ; ସ୍ଥାନୀୟ ଆଦିବାସୀ ଶାସକଙ୍କୁ ପରାସ୍ତ କରି କ୍ଷତ୍ରୀୟମାନେ ରାଜା ହେବାର ଇତିହାସ ଛଡ଼ା ଅନ୍ୟ କିଛି ନୁହେଁ ।

ପଶ୍ଚିମ ଓଡ଼ିଶାର 'ପାଟଣା' ରାଜ୍ୟ ଆଠଟି ଗଡ଼କୁ ନେଇ ଗଠିତ ହୋଇଥିଲା । ତନ୍ମଧ୍ୟରୁ କୋମନାଗଡ଼, ଗୁଡ଼ାଗଡ଼ ଓ ଖୋଲାଗଡ଼ ଅନ୍ୟତମ । ଏହି

---

(Sah, A.P. 1976, Life in Medieval Orissa, 600-1200 AD. Chaukhamba Orientalia, Varanasi.)

ତିନିଗଡ଼ ସଂପ୍ରତି ନୂଆପଡ଼ା ଜିଲ୍ଲାରୂପେ ପରିଚିତ । ନୂଆପଡ଼ା ଜିଲ୍ଲାଟି ଖଡ଼ିଆଳ ରାଜ୍ୟ ରୂପେ ଇତିହାସରେ ବିଦିତ । ଏହା କଳାହାଣ୍ଡି ଜିଲ୍ଲା ମଧ୍ୟରେ ଏକ ସବ୍‌ଡିଭିଜନ୍ ରୂପେ ଥିଲା ଓ ୧୯୯୨ ଏପ୍ରିଲ୍ ପହିଲାରୁ ସ୍ୱତନ୍ତ୍ର ନୂଆପଡ଼ା ଜିଲ୍ଲା ରୂପେ ସ୍ୱୀକୃତି ପାଇଲା । କଳାହାଣ୍ଡି ରାଜ୍ୟ ନାଗବଂଶୀ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ଓ ଖଡ଼ିଆଳ ରାଜ୍ୟ ଚୌହାନବଂଶୀ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । କଳାହାଣ୍ଡିରେ କନ୍ଧମାନେ ମୁଖ୍ୟ ଶାସକଗୋଷ୍ଠୀ ଥିଲେ । ଏମାନଙ୍କଠାରୁ ନାଗବଂଶୀ ରାଜାମାନେ ଶାସନ ନେଲେ । କଳାହାଣ୍ଡିରେ ଅନେକ ଗ୍ରାମରେ ଗ୍ରାମୀଣ ମୁଖ୍ୟ "ଗୌନ୍ତିଆ" ଗୋଁଡ଼, ଭତରା, ପ୍ରଭୃତି ରହି ଆସିଥିଲେ । ଖଡ଼ିଆଳ ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ଗାଁରେ ଗୋଁଡ଼ମାନେ ଗ୍ରାମୀଣ ମୁଖ୍ୟ ଓ ଧର୍ମୀୟ ମୁଖ୍ୟ ରହିଆସିଥିଲେ । ଆଜି ବି କଳାହାଣ୍ଡି, ନୂଆପଡ଼ା ଅଞ୍ଚଳରେ ଏହି ପାରଂପରିକ ଗ୍ରାମ ଶାସନ, ଗୋଁଡ଼ମାନଙ୍କ ସାମାଜିକ ଓ ସାଂସ୍କୃତିକ ଭିତ୍ତିରୁ ଯେ ନିର୍ମିତ ତାହା ଏହି ଅଂଚଳର ସାଂସ୍କୃତିକ ଗବେଷଣା କଲେ ସହଜରେ ଜାଣି ହେବ ।

ଏହି ପରିପ୍ରେକ୍ଷୀରେ ପୂର୍ବତନ କଳାହାଣ୍ଡି ତଥା ପୂର୍ବତନ ଖଡ଼ିଆଳ ରାଜ୍ୟ (ଏବର କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା)ର ଗୋଁଡ଼ ସମାଜ ଓ ସଂସ୍କୃତି ସଂପର୍କରେ ସମ୍ୟକ ଅନୁସନ୍ଧାନ କରି ତନ୍ମଧ୍ୟରୁ ସେମାନଙ୍କ ସାଂସ୍କୃତିକ ପରଂପରା, ଚଳଣୀ, ଧର୍ମ, ଦେବାଦେବୀ, ଲୋକ ସାହିତ୍ୟ, ଲୋକନାଟ୍ୟ, ଲୋକଗୀତ, ବାଦ୍ୟ ପ୍ରଭୃତି କଳାତ୍ମକ ବିଭାବ ସଂପର୍କରେ ଜାଣିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ । ଏହି ଅଞ୍ଚଳର ଗୋଁଡ଼ ଅଧ୍ୟୁଷିତ ଗ୍ରାମ ଓ ତଥ୍ୟ ଦାତା ମାନଙ୍କୁ ସାକ୍ଷାତକାର କରି ତଥା ପର୍ଯ୍ୟବେକ୍ଷଣ କରି ସଂଗ୍ରହ କରିଥିବା ତଥ୍ୟ ବଳରେ ଗୋଁଡ଼ ସଂସ୍କୃତିର ସାଂପ୍ରତିକ ଚିତ୍ରକୁ ଉପସ୍ଥାପନ କରାଯାଇଛି ।

ତିନିଗଡ଼ ସଂପ୍ରତି ନୂଆପଡ଼ା ଜିଲ୍ଲାରୂପେ ପରିଚିତ । ନୂଆପଡ଼ା ଜିଲ୍ଲାଟି ଖଡ଼ିଆଳ ରାଜ୍ୟ ରୂପେ ଇତିହାସରେ ବିଦିତ । ଏହା କଳାହାଣ୍ଡି ଜିଲ୍ଲା ମଧ୍ୟରେ ଏକ ସବ୍‌ଡିଭିଜନ୍ ରୂପେ ଥିଲା ଓ ୧୯୯୨ ଏପ୍ରିଲ୍ ପହିଲାରୁ ସ୍ୱତନ୍ତ୍ର ନୂଆପଡ଼ା ଜିଲ୍ଲା ରୂପେ ସ୍ୱୀକୃତି ପାଇଲା । କଳାହାଣ୍ଡି ରାଜ୍ୟ ନାଗବଂଶୀ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା ଓ ଖଡ଼ିଆଳ ରାଜ୍ୟ ଚୌହାନବଂଶୀ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । କଳାହାଣ୍ଡିରେ କନ୍ଧମାନେ ମୁଖ୍ୟ ଶାସକଗୋଷ୍ଠୀ ଥିଲେ । ଏମାନଙ୍କଠାରୁ ନାଗବଂଶୀ ରାଜାମାନେ ଶାସନ ନେଲେ । କଳାହାଣ୍ଡିରେ ଅନେକ ଗ୍ରାମରେ ଗ୍ରାମୀଣ ମୁଖ୍ୟ ''ଗୌନ୍ତିଆ'' ଗୋଁଡ଼, ଭତରା, ପ୍ରଭୃତି ରହି ଆସିଥିଲେ । ଖଡ଼ିଆଳ ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ଗାଁରେ ଗୋଁଡ଼ମାନେ ଗ୍ରାମୀଣ ମୁଖ୍ୟ ଓ ଧର୍ମୀୟ ମୁଖ୍ୟ ରହିଆସିଥିଲେ । ଆଜି ବି କଳାହାଣ୍ଡି, ନୂଆପଡ଼ା ଅଞ୍ଚଳରେ ଏହି ପାରଂପରିକ ଗ୍ରାମ ଶାସନ, ଗୋଁଡ଼ମାନଙ୍କ ସାମାଜିକ ଓ ସାଂସ୍କୃତିକ ଭିତ୍ତିରୁ ଯେ ନିର୍ମିତ ତାହା ଏହି ଅଂଚଳର ସାଂସ୍କୃତିକ ଗବେଷଣା କଲେ ସହଜରେ ଜାଣି ହେବ ।

ଏହି ପରିପ୍ରେକ୍ଷୀରେ ପୂର୍ବତନ କଳାହାଣ୍ଡି ତଥା ପୂର୍ବତନ ଖଡ଼ିଆଳ ରାଜ୍ୟ (ଏବର କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା)ର ଗୋଁଡ଼ ସମାଜ ଓ ସଂସ୍କୃତି ସଂପର୍କରେ ସମ୍ୟକ ଅନୁସନ୍ଧାନ କରି ତନ୍ମଧ୍ୟରୁ ସେମାନଙ୍କ ସାଂସ୍କୃତିକ ପରଂପରା, ଚଳଣୀ, ଧର୍ମ, ଦେବାଦେବୀ, ଲୋକ ସାହିତ୍ୟ, ଲୋକନାଟ୍ୟ, ଲୋକଗୀତ, ବାଦ୍ୟ ପ୍ରଭୃତି କଳାତ୍ମକ ବିଭାବ ସଂପର୍କରେ ଜାଣିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ । ଏହି ଅଞ୍ଚଳର ଗୋଁଡ଼ ଅଧ୍ୟୁଷିତ ଗ୍ରାମ ଓ ତଥ୍ୟ ଦାତା ମାନଙ୍କୁ ସାକ୍ଷାତକାର କରି ତଥା ପର୍ଯ୍ୟବେକ୍ଷଣ କରି ସଂଗ୍ରହ କରିଥିବା ତଥ୍ୟ ବଳରେ ଗୋଁଡ଼ ସଂସ୍କୃତିର ସାଂପ୍ରତିକ ଚିତ୍ରକୁ ଉପସ୍ଥାପନ କରାଯାଇଛି ।

# ନୂଆପଡ଼ାରେ ଗୋଁଡ଼ମାନଙ୍କ ବସତି

ଗୋଁଡ଼ମାନେ ସାଧାରଣତଃ ଚାରିପ୍ରକାର ଯଥା : ରାଜଗୋଁଡ଼, ଅମେତ୍ ଗୋଁଡ଼, ଧୃଗୋଁଡ଼ ବା ଧୃବଗୋଁଡ଼ ଓ ମୁରିଆ ଗୋଁଡ଼। ଗୋଁଡ଼ମାନଙ୍କର ଆଠ ବର୍ଗ ଅଛି ଯଥା : ମରକାମ, ନେତାମ, ନେଟୀ, ପୋରଟି, ଅଁଟି, ଜଗତ, ସୋରୀ ଓ ମରେହି। ଗୋଁଡ଼ମାନେ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳର କୁଶାବେର, ହଳଦୀମୁଣ୍ଡା, ନନ୍ଦପୁର, ଦଶପୁର, ନୂଆଗଡ଼ ପ୍ରଭୃତି ସ୍ଥାନରୁ ଆସି ନୂଆପଡ଼ା ଜିଲ୍ଲାର ନିମ୍ନଲିଖିତ ଗ୍ରାମରେ ବାସ କରନ୍ତି। ମହଙ୍ଗା, ହାତୀବନ୍ଧା, ବ୍ରାହ୍ମଣୀଗୁଡ଼ା, ବ୍ରାହ୍ମଣପଡ଼ା, ସିଙ୍ଗଝର, ଲିଟିଗୁଡ଼ା, ତାଲ ପଦର, ଭରୁଆ ମୁଣ୍ଡା, ନୂଆପଡ଼ା, ପଲସାପଡ଼ା, କେନ୍ଦୁଗୁଡ଼ା, ପଟିଏଲ ପଡ଼ା, ଜରେଲ୍ ପଦର, ସିନାପାଲି, ଗୋଡ଼ାଲ, କରଲାପଡ଼ା, ଝୁଲେନ୍‌ବର, ଝାରବନ୍ଧ, ହୀରାପୁର, ଗୋବିନ୍ଦପୁର, ରାଜପୁର, ବୋଏରଗାଁ, ବୋଏରଭଟା (ନିମ୍‌ନା) ଭୋଲିଆଭଟା, ଡଙ୍ଗର ଗାଁ। ଜୁଗେନ୍ ପଦର, ଡେକ୍‌ନାପଡ଼ା, ଜୁନାନୀ, ବାଦୀ, ମରଗାଁ, ଜୁକ୍‌ଲା, ରୋହେନ୍‌ପଦର, ପୋଡ଼ାପାଲି, ଚନାବେଡ଼ା, ଖଏଁରା, ସୁନାପୁର, ବାଗବାହାଲ, ସରସିଗୁଡ଼ା, ରୋକାଲ, ଖମ୍‌ତେର, ଜଡ଼ାମୁଡ଼ା, ଦାବ୍‌ରୀ, ଭାଲୁଡୁଙ୍ଗ୍‌ରୀ, ମୁଡ଼ାପଲା, ଫରସରା, ନୀଲ୍‌ଜୀ, ଚିକଲ ଚୁଆଁ, ଭଏଁସାଦାନୀ, ବୋଡ଼େନ୍, ପେଲ୍‌ନାପଡ଼ା, ପାଟଦରା, ମାଲପଡ଼ା, ପେଣ୍ଡରାବନ୍ଧ, ତରଲାମୁଣ୍ଡା, ଝରନାମାଲ, ଛତ୍ରିଆପଡ଼ା, ଖଏରଭାଡ଼ି, କୁରେଶ୍ୱର, ପଣ୍ଡରାପଥର, ସିଙ୍ଗାରୀ, ଡ଼ମ୍‌ଝର, କୁମୁଟିମୁଣ୍ଡା, ଆଗ୍‌ରେନ୍, ବୁନ୍ଦାପାଟ, ଖଏର ଭାଡ଼ି, ସୁନାବେଡ଼ା, ଡୁମେର୍ ବାହାଲ, ଅନକାପୁର, ପଣ୍ଡରିପାନି, ସିଆଲ ଲଟି, ମନ୍‌ବାହାଲି, ଫୁଣ୍‌ସୁଣ, କୁଇସ୍ ମୁଣ୍ଡା, ସରଧାପୁର, ରାନୀପୁର, ଘୋଟ ସର, ଛତ୍ରିଆପଡ଼ା, ଧରମ ସାଗର, ଧରମବନ୍ଧା, ପଟୋରା, ଆଦି ଅନେକ ଗ୍ରାମରେ ଗୋଁଡ଼ ସଂପ୍ରଦାୟର ଲୋକ ରହନ୍ତି। ଗୋଁଡ଼ ସମାଜରେ ସମସ୍ତ ବର୍ଗର ଲୋକେ ମିଳିମିଶି ରହନ୍ତି। କୌଣସି ଗୋଟିଏ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ବର୍ଗର ଲୋକ ରହନ୍ତି ନାହିଁ।



ରଙ୍ଗ ଲିପା ଗୋଁଡ଼ ଘର



କାନ୍ଥରେ ଝୋଟି ଚିତ୍ର ''ବନା''

# ନୂଆପଡ଼ାରେ ଗୋଁଡ଼ମାନଙ୍କ ବସତି

ଗୋଁଡ଼ମାନେ ସାଧାରଣତଃ ଚାରିପ୍ରକାର ଯଥା : ରାଜଗୋଁଡ଼, ଅମେତ୍ ଗୋଁଡ଼, ଧୃଗୋଁଡ଼ ବା ଧ୍ରୁବଗୋଁଡ଼ ଓ ମୁରିଆ ଗୋଁଡ଼ । ଗୋଁଡ଼ମାନଙ୍କର ଆ଼ଠ ବର୍ଗ ଅଛି ଯଥା : ମରକାମ, ନେତାମ, ନେଟୀ, ପୋର୍‌ଟି, ଅଁଟି, ଜଗତ, ସୋରୀ ଓ ମରେହି । ଗୋଁଡ଼ମାନେ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳର କୁଶାବେର, ହଳଦୀମୁଣ୍ଡା, ନନ୍ଦୁପର, ଦଶପୁର, ନୂଆଗଡ଼ ପ୍ରଭୃତି ସ୍ଥାନରୁ ଆସି ନୂଆପଡ଼ା ଜିଲ୍ଲାର ନିମ୍ନଲିଖିତ ଗ୍ରାମରେ ବାସ କରନ୍ତି । ମହଙ୍ଗା, ହାତୀବନ୍ଧା, ବ୍ରାହ୍ମଣୀଗୁଡ଼ା, ବ୍ରାହ୍ମଣପଡ଼ା, ସିଙ୍ଗଝର, ଲିଟିଗୁଡ଼ା, ତାଲ ପଦର, ଭରୁଆ ମୁଣ୍ଡା, ନୂଆପଡ଼ା, ପଲସାପଡ଼ା, କେନ୍ଦୁଗୁଡ଼ା, ପତିଏଲ ପଡ଼ା, ଜରେଲ୍ ପଦର, ସିନାପାଲି, ଗୋଡ଼ାଳ, କର୍‌ଲାପଡ଼ା, ଝୁଲେନ୍‌ବର, ଝାରବନ୍ଧ, ହୀରାପୁର, ଗୋବିନ୍ଦପୁର, ରାଜପୁର, ବୋଏରଗାଁ, ବୋଏରଭଟା (ନିମ୍‌ନା) ଭୋଲିଆଭଟା, ଡଙ୍ଗର ଗାଁ । ଜୁଗେନ୍ ପଦର, ତେକ୍‌ନାପଡ଼ା, ଜୁନାନୀ, ବାଦୀ, ମରଗାଁ, ଜୁକ୍‌ଲା, ରୋହେନ୍‌ପଦର, ପୋଡ଼ାପାଲି, ଚନାବେଡ଼ା, ଖଏଁରା, ସୁନାପୁର, ବାଗବାହାଲ, ସରସିଗୁଡ଼ା, ରୋକାଲ, ଖମ୍‌ତେର, ଜଡ଼ାମୁଡ଼ା, ଦାବ୍‌ରୀ, ଭାଲୁଡୁଙ୍ଗ୍‌ରୀ, ମୁଡ଼ାପଲା, ଫରସରା, ନୀଲ୍‌ବୀ, ଚିକଲ ଚୁଆଁ, ଭଏଁସାଦାନୀ, ବୋଡ଼େନ୍, ପେଲ୍‌ନାପଡ଼ା, ପାଟଦେରା, ମାଲପଡ଼ା, ପେଣ୍ଡରାବନ୍ଧ, ତରଲାମୁଣ୍ଡା, ଝର୍‌ନାମାଲ, ଛତ୍ରିଆପଡ଼ା, ଖଏରଭାଡ଼ି, କୁରେଶ୍ୱର, ପଣ୍ଡରାପଥର, ସିଙ୍ଗାରୀ, ଡ଼ମ୍‌ଝର, କୁମୁଟିମୁଣ୍ଡା, ଆଗ୍‌ରେନ୍, ବୁନ୍ଦାପାଟ, ଖଏର ଭାଡ଼ି, ସୁନାବେଡ଼ା, ଡୁମେର୍ ବାହାଲ, ଅନକାପୁର, ପଣ୍ଡରିପାନି, ସିଆଲ ଲଟି, ମନ୍‌ବାହାଲି, ଫୁଣ୍ସୁଣ, କୁଇସ୍ ମୁଣ୍ଡା, ସରଧାପୁର, ରାନୀପୁର, ଘୋଟ ସର, ଛତ୍ରିଆପଡ଼ା, ଧରମ ସାଗର, ଧରମବନ୍ଧା, ପତୋରା, ଆଦି ଅନେକ ଗ୍ରାମରେ ଗୋଁଡ଼ ସଂପ୍ରଦାୟର ଲୋକ ରହନ୍ତି । ଗୋଁଡ଼ ସମାଜରେ ସମସ୍ତ ବର୍ଗର ଲୋକେ ମିଳିମିଶି ରହନ୍ତି । କୌଣସି ଗୋଟିଏ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ବର୍ଗର ଲୋକ ରହନ୍ତି ନାହିଁ ।

# ଜୀବିକା

ଗୋଁଡ଼ ସଂପ୍ରଦାୟରେ ଶତକଡ଼ା ୯୫ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ତା' ଛଡ଼ା ଜଙ୍ଗଲ ଉପରେ ମଧ୍ୟ ନିର୍ଭର କରି ରହନ୍ତି । ଚାଷ ଜମିରେ ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ, ହରଡ଼, ରାଶି, ଚେପ୍‌ଟାଚନା, ନାକ ଚନା, ମୁସରି, ଇତ୍ୟାଦି ଚାଷ କରନ୍ତି । ଘର ବାଡ଼ିରେ ମକା, କଖାରୁ, ପାଣି କଖାରୁ ଜହ୍ନି, କାକୁଡ଼ି, ଲାଉ, ଜଡ଼ା, ଅମୃତଭଣ୍ଡା, କଦଳୀ, ବାଇଗଣ, ଟମାଟୋ ଇତ୍ୟାଦି ଚାଷ କରନ୍ତି । କେତେକ ନିମ୍ନ ଶ୍ରେଣୀର ଲୋକ ମାଣ୍ଡିଆ ଜାଉ କରି ଖାଆନ୍ତି । ମାଣ୍ଡିଆକୁ ଆଣି ଶୁଖାଇ ଚାଉଳ ପରି କୁଟି ଭାତ ପରି ରାନ୍ଧନ୍ତି । ମାଣ୍ଡିଆ ଜାଉରେ ଲୁଣ ଲଙ୍କା ପକାଇ ଖାନ୍ତି । କୋଳଥ, ହରଡ଼, ମୁଗ, ବିରି, ଚେପ୍‌ଟାଚନା, ନାକ୍‌ଚନା, ମୁସ୍‌ରି ଏ ସବୁ ଡାଲି ଜାତୀୟ ଫସଲ ଅଟେ । ଏ ସବୁକୁ ଡାଲି କରି ଖାନ୍ତି । କଖାରୁ, ପାଣି କଖାରୁ, ବାଇଗଣ, କାକୁଡ଼ି, ଭେଣ୍ଡି, କରଡ଼ି, ହେଣୁଆ (ଶୁଖିଲା ବାଉଁଶ ଗଜା) ଏ ସବୁକୁ ଛୋଟ ଛୋଟ କରି କାଟନ୍ତି ଏବଂ ଶୁଖାଇ ରଖନ୍ତି । ଏହା ଅନେକ ଦିନ ଯାଏ ରହେ । କିଛି ଖରାପ ହୁଏ ନାହିଁ । କଅଁଳି ବାଉଁଶକୁ ଛୋଟ ଛୋଟ କରି କାଟି କରଡ଼ି କରନ୍ତି । କରଡ଼ିକୁ ଶୁଖାଇ ଢ଼ିଙ୍କିରେ କୁଟି କୁଟି ଛୋଟ କରନ୍ତି । ଏହାକୁ ହେଣୁଆ କହନ୍ତି । ଏହାକୁ ଭାଜି ବା କଞ୍ଚାରେ ମଧ୍ୟ ଲୁଣ ଲଙ୍କା ପକାଇ ଖାନ୍ତି ।

ଜଙ୍ଗଲରୁ କେନ୍ଦୁ, ଚାହାଁର, ମହୁଲ, ଡୁମେର, ଟୋଲ, କଏଁଟଫଳ, ମାକର କେନ୍ଦୁ, କନ୍ଦା, କସରୁ କନ୍ଦା, ପିତାକନ୍ଦା, ତରଙ୍ଗାକନ୍ଦା, କେଉକନ୍ଦା, ଖମ୍ୱଆଳୁ ଏ ସବୁ ସଂଗ୍ରହ କରନ୍ତି । ଏ ସବୁ କନ୍ଦା ଆଣି ଶିଝାଇ ସେଥିରେ ଲୁଣ, ଲଙ୍କା, ହଳଦୀ, ମସଲା ଦେଇ ତରକାରୀ କରି ଖା'ନ୍ତି । କେନ୍ଦୁ, ଚାହାଁର, ଡୁମେର, କଏଁଟ୍ ଫଳ ଏ ସବୁ ପାଚିଲା ଖିଆଯାଏ । ମହୁଲ ସଂଗ୍ରହ କରି ମହୁଲକୁ କମ୍ ପାଣିରେ ପକାଇ ଘଣ୍ଟେ ଦୁଇଘଣ୍ଟା ସିଝାଯାଏ । ତା ପରେ ସେଥିରେ ରସୁଣ

ପକାଇ ଫୁଟଣ କରନ୍ତି ଓ ଲୁଣ ଦେଇ ଖାଆନ୍ତି । ମହୁଲରୁ ପାଣି ପୁରା ପୁରି ଶୁଖିଯିବା ଯାଏ ଶିଝାଇ ସେଥିରେ ଗୁଡ଼ ମିଶାଇ ଲଡୁ ଭଳି କରି ଖାଆନ୍ତି । ଏହାକୁ ମହୁଲ 'ଚଖନା' କହନ୍ତି । ଟୋଲକୁ ଆଣି ଟୋଲର ଛାଲି ବାହାର କରି ଦେଇ ଶୁଖାଇ ଦିଆଯାଏ । ଟୋଲ ଛାଲି ଖାଇବାକୁ ମିଠା ଲାଗେ । ଟୋଲ ଛାଲିକୁ ଶୁଖାଇ ଅନେକ ଦିନ ରଖାଯାଇଥାଏ । ଶୁଖା ଟୋଲ ଛାଲିକୁ ମସଲା, ତେଲ, ହଳଦୀ, ଲୁଣ ପକାଇ ତରକାରୀ ରାନ୍ଧି ଖିଆଯାଏ । ଟୋଲକୁ ସିଝାଇ ତାକୁ ଢ଼ିଙ୍କିରେ କୁଟି ଦିଆଯାଏ ଏବଂ ଗୁଣ୍ଡ ହେବା ପରେ ତାକୁ ଗୋଟିଏ ହାଣ୍ଡିରେ ୩/୪ ଘଣ୍ଟା ଶିଝାଇ ତେଲ ବାହାର କରାଯାଏ । ଏହି ତେଲକୁ ଟୋଲ ତେଲ କହନ୍ତି । ଟୋଲ ତେଲକୁ ତରକାରୀ ରାନ୍ଧି ଖାଇଥାନ୍ତି । ବିରିକୁ ଗୁଣ୍ଡ କରି ପାଣିରେ ଫୁଲାଇ ତାକୁ ଫୁଲିଯିବା ପରେ ବଟା ଯାଇଥାଏ ଏବଂ ପାଣି କଖାରୁର ଉପର ଛାଲି ଏବଂ ମଞ୍ଜି ବାହାର କରି ଦିଆଯାଏ ଏବଂ କଖାରୁର ଅନ୍ୟ ଅଂଶକୁ ବଟାଯାଇଥିବା ବିରି ସହିତ ମିଶାଇ ଛୋଟ ଛୋଟ ପିଠା ଭଳି କରି ଖରାରେ ଶୁଖାଯାଏ । ଏହାକୁ କଖାରୁ ବଡ଼ି କହନ୍ତି । ଏହା ଶୁଖିଗଲା ପରେ ଏହାକୁ ତେଲରେ ଭାଜି କିମ୍ବା ନିଆଁରେ ପୋଡ଼ି ଖାନ୍ତି । ବଡ଼ିକୁ ପାଣିରେ ଶିଝାଇ ସେଥିରେ ଲୁଣ ପକାଇ ଓ ରସୁଣ ଫୁଟଣ କରି ବଡ଼ି ଝୋଲ କରି ଭାତ ସହିତ ଖିଆଯାଏ । କର୍ଏଁଟ୍ ଫୁଲକୁ ଲୁଣ ଲଙ୍କା ସହିତ ଖାନ୍ତି । ଏହା ଖଟା ଲାଗେ ଏବଂ ଖାଇବାକୁ ସୁଆଦିଆ ଲାଗେ ।

***

# ଦ୍ୱିତୀୟ ପରିଚ୍ଛେଦ

## ଗୋଁଡ଼ମାନଙ୍କ ପାରିବାରିକ-ସାମାଜିକ ଜୀବନ

### ଜନ୍ମ

ଗୋଁଡ଼ ସମାଜରେ ଯାହା ଘରେ ପୁଅ ବା ଝିଅ ଜନ୍ମ ହେବାର ଥିଲେ, ଗାଁର ଦୁଇଜଣ ପୁରୁଖା ସିଆନ୍ ବୁଢ଼୍ୀକୁ ଡକାଯାଏ । ସେହି ବୁଢ଼୍ୀ ଦୁଇଜଣ ଗର୍ଭବତୀ ସ୍ତ୍ରୀର ପ୍ରସବ କରାନ୍ତି ଓ ଜନ୍ମିତ ଶିଶୁର ସେବା ଯତ୍ନ କରାନ୍ତି । ଗୋଟିଏ ବାଉଁଶ ପାତିଆ ଦ୍ୱାରା ଜନ୍ମିତ ଶିଶୁର ନାଭି କାଟନ୍ତି । ଜନ୍ମିତ ଶିଶୁ କୌଣସି କାରଣରୁ ମା' କ୍ଷୀର ନ ଖାଇଲେ କିମ୍ବା ଆଖି ନ ଖୋଲିଲେ ଘରର କର୍ତ୍ତା ପୂଜାପାଠ କରି ନିଜର ପୂର୍ବପୁରୁଷ 'ଡୁମା' ଆବାହନ କରନ୍ତି । ଡୁମା ଆବାହନ କରି କିଏ ପୂର୍ବପୁରୁଷ ଜନ୍ମ ହୋଇ ଆସିଛି ତାହା ଜାଣି ପାରିଥାନ୍ତି । ପୂର୍ବପୁରୁଷଙ୍କ ଦେହର କୌଣସି ଚିହ୍ନ ଶିଶୁର ଦେହରେ ଥିଲେ ସେହି ପୂର୍ବପୁରୁଷ ଜନ୍ମ ହୋଇ ଆସିଛନ୍ତି ବୋଲି ବିଶ୍ୱାସ କରନ୍ତି । ପୂର୍ବପୁରୁଷଙ୍କୁ ଯେଉଁଭଳି ବ୍ୟବହାର କରାଯାଉଥିଲା ଜନ୍ମିତ ଶିଶୁକୁ ମଧ୍ୟ ସେହିପରି ବ୍ୟବହାର କରାଯାଏ । ତା ପରେ ଶିଶୁ ମା କ୍ଷୀର ଖାଇଥାଏ କିମ୍ବା ନିଜର ଆଖି ଖୋଲିଥାଏ । ପୂର୍ବପୁରୁଷ ମଧ୍ୟରୁ ଜନ୍ମିଥିବା ଲୋକ ସମ୍ମାନିତ ହେଲା ବୋଲି ଏଥିରୁ ଜଣାପଡ଼େ ।

ଶିଶୁର ଜନ୍ମଦିନ ଘରର ପଛ ଅଗଣାରେ ଦୁଇ ଫୁଟ ଗଭୀର ଓ ଦୁଇଫୁଟ ଚଉଡ଼ାର ଗୋଟିଏ ଗାତ ଖୋଳନ୍ତି । ଏହାକୁ ''ଗୋଦ୍‌ନା ଶାଲ'' କହନ୍ତି । ଗୋଟିଏ ନୂଆ ହାଣ୍ଡିର ଗଳାରେ ସୂତାଦ୍ୱାରା ସାତଟି ହଳଦୀ ଗଣ୍ଠି ଓ ସାତଟି ଭାଳିଆ ଫଳ ବନ୍ଧା ଯାଏ । ଶିଶୁକୁ କୌଣସି ଭୂତ, ପ୍ରେତ, କିମ୍ବା କୌଣସି ରୋଗ ନହେବା ପାଇଁ ଏହି ବିଧାନ କରାଯାଇଥାଏ । ସେହି ହାଣ୍ଡିରେ ପାଣି ରଖାଯାଏ ଏବଂ ଗୋଦ୍‌ନାଶାଳାରେ ଶିଶୁକୁ ସେହି ହାଣ୍ଡିର ପାଣିରେ ସ୍ନାନ କରାଯାଏ ।

ଶିଶୁର ଜନ୍ମଦିନ ପ୍ରସୂତୀ ସ୍ତ୍ରୀକୁ ସମାଜର ସ୍ତ୍ରୀଲୋକମାନେ କୋଳଥ ସିଝା ଦିଅନ୍ତି । କୋଳଥକୁ ଗୋଟିଏ ହାଣ୍ଡିରେ ପାଣି ଭର୍ତ୍ତି କରି ସିଝାଯାଏ । କୋଳଥ ପୂରାପୂରି ସିଝିଯିବା ପରେ ସିଝାପାଣିକୁ ଅନ୍ୟ ପାତ୍ରରେ ନିଗାଡ଼ି ରଖନ୍ତି । କୋଳଥ ସିଝା ପାଣିକୁ ଗାଈଘିଅ ଓ ରସୁଣ ମିଶାଇ ଫୁଟଣ କରାଯାଏ । ଜନ୍ମିତ ଶିଶୁର ପିତାଙ୍କର ଗୋତ୍ର ବା 'ଦିଆ' (ଦୀପ) ଅନୁସାରେ ରାଶିକୁ ଉଷୁନା ଚାଉଳ ଗୁଣ୍ଡସହ ମିଶାଇ ଲଡ୍ଡୁ ତିଆରି କରନ୍ତି । (ଉଦାହରଣ : ପାଞ୍ଚ ଦିଆକୁ ପାଞ୍ଚଟି ଲଡ୍ଡୁ, ଛ ଦିଆକୁ ଛଟି ଲଡ୍ଡୁ) ରାଶି ଲଡ୍ଡୁ ଓ କୋଳଥ ସିଝା ପାଣିକୁ ସମାଜର ସ୍ତ୍ରୀ ଲୋକମାନେ ପ୍ରସୂତୀ ସ୍ତ୍ରୀକୁ ଖାଇବାକୁ ଦିଅନ୍ତି । ଏହି କୋଳଥ ସିଝା ଓ ଲଡ୍ଡୁ ସମସ୍ତଙ୍କୁ ଖାଇବାକୁ ଦିଅନ୍ତି । ଏହି କୋଳଥ ସିଝା ପାଣି ପିଇବା ଦ୍ୱାରା ପ୍ରସୂତୀର ଦେହ ସୁସ୍ଥ, ସବଳ ରହେ । ଅବଶିଷ୍ଟ କୋଳଥ ସିଝା ଓ ଲଡ୍ଡୁ ସମସ୍ତଙ୍କୁ ଖାଇବାକୁ ଦିଆଯାଏ । ଶିଶୁ ଜନ୍ମଦିନଠାରୁ ''ନଅଦିନ ପର୍ଯ୍ୟନ୍ତ ଶିଶୁର ମା'କୁ କେବଳ ଓଳିଏ ଖାଇବାକୁ ଦିଆଯାଏ । ଏହି ଏକ ଓଳି ଉଷୁନା ଚାଉଳ ଭାତ, କଖାରୁ ବଡ଼ିର ଝୋଳକୁ ଗାଈଘିଅ ଦ୍ୱାରା ଫୁଟଣ କରି ରସୁଣ ପକାଇ ଖାଇବାକୁ ଦିଆଯାଏ । ନଅଦିନ ଯାଏ ପ୍ରସୂତୀକୁ ଘରର କୌଣସି ଜିନିଷକୁ ଛୁଇଁବାକୁ ଦିଆଯାଏ ନାହିଁ । ପ୍ରସୂତୀକୁ ଏକ ମାସ ଯାଏଁ ରୋଷେଇଶାଳ ପଶିବା ମନା ଅଟେ ।

ଜନ୍ମହେବା ଦିନଠାରୁ ପାଞ୍ଚ, ଛଅ ଦିନ ଯାଏ, ନାଭି ନ ପଡ଼ିବା ପର୍ଯ୍ୟନ୍ତ ଶିଶୁକୁ ଖଟରେ ଶୁଆନ୍ତି ନାହିଁ । ଭୂଇଁରେ ଚାଦର ବିଛାଇ ଶୁଆନ୍ତି । ପାଞ୍ଚ, ଛଅ ଦିନ ପରେ ଶିଶୁର ନାଭି ଶୁଖିଯାଇ ପଡ଼ିଯିବା ପରେ ସମାଜର ଲୋକମାନେ ଆସନ୍ତି । ସେହିଦିନ ଶିଶୁର ବାଳକୁ କାଟି ମୁଣ୍ଡକୁ ଲଣ୍ଡା କରନ୍ତି । ଏହି ଦିନ ଘରର କାନ୍ଥରେ ମାଟି ଲିପାଯାଏ ଓ ଘରର ବ୍ୟବହାର୍ଯ୍ୟ ଜିନିଷ ଯଥା : କପଡ଼ା, ଖଟ, ଆସବାବପତ୍ର, ବାସନକୁଶନ ସବୁ ସଫା କରାଯାଏ । ସମାଜର ଜଣେ ମୁଖିଆ ଲୋକ ଏହି ଦିନ ଗୋଟିଏ ଦନାରେ କ୍ଷୀର ରଖି ଦୁବଘାସ ଦ୍ୱାରା ଶିଶୁ, ଶିଶୁର ମା', ଘରର ଅନ୍ୟ ସମସ୍ତ ଲୋକ ତଥା ବ୍ୟବହୃତ ଜିନିଷ ପତ୍ର ଏବଂ ଘରର ଚାରିଆଡ଼େ ଛିଞ୍ଚି ସମସ୍ତଙ୍କୁ ପ୍ରାୟଶ୍ଚିତ କରନ୍ତି । ଏହି ପ୍ରାୟଶ୍ଚିତ ସରିବା ପରେ ଶିଶୁକୁ ଖଟ ଉପରେ ଶୁଆଯାଏ ।

ଶିଶୁ ଜନ୍ମ ହେବାର ନବମ ଦିନରେ ଶିଶୁର ନାମକରଣ କରାଯାଏ । ଶିଶୁର ପିତାର ଯେଉଁ ଗୋତ୍ର ଥାଏ, ସେହି ଗୋତ୍ରର ''ଦିଆ'' (ଦୀପ) ଅନୁସାରେ ସେତିକି ଦୀପ ଜାଳି ସେତିକି ଧାନ ପୁଞ୍ଜି ଦେଇ, ଗୋଟିଏ ଧାନ ପାଛୁଡ଼ିବା କୁଲା ଉପରେ ରଖି ଗୋଦ୍‌ନାଶାଲ୍‌କୁ ନିଅନ୍ତି ଓ 'ଦିଆ' ଅନୁସାରେ ଗୋଦ୍‌ନାଶାଲ ଚାରିପଟରେ ସେତିକି ଥର ବୁଲାନ୍ତି । ତା'ପରେ ସେହି ଗୋଦ୍‌ନାଶାଲ'' ଭିତରେ ସେତିକି ମୁଠା ଚାଉଳ ପକାନ୍ତି । କୁଲାରେ ଥିବା ଦୀପ ଆଣି ମା ଓ ଶିଶୁର ମୁଣ୍ଡରୁ ଗୋଡ଼ ଯାଏ ଦିଆ ଅନୁସାରେ ସେତିକିଥର ଉତୁରାଇଥାନ୍ତି (ଯଥା : ପାଞ୍ଚ ଦିଆ ଯଦି ଥାଏ ତା ହେଲେ ପାଞ୍ଚ ମୁଠା ଧାନରେ ପୁଞ୍ଜି ଦେବେ । ପାଞ୍ଚଟି ଦୀପ ଜଳାଯିବ, ଗୋଦ୍‌ନାଶାଲରେ ପାଞ୍ଚମୁଠା ଚାଉଳ ପକାଯିବ, ମା ଓ ଶିଶୁର ମୁଣ୍ଡରୁ ଗୋଡ଼ ଯାଏ ଦୀପକୁ ପାଞ୍ଚଥର ଉତୁରା ଯିବ) । ତା'ପରେ ସମସ୍ତେ ମା ଓ-ଶିଶୁକୁ ବନ୍ଦାପନା କରନ୍ତି ଓ ଭୋଜି ଖାଇଥାନ୍ତି ।

## ଗୋଁଡ଼ ସଂପ୍ରଦାୟରେ କଣାବରା

ଗୋଁଡ଼ ସଂପ୍ରଦାୟରେ ଝିଅମାନଙ୍କୁ ଆଠଦଶବର୍ଷ ହେବା ବେଳକୁ ସମାଜର ନୀତି ଅନୁସାରେ 'କଣାବରା' କରାଯାଏ । ଗୋଁଡ଼ ସଂପ୍ରଦାୟରେ ଯେ କୌଣସି ଝିଅର ବିବାହ ପୂର୍ବରୁ କଣାବରା କରାଯାଏ । ଯେଉଁ ଝିଅକୁ କଣାବରା କରାଯାଏ ନାହିଁ, ସେହି ଝିଅକୁ କେହି ବିବାହ କରନ୍ତି ନାହିଁ । ତେଣୁ ଗୋଁଡ଼ ସଂପ୍ରଦାୟରେ ପ୍ରତ୍ୟେକ ଝିଅକୁ କଣାବରା କରିବା ଏକ ସାମାଜିକ ନିୟମ ।

କଣାବରା କରାଯିବା ପୂର୍ବରୁ ଝିଅର ବାପା ଯୋଗ-ତିଥି ଦେଖି ନିଜର ବନ୍ଧୁବାନ୍ଧବ ଲୋକମାନଙ୍କୁ ନିଜଘରକୁ ନିମନ୍ତ୍ରଣ କରନ୍ତି । ଯୋଗର ଦୁଇଦିନ ପୂର୍ବରୁ ଝିଅର ବାପା ନିଜର ଗ୍ରାମରେ ଥିବା ବନ୍ଧୁମାନଙ୍କୁ ଘରକୁ ଡାକନ୍ତି ଏବଂ ନିଜ ଝିଅର କଣାବରା କରିବା ବିଷୟ କହନ୍ତି । ସମସ୍ତେ ମିଶି ମୋଡ଼ୋ (ମଣ୍ଡପ) ତିଆରି କରିବା ପାଇଁ ଓ ରୋଷେଇ ଶାଳ ବା ଖନ୍ଦା ପାଇଁ ଡାଳ ଆଣନ୍ତି ଓ

ବି.ଦ୍ର. : - ଦିଆ ଅର୍ଥାତ୍ ଦୀପ । ଗୋଁଡ଼ମାନଙ୍କର ବର୍ଗ ବିଭାଜନ ଅନୁସାରେ ଦେବତାର ବିଭାଜନ ଓ ଦେବତାଙ୍କୁ ଯେତିକିଟି ଦୀପ ଜାଳି ପୂଜା କରାଯାଏ, ସେତିକି ସଂଖ୍ୟାକ ଦୀପ ବା 'ଦିଆ' ବର୍ଗ ସହିତ ଚିହ୍ନିତ ହୋଇଯାଏ ।

ମୋଡ଼ୋ ଏବଂ ଖଦାଶାଳ ତିଆରି କରନ୍ତି । ମୋଡ଼ୋର ମଝିରେ ମହୁଲ ଡାଳର ଗୋଟିଏ ଖୁଟା (ଖୁଣ୍ଟ) ପୋତାଯାଏ । ଯେଉଁଦିନ କଣାବରା କରାଯାଏ ତା ପୂର୍ବଦିନ ସଂଧ୍ୟାରେ ଘର ସ୍ତ୍ରୀ ଲୋକ କିମ୍ବା କଣାବରା କରାଯାଉଥିବା ଝିଅର ମା ଦୁଇଟି ନୂଆ ହାଣ୍ଡିରେ ଅରୁଆ ଚାଉଳ ଓ ସାତଟି ହଳଦୀ ଗଣ୍ଡିକୁ ପାଣିରେ ଫୁଲାନ୍ତି ।

ତା' ପରଦିନ ବା କଣାବରା ଦିନ ସକାଳେ ଝିଅର ମାଁ ଗାଧୋଇ ଆସି ପୂର୍ବଦିନ ରାତ୍ରିରେ ଫୁଲାଯାଇଥିବା ଚାଉଳ ଓ ହଳଦୀକୁ ଗୁଣ୍ଡ କରି ପିଠଉ କରନ୍ତି । ଗ୍ରାମର ଝାଙ୍କର ସେହି ପିଠଉକୁ ପିପଲ ପତ୍ରରେ ରାଶିତେଲ ଲଗାଇ ନିଆଁରେ ପୋଡ଼ପିଠା ତିଆରି କରନ୍ତି । ତା ପରେ ଗ୍ରାମର ଝାଙ୍କର ଓ ସ୍ତ୍ରୀ ଲୋକମାନେ ମିଶି ଗ୍ରାମ ଠାକୁରାଣୀ ଗୁଡ଼ିକୁ ଯାଆନ୍ତି । ଗୁଡ଼ିକୁ ଯିବା ସମୟରେ କଣାବରା କରାଯିବା ଝିଅର ମା ମୁଣ୍ଡରେ ନୂଆ ବାଉଁଶ ପର୍‌ଲିରେ ତେଲ, ହଳଦୀ, ଚାଉଳ, ପିଠା ଧରନ୍ତି । ସ୍ୱତନ୍ତ୍ର ବାଦ୍ୟକାରମାନେ ଏମାନଙ୍କ ସହିତ ନିଶାନ, ତସା, ମହୁରୀ ବଜାଇ ଗୁଡ଼ିକୁ ଯାଆନ୍ତି । ଗ୍ରାମ ଠାକୁରାଣୀ ଗୁଡ଼ିରେ ଝାଁଙ୍କର ଠାକୁରାଣୀକୁ ପୂଜା ପାଠ କରି ତେଲ, ହଳଦୀ, ଲଗାଇ ଥାନ୍ତି ଏବଂ ଆଣିଥିବା ପିଠାକୁ ଭୋଗ ଦିଅନ୍ତି । ତା'ପରେ ଠାକୁରାଣୀଙ୍କୁ ଲଗାଯାଇଥିବା ତେଲ, ହଳଦୀରୁ ଟିକେ ଧରି ଘରକୁ ସମସ୍ତେ ଫେରନ୍ତି । ଘରେ ଥିବା ତେଲ ହଳଦୀ ସହିତ, ଠାକୁରାଣୀ ଗୁଡ଼ିରୁ ଆଣିଥିବା ତେଲ ହଳଦୀକୁ ମିଶାନ୍ତି । କଣାବରା ହେଉଥିବା ଝିଅକୁ ସ୍ତ୍ରୀଲୋକ ଚାରିପାଞ୍ଚଜଣ ସ୍ନାନ କରାଇ ନୂଆ ଲୁଗା ପିନ୍ଧାଇଥାନ୍ତି । ମୋଡ଼ୋରେ ଝିଅର ମା କିମ୍ବା ନନା (ପିଉସୀ) ଝିଅକୁ ନିଜର କୋଳରେ ବସାନ୍ତି । ଝାଁଙ୍କର ମୋଡ଼ୋଶାଳରେ କଣାବରା ହେଉଥିବା ଝିଅକୁ ମୁକୁଟ ପିନ୍ଧାନ୍ତି । ଏହି ମୁକୁଟ ତିନୋଟି ଆମ୍ବ ପତ୍ରରେ ତିଆରି କରାଯାଇଥାଏ । ମୁକୁଟକୁ ଗୋଟିଏ ବାଉଁଶ ପର୍‌ଲିରେ ରଖି ତା ସହିତ ଧୂପ, ଦୀପ ରଖି କଣାବରା ହେଉଥିବା ଝିଅର ମୁଣ୍ଡରୁ ପାଦଯାଏଁ ସାତଥର ଉତୁରାଯାଏ । ତା ପରେ ମୁକୁଟକୁ ଝିଅର ମୁଣ୍ଡରେ ବନ୍ଧାଯାଏ । ଏହି କାମ ଝାଁଙ୍କର କରନ୍ତି । ସମାଜର ଦୁଇ ତିନିଜଣ ସ୍ତ୍ରୀ ଲୋକ ସହିତ ଝିଅ ହାତ ଆଂଜୁଳା କରି, ହାତରେ ଚାଉଳ ଧରି ମୋଡ଼ୋଶାଳରେ ଛିଡ଼ା ହୁଏ । ତା ପରେ ଝିଅକୁ ମୋଡ଼ୋ ମଝିରେ ମହୁଲ ଖୁଟାର ଚାରିପଟେ ସାତଥର

ବୁଲାନ୍ତି ଏବଂ ପରେ ସେଠାରେ ମାଁର କୋଳରେ ବସାନ୍ତି । ପରେ ପାଞ୍ଚ ସାତ ଜଣ ସ୍ତ୍ରୀ ଲୋକମାନେ ଜଣେ ପରେ ଜଣେ ଝିଅକୁ ଆମ୍ବ ପତ୍ର ଦ୍ୱାରା ତେଲ ଓ ହଳଦୀ ମଖାଇ ଗନ୍‌ସନ୍ (ଗନ୍ଧଷଣ) କରନ୍ତି । ସମସ୍ତେ ଗନ୍‌ସି ସାରିବା ଯାଏଁ ଝିଅଟି ମାଁ କୋଳରେ ବସିଥାଏ । ତା'ପରେ ସମସ୍ତେ ମିଶି ବାଜା ବଜାଇ ଝିଅକୁ ନେଇ ଗାଁର ଶେଷ ମୁଣ୍ଡକୁ ଯାନ୍ତି । ସେଠାରେ ଆଗରୁ ଦୁଇଟି ମହୁଲ ଡାଳକୁ ପୋତାଯାଇ ପୂଜା କରାଯାଇଥାଏ । ସେଠାରେ ପୂଜା କରି ଦୁଇଟି ମାଟି ପାତ୍ରରେ (ଟାଣି) ମାଁ ଓ ପିଉସୀ ପାଣି ଆଣନ୍ତି । ପାଣି ଆଣିବା ସମୟରେ ଝାଁଙ୍କର ଗୋଟିଏ ଲୁହା ଶାବଳରେ ମାଟି ତାଡ଼ି ଝିଅର ମାଁ ଓ ପିଉସୀଙ୍କୁ ଦିଅନ୍ତି । ସେମାନେ ତାହା ଧରି ମୋଡ଼ୋଶାଳକୁ ଫେରନ୍ତି । ପାଣି ଧରି ଫେରିବା ସମୟରେ ଦୁଇ ଜଣ ସ୍ତ୍ରୀ ଲୋକଙ୍କ ଦେହରେ ପୂର୍ବ ପୁରୁଷର ଡୁମା ଆସିଥାନ୍ତି । ଡୁମା ଆସିଲେ ସେମାନଙ୍କର ଦେହ ମୁଣ୍ଡ ସବୁ ଝୁଲିଥାଏ । ଦୁଇଟି ଡୁମାଙ୍କୁ ପୂଜା କରି ମୋଡ଼ୋଶାଳକୁ ଆଣନ୍ତି ଏବଂ ଶିକାରେ ଝୁଲାଇ ରଖନ୍ତି । ଅଣାଯାଇଥିବା ମାଟିକୁ ମଧ୍ୟ ଗୋଟିଏ ଧଳା କନାରେ ଗୁଡ଼ାଇ "ଟାଣି" (ମାଟି ପାତ୍ର) ସହିତ ରଖନ୍ତି । ଏହି ପାଣିକୁ 'ମାଟିପାଣି' ବା ଧର୍ମପାଣି କହନ୍ତି ।

କଣାବରା ହେଉଥିବା ଝିଅକୁ ସ୍ତ୍ରୀଲୋକମାନେ ପୁଣି ବନ୍ଦାପନା କରନ୍ତି । ପ୍ରଥମେ ମୋଡ଼ୋଶାଳରେ ଥିବା ମହୁଲ ଖୁଟାକୁ ବନ୍ଦାନ୍ତି ଓ ପରେ ଝିଅକୁ ବନ୍ଦାନ୍ତି । ଏହିପରି ତିନିଚାରିଥର ପରଘାଇ (ବନ୍ଦାପନା) ସାରିବା ପରେ ଗୋଟିଏ ଧନୁଶରରେ ରାଶିତେଲ ପକାଇ ସେହି ଧନୁଶର ଦ୍ୱାରା ଝିଅକୁ ମୁଣ୍ଡରୁ ଗୋଡ଼ଯାଏ ତେଲ ମଖାନ୍ତି । ମହୁଲ ଡାଳ ସହିତ ଝିଅକୁ ବନ୍ଦାପନା କରିନ୍ତି । ତା ପରେ ସମାଜର ସମସ୍ତ ଲୋକ ମିଶି 'ଗୁଆ ଚୋପା' କରନ୍ତି । ଗୋଟିଏ କାଠ ପିଢ଼ାରେ ଚାଉଳ ଏବଂ ଗୁଆ କିମ୍ବା ହଳଦୀ ରଖନ୍ତି । ବନ୍ଧୁଘରର ଜଣେ ଲୋକ ଗୋଟିଏ କଷ୍‌ନା (ଲଙ୍ଗଳର ଫାଳ) ଦ୍ୱାରା ଗୁଆ କିମ୍ବା ହଳଦୀକୁ ଗୁଣ୍ଡ କରନ୍ତି । ତା ପରେ ସେଠାରେ ଗୁଡ଼ ଚୂଡ଼ା ଆଣି ରଖନ୍ତି ଏବଂ ଚୂଡ଼ା ଓ ଗୁଡ଼କୁ ଦୁଇ ଭାଗ କରନ୍ତି । ଗୋଟିଏ ଭାଗ ଚୂଡ଼ାରେ ଗୁଆଗୁଣ୍ଡ ମିଶାଯାଏ । ଏବଂ ଅନ୍ୟ ଭାଗ ଚୂଡ଼ାରେ ଗୁଆଗୁଣ୍ଡ ମିଶାନ୍ତି ନାହିଁ । ଗୁଆଗୁଣ୍ଡ ମିଶିଯାଇଥିବା ଚୂଡ଼ାକୁ ଗ୍ରାମ ଦେବୀ ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ଭୋଗ ଦିଅନ୍ତି ଏବଂ ଝିଅକୁ ଖାଇବାକୁ ଦିଅନ୍ତି । ଅବଶିଷ୍ଟ

ଗୁଆ ଗୁଣ୍ଡ ମିଶା ଚୂଡ଼ାକୁ ବିବାହିତ ପୁରୁଷ ଓ ସ୍ତ୍ରୀ ଲୋକମାନେ ଖାନ୍ତି । ଗୁଆଗୁଣ୍ଡ ମିଶି ନଥିବା ଚୂଡ଼ାକୁ ପିଲା ଛୁଆମାନଙ୍କୁ ଖାଇବାକୁ ଦିଆଯାଏ ।

ତା ପରେ ମାଁ ଓ ପିଉସୀ ଦୁଇଜଣ ମୁଣ୍ଡରେ ପାଣି କଳସୀ ଧରି କଣାବରା ଝିଅର ଚାରିପଟେ ବୁଲି ମୁହଁ ଛୁଆନ୍ତି । ଥରେ ବୁଲି ଆସି ଝିଅର ସାମନାରେ ଛିଡ଼ା ହୁଅନ୍ତି ଏବଂ ଝିଅର ମୁହଁ ପାଖରେ ଦୀପକୁ ବୁଲାନ୍ତି । ତା ପରେ ଆମ୍ବ ପତ୍ରକୁ ଝିଅର ଗାଲରେ ଓ କପାଳରେ ଦେଇ ମୁହଁ ଛୁଆନ୍ତି । ପରେ ଝିଅର ପିଉସୀ ମୁହଁ ଛୁଆନ୍ତି ।

ଏହା ସରିବା ପରେ ମୋଡ଼ୋଶାଳରେ ଗୋଟିଏ କଖାରୁ ବଡ଼ିକୁ ଟାଙ୍ଗିରେ କାଟି ଦିଆଯାଏ । କଣାବରା ହେଉଥିବା ଝିଅ ସେହି ବଡ଼ିକୁ ପାଦରେ ଆଣି ମୁଣ୍ଡରେ ଟିପା ଦେଇହୁଏ । ପରେ ଝିଅ ମୋଡ଼ୋଶାଳରେ ଗୋଟିଏ ପିଢ଼ା ଉପରେ ଛିଡ଼ା ହୁଏ ଏବଂ ମହୁଲ ଡାଳକୁ ଧରେ । ଏହି ସମୟରେ ଜଣେ ଲୋକ ଶିକାରେ ଝୁଲାଯାଇଥିବା ଧର୍ମପାଣି ବା ମାଟିପାଣିକୁ ଝିଅର ମୁଣ୍ଡ ଉପରେ ଢାଳନ୍ତି । ଏହା ସରିବା ପରେ ସମସ୍ତେ ମିଶି ବାଜା ବଜାଇ ଝିଅକୁ ଧରି, ମହୁଲ ଡାଳକୁ ଧରି ନଈ ବା ପୋଖରୀକୁ ଗାଧୋଇବାକୁ ଯାଆନ୍ତି । ଏହି ସମୟରେ ସମସ୍ତ ପୁରୁଷ ଲୋକମାନେ ବାଜାର ତାଳେ ତାଳେ ନାଚି ନାଚି ଯାଆନ୍ତି । ସେଠାରେ ମହୁଲ ଡାଳକୁ ନଈ ବା ପୋଖରୀରେ ଭସାଇ ଦିଅନ୍ତି । ତା ପରେ ସମସ୍ତେ ଘରକୁ ଫେରନ୍ତି । କଣାବରା ହେଉଥିବା ଝିଅର ପିତା ସମସ୍ତଙ୍କୁ ଦୁଇ ଓଳି ଖାଇବାକୁ ଦିଅନ୍ତି । ଏହି ଭୋଜିରେ ନିରାମିଷ ଭୋଜନ ଦିଆଯାଏ ।

ଗୋଁଡ଼ ସଂପ୍ରଦାୟର ସମସ୍ତ ଝିଅମାନଙ୍କୁ ଦଶ ବାର ବର୍ଷ ବୟସରେ କଣାବରା କରାଯାଇଥାଏ । ଏହି ଅଞ୍ଚଳରେ କେତେକ ସ୍ଥାନରେ ଦେଖିବାକୁ ମିଳେ ଯେ ଲରିଆ ଗୋଁଡ଼ମାନେ ଝିଅମାନଙ୍କୁ କଣାବରା କରନ୍ତି ନାହିଁ । କେବଳ ଓଡ଼ିଆ ଗୋଁଡ଼ମାନଙ୍କର ଏହି ପ୍ରଥା ଅଛି ।

# ଗୋଁଡ଼ ସଂପ୍ରଦାୟରେ ବିବାହ ପ୍ରଥା

ଗୋଁଡ଼ ସଂପ୍ରଦାୟରେ କୌଣସି ପୁଅ ବିବାହ ଯୋଗ୍ୟ ହେଲେ ତାକୁ ବାହା କରାଇ ଦିଆଯାଏ । ସାଧାରଣତଃ ଏହି ସଂପ୍ରଦାୟରେ ଷୋହଳ/ସତର ବୟସ, ବିବାହ ପାଇଁ ଯୋଗ୍ୟ ବୟସ ବୋଲି ଧରାଯାଏ । ପିଲାର ପିତା, ଜଣେ ବନ୍ଧୁ ଲୋକଙ୍କୁ ଧରି ନିଜ ପୁଅ ପାଇଁ ବୋହୂ ଖୋଜିବାକୁ ଅନ୍ୟ ଗ୍ରାମକୁ ଯାଏ । ଚିହ୍ନା କିମ୍ବା ଅଚିହ୍ନା ଘରକୁ ଗଲେ ସେଠାରେ ବନ୍ଧୁଘର ଲୋକ ଗୋଡ଼ ଧୋଇବା ପାଇଁ ପାଣି ଦିଅନ୍ତି ଓ ବସିବାକୁ ଆସନ ଦିଅନ୍ତି । ପରେ ସେମାନଙ୍କୁ ଖାଇବାକୁ ଦିଆଯାଇ ବନ୍ଧୁ ଚର୍ଚ୍ଚା କରନ୍ତି । ଏହା ତାଙ୍କର ପରମ୍ପରା ଅଟେ । ଖାଇ ସାରିବା ପରେ ବରଘର ଲୋକ ଝିଅଘର ଲୋକଙ୍କୁ ନିଜର ପୁଅ ପାଇଁ ବୋହୂ ମାଗି ଆସିଥିବା କଥା କହନ୍ତି । ଯଦି କନ୍ୟାପିତାର ନିଜ ଝିଅକୁ ଦେବା ପାଇଁ ଇଚ୍ଛା ହୁଏ, ତା ହେଲେ ଅନ୍ୟଦିନ ଆସିବା ପାଇଁ କହନ୍ତି । ସେହି ନିର୍ଦ୍ଦିଷ୍ଟ ଦିନ ବରର ପିତା ଗ୍ରାମର ଦୁଇ ତିନିଜଣ ସିଆନ ଲୋକ (ବୟୋଜ୍ୟେଷ୍ଠ ଲୋକ)ଙ୍କୁ ଡାକି କନ୍ୟା ଘରକୁ ଯାନ୍ତି । ଉକ୍ତ ଦିନ କନ୍ୟାପିତା ତାଙ୍କ ଗ୍ରାମର ଦୁଇ ତିନି ଜଣ ମୁଖିଆ ଲୋକଙ୍କୁ ଡାକନ୍ତି ଓ ବରପକ୍ଷ ଲୋକଙ୍କୁ ନିଜ ଝିଅର ଜନ୍ମପତ୍ର ବା ଜାତକ ଦେଇଥାନ୍ତି । ଉକ୍ତ ଜାତକ ଧରି ବରର ପିତା ନିଜ ଗ୍ରାମକୁ ଆସି ତାଙ୍କ ପୁଅର ଜାତକ ସହିତ ମିଳାଇଥାନ୍ତି । ଯଦି ଶୁଭାଶୁଭ ହୋଇ ନଥାଏ ତା ହେଲେ ବରପିତା ତାଙ୍କର ଜଣେ ବନ୍ଧୁ ଲୋକଙ୍କୁ ଡାକି କନ୍ୟାର ଜାତକକୁ ତାଙ୍କ ହାତରେ କନ୍ୟାପିତା ପାଖକୁ ପଠାଇ ଦିଅନ୍ତି । ଯଦି ଶୁଭା ଶୁଭ ହୋଇ ଥାଏ, ତା ହେଲେ "ମନ୍ଦତରପା" (ମଦ୍ୟପାନ) ପାଇଁ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯାଏ ଏବଂ କନ୍ୟାପକ୍ଷ ଘରକୁ ଜଣାଇ ଦିଆଯାଏ । କଳାହାଣ୍ଡିର ଗୋଁଡ଼ ସଂପ୍ରଦାୟରେ କେଉଁ ବର୍ଗର ପୁଅ ସହିତ କେଉଁ ବର୍ଗର ଝିଅର ବାହାଘର ସଂପନ୍ନ ହୋଇଥାଏ ତାହାର ଏକ ବିବରଣୀ ତଳେ ଦିଆଗଲା ।

| ପୁଅର ବର୍ଗ | ଝିଅର ବର୍ଗ | ଯେଉଁ ବର୍ଗରୁ ବାହା ହୋଇନଥାନ୍ତି |
|---|---|---|
| ମରକାମ | ମରେହୀ, ସୋରୀ, ନେତାମ ପୋର୍‌ଟି, ଅଁଟି | ଜଗତ, ନେଟି |
| ନେଟି | ମରେହୀ, ନେତାମ ପୋର୍‌ଟି ଅଁଟି, ଜଗତ | ମରକାମ, ସୋରୀ |
| ନେତାମ | ସୋରୀ, ମରେହୀ, ଜଗତ, ଅଁଟି ନେଟି, ପୋର୍‌ଟି, ମରକାମ | ସମସ୍ତବର୍ଗରୁ ବାହା ହୋଇଥାନ୍ତି |
| ସୋରୀ | ମରେହୀ, ମରକାମ, ନେତାମ, ପୋର୍‌ଟି, ଅଁଟି, ଜଗତ | ନେଟି |
| ଅଁଟି | ମରକାମ, ନେତାମ, ପୋର୍‌ଟି, ସୋରୀ, ମରେହୀ,ନେଟି | ଜଗତ |
| ପୋର୍‌ଟି | ମରକାମ, ନେତାମ, ସୋରୀ, ଅଁଟି ଜଗତ୍ ନେଟି | ମରେହୀ |
| ଜଗତ | ନେତାମ, ନେଟି, ମରେହୀ, ସୋରୀ ପୋର୍‌ଟି | ମରକାମ ଅଁଟି |
| ମରେହୀ | ମରକାମ, ସୋରୀ, ନେଟି, ଅଁଟି, ଜଗତ, ନେତାମ | ପୋର୍‌ଟି |

## ମନ୍ଦତରପା

''ମନ୍ଦତରପା'' ଗୋଁଡ଼ ସଂପ୍ରଦାୟରେ ବିବାହ ପ୍ରଥାର ପ୍ରଥମ ପର୍ଯ୍ୟାୟ ଅଟେ । ''ମନ୍ଦତରପା'' ପାଇଁ ବରପକ୍ଷ ଲୋକେ କନ୍ୟାପକ୍ଷ ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟ ଦିଅନ୍ତି । ସେହିଦିନ ବରପକ୍ଷ ଲୋକେ କେତେ ଜଣ ବନ୍ଧୁ ବାନ୍ଧବଙ୍କ ସହିତ ଦୁଇ ବୋତଲ ମଦ, ଲିଆ, ପିଠା, ବିଡ଼ି, ମାଚିସ୍ ଧରି କନ୍ୟା ଘରକୁ ଯାନ୍ତି । କନ୍ୟାପକ୍ଷ ଲୋକେ ଏହି ଦିନ ନିଜର ବନ୍ଧୁବାନ୍ଧବ ଲୋକଙ୍କୁ ନିଜଘରକୁ ଡାକନ୍ତି । ସମସ୍ତେ ଏକାଠି ବସିବା ପରେ ବରପକ୍ଷରୁ ଆସିଥିବା, ଲିଆ, ପିଠା, ମଦ, ବିଡ଼ି, ମାଚିସ୍ ସମସ୍ତଙ୍କ ସାମ୍‌ନାରେ ରଖାଯାଏ । ସେତେବେଳେ ସମସ୍ତଙ୍କ ସାମନାରେ ବରପକ୍ଷରୁ ଧାଙ୍ଗଡ଼ା ମାଝୀ କହିଥାଏ ।

ମରକାମ ଘରେ, ମରେହୀ ଘର୍ ପତ୍ରିତଲ୍‌କେ ଉତ୍‌ରିଛେ ।
ଲୁକ୍‌ମି ବୋଲିକରି ଆଇଛନ୍
ମରେହୀ ହେଉଛେ ପତ୍ରି, ମରକାମ ହଉଛେ ଘିରଲୋ
ସେ ଘିର୍‌ଲୋକେ ପତ୍ରି ତଳେ ଲୁକାହା ।

(ଏଠାରେ ପୁଅର ବର୍ଗ ମରକାମ ଓ ଝିଅର ବର୍ଗ ମରେହୀ ଅଟେ) ଯଦି ପ୍ରସ୍ତାବ ସମ୍ମତି ହୁଏ, ତେବେ ଏହି ସମୟରେ କନ୍ୟା ପକ୍ଷର ଧାଙ୍ଗ୍‌ଡ଼ା ମାଝୀ କହିଥାଏ, ''ଦେଖ ଆଜିଠାରନୁ ଇ ଟୁକିଲ ମରକାମ ଘରର ହି ଗଲା ।''

ତା ପରେ ସମସ୍ତେ ମିଶି ବରପକ୍ଷରୁ ଆସିଥିବା ଲିଆ, ପିଠା, ମଦ ବିଡ଼ିକୁ ଆନନ୍ଦରେ ଖାଇଥାନ୍ତି । ତା ପରେ ରାତ୍ରିରେ ସମସ୍ତେ କନ୍ୟାପିତା ଘରେ ଭୋଜି ଖାଇଥାନ୍ତି । ଏହି ଦିନ ଝିଅର ମାଗେନ୍ ବା ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ କରାଯାଏ । ଏହି ମନ୍ଦତରପା ଝିଅକୁ ସମାଜର ଅନ୍ୟ କେହି ଗ୍ରହଣ କରନ୍ତି ନାହିଁ । ଯେଉଁ ପୁଅ ପାଇଁ ମନ୍ଦତରପା ହୋଇଥାଏ ସେ ଗ୍ରହଣ କରିଥାଏ ।

## ମାଗେନ୍ ବା ନିର୍ବନ୍ଧ

ମାଗେନ୍ ବା ନିର୍ବନ୍ଧ ଗୋଁଡ଼ ସଂପ୍ରଦାୟରେ ବିବାହ ପ୍ରଥାର ଦ୍ୱିତୀୟ ପର୍ଯ୍ୟାୟ ଅଟେ । ମାଗେନ୍‌ର ପାଞ୍ଚଦିନ ପୂର୍ବରୁ ବରପିତା ସମାଜର ଦୁଇଜଣ ମହଲା କରିଆ (ବାର୍ତ୍ତାବହ)ଙ୍କୁ ଡାକି କନ୍ୟା ଘରକୁ ଯିବା ପାଇଁ ଠିକ୍ କରନ୍ତି । ସମାଜର ବିଧି ଅନୁସାରେ ବରପିତା ମାଗେନ୍ ପାଇଁ ୧ ପୁଟି ୨ ମାଣ ଚାଉଳ, ଡାଲି ତିନିମାଣ, ପନିପରିବା, ଟଙ୍କା ପଇସା ୭.୭୫ ପ. ଲିଆ, ପିଠା, ମଦ ଚାରିବୋତଲ, ଚୁଡ଼ି, ମାଳି କପଡ଼ା ଦୁଇଖଣ୍ଡ (ଗୁଆ ଚୋପା ପାଇଁ ଖଣ୍ଡେ ଓ ମାଗେନ୍ ପାଇଁ ଖଣ୍ଡେ) ବରପିତା ଦୁଇ ଜଣ ମହଲା କରିଆଙ୍କ ହାତରେ ପଠାଇ ଅନ୍ୟ ବନ୍ଧୁବାନ୍ଧବଙ୍କ ସହିତ କନ୍ୟା ପିତାଘରକୁ ଯାନ୍ତି । ସେଠାରେ କନ୍ୟାପିତା ନିଜର ବନ୍ଧୁବାନ୍ଧବଙ୍କୁ ନିଜ ଘରକୁ ଡାକନ୍ତି ଏବଂ ସେମାନଙ୍କୁ ବରପକ୍ଷରୁ ଆସିଥିବା ଜିନିଷ ସବୁ ଦେଖାଇଥାନ୍ତି । ବରପକ୍ଷରୁ ଆସିଥିବା ସ୍ତ୍ରୀ ଲୋକମାନେ ଆଣିଥିବା ଚୁଡ଼ି, ମାଲି, କପଡ଼ା କନ୍ୟାକୁ ପିନ୍ଧାନ୍ତି । ଏହାକୁ ''ମାଲି ପିନ୍ଧେନ'' କହନ୍ତି । ମାଲି ପିନ୍ଧେନ୍ ସରିବା ପରେ କନ୍ୟା ଘର ଲୋକେ ବରପକ୍ଷର ଲିଆ, ପିଠା

ସମସ୍ତଙ୍କୁ ଖାଇବାକୁ ଦେଇଥାନ୍ତି । ତା ପରେ ବରପକ୍ଷରୁ ଆସିଥିବା ସରଂଜାମକୁ ରାନ୍ଧି ସମସ୍ତେ ଭୋଜି ଖାଇଥାନ୍ତି । ଏହାପରେ କନ୍ୟାପକ୍ଷର ଲୋକ ଓ ବରପକ୍ଷର ଲୋକ ମିଶି ଏକାଠି ବସନ୍ତି । ସେତେବେଳେ ବରପକ୍ଷ ତରଫରୁ ଗୋଟିଏ ଭୁଗାରେ କିଛି ଲିଆ, ପିଠା, ବିଡ଼ି ଓ ଏକଟଙ୍କା ଓ ମଦ ଏକ ବୋତଲ ସେଠାରେ ରଖାଯାଏ । ଏହା ଗୌଁଡ଼ ସଂପ୍ରଦାୟର 'ବିହାମଗା' ନିୟମ ଅଟେ । ସମାଜର ଲୋକେ ଉଭୟ ବରପକ୍ଷ ଓ କନ୍ୟାପକ୍ଷର ଲୋକଙ୍କୁ ସେହି ବର୍ଷ ବିବାହ କରିବାକୁ ଇଚ୍ଛୁକ କି ନାହିଁ ତାହା ପଚାରିଥାନ୍ତି । କନ୍ୟାପିତା ଓ ବରପିତା ରାଜି ହେଲେ ବିବାହ କେଉଁ ପ୍ରକାରେ କରାଯିବ ତାହା ଆଲୋଚନା କରନ୍ତି । ତା ପରେ ତା ପରଦିନ ସକାଳେ ବରପକ୍ଷ ଲୋକେ କନ୍ୟାପକ୍ଷ ଲୋକଙ୍କୁ ବିଦାୟ ମାଗି ନିଜ ଗ୍ରାମକୁ ଆସନ୍ତି ।

## ଗରବୁଡ଼ା ବା ଗ୍ରହଶାନ୍ତି

ନିର୍ବନ୍ଧର କେତେଦିନ ପରେ ବରପିତା ସମାଜର କେତେଜଣ ଲୋକଙ୍କୁ ଧରି କନ୍ୟା ଘରକୁ ଯାନ୍ତି । କନ୍ୟାଘରୁ କନ୍ୟା ସହିତ ଅନ୍ୟ ଦୁଇତିନିଜଣ ସ୍ତ୍ରୀ ଲୋକଙ୍କୁ ଧରି ନିଜ ଘରକୁ ବରପିତା ଆଣନ୍ତି । କୌଣସି ଅମାବାସ୍ୟା ବା ସଂକ୍ରାନ୍ତି ଦିନ ବା ଶନିବାର, ରବିବାର ଦିନ ଝିଅକୁ ଓ ପୁଅକୁ ବରପକ୍ଷର ''ଲଗନିଆ'' ନଦୀ ବା ପୋଖରୀକୁ ନେଇଥାଏ ଓ ସେଠାରେ ଗରବୁଡ଼ାଇ ଥାଏ । ସେଠାରେ ଲଗନିଆ ଉଭୟ ବର ଓ କନ୍ୟାକୁ ପୁରୁଣା କପଡ଼ା ପିନ୍ଧାଇ ତାଙ୍କୁ ମଦ ମିଶା ଚାଉଳ ଦ୍ୱାରା ଝଡ଼ା ଫୁଙ୍କା କରନ୍ତି । ସେଠାକୂଳରେ ଗୋଟିଏ ଘୁଷୁରୀ, କଳାପାରା, ତମ୍ବାପାରା, ଧଳା ଗଂଜା, ଖଏଁରା ଗଂଜା, ଚିତ୍ରା ଗଂଜା, କାଳି କୁକୁଡ଼ା, ଟୋଟୋ କୁକୁଡ଼ା (ଯେଉଁ କୁକୁଡ଼ା ଦେହରେ ପର ନଥାଏ) ଓ ଗୋଟିଏ ମେଣ୍ଢା ବଳି ଦିଆଯାଏ ଓ ସେହି ରକ୍ତକୁ ଲଗନିଆ ବର ଓ କନ୍ୟା ଉଭୟଙ୍କ ଦେହରେ ଛିଞ୍ଚି ଗ୍ରହ ଶାନ୍ତି କରାଇଥାନ୍ତି । ଏହା ସହିତ ମଦ, ଯବଧାନ, ସାହାଡ଼ା ଡାଳ ମଧ୍ୟ ଗ୍ରହଶାନ୍ତି ପାଇଁ ଆବଶ୍ୟକ ପଡ଼ିଥାଏ । ଏହି ଗ୍ରହଶାନ୍ତି ପୂଜା ବା ଗରବୁଡ଼ା ସରିବା ପରେ ଉଭୟ ପୁଅ ଓ ଝିଅ ସେଠାରେ ପାଣିରେ ଗାଧୋଇଥାନ୍ତି । ତା ପରେ ତାଙ୍କ ପିନ୍ଧିଥିବା ପୁରୁଣା କପଡ଼ାକୁ ନଈ ପାଣିରେ ଭସାଇ ଦିଆଯାଏ ଓ ସେମାନେ

ନୂଆ କପଡ଼ା ପିନ୍ଧିଥାନ୍ତି ଓ ଏକ ମୁହା ହୋଇ ଘରକୁ ଫେରନ୍ତି । ବଳି ଦିଆଯାଇଥିବା ଜୀବର ମାଂସକୁ ରାନ୍ଧି ଉଭୟ ପକ୍ଷର ଲୋକେ ଖାନ୍ତି । ତା ପରଦିନ ବରପିତା କନ୍ୟାକୁ ଦୁଇ ତିନିଜଣ ଲୋକଙ୍କ ସହିତ ନେଇ କନ୍ୟାପିତାଙ୍କୁ ସମର୍ପଣ କରି ଦେଇ ଆସନ୍ତି । କନ୍ୟାଘରେ ସମାଜର ଚାରିପାଞ୍ଚଜଣ ଲୋକଙ୍କୁ ଡାକି 'ଗରବୁଡ଼ା ନେଙ୍ଗାର' ଗୁରୁ ଭାଗ ଯଥା :- ଚାଉଳ ଏକମାଣ, ଖଣ୍ଡେ କପଡ଼ା, ମଦ ଏକବୋତଲ, ବଡ଼ି ତଥା ଏକଟଙ୍କା ବରପକ୍ଷ ଲୋକେ କନ୍ୟାପିତାଙ୍କୁ ଦେଇ ନିଜ ଘରକୁ ବରପିତା ଫେରନ୍ତି । ଗୋଁଡ଼ ସଂପ୍ରଦାୟର ସମସ୍ତେ ଝିଅର ବାହାପୂର୍ବରୁ ଏହି ଗ୍ରହଶାନ୍ତି ବା ଗରବୁଡ଼ା କରିଥାନ୍ତି ।

ଗୋଁଡ଼ ସଂପ୍ରଦାୟରେ ବିବାହ ସାଧାରଣତଃ ଦୁଇ ପ୍ରକାରେ ହୋଇଥାଏ ।

ଯଥା : - (୧) ବିହା, (୨)ବନ୍ଧନା

୧- ବିହା : ଏହି ବିବାହରେ ନିର୍ଦ୍ଦିଷ୍ଟ ଦିନ କନ୍ୟାକୁ କନ୍ୟାଘର ଲୋକେ ମିଶି ବରଘରକୁ ନେଇ ଦିଅନ୍ତି ଏବଂ ବରଘରେ ଲଗ୍ନ ଦିଆଯାଇଥାଏ ।

୨- ବନ୍ଧନା : ଏହି ବିବାହରେ ବରପକ୍ଷ ଲୋକେ ବରକୁ ଧରି ନିର୍ଦ୍ଦିଷ୍ଟ ଦିନ କନ୍ୟାଘରକୁ ଯାନ୍ତି । ସେଠାରେ ଲଗ୍ନ ଦିଆଯାଏ ଓ କନ୍ୟାକୁ ନିଜ ଘରକୁ ବରପକ୍ଷ ଲୋକେ ଆଣନ୍ତି ।

## ବିହା

ଗୋଁଡ଼ ସଂପ୍ରଦାୟରେ ବିହାରେ ବାର (୧୨) କରମ୍ କରାଯାଇଥାଏ । ବରପକ୍ଷର ଲୋକେ ବିହାର ଚାରି ପାଞ୍ଚଦିନ ଆଗରୁ ନିଜର ବନ୍ଧୁ/ବାନ୍ଧବ ତଥା ଗ୍ରାମରେ ଥିବା ନିଜ ଜାତିର ଅନ୍ୟ ଲୋକମାନଙ୍କୁ ନିମନ୍ତ୍ରଣ କରନ୍ତି । ନିମନ୍ତ୍ରିତ ଲୋକମାନେ ଆସିବା ପରେ, ସେମାନଙ୍କ ଭିତରୁ କେତେଜଣ ଜଙ୍ଗଲ ଯାଇ ମହୁଲଡାଳ, ଜାମୁଡାଳ ଆଣନ୍ତି । ତା ପରେ ବରପିଲା ପାଇଁ ଗୋଟିଏ ମୋଡ୍ଡୋ ତିଆରି କରନ୍ତି । ମୋଡ୍ଡୋର ମଝିରେ ମହୁଲଡାଳର ଗୋଟିଏ ଖୁଟାକୁ ପୋତାଯାଏ । ଏହାକୁ 'ଯୋଗଖୁଟା' କହନ୍ତି । ଏହି ଯୋଗଖୁଟାକୁ ବିବାହ କାର୍ଯ୍ୟର ପ୍ରଥମ ଦିନରୁ ଶେଷ ଦିନ ଯାଏଁ ରଖାଯାଏ । ବରପକ୍ଷ ଗ୍ରାମର ଦୁଇଜଣ ଗଉଡ଼

ଲୋକ ବା ନିଜ ଜାତିର ଲୋକଙ୍କୁ ଡାକି କନ୍ୟାଘରକୁ ପଠାନ୍ତି । ଏହି ଦୁଇ ଜଣଙ୍କୁ 'ମହଲା କରିଆ' କୁହାଯାଏ । ଏହି ଦୁଇଜଣ ମହଲାକରିଆଙ୍କ ହାତରେ ବରପିତା କନ୍ୟା ପକ୍ଷ ପାଇଁ ଚାଉଳ, ଡାଲି, ପନିପରିବା ପଠାନ୍ତି । କନ୍ୟାପକ୍ଷ ଲୋକେ ବରପକ୍ଷରୁ ପଠାଯାଇଥିବା ଭୋଜି ସାମଗ୍ରୀକୁ ଭୋଜି ରାନ୍ଧି ଖାଇ ଲଗ୍ନ ଦିନର ଆଗରୁ ବରଘରେ ଯାଇ ପହଞ୍ଚନ୍ତି । କନ୍ୟାପକ୍ଷ ସହିତ ସ୍ୱତନ୍ତ୍ର ବାଜାବାଲା ମଧ୍ୟ ଯାଇଥାନ୍ତି । କନ୍ୟାକୁ ଯାହା ଯାହା ଯୌତୁକ ଦେବା ଜିନିଷ ସମସ୍ତେ ମିଶି ଧରି ଆସନ୍ତି । କନ୍ୟାପକ୍ଷ ଲୋକେ ସକାଳ ଓଳି ବରଗ୍ରାମକୁ ଆସିବା ସମୟରେ ସେମାନଙ୍କୁ ଖାଇବା ପାଇଁ ବରପକ୍ଷ ଲୋକେ ଆଗରୁ ଡାଲି, ଚାଉଳ, ପନିପରିବା ପଠାଇଥାନ୍ତି । ସେମାନେ ଆସିବା ରାସ୍ତାରେ ସୁବିଧା ଦେଖି ଗୋଟିଏ ଜାଗାରେ ରହି ରାନ୍ଧି ଖାଇ ବରଘରକୁ ଆସନ୍ତି । ଏହାକୁ 'ବାଟରନ୍ଧା' କୁହାଯାଏ । ଉପରଓଳି ବରପକ୍ଷ ଲୋକେ ବାଜା ବଜାଇ କନ୍ୟାପକ୍ଷ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ପାଛୋଟି ଆଣନ୍ତି ଓ ସ୍ୱତନ୍ତ୍ର ଗୋଟିଏ ମୋଡ଼ୋରେ ରହିବାକୁ ଦିଅନ୍ତି । ଏହି ମୋଡ଼ୋକୁ 'କନ୍ୟାମୋଡ଼ୋ' କୁହାଯାଏ । କନ୍ୟାମୋଡ଼ୋ ବରମୋଡ଼ୋ ଠାରୁ ଟିକେ ଦୂରରେ ଥାଏ । ଏହି କନ୍ୟାମୋଡ଼ୋରେ କନ୍ୟା ତଥା କନ୍ୟାପକ୍ଷର ଆସିଥିବା ସମସ୍ତ ଲୋକ ପ୍ରଥମ ଦିନରୁ ଶେଷ ଦିନଯାଏ ରହନ୍ତି ।

କନ୍ୟାକୁ ତଥା କନ୍ୟାପକ୍ଷର ସମସ୍ତ ଲୋକଙ୍କୁ କନ୍ୟାମୋଡ଼ୋରେ ଆଣି ରଖିବା ଆଗରୁ ବରପିଲାକୁ ''ଫୁଲକନିଆ ବିହା'' କରିଥାନ୍ତି । ବରପକ୍ଷ ଲୋକମାନେ ବରପକ୍ଷର ଜଣେ ବନ୍ଧୁଙ୍କ ଘରକୁ ଯାନ୍ତି । ସେହି ବନ୍ଧୁ ଘରୁ ଫୁଲ କନିଆ ବିହା କରି ଆଣିବାକୁ । ସେହି ବନ୍ଧୁ ଘରକର୍ତ୍ତା ଗୋଟିଏ ଦନାରେ କିଛି ଅରୁଆ ଚାଉଳ ଓ ଗୋଟିଏ ଫୁଲ ନିଜର ଝିଅ ହିସାବରେ ବରପିଲାକୁ ଦିଅନ୍ତି । ଗୋଟିଏ ଝିଅ ବାହା କଲାବେଳେ କନ୍ୟାପକ୍ଷର କର୍ତ୍ତା ଯେପରି ନିଜର ଝିଅକୁ ବରପିଲା ହାତରେ ସମର୍ପଣ କରିଥାନ୍ତି ସେହିପରି ଏଠାରେ ସେହି ଫୁଲକନିଆକୁ ସମର୍ପଣ କରାଯାଏ । ବରପକ୍ଷ ଲୋକେ ସେହି ଫୁଲକୁ ଆଣି ବରପିଲା ସହିତ ବିବାହ କରନ୍ତି । (ଆଗ କାଳେ ପ୍ରଥମେ ବନ୍ଧୁଘରୁ ଗୋଟିଏ ଝିଅକୁ ବାହା କରାଇ ଅଣାଯାଉଥିଲା । ମାତ୍ର ସେହି ଝିଅମାନେ ଅଧିକାର ସାବ୍ୟସ୍ତ କରିବାରୁ ଆଜିକାଲି ଗୋଟିଏ ଫୁଲକନିଆକୁ ବିବାହ କରାଯାଉଅଛି ।) କନ୍ୟାପକ୍ଷ ଲୋକେ କନ୍ୟାକୁ ଧରି ବରପକ୍ଷ ଗ୍ରାମରେ ପହଞ୍ଚିବା ଆଗରୁ ବରପକ୍ଷ ଲୋକେ ସେହି ବନ୍ଧୁଘରୁ

ଆଣି ବାହା କରାଇଥିବା ଫୁଲକନିଆକୁ ବନ୍ଧୁଘରକୁ ନେଇ ଫେରାଇ ଦିଅନ୍ତି । ଏବଂ କହନ୍ତି ,''ତୁମ ଝିଅ ଆମ ଘରେ ଖଟି ପାରିଲା ନାହିଁ । ତେଣୁ ତୁମ ଝିଅକୁ ତୁମେ ରଖ, ଆମେ ଆଜି ଆମର ପୁଅକୁ ପୁଣି ବିବାହ କରୁଛୁଁ ।'' ଏହି ଫୁଲ କନିଆ ବିହା ସରିବା ପରେ ବରପକ୍ଷ ଲୋକେ କନ୍ୟା ପକ୍ଷ ଲୋକଙ୍କୁ ବାଟରୁ ଆଣି କନ୍ୟାମୋଡ଼ୋରେ ରହିବାକୁ ଦେଇଥାନ୍ତି ।

କନ୍ୟାକୁ କନ୍ୟାମୋଡ଼ୋରେ ରଖି ସାରିବା ପରେ ବରପକ୍ଷ ଲୋକେ ଦୁଇଟି ଭୁଗାରେ (ପାଛିଆ) ଗୋଟିକରେ ଚାଉଳ ଓ ଅନ୍ୟଟିରେ ଲିଆ, ପିଠା, ବିଡ଼ି, ଧରି ବାଜା ବଜାଇ କନ୍ୟାମୋଡ଼ୋକୁ ଯାଇଥାନ୍ତି, ଏହାକୁ 'ମୋଡ଼ୋ ସମେନ୍' କୁହାଯାଏ । କନ୍ୟାମୋଡ଼ୋରେ ଉଭୟ ପକ୍ଷର ଲୋକେ ବସି କଥାବାର୍ତ୍ତା ହୋଇ, ବରପକ୍ଷର ଲୋକେ ବରମୋଡ଼ୋକୁ ଫେରିଯାଆନ୍ତି । କନ୍ୟାମୋଡ଼ୋରେ କନ୍ୟାପକ୍ଷର ଲୋକେ ତେଲ ହଳଦୀରେ କନ୍ୟାକୁ ମଖାଇ ଗନ୍‌ସନ୍ କରିଥାନ୍ତି । ଏହି ଗନ୍‌ସନ୍ ସମୟରେ ଗନ୍‌ସନ୍ ବାଜା ବଜାଯାଏ । କନ୍ୟା ପକ୍ଷର ଯେ କୌଣସି କାମ ପଡ଼ିଲେ ''ମହଲାକରିଆ' ବରପକ୍ଷକୁ ଆସି ଜଣାଇଥାନ୍ତି ।

ମୋଡ଼ୋ-ସମେନ୍ ସରିବା ପରେ ବରପକ୍ଷର ଲୋକମାନେ ବରକର୍ତ୍ତାଙ୍କ ସହ ବରପକ୍ଷର ସ୍ୱତନ୍ତ୍ର ବାଜା ବଜାଇ ପୁରୁଷ ସ୍ତ୍ରୀ ସମସ୍ତେ କନ୍ୟାପକ୍ଷ ଲୋକେ ରହୁଥିବା କନ୍ୟାମୋଡ଼ୋକୁ ଯାଇ ସମୁଦୀ ଭେଟ ହୋଇଥାନ୍ତି । ଏପଟୁ ବରପକ୍ଷ ଲୋକେ ଯାନ୍ତି । ସେପଟୁ କନ୍ୟାପକ୍ଷ ଲୋକେ ଆସନ୍ତି । ମଝିରେ ଯେଉଁଠି ଭେଟହୁଏ, ସେଠାରେ ଉଭୟପକ୍ଷ ଲୋକେ ରହିଯାନ୍ତି । ସେଠାରେ ରାସ୍ତା ଉପରେ ଦୁଇଟି ବସିବା ପଟି ବିଛାଯାଏ । ଗୋଟିଏ ପଟିରେ ବରପିତା ଓ ଅନ୍ୟାନ୍ୟ ବରପକ୍ଷ ଲୋକ ଓ ଅନ୍ୟପଟିରେ କନ୍ୟାପିତା ଓ ଅନ୍ୟାନ୍ୟ କନ୍ୟାପକ୍ଷଲୋକ ବସନ୍ତି । ସମୁଦୀ ଭେଟ ପାଇଁ ବରପକ୍ଷରୁ ଆସିଥିବା ଧୋତି, ଚାଉଳ, ଲିଆ, ପିଠା, ବିଡ଼ି ସେଠାରେ ରଖାଯାଏ । ସେଠାରେ ଦୀପ ଜଳାଇ ଉଭୟ କନ୍ୟାପିତା ଓ ବରପିତା ମିଶି ନିଜ ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣକରି ପୂଜା କରନ୍ତି । ତା ପରେ ବରପିତା ଗୋଟିଏ ବିଡ଼ି ଜଳାଇ କନ୍ୟାପିତା ପାଟିରେ ଦିଅନ୍ତି ଓ କନ୍ୟାପିତା ଗୋଟିଏ ବିଡ଼ି ଲଗାଇ ବରପିତାର ପାଟିରେ ଦିଅନ୍ତି । ତା ପରେ ସେଠାରେଥିବା ସମସ୍ତଙ୍କୁ ବିଡ଼ି ପିଇବାକୁ ଦିଆଯାଏ । ତା ପରେ ଉଭୟ ସମୁଦୀ ଭେଟ ହୁଅନ୍ତି । ଉଭୟେ ଉଭୟଙ୍କ ପାଇଁ ଆଣିଥିବା ଧୋତି ପିନ୍ଧା ପିନ୍ଧି ହୁଅନ୍ତି । ଏହାକୁ 'ସମୁଦୀ

ଭେଟ୍' କୁହାଯାଏ । ଏହି ସମୟରେ ଉଭୟ ପକ୍ଷରେ ୧୫/୧୬ ଜଣ ଝିଅ ବା ଧାଙ୍ଗରୀମାନେ ମିଶି ଦୁଇଟି ଧାଡ଼ି ହୋଇ ହାତରେ ରାମ କାଠି ଧରି ନାଚନ୍ତି । ଏହି ନାଚବେଳେ ନାଚିବା ପାଇଁ ଅଲଗା ବାଜା ବଜନିଆମାନେ ବଜାନ୍ତି ।

'ସମୁଦୀ ଭେଟ୍' ସରିବା ପରେ ବରପକ୍ଷ ଲୋକେ ନିଜ ମୋଡ଼ୋକୁ ଫେରନ୍ତି । ତା ପରେ ବରପିଲାକୁ ସ୍ତ୍ରୀ ଲୋକମାନେ ତେଲ ହଳଦୀ ମଖାଇ ଗନ୍‌ସନ୍ କରିଥାନ୍ତି । ଗୋଟିଏ ବଡ଼ କୁଣି (ମାଟିପାତ୍ର) ରେ ବଟା ହଳଦୀକୁ ପାଣିରେ ମିଶାଇ ରଖାଯାଇଥାଏ ଓ ଆଉ ଗୋଟିଏ କୁଣିରେ ତେଲ ରଖାଯାଇଥାଏ । ବରପିଲାକୁ ମୋଡ଼ୋରେ ଯୋଗଖୁଟା ପାଖରେ ବସନ୍ତି । ତା ପରେ ସ୍ତ୍ରୀ ଲୋକମାନେ ଦୁଇଟି ହାତରେ ଦୁଇଟି ଆମ୍ବପତ୍ର ଧରି ଗୋଟିଏ ଆମ୍ବପତ୍ରକୁ ହଳଦୀରେ ଓ ଅନ୍ୟ ଆମ୍ବପତ୍ରକୁ ତେଲରେ ବୁଡ଼ାଇ ଆଣି ବରପିଲାର ପାଦରେ, ଆଣ୍ଠୁରେ, ହାତରେ କପାଳରେ ଲଗାଇଥାନ୍ତି । ଗନ୍‌ସନ୍ ଏହି ପ୍ରକାରେ କରାଯାଇଥାଏ । ଏହି ଗନ୍‌ସନ୍‌କୁ ପଲ୍‌ଟା ଗନ୍‌ସନ୍ କୁହାଯାଏ । ଏହି ଗନ୍‌ସନ୍ ସମୟରେ ବଜନିଆମାନେ ଗନ୍‌ସନ୍ ବାଜା ବଜାନ୍ତି । ଗନ୍‌ସନ୍ ଗୀତ ମଧ୍ୟ ଗାଇଥାନ୍ତି । ଗନ୍‌ସନ୍ ବେଳର ସ୍ୱତନ୍ତ୍ର ବାଦ୍ୟ ଅଛି ।

ବରଘରେ ଗୋଟିଏ ଭଣ୍ଡାରଘର କରାଯାଇଥାଏ । ସେହିଘରେ ବାହା ଭୋଜି ପାଇଁ ଚାଉଳ, ଡାଲି, ପନିପରିବା, ଲୁଣ, ତେଲ, ହଳଦୀ, ମସଲାସବୁ ରଖାଯାଇଥାଏ । ସେହି ଭଣ୍ଡାର ଘରେ ଜଣେ ଲୋକ ସବୁବେଳେ ଥାଆନ୍ତି । ସେ ଗୋଟିଏ ଛୋଟ ଟାଣିରେ ଚାଉଳ ରଖି ତା ଉପରେ ଗୋଟିଏ ଦୀପ ଜଳାଇ ସେଇ ଘର ଭିତରେ ସବୁବେଳେ ଜଗିଥାନ୍ତି ଓ ଯାହା ଯାହା ସବୁ ଦରକାର ତାହା ଦେଉଥାନ୍ତି । ସେ ବିବାହ କାର୍ଯ୍ୟ ନ ସରିବା ଯାଏ ସେହି ଘର ଛାଡ଼ି ଅନ୍ୟତ୍ର ଯାନ୍ତି ନାହିଁ । ତାଙ୍କୁ 'ଭଣାର ଘରିଆ' କହନ୍ତି ।

ପଲ୍‌ଟା ଗନ୍‌ସନ୍ ସରିବା ପରେ ବରପକ୍ଷ ଲୋକେ ବରପିଲାକୁ ଧରି କନ୍ୟାମୋଡ଼ାକୁ ନିଅନ୍ତି । ବରପିଲାକୁ ଗୋଟିଏ ଚାଦର ଦ୍ୱାରା ଘୋଡ଼େଇ ଆଣିଥାନ୍ତି । କନ୍ୟାକୁ ମଧ୍ୟ ଚାଦର ଘୋଡ଼ାଇ ଦିଆଯାଏ । ଗୋଟିଏ ବାଉଁଶର ଟାଟି ବା ଚାଳରେ ବର ଓ କନ୍ୟାକୁ ସାମ୍‌ନା ସାମ୍‌ନି ବସାନ୍ତି । କନ୍ୟାପକ୍ଷର ସ୍ତ୍ରୀ ଲୋକମାନେ ରାଶିତେଲ ମଖାଇ ବରପିଲାକୁ ମୁଣ୍ଡରୁ ତଳିପାଯାଏ ଉତୁରାନ୍ତି ।

ଠିକ୍ ସେହିପରି ବରପକ୍ଷର ସ୍ତ୍ରୀ ଲୋକମାନେ କନ୍ୟାକୁ ରାଶିତେଲ ମଖାଇ ମୁଣ୍ଡରୁ ଗୋଡ଼ଯାଏ ଉତୁରାନ୍ତି । ବର ଓ କନ୍ୟା ଏକ ଏକ ଆଞ୍ଜୁଳା ଚାଉଳ ଧରି ନିଜ ନିଜ ଲୋକଙ୍କୁ ଦିଅନ୍ତି ଏହାକୁ 'ଟାଟି ବସେନ' ବା 'ମୁଁହ ସୁଆରେନ୍' କହନ୍ତି । ଏଥିରେ ଯେତେ ଚାଉଳ ଖର୍ଚ୍ଚ ହୁଏ ତାହା ବରପକ୍ଷ ବହନ କରିଥାଏ । ଏହା ସରିବା ପରେ ଉଭୟ ପକ୍ଷ ଲୋକେ ମିଶି ବର ଓ କନ୍ୟାକୁ ଧରି ଡାଲ୍‌ପେନ୍ ଆଣିବାକୁ ଗାଁ ମୁଣ୍ଡକୁ ଯାନ୍ତି । ଗ୍ରାମ ମୁଣ୍ଡରେ ଝାଁକର ଦୁଇଟି ମହୁଲଡାଳ ରଖି ପୂଜା କରିଥାଏ । ସେଠାରୁ ବର ଓ କନ୍ୟା ଦୁଇଟି ଟାଣିରେ ପାଣି ଆଣି ମହୁଲଡାଳ ପାଖରେ ରଖନ୍ତି । ବରର ମାଁ ଓ କନ୍ୟାର ମାଁ ସେଠାରେ ସେହି ଦୁଇଟି ଟାଣିକୁ ଓ ମହୁଲ ଡାଳକୁ ପୂଜା କରନ୍ତି । ଝାଙ୍କର ଗୋଟିଏ ଲୁହା ଶାବଳ ଦ୍ୱାରା ସେ ପାଖର ମାଟି ଆଣି ଦୁଇଜଣଙ୍କ ପଣତ କାନିରେ ଦିଅନ୍ତି । ବର ମାଁ ଓ କନ୍ୟାର ମାଁ ଦୁଇଟି ଟାଣିକୁ ଧରି ବରମୋଡ଼ୋକୁ ଆସନ୍ତି । ବରମୋଡ଼ୋରେ ସେହି ଟାଣିକୁ ଗୋଟିଏ ଶିକାରେ ଝୁଲାଇ ରଖନ୍ତି । ତା ପରେ ବରକୁ ବରମୋଡ଼ୋରେ ଓ କନ୍ୟାକୁ କନ୍ୟାମୋଡ଼ୋରେ ନିଜ ନିଜ ପକ୍ଷର ସ୍ତ୍ରୀ ଲୋକମାନେ ଗନ୍‌ସନ୍ କରନ୍ତି ।

ବରମୋଡ଼ୋର ଯୋଗଖୁଟା ପାଖରେ ବରର ମାଁ ନିଜର କୋଳଉପରେ ବରକୁ ବସାନ୍ତି । ବରର ପିଉସୀ ଓ ଅନ୍ୟ ଚାରିଜଣ ସ୍ତ୍ରୀ ଏହିପରି ସାତଜଣ ସ୍ତ୍ରୀ ସେଠାରେ ବସନ୍ତି । ସାତଜଣଙ୍କ ପାଇଁ ସାତଟି ଖଲିରେ ଲିଆ, ପିଠା, ଖିରି ରଖାଯାଏ । ସମସ୍ତେ ନିଜ ନିଜ ଖାଦ୍ୟରୁ ବରପିଲାକୁ ଟିକେ ଟିକେ ଖୁଆଇ ଦିଅନ୍ତି ଓ ସେମାନେ ଖାଇଥାନ୍ତି । ଏହିପରି କନ୍ୟାମୋଡ଼ୋରେ କନ୍ୟାକୁ ମଧ୍ୟ କରାଯାଏ । ଏହି କର୍ମକୁ ''ପର୍‌ନାଚୋରା'' କହନ୍ତି । ତା ପରେ ସମସ୍ତେ ମିଶି ମୋଡ଼ୋସମେନ୍ ଭୋଜି ଖାଆନ୍ତି ।

''ପର୍‌ନାଚୋରା'' ସରିବା ପରେ ସମୟ ଅନୁସାରେ ଲଗ୍ନ ଦିଆଯାଏ । ଏହି ଲଗ୍ନ ଦେବା ପାଇଁ ତାଙ୍କ ଜାତିର ସ୍ୱତନ୍ତ୍ର ଜଣେ ପୁରୋହିତ ଥାନ୍ତି । ତାଙ୍କୁ 'ଲଗ୍‌ନିଆ' କହନ୍ତି । ଲଗ୍‌ନିଆ ବର ଓ କନ୍ୟା ପାଇଁ ନିଜେ ତିଆରି କରିଥିବା ମୁକୁଟ ଆଣିଥାଏ । ସେହି ମୁକୁଟକୁ ଲଗନିଆ ବର ଓ କନ୍ୟାକୁ ପିନ୍ଧାଇଥାଏ । ତାହା ନିମ୍ନ ନିୟମ ଅନୁସାରେ କରାଯାଇଥାଏ । ବରପିଲା ସହିତ ଅନ୍ୟ ଛଅଜଣ ମିଶି ସେଠାରେ ଠିଆ ହୁଅନ୍ତି । ସେମାନେ ହାତ ଆଞ୍ଜୁଳା କରିଥାନ୍ତି । ସେମାନଙ୍କ

ଆଞ୍ଜୁଳାରେ ଚାଉଳ ଭର୍ତ୍ତୀ କରାଯାଏ ଓ ତା ଉପରେ ହଳଦୀ ଗଣ୍ଠି ଦିଆଯାଏ । ହଳଦୀ ଗଣ୍ଠି ସାତଟି ହାତ ପାର ହୋଇ ତଳେ ପଡ଼ିବା ପର୍ଯ୍ୟନ୍ତ ଏହା କରାଯାଏ । ଏହିପରି କନିଆମୋଡ଼ୋକୁ ଯାଇ ଲଗ୍‌ନିଆ କନ୍ୟାକୁ ସେପରି କରିଥାଏ । ତା ପରେ ବର ଓ କନ୍ୟାକୁ ଲଗ୍‌ନିଆ ମୁକୁଟ ପିନ୍ଧାନ୍ତି । ତା ପରେ ଉଭୟଙ୍କୁ ବରମୋଡ଼ୋରେ ସମୟ ଦେଖି ଲଗ୍‌ନିଆ ଦୁଇଜଣଙ୍କର ହାତ ଏକାଠି କରି ଦିଅନ୍ତି । ତା ପରେ ବରର କାନ୍ଧରେ ଥିବା ପିଛରା ଓ କନ୍ୟାର ପଣତ କାନିକୁ ଏକାଠି କରି ସେଥିରେ ସାତଟି ଅରୁଆ ଚାଉଳ, ସାତଟି ମୁଗ, କିଛି ପଇସା ଓ ତୁଳା ଦେଇ ଲଗନିଆ ବାନ୍ଧିଦେଇ ଗଣ୍ଠି ପକାଇ ଦିଏ । ତା ପରେ ବର ଓ କନ୍ୟାର ହାତ ଏକାଠି କରି ଲଗ୍‌ନିଆ ଚାଉଳ ହଳଦୀ ଚଳାଇଥାନ୍ତି । ତଳେ ଯେତେ ଚାଉଳ ପଡ଼େ ତାହା ଲଗ୍‌ନିଆ ଦାନ ସ୍ୱରୂପ ନେଇଥାନ୍ତି । ଲଗ୍ନ ପରେ ବର ଓ କନ୍ୟାକୁ ଧରି ଘର ଦେବାଦେବୀଙ୍କୁ ଦର୍ଶନ କରାନ୍ତି ଓ କନିଆମୋଡ଼ୋକୁ ଆଣନ୍ତି । ତା ପରେ ବରପିଲା ନିଜ ମୋଡ଼ୋକୁ ନ ଯାଇ କନିଆମୋଡ଼ୋରେ ରହେ । ରାତିରେ ନିଜ ନିଜ ମୋଡ଼ୋରେ ଉଭୟ ପକ୍ଷର ଧାଙ୍ଗରୀମାନେ ନାଚିଥାନ୍ତି । ବିହାଘରିଆ ଗୀତ ଗାଇ, ହାତରେ ରାମକାଠି ଧରି, ରାତିସାରା ନାଚିଥାନ୍ତି । ନିଶାନ, ଢ଼ୋଲ, ମହୁରୀର ତାଳେ ତାଳେ ବିଭିନ୍ନ ପ୍ରକାର ଭଙ୍ଗିରେ ନାଚି ନାଚି ରାତି ପୁହେଇ ଦିଅନ୍ତି । ସକାଳୁ ବରପକ୍ଷର ଲୋକେ ଗୋଟିଏ ଭାରରେ ଚାଉଳ, ଡାଲି, ପନି ପରିବା, ଗୋଟିଏ ଛେଳି ଆଣି କନ୍ୟାପକ୍ଷକୁ ଦିଅନ୍ତି । ଏହାକୁ 'ମଇପୁରୁଗ୍' କହନ୍ତି ।

ଏହାପରେ ବର ଓ କନ୍ୟାକୁ ହଳଦୀ, ପିଠୋଉ ଓ କଳାଗୁଣ୍ଡ ଦ୍ୱାରା ଦେହସାରା ବନା ଗୋଦାଇ ଥାନ୍ତି । ଏହି ବନାଗୋଦା କାମ ପରଘନିଆ ଜାତିର ସ୍ତ୍ରୀ ଲୋକମାନେ କରନ୍ତି ଓ ପାଉଣା ନେଇଥାନ୍ତି । ବନାଗୋଦା ସରିବା ପରେ ବର ଓ କନ୍ୟାକୁ ରୋଷେଇ ଶାଳକୁ ନିଅନ୍ତି । ସେଠାରେ ବରର ମା' ଓ କନ୍ୟାର ମା' ମୁଣ୍ଡରେ କଳସୀ ବୋହି ଉଭୟଙ୍କୁ ମୁହଁ ଛୁଆନ୍ତି । ପରେ ଗୋଟିଏ ବୋଦା ସେଠାରେ ବଳି ଦିଅନ୍ତି । ବଳିରୁ ପଡ଼ିଥିବା ରକ୍ତକୁ ବର ଓ କନ୍ୟା ନିଜର ପାଦରେ ଆଣି ମୁଣ୍ଡରେ ଲଗାନ୍ତି । ଏହାକୁ 'ଅମେରା ମରା' କହନ୍ତି । ପରେ ବର ଓ କନ୍ୟାକୁ ବରମୋଡ଼ୋକୁ ଆଣନ୍ତି । ସେଠାରେ କନ୍ୟାର ଭାଇ ତା ନିଜ ଅଣ୍ଟାରେ ଗୋଟିଏ କୁକୁଡ଼ା ବାନ୍ଧିଥାଏ । କନ୍ୟାର ଭାଇ ହଳଦୀ ଖେଳି ଖେଳି ଗୋଟିଏ

ଗୋଟିଏ କୁକୁଡ଼ା ପର ଛିଣ୍ଡାଇ ବର ଓ କନ୍ୟାର ମୁଣ୍ଡରେ ଖୋସିଥାଏ । ଏହିପରି ଦୁଇତିନି ଘଣ୍ଟାକାଳ ନାଚ ଗୀତ ହୋଇଥାଏ । ତା ପରେ ଉଭୟ ମୋଡ଼ୋର ଗୋଟିଏ ଗୋଟିଏ ମହୁଲଡାଳ ଧରି ନଈ ବା ପୋଖରୀକୁ ଗାଧୋଇବାକୁ ଯାନ୍ତି । ସମସ୍ତେ ଗାଧୋଇ ସାରିବା ପରେ ବରପିଲାର ମା ଗୋଟିଏ ବଡ଼ ହାଣ୍ଡିରେ ପାଣି ପୂରାଇ ଘରକୁ ଫେରନ୍ତି । ଲଗନିଆ ସେହି ପାଣି ହାଣ୍ଡିକୁ ଆଣି ଯୋଗଖୁଟା ପାଖରେ ରଖନ୍ତି । ହାଣ୍ଡି ମୁହଁରେ କେତୋଟି ଖଲି ବାନ୍ଧି ଦିଅନ୍ତି । ଏହାକୁ 'ରୋଏନ୍ ଭଣା' କହନ୍ତି । ତା ପରେ ସମସ୍ତେ ମିଶି ଭୋଜି ଖାନ୍ତି ।

ଉପରଓଲି ବର ଓ କନ୍ୟାକୁ ମୁକୁଟ ବାନ୍ଧି ବରମୋଡ଼ୋକୁ ନିଅନ୍ତି । ବରମୋଡ଼ୋରେ ଲଗନିଆ ଆଗରୁ ରଖିଥିବା ରୋଏନ୍ ଭଣାରେ ନିଜେ ବସନ୍ତି । ତାଙ୍କ ଉପରେ ବରର ବାପା, ତାଙ୍କ ଉପରେ ବରର ମାଁ, ତା ପରେ କନ୍ୟାର ବାପା, ତାଙ୍କ ଉପରେ କନ୍ୟାର ମାଁ ତାଙ୍କ ଉପରେ ବର ଓ ବର ଉପରେ କନ୍ୟା, ଏହିପରି ସେହି ରୋଏନ୍ ଭଣା ଉପରେ ଉପରକୁ ଉପର ହୋଇ ସାତଜଣ ବସନ୍ତି । ଅନ୍ୟଜଣେ ଲୋକ ଲଗନିଆ କାନ୍ଧରେ ଦୁଇଟି ଗୋଡ଼ ରଖି ଛିଡ଼ା ହୋଇ ନାଚିଥାଏ । ଏତେ ଓଜନ ସତ୍ତ୍ୱେ ମଧ୍ୟ ମାଟିରେ ତିଆରି ହାଣ୍ଡି ଭାଙ୍ଗେ ନାହିଁ । ଯଦି ହାଣ୍ଡି ଭାଙ୍ଗିଯାଏ ତା ହେଲେ ସେମାନେ ବିଶ୍ୱାସ କରନ୍ତି ଯେ ଏହି ବିବାହ ଅଶୁଭ ଅଟେ ଏବଂ ଯଦି ହାଣ୍ଡି ଭାଙ୍ଗେ ନାହିଁ ତା ହେଲେ ବିବାହ ଶୁଭ ଅଟେ ବୋଲି ଭାବନ୍ତି, ତା ପରେ ସମସ୍ତେ ସେହି ହାଣ୍ଡିରୁ ଉଠି ପଡ଼ନ୍ତି । ସେହି ହାଣ୍ଡିରେ ଗୋଟିଏ ମୁଦି ଓ ଗୋଟିଏ ମାଲି ପକାଇ ଦିଆଯାଏ । ବର ଓ କନ୍ୟା ଦୌଡ଼ି ଦୌଡ଼ି ମୋଡ଼ୋ ଚାରିପଟରେ ଘୁରି ଆସି ସେହି ହାଣ୍ଡିରେ ହାତ ପୂରାଇ ମାଲି ଓ ମୁଦି ଆଣନ୍ତି । ଯିଏ ପ୍ରଥମେ ଆଣେ ସେ ଜିତିଯାଏ । ଏହିପରି ଏହି ଖେଳ ତିନି ଚାରିଥର ହୋଇଥାଏ । ଯିଏ ବେଶିଥର ମୁଦି ଓ ମାଲି ପାଇଥାଏ ସେ ଜିତିଥାଏ । ସେହି ମୋଡ଼ୋରେ ଗୋଟିଏ କାଠର ପିଢ଼ା (ବସିବା ପିଢ଼ା) ରଖାଯାଏ ଏବଂ ପିଢ଼ା ଉପରେ ଚାରିକୋଣରେ ଚାରୋଟି ଦୀପ ରଖି ଜଳାଯାଏ । ଦୁଇଟି ଦୀପକୁ କନ୍ୟା ଦୁଇଟି ଗୋଡ଼ରେ ମାଡ଼ି ଛିଡ଼ା ହୁଏ ଏବଂ ଅନ୍ୟ ଦୁଇଟି ଦୀପକୁ ବର ପିଲା ମାଡ଼ି କନ୍ୟା ପଛରେ ଛିଡ଼ା ହୁଏ । କନ୍ୟାର ଛୋଟ ଭାଇ ଏହି ସମୟରେ ମୋଡ଼ୋ ଉପରେ ଚଢ଼ି ଆଣିଥିବା ଧର୍ମପାଣିକୁ ବର ଓ କନ୍ୟା ଉପରେ ଢ଼ାଳେ । ସେହି ଧର୍ମପାଣିକୁ ସମସ୍ତ ଲୋକେ ନିଜ ନିଜର ମୁଣ୍ଡ ଉପରେ ଛିଞ୍ଚି ହୋଇଥାନ୍ତି । ଏହି ପାଣିକୁ 'ଅମେରାପାଣି' କହନ୍ତି ।

ଏହି କାର୍ଯ୍ୟ ସରିବା ପରେ ବର ଓ କନ୍ୟାକୁ ଗୋଟିଏ ବାଉଁଶ ତାଟିରେ ବସାନ୍ତି ଓ ଉଭୟ ପକ୍ଷର ସମସ୍ତେ ମିଶି ବନ୍ଦାପନା କରନ୍ତି । କନ୍ୟାପକ୍ଷ ଲୋକେ ବରକୁ ନିଜର କନ୍ୟାକୁ ସଅଁପି (ସମର୍ପଣ) ଦେଇଥାନ୍ତି । ବରପକ୍ଷ ଲୋକେ ଏହି ସମୟରେ ଗୋଟିଏ ଟୋକେଇରେ ୬ଖଣ୍ଡ ଶାଢ଼ି ଯଥା - ମହଲେନ୍ ପୋଟା, ଦେଢ଼ଶାସ, ଶୁସ୍ରା ଖଣା, କାକୋ ବେନ୍ଦ୍ରି ଓ ମେଁସାରି, ଦୁଇଖଣ୍ଡ, ଏକ ବୋତଲ ମଦ, ପିଠା, ଲିଆ, ବିଡ଼ି ଇତ୍ୟାଦି ପଞ୍ଚୁନେଙ୍ଗା ରଖନ୍ତି । ସମସ୍ତଙ୍କ ସାମନାରେ ଏହି ନେଙ୍ଗାକୁ ଦୁଇ ଭାଗ କରାଯାଏ । ଗୋଟିଏ ଭାଗ କନ୍ୟାପକ୍ଷ ଓ ଅନ୍ୟ ଭାଗ ବରପକ୍ଷଙ୍କୁ ଦିଆଯାଏ । ଏହି ଦିନ କନ୍ୟାପକ୍ଷ ଲୋକଙ୍କର କନ୍ୟା ମୋଡ଼ୋରେ ଶେଷ ରହଣି ଅଟେ । ତା ପରଦିନ ସକାଳେ କନ୍ୟାପକ୍ଷ ଲୋକେ ନିଜ ଗ୍ରାମକୁ ଫେରି ଯାଆନ୍ତି । ଫେରିଯିବା ସମୟରେ ବରପକ୍ଷ ତରଫରୁ ଗୋଟିଏ ଛେଳି, ଚାଉଳ, ଡାଲି, ପନିପରିବା, ତେଲ, ମସଲା, ହଳଦୀ, କନ୍ୟାପକ୍ଷଙ୍କୁ ଦିଅନ୍ତି । ଏହାକୁ 'ବାଟ ବହଲେନ' କୁହାଯାଏ । ଏହି ସବୁ ସାମଗ୍ରୀ ଧରି କନ୍ୟାପକ୍ଷ ଲୋକେ ବରପକ୍ଷ ଲୋକଙ୍କୁ ବିଦାୟ ମାଗି ବାଜା ବଜାଇ ନିଜ ଗ୍ରାମକୁ ଫେରିଯାନ୍ତି । ନିଜ ଗ୍ରାମରେ ପହଞ୍ଚି ବରପକ୍ଷରୁ ମିଳିଥିବା 'ବାଟ ବହଲେନ' ଭୋଜି ରାନ୍ଧି ଆନନ୍ଦରେ ସମସ୍ତେ ସ୍ତ୍ରୀ-ପୁରୁଷ, ପୁଅ, ଝିଅ, ମିଶି ଖାଇଥାନ୍ତି ।

ବରପକ୍ଷ ଲେକେ ସେହିଦିନ କିମ୍ବା ତା ପରଦିନ ବରପାଇଁ ତିଆରି ହୋଇଥିବା ମୋଡ଼ୋକୁ ଭାଙ୍ଗିଥାନ୍ତି । ମୋଡ଼ୋ ଭାଙ୍ଗିବା ଆଗରୁ ମୋଡ଼ୋରେ ଗୋଟିଏ ଧଳା ଗଂଜା ବଳି ଦିଆଯାଏ ଏବଂ ଯୋଗଖୁଟାକୁ କାଢ଼ି ଦିଆଯାଏ । ଏହାକୁ ମୋଡ଼ୋଝରେନ୍ କୁହାଯାଏ । ତା ପରେ ସମସ୍ତେ ମିଶି ବାଜା ବଜାଇ ଯୋଗଖୁଟାକୁ ଧରି ନାଚି ନାଚି ନଈ ବା ପୋଖରୀକୁ ବିସର୍ଜନ କରିବା ପାଇଁ ଯାନ୍ତି । ନଈରେ ଯୋଗଖୁଟାକୁ ଭସାଇ ଦିଅନ୍ତି ଓ ସମସ୍ତେ ମିଶି ଗାଧୋଇ ଘରକୁ ଫେରନ୍ତି । ସେହି ଓଳି ବର ଘରେ ଗୋଟିଏ ଛେଳି ବଳି ଦେଇ ଭୋଜି ରାନ୍ଧିଥାନ୍ତି । ସମସ୍ତେ ଗାଧୋଇ ଆସି ସାରିବା ପରେ ଗୋଟିଏ ଜାଗାରେ ବସି ମଦ ପିଇ ମହାଆନନ୍ଦରେ ଭୋଜି ଖାଆନ୍ତି । ଏହି ଭୋଜିକୁ 'ମୋଡ଼ୋଝରେନ୍ ଭୋଜି' କହନ୍ତି । ତା ପରେ ସମସ୍ତେ ବର ଓ କନ୍ୟାକୁ ଶୁଭକାମନା କରି ନିଜେ ନିଜେ ଘରକୁ ଫେରନ୍ତି ।

## ବନ୍ଧନା

ବନ୍ଦନା ଦ୍ୱିତୀୟ ପ୍ରକାର ବିବାହ ଅଟେ । ଗୌଡ଼ ସଂପ୍ରଦାୟରେ ଏହି ବନ୍ଦନା ବିବାହରେ ଛ କରମ୍ କରାଯାଏ । ଏହି ବିବାହ ହେବାର ଚାରିଦିନ ଆଗରୁ ନିଜର ସମାଜର ଓ ବନ୍ଧୁବାନ୍ଧବ ଲୋକଙ୍କୁ ଡାକି ବିବାହ କଥା ସମସ୍ତଙ୍କୁ କହିଥାନ୍ତି । ଏହି କାର୍ଯ୍ୟ ବର ପିତା କରିଥାଏ । ତା ପରେ ବରପିତା ଦୁଇଜଣ 'ମହଲା କରିଆ' ଠିକ୍ କରନ୍ତି । 'ମହଲା କରିଆ' ଦୁଇଜଣଙ୍କ ହାତରେ ବରପିତା ଦଶମାଣ ଚାଉଳ, ଦୁଇମାଣ ଡାଲି, ପନି ପରିବା, ଦୁଇଖଣ୍ଡ ଧୋତି, ଖଣ୍ଡେ ମେଁସାରି ଓ ଖଣ୍ଡେ କନ୍ୟାପକ୍ଷର ଝାଁକର ପାଇଁ ବରପିତା କନ୍ୟାପକ୍ଷକୁ ପଠାନ୍ତି । ସନ୍ଧ୍ୟାରେ ବରଘରେ ଚାଉଳ ଫୁଲା କାମ କରାଯାଏ । ସ୍ତ୍ରୀ ଲୋକମାନେ ମିଶି ଦୁଇଟି ନୂଆହାଣ୍ଡିରେ ପାଣି ଆଣନ୍ତି । ସେହି ପାଣିରେ ହାଣ୍ଡି ଭିତରେ ପ୍ରାୟ ଏକ ମାଣ ଚାଉଳ ସାତଟି ହଳଦୀଗଣ୍ଠି ଫୁଲାନ୍ତି । ଏହି ଚାଉଳ ଓ ହଳଦୀ ଗଣ୍ଠି ରାତି ସାରା ସେହି ପାଣିରେ ଫୁଲେ । ଏଇ ପ୍ରହର ବରଘରେ ସମସ୍ତ ବନ୍ଧୁବାନ୍ଧବ ତଥା ବାହା ପାଇଁ ଆସିଥିବା ସମସ୍ତ ଲୋକଙ୍କୁ ଭୋଜି ଦିଆଯାଏ । ଏହାକୁ 'କୁଟୁମ୍ ବନ୍ଧା ଭୋଜି' କହନ୍ତି । ତା ପରଦିନ ସକାଳେ ଫୁଲାଯାଇଥିବା ଚାଉଳକୁ ଆଣି ପିଠଉ କରନ୍ତି । ଗ୍ରାମ ଝାଙ୍କର ସେହି ପିଠଉକୁ ପିପ୍ପଳ ପତ୍ର ସାହାଯ୍ୟରେ ପୋଡ଼ାଇ ପିଠା କରନ୍ତି । ଏହି ପିଠାକୁ 'ପାପେର ପିଠା' କହନ୍ତି । ତା ପରେ ଝାଁକର ତେଲ, ହଳଦୀ, ଚାଉଳ, ପାପେର ପିଠା, ଧୂପ, ଦୀପ, ଧରି ବାଜାବାଲାଙ୍କ ସହିତ ବାଜା ବଜାଇ ଗ୍ରାମ ଦେବୀ ମନ୍ଦିରକୁ ଯାନ୍ତି । ସେଠାରେ ଗ୍ରାମ ଦେବତୀଙ୍କୁ ଝାଁକର ପୂଜା କରନ୍ତି ଓ ଆବାହନ କରନ୍ତି । ସାଙ୍ଗରେ ଆଣିଥିବା ପାପେର ପିଠାକୁ ଦେବୀଙ୍କୁ ଭୋଗ ଦିଅନ୍ତି ଓ ଘରକୁ ଫେରନ୍ତି । ଘରେ ବରପିଲାର ଭାଉଜ କିମ୍ୱା ତାର ବଡ଼ ଭାଇର ଶାଳି କିମ୍ବା ତାର ମାମୁଁର ଝିଅ ବରପିଲାକୁ ଗାଧୁଆନ୍ତି । ତା ପରେ ବରପିଲାର ମା ମୋଡ଼ୋଶାଳରେ ନିଜେ ବସି ନିଜର କୋଳରେ ବରପିଲାକୁ ବସାନ୍ତି । ସେହି ସମୟରେ ଲଗନିଆ ବରପିଲାକୁ ମାଲି ଖୋଗଲା ମୁକୁଟ ପିନ୍ଧାନ୍ତି । ବରପିଲାକୁ ନିଜ ଜାତିର ସ୍ତ୍ରୀଲୋକମାନେ ପଛଆଡ଼େ କାଖ କରି 'ପେଟ ଗୁନା' କରି ନଚାନ୍ତି । ଏହିପରି ଛଅ/ସାତ ଜଣ ସ୍ତ୍ରୀଲୋକମାନେ ବରପିଲାକୁ ନଚାଇଥାନ୍ତି ।

ଏତିକିବେଳେ ଢ଼ୋଲ, ନିଶାନ, ତସା, ମହୁରୀ ସ୍ୱତନ୍ତ୍ର ବାଜାବାଲା ମାନେ ବଜାନ୍ତି । ତା ପରେ ବରପିଲାକୁ ସ୍ତ୍ରୀ ଲୋକମାନେ ତେଲ ହଳଦୀରେ ଗନ୍‌ସି ଥାନ୍ତି । ଏହି ଗନ୍‌ସନ୍ ସରିବା ପରେ ବରପିଲା ପାଇଁ ଫୁଲକନିଆ ବିବାହ କରାଯାଏ । ଏହି ଫୁଲକନିଆକୁ ବରପିଲା ନିଜର ଖାକ ସୂତିରେ ବାନ୍ଧିଥାନ୍ତି । ତା ପରେ ସନ୍ଧ୍ୟାରେ ବରପିଲାର ମା ଓ ଅନ୍ୟ ସ୍ତ୍ରୀ ଲୋକମାନେ ମିଶି ଡାଳ ପାଣି ବା ଧର୍ମ ପାଣି ଆଣନ୍ତି ଓ ମୋଡ଼ୋରେ ଯୋଗଖୁଟା ପାଖରେ ଶିକାରେ ଝୁଲାଇ ରଖନ୍ତି ।

ତା ପରଦିନ ସକାଳୁ ବରପକ୍ଷ ଲୋକେ ଫୁଲକନିଆକୁ ସମର୍ପଣ କରି ଦିଅନ୍ତି । ଫୁଲ କନିଆକୁ ସମର୍ପଣ କରି ସାରିବା ପରେ ବରପିଲାର ମୁଣ୍ଡରେ ଧର୍ମପାଣି ବା ଡାଳ ପାଣିକୁ ଢ଼ାଳନ୍ତି । ବରପିଲାକୁ ଗାଧୋଇ ନୂଆ ଧୋତି, ପଗଡ଼ି, ମାଳି, ଖୋଗଲା ପିନ୍ଧାନ୍ତି । କନ୍ୟାର ଲଗ୍ନ ଶାଢ଼ୀକୁ ବରପିଲା ନିଜର କାନ୍ଧରେ ପକାନ୍ତି । ତା ପରେ ଠିକ୍ ସମୟରେ ବରପିଲାକୁ ଧରି ବରପକ୍ଷ ସ୍ତ୍ରୀ-ପୁରୁଷ ସମସ୍ତେ ମିଶି କନ୍ୟା ଘରକୁ ବରାତ ଯାନ୍ତି ।

କନ୍ୟାଘରେ ଯେଉଁଦିନ ମହଲାକରିଆ ଗନ୍‌ସନ୍ ଭୋଜିର ଦ୍ରବ୍ୟ ଧରି ପହଞ୍ଚନ୍ତି, ସେତେବେଳେ କନ୍ୟାଗ୍ରାମର ସ୍ତ୍ରୀ ଲୋକମାନେ ସେମାନଙ୍କୁ ବାଟ ଓଗାଳି ଥାନ୍ତି । ମହଲାକରିଆମାନେ ସେମାନଙ୍କୁ କିଛି ଚାଉଳ, ଡାଲି, ପଇସା ଦେଲେ ସେମାନେ ବାଟ ଛାଡ଼ିଦିଅନ୍ତି । ଦୁଇଜଣ ମହଲା କରିଆ କନ୍ୟା ଘରେ ପହଞ୍ଚି ବରପକ୍ଷରୁ ଆସିଥିବା ଭୋଜି ସାମଗ୍ରୀ କନ୍ୟାପିତାକୁ ଦିଅନ୍ତି । ଏହି ଓଳି କନ୍ୟାଘରେ ସ୍ତ୍ରୀଲୋକମାନେ ମିଶି ଚାଉଳ ଫୁଲାନ୍ତି ।

କନ୍ୟାଘରେ ତା ପରଦିନ ସକାଳେ ଚାଉଳ ପିଠଉ କରି 'ପାପେର ପିଠା' କରି ଗ୍ରାମ ଦେବତୀଙ୍କୁ ଭୋଗ ଲଗାନ୍ତି । ସନ୍ଧ୍ୟାରେ ସମସ୍ତ ସ୍ତ୍ରୀଲୋକମାନେ ଝିଅକୁ ଗନ୍‌ସନ୍ କରାନ୍ତି । ତା ପରେ କନ୍ୟାଘରେ ଗନ୍‌ସନ୍ ଭୋଜି ହୋଇଥାଏ । ତା ପରଦିନ ସକାଳୁ ରନ୍ଧନିଆ ଖନ୍ଦାପୂଜା କରିଥାଏ । ଏହି ପୂଜାରେ ଦୁଇ ପ୍ରକାର ଗୁଣ୍ଡା, ମଦ ଏକବୋତଲ ଓ ଗୋଟିଏ ଗଂଢା ଦରକାର ହୁଏ । ରନ୍ଧନିଆ ରାନ୍ଧିବା ଖନ୍ଦା ଚାରିପଟରେ ଗୁଣ୍ଡା ଦେଇ ଗାର ଟାଣି ନିଆଁ ଲଗାନ୍ତି । ନିଆ ଧରୁଥିବା ସମୟରେ ଗୋଟିଏ ଧଳା ଗଂଢାକୁ ଖନ୍ଦା ଭିତରେ ଛାଡ଼ି ଦିଆଯାଏ । ଯଦି ଗଂଢା ଜଳୁଥିବା ନିଆଁ ଭିତରେ ଡେଇଁ ଡେଇଁ ଏମୁଣ୍ଡରୁ ସେ ମୁଣ୍ଡ ଚାଲିଯାଏ ତା ହେଲେ

ସମସ୍ତେ ଏହା ଶୁଭ ଅଟେ ବୋଲି ଭାବନ୍ତି । ତା ପରେ ରନ୍ଧନିଆ ରାନ୍ଧିବା କାର୍ଯ୍ୟ ଆରମ୍ଭ କରନ୍ତି ।

ଗୋଁଡ଼ ସଂପ୍ରଦାୟରେ ଦିନବେଳା ବରପକ୍ଷଲୋକେ କନ୍ୟାଘରେ ପହଞ୍ଚନ୍ତି । ବରପକ୍ଷ ଲୋକମାନେ କନ୍ୟାଗ୍ରାମରେ ପହଞ୍ଚିବାପରେ କନ୍ୟାପକ୍ଷର କେତେଜଣ ସ୍ତ୍ରୀ-ପୁରୁଷ ବାଜାଧରି ଯାଇ ବରପକ୍ଷ ଲୋକମାନଙ୍କୁ ପାଛୋଟି ଆଣନ୍ତି । ମଝିରେ ରାସ୍ତାଉପରେ ଦୁଇଟି ଚାଦର ବିଛାଯାଏ । ଗୋଟିଏ ଚାଦରରେ ପୁରୁଷ ଲୋକମାନେ ଓ ଅନ୍ୟ ଚାଦରରେ ସ୍ତ୍ରୀ ଲୋକମାନେ ବସନ୍ତି । ଏହାକୁ ସମ୍‌ଦୀସମଦେନ୍ ଭେଟ କହନ୍ତି । କନ୍ୟାପିତା ନିଜ ଘରର ସାମ୍‌ନାରେ ବସିଥାନ୍ତି ଓ ବରପକ୍ଷର ଆସିଥିବା ସମସ୍ତ ଲୋକଙ୍କୁ ଗୋଡ଼ଧୋଇ ଥାନ୍ତି । ବରପିଲାକୁ ବନ୍ଦାପନା କରି ଯଥା ସ୍ଥାନରେ ନେଇ ରଖନ୍ତି । ତା ପରେ କନ୍ୟାପକ୍ଷ ଲୋକେ ହଳଦୀ ପାଣି ଧରି ବରପକ୍ଷ ଲୋକଙ୍କୁ ସମସ୍ତଙ୍କୁ ଦେହରେ ଲଗାଇ ଭେଟଭାଟ ହୁଅନ୍ତି ।

ଉପରବେଳା ସମୟ ଦେଖି ଲଗନିଆ ବର ଓ କନ୍ୟାକୁ ଲଗ୍ନ ଦିଅନ୍ତି । ତା ପରେ ଉଭୟ ପକ୍ଷର ସ୍ତ୍ରୀଲୋକମାନେ ବର ଓ କନ୍ୟାକୁ ମୋଡ଼ୋରେ ବସାଇ ବନ୍ଦାପନା କରନ୍ତି । ବର ଘର ଲୋକେ ଗୋଟିଏ ଡାଲାରେ ଲିଆ, ପିଠା, ବିଡ଼ି, କପଡ଼ା ଚାରିଖଣ୍ଡ ଯଥା -ଦେଢ଼ଶାସ, ଶୁସ୍‌ରାଖଣା, ମହଲେନ୍ ପୁଟା ଓ କାକ ବେନ୍ଦରି, କନ୍ୟାପକ୍ଷକୁ ଦିଅନ୍ତି । ଏହାକୁ 'ମାଦିବସା' କହନ୍ତି । ତା ପରେ ଉଭୟପକ୍ଷର ସ୍ତ୍ରୀଲୋକମାନେ ବିଶେଷ କରି ଧାଙ୍ଗରୀମାନେ ବିହାଘରିଆ ଗୀତ ଗାଇ ନାଚିଥାନ୍ତି ।

ତା ପରଦିନ ସକାଳେ କନ୍ୟାପକ୍ଷର ଲୋକେ ବର ଓ କନ୍ୟା ସହିତ କନ୍ୟା ପହଞ୍ଚାଇବା ପାଇଁ ଯାନ୍ତି । ଏହାକୁ 'କନିଆ ପହଁଚେନ୍' କୁହାଯାଏ । ଉଭୟ ବର ଓ କନ୍ୟା ବର ଗ୍ରାମରେ ପହଞ୍ଚିଲେ ମହଲା କରିଆ ଯାଇ ବର ପିତାକୁ ଖବର ଦିଅନ୍ତି । ବରକର୍ତ୍ତା ଓ ଝାଁକର ଚାରିପ୍ରକାର ଗୁଣା, କୁକୁଡ଼ା ଅଣ୍ଡା, କଳା କୁକୁଡ଼ା, ନିଳା ପାରା, ମଦ ଏକ ବୋତଲ ଧରି ବର ଓ କନ୍ୟା ଥିବା ସ୍ଥାନକୁ ଯାନ୍ତି । ସେଠାରେ ଝାଁକର ଗୁଣାରେ ଝୋଟି ଦିଅନ୍ତି ଏବଂ କୁକୁଡ଼ା, ପାରା, ମଦ ବୋତଲ, କୁକୁଡ଼ା ଅଣ୍ଡାକୁ ସେହି ଝୋଟି ବା ଗୁଣା ଭିତରେ ରଖନ୍ତି । ତା ପରେ ଏ ସବୁକୁ ବର ଓ କନ୍ୟାର ମୁଣ୍ଡରୁ ତଳିପାଯାଏ ସାତଥର ଓହ୍ଲାନ୍ତି ଏବଂ ବର ଓ କନ୍ୟାକୁ ଗୁଣା ଲଂଘାଇ ଥାନ୍ତି । ଏହାକୁ 'ଗୁଣା ଲହକେନ୍' କହନ୍ତି । ସେଠାରେ

କଲା କୁକୁଡ଼ାକୁ ବଳି ଦିଆଯାଏ ଓ ପାରାକୁ ଉଡ଼ାଇ ଦିଆଯାଏ । ଏହା କରିବା ଦ୍ୱାରା ରାସ୍ତା ଘାଟରୁ ଆସୁଥିବା ଭୂତ, ପ୍ରେତ ଛାଡ଼ି ପଳାନ୍ତି ବୋଲି ବିଶ୍ୱାସ କରାଯାଏ ।

ଏହା ସରିବା ପରେ ବରପକ୍ଷ ଲୋକେ କନ୍ୟା ପହଞ୍ଚେଇ ଆସିଥିବା ଲୋକମାନଙ୍କ ସହିତ ସମୁଦୀ ସମ୍‌ଦେନ ଭେଟ ହୋଇ ବରଘରକୁ ଆସନ୍ତି । ବରପିତା ନିଜ ଘର ସାମନାରେ ପାଣିଧରି ବସିଥାନ୍ତି । କନ୍ୟାପକ୍ଷର ସମସ୍ତଙ୍କୁ ବରପିତା ପାଣିରେ ଗୋଡ଼ ଧୁଅନ୍ତି ଓ ନିଜ ଘରକୁ ପାଛୋଟି ଆଣନ୍ତି ।

ଏଠାରେ ବରର ମା ଓ କନ୍ୟାର ମା ବର ଓ କନ୍ୟାକୁ ଖନ୍ଦାଶାଳକୁ ନିଅନ୍ତି । ସେଠାରେ ଦୁହେଁ ମିଶି ମୁହଁ ଜୁଆନ୍ତି । ତା ପରେ ବରପକ୍ଷ ତରଫରୁ ଲିଆ, ପିଠା, ବିଡ଼ି ସବୁ କନ୍ୟାପକ୍ଷକୁ ଦେଇ ଜୁହାର-ଭେଟ ହୁଅନ୍ତି । ଏହାକୁ 'ମନ୍‌ମିଲା' କହନ୍ତି । ଉଭୟ ପକ୍ଷର ସମସ୍ତ ପୁରୁଷ ଓ ସ୍ତ୍ରୀଲୋକମାନେ ବର ଓ କନ୍ୟାକୁ ବନ୍ଧାନ୍ତି । ସମସ୍ତେ ଭୋଜି ଖାଆନ୍ତି । ତା ପରେ କନ୍ୟାପକ୍ଷର ଲୋକେ ବର ଓ କନ୍ୟାକୁ ଆଶିର୍ବାଦ ଦେଇ ନିଜ ଗ୍ରାମକୁ ଫେରିଯାନ୍ତି । ବରପକ୍ଷ ତରଫରୁ କନ୍ୟାପକ୍ଷକୁ କନ୍ୟା ପହଞ୍ଚେନ ଭୋଜି ପାଇ ଚାଉଳ, ଡାଲି, ପନି ପରିବା ଓ ଗୋଟିଏ ଛେଳି ଦିଆଯାଏ । କନ୍ୟାପକ୍ଷ ଲୋକେ ନିଜ ଗ୍ରାମକୁ ଯାଇ 'କନ୍ୟାପହଞ୍ଚେନ୍' ଭୋଜି ଖାଆନ୍ତି । ବିହାରେ କନ୍ୟାପକ୍ଷକୁ ବାଟ ବହଲେନ୍ ପାଇଁ ଭୋଜି ସାମଗ୍ରୀ ଦିଆଯାଇଥାଏ କିନ୍ତୁ ବନ୍ଧନାରେ କନ୍ୟା ପହଞ୍ଚେନ ଭୋଜି ପାଇଁ ସାମଗ୍ରୀ ଦିଆଯାଇଥାଏ ।

ବରପକ୍ଷ ମୋଡ଼ୋକୁ ବିବାହ ସରିଯିବା ପରେ ଭାଙ୍ଗି ଯୋଗ ଖୁଟାକୁ ନଈରେ ଭସାଇ ଦିଆଯାଏ । ଏହି ଦିନ ବରପକ୍ଷ ତରଫରୁ ଭୋଜି ହୁଏ ତାହାକୁ ମୋଡ଼ୋଝରେନ୍ ଭୋଜି କହନ୍ତି ।

ବରପକ୍ଷ ଲୋକେ କୌଣସି ଅମାବାସ୍ୟା ଦିନ ବା ସଂକ୍ରାନ୍ତି ଦିନ କନ୍ୟାର ପିତାଙ୍କୁ ନିଜ ଘରକୁ ଡାକନ୍ତି । ତା ପରେ ବରଘରେ ଗରବୁଡ଼ା ବା ଗ୍ରହଶାନ୍ତି କରାଯାଇ ଥାଏ । ଏହି କାମ ଲଗନିଆ କରିଥାନ୍ତି । ବିହାରେ ଏହି ଗ୍ରହଶାନ୍ତି ବିହା ଆଗରୁ କରାଯାଏ କିନ୍ତୁ ବନ୍ଧନାରେ ବିବାହ ପରେ ଘରବୁଡ଼ା ପୂଜା କରାଯାଇଥାଏ ।

ସାଧାରଣତଃ ରୀତିନୀତି ଅନୁସାରେ ବିବାହ ଦୁଇ ପ୍ରକାର ହୋଇଥାଏ । ତା ବାହାରେ ସମାଜରେ ଅନ୍ୟ ବିବାହ ମଧ୍ୟ ହୋଇଥାଏ । ଯଥା - ଘିଚା, ପଏସାମୁଡ଼ି, ଘରଜ୍ବୁଏଁ ଇତ୍ୟାଦି ।

## ଘିଚା ବିବାହ

ଗୋଁଡ଼ ସଂପ୍ରଦାୟର କୌଣସି ଝିଅକୁ କୌଣସି ପୁଅ ଯଦି ପସନ୍ଦ କରେ କିନ୍ତୁ ଝିଅର ବାପା ମାଆ ସେହି ପୁଅକୁ ଦେବା ପାଇଁ ରାଜି ହୁଅନ୍ତି ନାହିଁ ତା ହେଲେ ଝିଅର ପିତା ସେହି ପୁଅକୁ ନିଜ ଝିଅ ଦେବା ପାଇଁ ମନା କରି ଦିଅନ୍ତି । ସେହି ପିଲା ସମୟ ସୁବିଧା ଦେଖି ସେହିଁ ଝିଅକୁ ନିଜ ଘରକୁ ଟାଣି ଟାଣି ନେଇଯାଏ । ଝିଅର ପିତା ସଦଳବଳେ ଯାଇ ଘିଚିଥିବା ପୁଅର ଘରେ ଝଗଡ଼ା କରନ୍ତି । ଗ୍ରାମରେ ନିଜର ଗୋଁଡ଼ ସମାଜ ବସେ । ସମାଜର ସଭାପତି ତଥା ଅନ୍ୟମାନେ ଝିଅକୁ ପଚାରନ୍ତି । ଯଦି ଝିଅ ସେହି ଘିଚିଥିବା ପିଲାଘରେ ରହିବା ପାଇଁ ଅସ୍ୱୀକାର କରେ ତା ହେଲେ ଝିଅ ନିଜ ଘରକୁ ଚାଲିଆସେ । ଘିଚିଥିବା ପୁଅକୁ ସମାଜ ଦୋଷୀ ସାବ୍ୟସ୍ତ କରି ଜୋରିମାନା କରନ୍ତି । ଯଦି ଝିଅର ସେହି ପିଲାଠାରେ ରହିବା ପାଇଁ ମନଥାଏ ତା ହେଲେ ସମାଜର ସମସ୍ତେ ସେହି ଘିଚିଥିବା ପୁଅକୁ ଭୋଜି ମାଗନ୍ତି । ଯଦି କୌଣସି ପୁଅକୁ କୌଣସି ଝିଅ ସହିତ ବାହା କରାଇବା ପାଇଁ ଉଭୟଙ୍କ ପିତାମାତା ରାଜି ଥାନ୍ତି ହେଲେ ଝିଅକୁ ଗ୍ରହ ଲାଗିଥିଲେ ମଧ୍ୟ ଘିଚା ଯାଇଥାଏ । ପିଲା ସେହି ଝିଅକୁ ସମୟ ସୁବିଧା ଦେଖି ନିଜ ଘରକୁ ଘିଚି (ଟାଣି) ଆଣେ । ଆଣିବା ସମୟରେ କିଏ ମଧ୍ୟ କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ । ଏହାଦ୍ୱାରା ଝିଅର ସବୁ ଗ୍ରହ ଶାନ୍ତି ହୋଇ ଯାନ୍ତି ବୋଲି ବିଶ୍ୱାସ ।

## ପଏସା ମୁଡ଼ି

କୌଣସି ଝିଅ ସମାଜର କୌଣସି ପୁଅ ପ୍ରତି ଆକୃଷ୍ଟ ହେଲେ କିମ୍ୱା ନିଜର ଅନିଚ୍ଛା ସତ୍ତ୍ୱେ ତାର ବାପା, ମାଆ ଅନ୍ୟକୌଣସି ପୁଅକୁ ଝିଅ ଦେବା ପାଇଁ ଇଚ୍ଛା ପ୍ରକାଶ କରନ୍ତି, ତା ହେଲେ ସେହି ଝିଅ ଆକୃଷ୍ଟ ହୋଇଥିବା ପିଲାଘରକୁ ନିଜର ଜିନିଷପତ୍ର ଧରି ଗଣ୍ଠିଲି କରି ଚାଲିଯାଏ ଏବଂ ସେଠାରେ ରହେ । ଏହି ପ୍ରକାର ବିବାହକୁ 'ପଏସା ମୁଡ଼ି' କହନ୍ତି । ଯଦି ସେହି ଝିଅକୁ ଆକୃଷ୍ଟ ହୋଇଥିବା ପିଲାର ମଧ୍ୟ ଇଚ୍ଛା ଥାଏ, ତା ହେଲେ ସେ ସେହି ଝିଅକୁ ନିଜର ସ୍ତ୍ରୀ ସ୍ୱରୂପ ଘରେ ରଖିଥାଏ । ଯଦି ପୁଅର ଇଚ୍ଛା ନଥାଏ ତା ହେଲେ ସମାଜ ଡକାଇ ସମାଜ ଆଗରେ ସବୁକଥା କହିଥାଏ । ସମାଜରେ ବିଚାର କରାଯାଏ ଏବଂ ସେଇ ଝିଅକୁ ରଖିବା ପାଇଁ କିମ୍ୱା ନରଖିବା ପାଇଁ କୁହାଯାଇଥାଏ ।

## ଉଦ୍‌ଲିଆ

ଗୋଁଡ଼ ସଂପ୍ରଦାୟର କୌଣସି ପୁଅ କୌଣସି ଝିଅ ସହିତ ଆଗରୁ ମିଳାମିଶା କରୁଥାଏ; ବା ଦୁହେଁ ଦୁହିଁଙ୍କୁ ବିବାହ କରିବା ପାଇଁ ଇଚ୍ଛା ଥାଏ କିନ୍ତୁ ଉଭୟଙ୍କର ବାପା ମା ଦୁଇ ଜଣଙ୍କ ବିବାହରେ ଅନିଚ୍ଛା ପ୍ରକାଶ କରନ୍ତି, ତା ହେଲେ ସେମାନେ (ପୁଅ, ଝିଅ) ସୁବିଧା ଦେଖି କଥାବାର୍ତ୍ତା ହୋଇ ନିଜର ବ୍ୟବହୃତ ଜିନିଷପତ୍ର ତଥା ଟଙ୍କା ପଇସା ଧରି ଅନ୍ୟତ୍ର ଚାଲିଯାନ୍ତି ଏବଂ ସେଠାରେ ସେମାନେ କିଛି ଦିନ ରହନ୍ତି । ବର୍ଷେ ଦୁଇବର୍ଷ ପରେ ସେମାନେ ନିଜଗ୍ରାମକୁ ଫେରନ୍ତି ଏବଂ ନିଜ ଘରେ ରହନ୍ତି । ଏହି ପ୍ରକାର ବିବାହକୁ ଉଦ୍‌ଲିଆ ବିବାହ କହନ୍ତି ।

# ଘରଜୁଏଁ

ଗୋଁଡ଼ ସଂପ୍ରଦାୟରେ କୌଣସି ଲୋକଙ୍କ ଘରେ ଯଦି କୌଣସି ପୁଅ ହୋଇ ନଥାଏ ଏବଂ ଗୋଟିଏ ଝିଅ ହୋଇଥାଏ ତା ହେଲେ ଝିଅର ବିବାହ ବୟସ ହେଲେ ସେ ନିଜ ଜାତିର ଗୋଟିଏ ପିଲା ଖୋଜି ଏବଂ ନିଜ ଘରକୁ ଆଣି ନିଜର ଝିଅ ସହିତ ବିବାହ କରନ୍ତି ଏହାକୁ ଘରଜୁଁଏ ବା ଘରଜୋଇଁ କହନ୍ତି । କନ୍ୟାପିତା ଅନ୍ୟ ଘରକୁ ଯାଇ ନିଜର ବନ୍ଧୁବାନ୍ଧବ ଲୋକମାନଙ୍କୁ ନିଜଝିଅ ପାଇଁ ଘରଜୁଏଁ ବିବାହର କଥା କହନ୍ତି । ଯଦି କୌଣସି ପିଲା ଏହି ବିବାହରେ ରାଜି ହୋଇଥାଏ ତା ହେଲେ ତାର ବାପ ମାଁ ଭାଇ ଭଉଣୀ ଭାଉଜ ତଥା ଗ୍ରାମର ବନ୍ଧୁବାନ୍ଧବ ଲୋକମାନେ ଝିଅର ଘରକୁ ଯାଆନ୍ତି । କନ୍ୟାଘରେ ଆଣି ଦେଇଥିବା ପୁଅର ସମସ୍ତ ଲୋକମାନଙ୍କୁ ଭୋଜି ଦିଅନ୍ତି, ସମସ୍ତେ ଭୋଜି ଖାଇ ନିଜର ପୁଅକୁ କନ୍ୟାଘରେ ଛାଡ଼ି ଦେଇ ନିଜ ଗ୍ରାମକୁ ଯାଆନ୍ତି । ସେହି ଦିନରୁ ସେହି ପିଲା କନ୍ୟାଘରେ ରହେ । ତାକୁ ଘର ଜୁଏଁ କହନ୍ତି । ଏହି ବିବାହରେ ପୁଅ ନିଜର ବନ୍ଧୁବାନ୍ଧବ ବାପା ମା ଭାଇ ଭଉଣୀ ସମସ୍ତଙ୍କୁ ଛାଡ଼ି କନ୍ୟାଘରେ ସବୁଦିନ ପାଇଁ ରହି କନ୍ୟାର ପିତା, ମାଁକୁ ସେବା କରିଥାଏ । ତାର ଶ୍ୱଶୁର ଶାଶୁ ମରିଯିବା ପରେ ସେ ସେହିଘରର ସବୁ ଦାୟିତ୍ୱ ନିଜେ ବୁଝିଥାଏ । ସବୁ ସମ୍ପତ୍ତିର ମାଲିକ ସେ ନିଜେ ହୋଇଥାଏ ।

ଗୋଁଡ଼ ସଂପ୍ରଦାୟରେ ଦୁଇ ତିନିଟି ସ୍ତ୍ରୀ ବିବାହ କରିବା ପ୍ରଥା ମଧ୍ୟ ଅଛି । ଜଣେ ପୁରୁଷ ପ୍ରଥମ ବିବାହ କରି ସାରିବା ପରେ ଯଦି ଦୁଇଜଣଙ୍କର ମନୋମାଳିନ୍ୟ ହୁଏ କିମ୍ବା ତାଙ୍କର କୌଣସି ପୁଅଝିଅ ହୁଏ ନାହିଁ, ତାର କୌଣସି ରୋଗ ହୋଇଥାଏ, ତା ହେଲେ ପୁରୁଷ ସେହି ସ୍ତ୍ରୀକୁ ଛାଡ଼ି ଦେଇ ପୁଣି ଆଉ ଗୋଟିଏ ବିବାହ କରିଥାଏ । ଯେଉଁ ଝିଅକୁ ଛାଡ଼ିଦିଏ ତାକୁ ଛାଁଡ଼୍‌ରୀ କହନ୍ତି । ଏହି ଝିଅକୁ ଅନ୍ୟକିଏ ମଧ୍ୟ ଗ୍ରହଣ କରିପାରେ । ଯଦି କୌଣସି ସ୍ତ୍ରୀର ନିଜର ସ୍ୱାମୀ ସହିତ ମନୋମାଳିନ୍ୟ ହୁଏ କିମ୍ବା ତାର ସ୍ୱାମୀ ଖରାପ ଚରିତ୍ରର ହୋଇଥାଏ ତା ହେଲେ ସେ ନିଜର ସ୍ୱାମୀକୁ ଛାଡ଼ି ଦେଇ ନିଜର ଜିନିଷ ସବୁ ଧରି ନିଜର ବାପା ଘରକୁ ଚାଲିଯାଏ । ସେହି ପୁରୁଷକୁ ଛଁଡ଼୍‌ରା କହନ୍ତି । ଏଥିରେ ସ୍ତ୍ରୀ ନିଜ ତରଫରୁ ସ୍ୱାମୀକୁ ଛାଡ଼ି ନିଜ ଘରକୁ ଚାଲି ଯାଇଥାଏ । ଏହାଛଡ଼ା କାଁ ଭାଁ ବିଧବା ବିବାହ ବି ହୋଇଥାଏ ।

# ଗୋଁଡ଼ ସଂପ୍ରଦାୟରେ ମୃତ୍ୟୁ ସଂସ୍କାର

ଗୋଡ଼ଁ ସଂପ୍ରଦାୟରେ କୌଣସି ପୁଅ, ଝିଅ, ସ୍ତ୍ରୀ, ପୁରୁଷ ମରିଗଲେ ମରିଯାଇଥିବା ଘରର ଲୋକ ନିଜଗ୍ରାମରେ ଥିବା ବନ୍ଧୁବାନ୍ଧବ ଲୋକମାନଙ୍କୁ ଘରକୁ ଡାକନ୍ତି । ବନ୍ଧୁବାନ୍ଧବ ଲୋକମାନେ ଆସି ମରିଯାଇଥିବା ଲୋକକୁ ଖଟରୁ ଓହ୍ଲେଇ ତଳେ ଶୁଆନ୍ତି ଏବଂ ସେମାନେ ମରିଯାଇଥିବା ଲୋକର ନିଜ ଲୋକମାନଙ୍କୁ ଶବ ପାଖକୁ ଯିବାକୁ ଦିଅନ୍ତି ନାହିଁ । ସେମାନେ ଶବ ପାଖରେ ଜଗି ରହନ୍ତି । ଯିଏ ମରିଯାଇ ଥାଏ ତାର ନାତି କିମ୍ବା ଭଣଜା ଶବକୁ ଉଠାଇ 'ଗିର୍‌ନି' (ଶବ ବୋହିନେବା ପାଇଁ କାଠରେ ତିଆରି କରାଯାଇଥିବା ଖଟ)ରେ ଶୁଆଇ ଦିଅନ୍ତି । ତା ପରେ ମରିଯାଇଥିବା ଲୋକର ନାତି, ଭଣଜା ଏବଂ ବନ୍ଧୁଲୋକ ଦୁଇଜଣ ଏହିପରି ଚାରିଜଣ 'ଗିର୍‌ନି'ର ଚାରୋଟି ଖୁଣ୍ଟକୁ ଧରି ଶବକୁ ବୋହି ମଶାଣି ଭୂଇଁକୁ ନିଅନ୍ତି । ଏହି ସମୟରେ ବନ୍ଧୁଘରର ସ୍ତ୍ରୀଲୋକମାନେ ଫୁଲାଲିଆ (ଧାନରେ ଭଜାଯାଇଥିବା ଖଇ) ଆଣି ଶବ ଉପରେ ପକାନ୍ତି । ଶବକୁ ନେଇ ମଶାଣିକୁ ଯିବା ସମୟରେ ଗ୍ରାମର ବାହାରେ ଗୋଟିଏ ସ୍ଥାନରେ ଶବକୁ ତଳେ ରଖନ୍ତି । ସେଠାରେ ପୁରୁଷ ସ୍ତ୍ରୀ ସମସ୍ତେ ମିଶି ଶବ ଦେହରେ ତେଲ ହଳଦୀ ମଖାନ୍ତି । କୌଣସି ପୁରୁଷ ମରିଯାଇ ଥିଲେ ଯଦି ତାର ସ୍ତ୍ରୀ ଥାନ୍ତି ତା ହେଲେ ସେଠାରେ ସେ ନିଜ ହାତର ପିନ୍ଧିଥିବା କାଚ ସେଠାରେ ଭାଙ୍ଗି ଦିଅନ୍ତି । ଏହାକୁ 'ଖନ୍ଦାଛଡ଼ା' କହନ୍ତି ।

ଶବ ଦେହରେ ହଳଦୀ ତେଲ ମଖାଇ ସାରିବା ପରେ ଶବକୁ ମଶାଣି ଭୂଇଁକୁ ଆଣନ୍ତି । ସେଠାରେ ଶବକୁ ତଳେ ରଖନ୍ତି । ମରିଯାଇଥିବା ଲୋକର ବଡ଼ପୁଅ ସେଠାରେ ବସି ନିମ୍ବଡାଳରେ ଶବକୁ ବିଞ୍ଚଣା ପରି ବିଞ୍ଚୁଥାଏ । କୁଟୁମ୍ବ ଲୋକମାନେ ମିଶି ଗାତ ଖୋଳନ୍ତି । ଗାତର ଚାରିପଟରେ ଶବକୁ ଧରି ସାତଥର ବୁଲାନ୍ତି ଓ ଗାତ ଭିତରେ ଶୁଆଇ ଦିଅନ୍ତି । ଶବ ଉପରେ ଚାରି ପାଞ୍ଚଟି ବଡ଼ ବଡ଼ କାଠ ବିଛାଇ ଦେଇ ତା ଉପରେ ମାଟି ଦିଅନ୍ତି । ପୁଣି ମାଟି ଉପରେ ବଡ଼ ବଡ଼ ପଥର ଦିଅନ୍ତି ଓ ତା ଉପରେ ମାଟି ଦେଇ ସମାନ କରି ଦିଅନ୍ତି । ଜଣେ ଲୋକ ଏହି ସମୟରେ ଟାଙ୍ଗିଆର ବେଣ୍ଟରୁ ଟାଙ୍ଗିଆକୁ ବାହାର କରନ୍ତି ଓ ବେଣ୍ଟରେ

ଟାଙ୍ଗିଆକୁ ଓଲଟା ଲଗାନ୍ତି । ସେହି ଓଲଟା ଟାଙ୍ଗିଆରେ ଶବ ପୋତା ଯାଇଥିବା ଗାତର ଦୁଇପଟେ ସାତ ସାତଥର ଭୂଇଁ ଉପରେ ପିଟନ୍ତି । ତା ପରେ ସମସ୍ତେ ନଈ ବା ପୋଖରୀକୁ ଗାଧୋଇବାକୁ ଯାନ୍ତି । ସାଧାରଣତଃ ଗୋଁଡ଼ ସଂପ୍ରଦାୟରେ କୌଣସି ଲୋକ ମରିଗଲେ ତାହାର ଶବକୁ ପୋତି ଦେବାର ନିୟମ ଅଛି । କିନ୍ତୁ ବର୍ତ୍ତମାନ ଦେଖାଯାଏ କେତେ ଲୋକ ଶବକୁ ନପୋତି ପୋଡ଼ି ଦେଉଛନ୍ତି ।

ସମସ୍ତେ ଗାଧୋଇବା ପୂର୍ବରୁ ବନ୍ଧୁଘରର ଲୋକମାନେ କିଛି ମାଟି ପାଣିରେ ଭିଜାଇ ସମସ୍ତଙ୍କ ମୁଣ୍ଡରେ ଦେଇଥାନ୍ତି । ସମସ୍ତେ ମୁଣ୍ଡରେ ମାଟି ଘଷି ହୋଇ ଗାଧୋଇ ଥାନ୍ତି । ଗାଧୋଇ ସାରି ସମସ୍ତେ ଗୋଟିଏ ଜାଗାରେ ଜମା ହୁଅନ୍ତି । ଏହି ସମୟରେ ବନ୍ଧୁଘରର ଜଣେ ଲୋକ ଗୋଟିଏ ସାହାଜ ପତ୍ରର ଦନାରେ ପାଣି ରଖି ବେଣ୍ଟ ଖୋଲିଥିବା ଟାଙ୍ଗିଆରେ ସେହି ପାଣିକୁ ଢ଼ାଳନ୍ତି । ସମସ୍ତେ ସେହି ପାଣିକୁ ହାତରେ ଧରି ନିଜ ନିଜର ମୁଣ୍ଡରେ ଛିଞ୍ଚି ହୁଅନ୍ତି ଓ ଘରକୁ ଫେରନ୍ତି । ଘର ପାଖରେ ବନ୍ଧୁ ଘରର ଅନ୍ୟ ଜଣେ ଲୋକ ଗୋଟିଏ ଦନାରେ ଗୋରସ (କଞ୍ଚାକ୍ଷୀର) ଧରିଥାନ୍ତି ଓ ସମସ୍ତେ ମଶାଣି ଭୂଇଁରୁ ଫେରିବା ପରେ ସମସ୍ତଙ୍କ ମୁଣ୍ଡରେ ଦୂବଘାସ ଦ୍ୱାରା ସେହି ଗୋରସକୁ ସମସ୍ତଙ୍କ ମୁଣ୍ଡରେ ଛିଞ୍ଚିଥାନ୍ତି । ତା ପରେ ସେଠାରେ ଗୋଟିଏ ମାଟିର ଖପରାରେ ନିଆଁ ରଖାଯାଏ । ସେହି ନିଆଁରେ ସମସ୍ତେ ଧାନ ଓ ନିମ୍ବପତ୍ର ପୋଡ଼ାନ୍ତି । ତା ପରେ ଘର ଭିତରକୁ ପ୍ରବେଶ କରନ୍ତି । ନିଆଁ ରଖାଯାଇଥିବା ଖପରା ଉପରେ ଗୋଟିଏ 'ଥପା' (ଏହା ବାଉଁଶ ପାତିଆରେ ମାଛ ଧରିବା ପାଇଁ ତିଆରି ଉପକରଣ) କୁ ଘୋଡ଼ାଇ ଦିଅନ୍ତି । ପ୍ରଥମ ଦିନର କାମ ଏତିକିରେ ଶେଷ ହୁଏ ।

ମରିଯାଇଥିବା ଲୋକର ବଡ଼ପୁଅ କର୍ତ୍ତା ହୁଅନ୍ତି । ପ୍ରଥମ ଦିନରୁ ତେଲ କାମ ଦିନ ପର୍ଯ୍ୟନ୍ତ କର୍ତ୍ତା ଘରର "ଓଛନା" (ଯେଉଁଠାରେ ଘରର ଖପରରୁ ପାଣି ପଡ଼େ) ତଳେ ଗୋଟିଏ ଛୋଟ କୁଣିରେ ଭାତ, ଡାଲି, ତରକାରୀ, ଟା ତିଆରି କରନ୍ତି ଏବଂ ପ୍ରତିଦିନ ଭାତ, ଡାଲି, ତରକାରୀ, ଟା ମରିଯାଇଥିବା ଲୋକ ପୋତା ଯାଇଥିବା ସ୍ଥାନକୁ ନେଇ ସେଠାରେ ରଖି ଦିଅନ୍ତି । ସେମାନଙ୍କର ବିଶ୍ୱାସ ଯେ ମରିଯାଇ ଥିବା ଲୋକ ସେ ସବୁ ଖାଦ୍ୟ ଖାଇଥାନ୍ତି । ପ୍ରଥମ ଦିନରୁ ତେଲକାମ ଦିନ ପର୍ଯ୍ୟନ୍ତ ଘରେ କେହି ମୁଣ୍ଡରେ ଦେହରେ ତେଲ ଲଗାନ୍ତି ନାହିଁ କିମ୍ବା ତେଲ କୌଣସି ଖାଇବା ପଦାର୍ଥରେ ବ୍ୟବହାର କରନ୍ତି ନାହିଁ ।

# ତେଲ କାମ

ସାଧାରଣତଃ ଗୋଁଡ଼ ସଂପ୍ରଦାୟରେ ତେଲକାମ ତିନିଦିନରେ କରାଯାଏ । ଏହାକୁ 'ସାନ କରମ୍'କହନ୍ତି । କର୍ତ୍ତା ନିଜଗ୍ରାମର ବନ୍ଧୁବାନ୍ଧବମାନଙ୍କୁ ତଥା ଅନ୍ୟଗ୍ରାମରେ ଥିବା ବନ୍ଧୁବାନ୍ଧବମାନଙ୍କୁ ତେଲକାମରେ ଆସି ଯୋଗଦେବା ପାଇଁ ନିମନ୍ତ୍ରଣ କରନ୍ତି । ନିମନ୍ତ୍ରିତ ଲୋକମାନେ ତେଲକାମ ଦିନ ସକାଳୁ କର୍ତ୍ତାଘରେ ପହଞ୍ଚନ୍ତି । ମରିଯାଇଥିବା ବଂଶର ଲୋକଙ୍କୁ ଛାଡ଼ି ଅନ୍ୟବଂଶର ଦୁଇଚାରିଜଣ ଲୋକ ସକାଳୁ କ୍ଷୌର ହୋଇ ଗାଧୋଇ ଆସନ୍ତି ଓ ନୂଆ ହାଣ୍ଡିରେ ତେଲ ଲଗାଇ ଗାଈକ୍ଷୀର ଛିଞ୍ଚି ରାନ୍ଧିବା କାର୍ଯ୍ୟ ଆରମ୍ଭ କରନ୍ତି । ଏହି ଦିନ ସମସ୍ତେ କ୍ଷୌର ହୁଅନ୍ତି । କର୍ତ୍ତାକୁ ତଥା କର୍ତ୍ତା ଘରର ଅନ୍ୟ ସମସ୍ତ ସଦସ୍ୟଙ୍କୁ କର୍ତ୍ତାର ବନ୍ଧୁ ଜଣେ କ୍ଷୌର କରନ୍ତି । ବର୍ତ୍ତମାନ ଦେଖାଯାଏ ଗୋଁଡ଼ ସମାଜରେ କେବଳ କର୍ତ୍ତାଙ୍କୁ ନିଜର ବନ୍ଧୁଲୋକ ଜଣେ କ୍ଷୌର କରନ୍ତି ଓ ଅନ୍ୟ ଲୋକମାନଙ୍କୁ ବାରିକ ଖିଅର କରିଥାନ୍ତି । ସମସ୍ତେ ଖିଅର ହୋଇ ନଈକୁ ଗାଧୋଇବାକୁ ଯାଆନ୍ତି । ଗାଧୋଇ ଯିବା ସମୟରେ ଧାନର ଗୋଟିଏ ଛୋଟ ପୁଡ଼ା ତିଆରି କରି ଖନ୍ଦା ଛଡ଼ା ପାଖକୁ ନେଇଯାନ୍ତି । ସମସ୍ତେ ମୁଣ୍ଡରେ ମାଟି ବୋଳି ହୋଇ ସ୍ନାନ କରନ୍ତି । ଗାଧୋଇ ସାରି ସମସ୍ତେ ଖନ୍ଦାଛଡ଼ା ପାଖକୁ ଆସନ୍ତି । ସେଠାରେ କର୍ତ୍ତାର ବନ୍ଧୁଘର ଜଣେ ଲୋକ ଦୁବଘାସ ଦ୍ୱାରା ସମସ୍ତଙ୍କୁ ଗାଈକ୍ଷୀର ଛିଞ୍ଚିଥାନ୍ତି । ତା ପରେ ସମସ୍ତେ ଘରକୁ ଫେରନ୍ତି । ଘରେ ଯେଉଁଠାରେ ଆଗରୁ 'ଥପା' ଘୋଡ଼ାଯାଇ ଥାଏ ସେଠାରେ ଶବ ବୋହି ନେଇଥିବା ଦୁଇଜଣ ଲୋକ ବସନ୍ତି । ସେମାନଙ୍କ ପିଠିରେ ଦୁଇଟି ଗଂଜାକୁ (ଅଣ୍ଡିରା କୁକୁଡ଼ା) ସାତଥର ଲେଖାଁଏ ପିଠିରେ ଗୋଡ଼ଯାଏ ଉତୁରାନ୍ତି । ସେହି ଗଂଜା ଦୁଇଟିକୁ ସେଇଠି ବଳି ଦିଆଯାଏ ଓ ସେହି ମାଂସକୁ ରାନ୍ଧି କର୍ତ୍ତାଘରକୁ ଆଇଁଷ ଭାତ ଖୁଆଇ 'ଆଇଁଷ ଛୁଆଁ' କରିଥାନ୍ତି । ଏହାପରେ କର୍ତ୍ତା ଘର ଲୋକେ ଆମିଷ ଭୋଜନ ମଧ୍ୟ କରିଥାନ୍ତି । ଗୋଁଡ଼ମାନଙ୍କର ବିଶ୍ୱାସ ଯେ ଲୋକଙ୍କ ମୃତ୍ୟୁ କୌଣସି ପାଙ୍ଗନ, ନାଶନ, ରୋଗବ୍ୟାଧି ଦ୍ୱାରା ହୋଇଥାଏ । ତେଣୁ ଗଂଜାକୁ ବଳିଦେବା ପୂର୍ବରୁ ଚାଉଳ ରଖି ଠୁକାନ୍ତି । ଯେଉଁ କଥା କହିବା ବେଳେ ଗଂଜା ଚାଉଳ ଠୁକିଥାଏ ସେହି କାରଣ ଯୋଗୁଁ ଲୋକର ମୃତ୍ୟୁ ହେଲା

ବୋଲି ବିଶ୍ୱାସ କରନ୍ତି । ଏହିଦିନ ସମସ୍ତେ ଦେହରେ ମୁଣ୍ଡରେ ତେଲ ଲଗାନ୍ତି ଓ ରାନ୍ଧିବା ଜିନିଷରେ ମଧ୍ୟ ତେଲ ବ୍ୟବହାର କରାଯାଏ । ତା ପରେ ସମସ୍ତେ ମିଶି ତେଲକାମ ଭୋଜି ଖାଇଥାନ୍ତି ଏବଂ କର୍ତ୍ତା ସହିତ ଦଶାହକାମ ବିଷୟରେ ଆଲୋଚନା କରନ୍ତି । ଏହି ଦଶାହ କାମ ଦୁଇ ପ୍ରକାରରେ କରାଯାଇଥାଏ । ଦଶ ଦିନ ପରେ ଯେଉଁ କାମ କରାଯାଏ ତାକୁ ଦଶାହ ଓ ବର୍ଷେ କିମ୍ବା ଦୁଇବର୍ଷ ପରେ ଯେଉଁ କାମ କରାଯାଏ ତାକୁ 'ବୁଦ୍' କହନ୍ତି । ବିଶେଷ କରି ଦଶ ଦିନରେ ଏହି ଦଶା କାମ କରାଯିବା ଦେଖାଯାଏ ।

## ଦଶାକାମ ବା ବଡ୍ କରମ୍ -

ଏହି ଦଶାକାମ ଦଶ ଦିନରେ କରାଯାଏ । ଏହି ଦଶାହ କାମ ପାଇଁ କର୍ତ୍ତା ନିଜର ବନ୍ଧୁବାନ୍ଧବ ଲୋକମାନଙ୍କୁ ନିମନ୍ତ୍ରଣ କରନ୍ତି । ଦଶାହ ଦିନ ନିର୍ଦ୍ଦିଷ୍ଟ ସମୟରେ ଆମନ୍ତ୍ରିତ ଲୋକମାନେ ଆସି କର୍ତ୍ତା ଘରେ ପହଞ୍ଚନ୍ତି । ତା ପରେ ସମସ୍ତେ ମିଶି ନଈତୁଠକୁ ଗାଧୋଇବା ପାଇଁ ଯାନ୍ତି । କର୍ତ୍ତାଘରର ସ୍ତ୍ରୀ ଲୋକ ଗୋଟିଏ ନୂଆ ପର୍‌ଲିରେ ଦୁଇଟି ଟାଣି, ନୂଆ କପଡ଼ା ଦୁଇଖଣ୍ଡ, ଦହି, ତେଲ, ଚାଉଳ, ଲିଆ, ପିଠା ଧରି ନଈ ତୁଠକୁ ଯାନ୍ତି । ଦୁଇଟି ଟାଣିକୁ ଚାଉଳର ପିଠୋଉରେ ଚିତ୍ର ବିଚିତ୍ର କରାଯାଇଥାଏ ଏବଂ ତାର ମୁହଁରେ ସୂତାକୁ ସାତଥର ଗୁଡ଼ାଇ ଦିଆଯାଇଥାଏ । ସମସ୍ତେ ନଈରେ ଗାଧୋଇ ସାରି ନଈତୁଠର ଖନ୍ଦାଛଡ଼ା (ଯେଉଁଠାରେ ମୃତ୍ୟୁର ପ୍ରଥମଦିନ ଶବକୁ ତେଲ ହଳଦୀ ମଖା ଯାଇଥାଏ) ପାଖକୁ ଆସନ୍ତି । ଖନ୍ଦାଛଡ଼ା ପାଖରେ ଚାରୋଟି ଭଡା କାଠି ଦ୍ୱାରା ଗୋଟିଏ ଛୋଟ ମୋଡ଼ୋ (ମଣ୍ଡପ) ତିଆରି କରନ୍ତି ଏବଂ ତା ଉପରେ ଜାମୁ ପତ୍ର ଛାଉଣି କରନ୍ତି । ସେଠାରେ ପୂଜାପାଠ କରାଯାଏ । ଆଣିଥିବା ଲିଆ, ପିଠାକୁ ମରିଯାଇଥିବା ଲୋକଙ୍କୁ ଭୋଗ ଦିଆଯାଏ । ଦୁଇଟି ଚିତ୍ରିତ ଟାଣିରେ ପାଣି ଭରନ୍ତି ଏବଂ ପାଣି ଭରିବା ସମୟରେ ମରିଯାଇଥିବା ଲୋକର ଆତ୍ମା ବା 'ଜୀ'କୁ ଆବାହନ କରନ୍ତି । ତା ପରେ ଘରର ବଡ଼ ବୋହୂ ସେହି 'ଜୀଟାଣି' ବା 'ଡୁମା ଟାଣି'କୁ ମୁଣ୍ଡରେ ବୋହି ଘରକୁ ଆସନ୍ତି । ଘରକୁ ଫେରିବା ସମୟରେ ରାସ୍ତାରେ ଡୁମାଟାଣି ଧରିଥିବା ସ୍ତ୍ରୀ ଲୋକର ଦେହରେ ମରି ଯାଇଥିବା ଲୋକର 'ଜୀ' ବା

'ଆତ୍ମା' ପ୍ରବେଶ କରେ । ଏହାକୁ 'ଡୁମା' କହନ୍ତି । ଯେତେବେଳେ 'ଜୀ' ପ୍ରବେଶ କରେ ସେତେବେଳେ ସ୍ତ୍ରୀଲୋକର ଦେହଗୋଡ଼ ମୁଣ୍ଡ ସବୁ ଥରି ଉଠେ । ଡୁମା ସହିତ ସମସ୍ତେ କଥାବାର୍ତ୍ତା ହୁଅନ୍ତି । 'ଡୁମା' ତାର ନିଜର ଆତ୍ମୀୟମାନଙ୍କ ସହିତ କଥାବାର୍ତ୍ତା ହୁଅନ୍ତି । ତା ପରେ ସମସ୍ତେ କଥାବର୍ତ୍ତା ସାରି ବାଜା ବଜାଇ 'ଡୁମା' କୁ ଧରି ଘରକୁ ଫେରନ୍ତି । ଫେରିବା ରାସ୍ତାରେ ଡଲନ୍ କାଠର ସାତୋଟି ପୁତୁଳାକୁ ରାସ୍ତା ସାରା ପକାଇ ପକାଇ ଘରକୁ ଫେରନ୍ତି । ଡୁମାକୁ ଆଣି ଘରର ରୋଷେଇ ଶାଳରେ ରଖନ୍ତି । ସେଠାରେ ଡୁମାକୁ ଶୁକ୍ଳ ଭୋଗ ଯଥା - ନଡ଼ିଆ, ପିଠା, ଲିଆ, ଭୋଗ ଦିଆଯାଏ । ତା ପରେ ସମସ୍ତେ ମିଶି ଶୁକଳ ଭୋଗ ଖାଇଥାନ୍ତି । ମରି ଯାଇଥିବା ଲୋକର ପୁଅ ଭଣଜା ଗୋଟିଏ ଲମ୍ବା ବାଡ଼ିର ମଝିରେ ଡୁମାଟାଣିକୁ ଶିକାରେ ଝୁଲାଇ ରଖି ଦୁଇଜଣ ଦୁଇପଟେ ଧରି ରୋଷେଇ ଶାଳରୁ ଘର ଭିତରକୁ ଆଣନ୍ତି । ଡୁମାକୁ ଘର ଭିତରକୁ ଆଣିବା ସମୟରେ କର୍ତ୍ତାର ଭଉଣୀ କିମ୍ବା କର୍ତ୍ତାର ପିଉସୀ ବାଟ ଓଗାଳି ଜିନିଷ ଯଥା : ସୁନା, କିଛି ଜମି, ମାଗିଥାନ୍ତି । ସେମାନଙ୍କୁ ବୁଝାଇବା ପରେ ସେମାନେ ବାଟ ଛାଡ଼ିଦିଅନ୍ତି ।

ଘର ଭିତରେ ଡୁମାକୁ ନେଇ ରଖିବା ପରେ ଡୁମାଟାଣି ଠାରେ ଗୁଣ୍ଡରେ ମନ୍ଦିର ପରି ପିଣ୍ଡ ତିଆରି କରନ୍ତି । ସେହି ପିଣ୍ଡ ଉପରେ କୌଣସି ଦାଗ ମଧ୍ୟ ରହେ ନାହିଁ । ପିଣ୍ଡ ଉପରେ ଗୋଟିଏ ବଡ଼ ନୂଆ ହାଣ୍ଡି ଢାଙ୍କି ଦିଅନ୍ତି ଏବଂ ହାଣ୍ଡିର ମୁହଁରେ ମାଣେ ଦୁଇମାଣ ଚାଉଳ ଦିଅନ୍ତି କାରଣ ତା ଭିତରକୁ କୌଣସି ପିମ୍ପୁଡ଼ି ପଶି ପାରିବ ନାହିଁ। ସେଠାରେ ସାତ ଜଣ ଲୋକ ଡୁମାକୁ ପୂଜାପାଠ କରି ଲିଆ, ପିଠା, ନଡ଼ିଆ ଭୋଗ ଦିଅନ୍ତି ଓ ପାଞ୍ଚଜଣ ଫେରି ଆସନ୍ତି । ମୃତ ବ୍ୟକ୍ତିର ପୁଅ ଓ ଭଣଜା ସେହି ଡୁମା ଟାଣିଠାରେ ଦୀପ ଜାଳି ରାତିସାରା ଜଗି ରହନ୍ତି ।

ତା ପରଦିନ ସକାଳେ ଅର୍ଥାତ୍ ଏକା ଦଶାହ ଦିନ ସକାଳେ ସମସ୍ତେ ମିଶି ଗାଧୋଇବା ପାଇଁ ଯାନ୍ତି । ଗାଧୋଇ ଆସି ଡୁମା ରଖାଯାଇଥିବା ଘର ଭିତରକୁ ସମସ୍ତେ ଯାନ୍ତି । ଜଣେ ବୟୋଜ୍ୟେଷ୍ଠ ଲୋକ ହାଣ୍ଡି ମୁହଁରେ ଥିବା ଚାଉଳକୁ ବାହାର କରନ୍ତି ଏବଂ ହାଣ୍ଡିକୁ ପିଣ୍ଡ ଉପରୁ ଉଠାଇ ଆଣନ୍ତି ଏବଂ ପିଣ୍ଡ ଉପରେ କୌଣସି ଚିହ୍ନ ଅଛି କି ନାହିଁ ଦେଖନ୍ତି । ପିଣ୍ଡ ଉପରେ ନିଶ୍ଚିତ ଭାବରେ

କୌଣସି ପାଦଚିହ୍ନ ପଡ଼ିଥାଏ । ପିଣ୍ଡ ଉପରେ ଦୁଇ ପ୍ରକାର ପାଦଚିହ୍ନ ପଡ଼ିଥାଏ । ଗୋଟିଏ ପାଦ ଚିହ୍ନ ବିରାଡ଼ି ପାଦ ଚିହ୍ନ ପରି ଓ ଅନ୍ୟଟି ଧାନ ଚିହ୍ନର ପାଦ ଚିହ୍ନ ପରି । ଯଦି ବିରାଡ଼ି ପାଦଚିହ୍ନ ପରି ପଡ଼ିଥାଏ ତା ହେଲେ ସେମାନେ ବିଶ୍ୱାସ କରନ୍ତି ଯେ ମରିଯାଇଥିବା ଲୋକର ମୃତ୍ୟୁ କୌଣସି ପାଙ୍ଗନ ନାଶନ କିମ୍ବା ଦେବାଦେବୀଙ୍କ କୋପରୁ ହୋଇଛି । ଯଦି ଧାନ ପରି ପାଦଚିହ୍ନ ପଡ଼ିଥାଏ ତା ହେଲେ ମୃତ୍ୟୁର କାରଣ କିଛି ନୁହେଁ । ତାର ମୃତ୍ୟୁ ସମୟ ଆସି ଯିବାରୁ ମରିଗଲା ବୋଲି ଭାବନ୍ତି । ତା ପରେ ପରିବାରର ସମସ୍ତ ଲୋକ ଓ ଗ୍ରାମର ତଥା ବନ୍ଧୁବାନ୍ଧବ ଲୋକମାନେ ଦର୍ଶନ କରନ୍ତି । ଘର ଭିତରେ ସେହି ଡୁମାଠାରେ ଧଳାଗଂଜା, ଧଳାପାରା, ଛେଳି ବଳି ଦିଆଯାଏ ଏବଂ ଡୁମାକୁ ସନ୍ତୁଷ୍ଟ କରାଯାଏ । ବଳି ପଡ଼ିଥିବା ଜୀବର ଗଣ୍ଡିକୁ କାଟି ରାନ୍ଧନ୍ତି ଓ ସମସ୍ତ ଲୋକେ ଭୋଜି ଖାଇଥାନ୍ତି । ଏହି ଭୋଜିକୁ 'ଡୁମାମେସେନ୍' ଭୋଜି କହନ୍ତି । ଅର୍ଥାତ୍ ପୂର୍ବରୁ ରହିଥିବା ଡୁମା ଦେବତାମାନଙ୍କ ସହିତ ଏହି ନୂଆ ଡୁମା ଦେବତା ମିଶିଲେ ବୋଲି ଧରାଯାଏ ।

ଉପରଓଳି ସମସ୍ତେ ମିଶି ବାଜା ବଜାଇ ସ୍ତ୍ରୀଲୋକମାନେ ହୁଳହୁଳି ଦେଇ ଦୁଇଟି ଡୁମା ଟାଣିକୁ ଡୁମା କୁରିଆକୁ ନିଅନ୍ତି । ଡୁମାଟାଣିକୁ ମରିଯାଇଥିବା ଲୋକର ପୁଅ ଓ ଭଣଜା ସେହି ବାଡ଼ିଦ୍ୱାରା ଧରି ଡୁମା କୁରିଆକୁ ଆଣନ୍ତି । ଗୋଟିଏ ଡୁମା ଟାଣିର ପାଣିକୁ ଡୁମା କୁରିଆ ଭିତରେ ଢ଼ାଳି ଦିଅନ୍ତି ଏବଂ ଅନ୍ୟ ଟାଣିର ପାଣିକୁ ଡୁମା କୁରିଆର ଛାତ ଉପରେ ଢ଼ାଳନ୍ତି । ତା ପରେ ସେହି ଡୁମାଟାଣି ଦୁଇଟିକୁ ଡୁମା କୁରିଆ ଭିତରେ ଗୋଟିଏ ଦଉଡ଼ି ଶିକାରେ ବାନ୍ଧି ଝୁଲାଇ ଦିଅନ୍ତି । ପ୍ରତିବର୍ଷ ନିଜର ଇଷ୍ଟ ଦେବାଦେବୀଙ୍କ ପୂଜା ସମୟରେ ଡୁମା କୁରିଆରେ ଦୁଇଥର ଡୁମାମାନଙ୍କୁ ପୂଜା କରନ୍ତି । ଘରର କୌଣସି ବିପଦ ସମୟରେ ଡୁମାକୁ ସ୍ମରଣ କରି ଦୁଃଖ ବା ବିପଦ ଦୂର କରିବା ପାଇଁ ପୂଜାପାଠ କରନ୍ତି । କୌଣସି ଲୋକଙ୍କ ଘରେ ଶିଶୁ ଜନ୍ମ ହେଲେ ଏବଂ ଶିଶୁ ଆଖି ନ ଖୋଲିଲେ କିମ୍ବା ମାର କ୍ଷୀର ନ ଖାଇଲେ ଡୁମାକୁ ଆବାହନ କରି ଡକାଯାଏ ଏବଂ କୌଣସି ଭୋଗ ଦେଇ ମନାନ୍ତି । ତା ପରେ ଶିଶୁ ମାର କ୍ଷୀର ଖାଇଥାଏ କିମ୍ବା ଆଖି ଖୋଲିଥାଏ । ଡୁମା ଡକାଇ କୌଣସି ପୂର୍ବ ପୁରୁଷ ଜନ୍ମ ହୋଇଛି ବୋଲି ଏମାନେ ବିଶ୍ୱାସ କରନ୍ତି । ଜନ୍ମିତ ଶିଶୁର ଦେହରେ, ପୂର୍ବପୁରୁଷ ଲୋକର ଦେହରେ ଥିବା ଚିହ୍ନ ପରି ଚିହ୍ନ ଥିଲେ

ସେହି ଲୋକ ଜନ୍ମ ହୋଇ ଆସିଛି ବୋଲି ବିଶ୍ୱାସ କରନ୍ତି ଏବଂ ପୂର୍ବ ପୁରୁଷଙ୍କୁ ଯେଉଁଭଳି ସମ୍ମାନ ଦିଆଯାଉଥିଲା ସେପରି ସମ୍ମାନ ଦିଅନ୍ତି ।

ବୁଢ଼କାମ ବର୍ଷେ କିମ୍ବା ଦୁଇବର୍ଷ ପରେ କରାଯାଇଥାଏ । ଯେଉଁ ଲୋକ କୌଣସି ଅସୁବିଧା ହେତୁ ଦଶ ଦିନରେ ଦଶାହ କାମ କରିପାରେ ନାହିଁ ସେ ବର୍ଷେ ଦୁଇବର୍ଷ ପରେ ଏହି ଦଶାହ କାମ ବା ବଡ଼ କାମ କରିଥାଏ । ତାକୁ 'ବୁଢ୍' କାମ ବୋଲି କହନ୍ତି । ଦଶାହରେ ଯେଉଁ ଯେଉଁ ପ୍ରକାରେ କାମ କରାଯାଏ ଏହି ବୁଢ଼ କାମରେ ମଧ୍ୟ ସେପରି କାମ କରାଯାଏ ।

## ଗୋଁଡ଼ମାନଙ୍କ ପାରିବାରିକ ଜୀବନରେ ପର ଘନିଆର ଭୂମିକା

ଗୋଁଡ଼ ସଂପ୍ରଦାୟର ଆଠ ବର୍ଗରୁ, ପ୍ରତ୍ୟେକ ଗର୍ବର ଜଣେ ଜଣେ ସ୍ୱତନ୍ତ୍ର ପରଘନିଆ ଥାନ୍ତି । ଏମାନେ ଗୋଁଡ଼ମାନଙ୍କର ଉପଜାତି ଅଟନ୍ତି । ଏମାନେ ଭାଟ ଜାତିର ଅଟନ୍ତି । ଗ୍ରାମ ଗ୍ରାମ ବୁଲି କିଙ୍ଗ୍ରୀ ବଜାଇ ଗୀତଗାଇ ଦାନ ଦକ୍ଷିଣା ଧରି ଫେରିଥାନ୍ତି । ଦାତା ଯେଉଁ ବର୍ଗର ହୋଇଥାଏ ସେମାନେ ମଧ ସେହି ବର୍ଗର ଅଟନ୍ତି । ଦାତା ଯେଉଁ ବର୍ଗରୁ ବିବାହ କରିଥାଏ ଏମାନେ ମଧ ସେହି ବର୍ଗରୁ ବିବାହ କରିଥାନ୍ତି । ଏମାନେ ବର୍ଷକୁ ଅନ୍ତତଃ ଥରେ କିମ୍ବା ଦୁଇଥର ଦାତାଙ୍କ ଘରକୁ ଆସନ୍ତି । ତା ଛଡ଼ା ଦାତାଙ୍କ ଘରେ ଜନ୍ମ ସମୟରେ, ବିବାହ ସମୟରେ, ମୃତ୍ୟୁ ସମୟରେ ଓ କୌଣସି ପର୍ବପର୍ବାଣି ସମୟରେ ମଧ ଦାତାଙ୍କ ଘରକୁ ଆସନ୍ତି । ଜନ୍ମ ସମୟରେ ଏମାନେ ଦାତାଙ୍କ ଘରୁ 'ଜନମ୍‌ଦାନ୍' ନେଇଥାନ୍ତି । ଦାତାଙ୍କ ଝିଅକୁ ଅନ୍ୟଗ୍ରାମରେ ବାହା ଦେଇଦେଲେ, ଏବଂ ତା ଘରେ, କୌଣସି ପୁଅ ବା ଝିଅ ଜନ୍ମ ହେଲେ, ସେ ସମୟରେ ପରଘନିଆ ସେହି ଗ୍ରାମର ସେହି ଘରକୁ ଯାଇଥାଏ ଏବଂ ସେହିଘରୁ 'ଦୁଧଖିଆ ଦାନ' ଆଣିଥାଏ । ଦାତାଙ୍କର ପୁଅ ବାହାଘର ସମୟରେ ପରଘନିଆକୁ ଦାତା ନିମନ୍ତ୍ରଣ କରିଥାନ୍ତି । ବାହାଘର ପ୍ରଥମରୁ ଶେଷଯାଏ ପରଘନିଆ ରହେ । ବିଭିନ୍ନ ସମୟରେ ଯଥା -ଗନ୍‌ସନ୍ ବନ୍ଧାପନା, ଲଗନ୍ ସମୟରେ ବରପିଲାର ଆଗେ ଆଗେ ରହି କିଙ୍ଗରୀ ବଜାଇ

ବିଭିନ୍ନ ପ୍ରକାର ଗୀତ ଗାଇଥାଏ ଯଥା ଗନ୍‌ସନ ଗୀତ, ବନ୍ଦାପନା ଗୀତ, ଲଗନ୍‌ଗୀତ। ବିବାହ ଶେଷ ହୋଇଯିବା ପରେ ବରପିଲା ମୁଣ୍ଡରେ ବାନ୍ଧିଥିବା କପଡ଼ାର ପଗଡ଼ିକୁ ବାହାଘର ଦାନ ସ୍ୱରୂପ ନେଇଥାଏ। ଦାତାଙ୍କର ଝିଅ ବାହାଘରେ ପରଘନିଆର ଆବଶ୍ୟକ ପଡ଼େ ନାହିଁ। ଦାତାଘରର କୌଣସି ଲୋକ ମୃତ୍ୟୁ ହେଲେ ସେ ସମୟରେ ପରଘନିଆ ଦାତାଙ୍କ ଘରକୁ ଆସିଥାଏ। ଯେଉଁ ଲୋକ ମରିଯାଇ ଥାଏ ଏବଂ ମରିଯିବା ପୂର୍ବରୁ ସେ ଯାହା ବ୍ୟବହାର କରିଥାଏ ତାହା ସବୁ ପରଘନିଆ ମୃତ୍ୟୁଦାନ ସ୍ୱରୂପ ଗ୍ରହଣ କରିଥାଏ, ଯଥା - ଧାନ ଚାଉଳ, ଡାଲି, ତାଡ଼ିଆ, ଖଟ, ଶେଯ, ଗାଈ, ଛେଳି, ମେଣ୍ଢା ଇତ୍ୟାଦି। ସେମାନେ ନିଜର ସୁବିଧା ଅସୁବିଧା ନିଜର ଦାତାଙ୍କୁ ଜଣାଇଥାନ୍ତି। ନିଜର ଦାତାଙ୍କୁ ମାନି ଚଳିଥାନ୍ତି।

## ଡୁମା ଉତ୍‌ରେନ୍

ଗୋଁଡ଼ ସଂପ୍ରଦାୟରେ କୌଣସି ବର୍ଗର ଲୋକଙ୍କ ମୃତ୍ୟୁ ହେଲେ ମୃତକ ସଂସ୍କାର କରାଯାଇଥାଏ। ଦଶାହ ଦିନ ମୃତ ବ୍ୟକ୍ତିର ମାଇଁ 'ମଲେନ୍' ଗୋଟିଏ ବାଉଁଶ କୁଲାରେ ଦୁଇଟି ଚିତ୍ରିତ ମାଟିପାତ୍ର(ଝାଡ଼ି)ଧରି ମୃତବ୍ୟକ୍ତିକୁ ପୋତା ଯାଇଥିବା ସ୍ଥାନକୁ ଯାଆନ୍ତି। ସେଠାରେ ମୃତବ୍ୟକ୍ତିର ଡୁମାକୁ ଖୋଜନ୍ତି। ଏହା 'ଖାଲ ଖୋଜା'। ଡୁମା ଉତରେନ ଗୀତରେ ଏହି ଖାଲ ଖୋଜା ବର୍ଣ୍ଣନା ରହିଛି।

କୌଣସି ବର୍ଗର ଲୋକମରିଗଲେ ଅନ୍ୟସମସ୍ତ ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରିଥାନ୍ତି। ସେମାନେ ଆଠଗଡ଼ର ଗୋଁଡ଼ମାନଙ୍କ ପାଇଁ 'ଆଠ'ଗଡ଼ ବୁଲା ଗୀତ ଗାଇ ଅନ୍ୟସମସ୍ତ ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରନ୍ତି। ସମସ୍ତ ବର୍ଗର ଲୋକ ଆସିଲାପରେ ଦଶାହ ଦିନ 'ଦଶା' କାର୍ଯ୍ୟ କରାଯାଏ। ଏହି ଦିନ ମୃତବ୍ୟକ୍ତିର 'ଡୁମା' ବା 'ଜୀ' ଆଣିଥାନ୍ତି। ମୃତବ୍ୟକ୍ତିର ମାଇଁ (ମାଇଁ ନ ଥିଲେ ଭାଣଜୀ ବା ବୋହୂ) ଡୁମା ଆଣିଯାଆନ୍ତି। 'ଜୀ' ବା ଡୁମା ଆଣିବା ପୂର୍ବରୁ ମୃତବ୍ୟକ୍ତିଙ୍କୁ ଯେଉଁଠି ପୋତା ଯାଇଥାଏ ସେହି ଖାଲକୁ ଖୋଜି ବାହାର କରାଯାଏ। ଏହି ସମୟରେ ମହଲେନ ବା ମାଇଁ ଖାଲ ଖୋଜା ଗୀତ ଗାଆନ୍ତି।

ଖାଲରୁ ଡୁମା'କୁ ଆଣିବା ପରେ ଡୁମା ବିଭା ବା ଡୁମାର ବିବାହ କରାଯାଏ । ଜଣେ ଜୀବନ୍ତ ବ୍ୟକ୍ତି ତା ଜୀବନରେ ଯେମିତି ବିବାହ କରିଥାଏ, 'ଡୁମା'ର ବିବାହ ବି ଠିକ୍ ସେହି ପ୍ରକାର ହୋଇଥାଏ । 'ଡୁମା' ପାଇଁ ମାଙ୍ଗେନ ବା ନିର୍ବନ୍ଧ ହୁଏ । ତା ପରେ ଗନସାମଙ୍ଗଲା ବା ମଙ୍ଗଳ ହୁଏ । ଡୁମାର ଫୁଲ କନିଆ ବିଭା ହୁଏ । ଏହାପରେ ତାକୁ ଯଥାରୀତି ଘରକୁ ଆଣନ୍ତି ।

## ଡୁମା ଉଦ୍‌ରେନ୍ ଗୀତ

ଏରୋ ରେଲା ରେଲା ଯେ ଏରୋ ରେଲା ରେଲା
ଗାଁହାଁର ମାଟି ପାଟି ଯେ, ଗାହାଁର ଛୋଟି ବୁଢ଼ି ।
ଗାହାଁର୍ ପରଦେଶିଏନ୍ ଯେ ଗାଁହାଁର ବାବୁରାଏ
ଗାହାଁର ଯେ ଗଙ୍ଗାଦୀଯେ ଗାହାଁର ଯେ ଗଙ୍ଗାଦୀ ।
ଆଠଗଡ଼ ସଗାନେ ଯେ ସବୁଠୁଲ ହେଲା ।
ବାବୁ ବୋଲେ ବାବୁ ଯେ ଲୋକ ବରୁନ୍ ଯିମୁଁ
କା'ର ଘରକେ ଯିମୁଁ ବାବୁ
ଗାଡ଼ାକେ ଯେ ଅନ୍ଧାଗଡ଼ ମର୍‌କାମ୍ ଘର୍‌କେ ଯିମୁ ।
ଦଶା ପଡ଼ି ଗଲା ଯେ ଦଶା ପଡ଼ିଗଲା ।
ଆଠ ଗଡ଼ ସଗାନେ ଯେ ବିହାବରୁନ୍ ହେବା ।
ଲୋକ ବରୁନ୍ ହେବା ଯେ ଲୋକ ବରୁନ୍ ହେବା
ବାବୁ ବୋଲେ ବାବୁ ଯେ ଲୋକ ଖୋଜି ଯିବୁଁ ।
କେନ୍ ଗଡ଼କେ ଯିବୁ ବାବୁ ଧନ୍ଦା ଗଡ଼କେ ଯିମୁଁ ।
ମର୍‌କାମ ଘରକେ ଯିବୁ ବାବୁ ମରକାମ୍ ଘରକେ ଯିବୁ ।
ଦେଖେ ମଝିଏନ୍ ଦେଖଯେ କେନ୍ ଗଡ଼ର ଲୋକା ।
ଧନ୍ଦା ଗଡ଼ର ଲୋକୋ ଯେ ମରକାମ୍ ଘରର ଲୋକା ।
ମୋର ବନ୍ଧୁ ଏଲା ଯେ ଅକାଲ ଭେଟ୍ ହେଲା
ପାନି ଶରନ୍ ଦେଲା ଯେ, ଧୁଙ୍ଗିଆ ପତର ଦେଲା

ବାବୁ ବଲେ ବାବୁ ଯେ ଛନେ ପରା ଥେବ ।
ଛତା ବାଡ଼ି ଦିଅ ବାବୁ ରଖିବେଲେ ଦେସି
ନାଇ ବେଲେ ନାଇ ମାଁ ଖୋବୋପନ୍ତ ଯିବି
ରଖି ରୁଖା ଦେଲା ଯେ ତୁଆ ଘିଅ ଧରଲା ।
ପୋକୁର ହଲଦୀ ଧରଲା ଯେ ମାଟି ମଟିଆ ବୋଏଲା ।
ବନ୍ଧଘାଟ ଗଲା ଯେ ମୁଙ୍ଗୁନି ଶିଲେ ବସଲା ।
ତୁଲସି ଦାତୁନ୍ କଲା ଯେ ମାଟି ମଟିଆ ବୋଏଲା ।
ଘରକେଯେ ଏଲା ଯେ ଘରକେ ଯେ ଏଲା ।
କାଲି କଲଚିର ଭାତ ଯେ କଲା ମୁଂଗ ଶାଗ ।
ଝରା ଗଡ୍ଡୁର ପାନି ଯେ ରନ୍ଧାବଟା କଲା ।
ବାବୁ ବୋଲେ ବାବୁ ଯେ ରନ୍ଧାବଟା କରି
ଗୋଦି ବେଲେ ଯାହା ବାବୁ ରନ୍ଧାବଟା କଲି
ଗୋଦି ପାଦି ଏଲ ଯେ କୁନା କରି ଆସ
ଖାନା ପିନା ସାରିଲେ ଯେ କେନ୍ ପନ୍ତେ ଯିମୁଁ ।
ଡେବାଛାଡ଼ି କରି ବାବୁ ଭୁଂଜା ଚାଲି ଯିମୁଁ ।
କାର୍ ଘର୍କେ ଯିମୁ ଯେ କାରଘର୍କେ ଯିମୁଁ
ଗାଡ଼ାକେ ଯେ ମରହି ହୋ ବିଲାସ୍ପୁର୍କେ ଯିମୁ ।
ଦେଖ ମଝିଏନ୍ ଦେଖ ଯେ କେନ୍ ଗଡ଼ର ଲୋକ ।
ଧନ୍ଦା ଗଡ଼ର ଲୋକ ଯେ ମରକାମ ଘରର ଲୋକ ।
ମୋର ବନ୍ଧୁ ଏଲା ଯେ ଅକାଲ ଭେଟ ହେଲା ।
ପାନି ଶରନ୍ ଦେଲା ଯେ ଧୁଙ୍ଗିଆ ପତର ଦେଲା ।

ଏହି ଗୀତ ସମସ୍ତ ବର୍ଗର ଲୋକଙ୍କ ପାଇଁ ଥରେ ଥରେ ବୋଲାନ୍ତି । ଏହି ଗୀତକୁ 'ଆଠଗଡ଼ ବୁଲା' ଗୀତ କହନ୍ତି । ମରକାମ୍ ଘରର ଲୋକର ମୃତ୍ୟୁ ହୋଇଥିଲେ ସେ ଅନ୍ୟ ନେତାମ୍, ସୋରୀ, ମରେହୀ, ଅଂଟି, ପୋର୍ଟି, ଜଗତ୍, ନେଟି ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରିବା ପାଇଁ ଯାଇଥାନ୍ତି ଓ ଏହି ଗୀତ ଗାଇଥାନ୍ତି । ସମସ୍ତ ବର୍ଗର ଲୋକ ଠୁଳ ହୋଇ ସାରିବା ପରେ ଡୁମାର ଖାଲ ବନ୍ଧା ହୁଏ । ଡୁମା ଟାଣିରେ ବନା ଗୋଦା ଯାଏ, ତା ପରେ ଡୁମାକୁ ହସ୍ତଲଗନ୍,

ଗନ୍ସା ମଙ୍ଗଳା କରି ଡୁମା ବିଭା କରାଯାଏ । ଡୁମାର ମହଲେନ ଡୁମା ଖାଲ୍ ବାଛି ଯାନ୍ତି, ଡୁମା ଖାଲରୁ ଡୁମାକୁ ଆଣନ୍ତି । ମୃତ ବ୍ୟକ୍ତିକୁ ଯେଉଁ ଖାଲରେ ପୋଟି ଦେଇଥାନ୍ତି ସେହି ଖାଲରୁ ଡୁମା ଅଣାଯାଏ ।

## ଖାଲ ବଛା ବା ଖାଲ ଖୋଜା ଗୀତ

ନାନୀ ବୋଲେ ଦଶରତି ସୂତା ତାଗେ ଚାଲ ନନୀ ସୁତା ତାଗେ ଚାଲ ।
ପାଟ ମା କରି ହୁଅ ନାନି ଖାଲଇଖାଲ ଖୋଜ ।
ଇଖାଲ ସେ ଖାଲ ଖୋଜି ବେଟି ବୁଲ ।
କେନଗଛ ତଲେ ନନୀ ବରୁନ୍ ଗଛ ତଲେ ।
ଲୁଆ ଦାନ ଦିଅ ନନି ଖମ ଦାନ ଦିଅ ।
ଯମ ଦାନ ଦିଅ ନନୀ ଯମ ଦାନ ଦିଅ ।
ଯମ ଘୁଚି ଦେବା ନନୀ ଯମ ଘୁଚି ଦେବା ।
ନାଇ ବେଲେ ନାଇ ଯମ ଫିରିବା ବେଲେ ଦେମି ।
ଯମଦାନ ଦେମି ନନି ଖମ ଦାନ ଦେମି ।
ଲୁଆ ଦାନ ଦେମି ନନି ଲୁଆ ଦାନ ଦେମି ।
ମୋର ଭନ୍ଜା ହଜି ଛେଯେ ଭନ୍ଜା ଖୋଜି ଯିବି ।
ଝାରେ ଜୁଡ଼େ ଆଚେ ଯେ ଖରେ ତପେ ଆଚେ
ଖାକେ କୋଲେ ଧରମି ଯେ ଠୋଡ଼ି ଚୁମା ଦେବି ।
ନନୀ ବୋଲେ ଦଶରତି ଖାଲ ବାଛି ଯିମୁଁ
ଲୁହାର ଯେ ଖମ ନନୀ କଟାର ଯେ ବାରି ।
ଯମ ଯାଗିତେରେ ନନି ଯମ ଯାଗି ଆଚେ ।
ତୋର ଭନ୍ଜା ହଜି ଛେ ଯେ ଭନ୍ଜା ଖୋଜି ଯିମୁଁ
କେନ୍ ଗଡ୍କେ ଯିମୁଁ ନନି ଧମନ୍ଦା ଗଡ଼କେ ଯିମୁ

କେନ୍ ଗଡ୍‌କେ ଯିମୁଁ ନନି ଲାଞ୍ଜି ଗଡ଼କେ ଯିବୁ
କେନ ଗଡ଼କେ ଯିବୁ ନନି ଚାନ୍ଦା ଗଡ୍‌କେ ଯିବୁ
କେନ୍ ଗଡ୍‌କେ ଯିବୁ ନନି ବିରାଟ୍ ଗଡ୍‌କେ ଯିବୁ
କେନ୍ ଗଡ୍‌କେ ଯିବୁ ନନି ଗଡ଼ାକେ ଯେ ମରହିହୋ ।

ବିଲାସ୍ ପୁରକେ ଯିବୁ

କେନ୍ ଗଡ୍‌କେ ଯିବୁ ନନି ପତର୍ ଗଡ୍‌କେ ଯିବୁ
ପତର ଗଡ୍‌କେ ପୋର୍‌ଚି ହୋ ପୋର୍‌ଚି ଘରକେ ଯିବୁ ।
ଲୋଡ଼ି ଗଡ଼କେ ଯେ ନେଟି ହୋ - ନେଟି ଘରକେ ଯିବୁ
କେନ୍ ଗଡ଼ନୁ ଫିରବୁ ନନି ଆଠଗଡ଼ ସଗାନୁ ବରୁନ କରି ଆନବୁ ।
ଆଟଗଡ଼ ସଗାନୁ ବିହା ବରୁନ ହେବା
ଦଶା ପଡ଼ି ଯିବା ଯେ ଦଶା ପଡ଼ି ଯିବା
ନନି ବଲେ ନନିରେ ଦଶରତି ସୁତା ତାରେ ଚାଲ ।
ମୋର ଭନ୍‌ଢାକେ ପନ୍‌ତେ ଲୁକେଇ ଆନିବି ଯେ
ଆଠ ଗଡ଼ ସଗାନେ ଖାକେ କୋଲେ ଧରବି ।
ଠୋଡ଼ି ଚୁମା ଦେବି ଯେ ଠୋଡ଼ି ଚୁମା ଦେବି ।
ହସ୍ତ ଲଗନ ଦେବି ଯେ ଗନ୍‌ସା ମଙ୍ଗ୍‌ଲା କରବି ।
ମାଗେନ୍ ଯାଚେନ କରବି ଯେ ମାଗେନ୍ ଯାଚେନ୍ କରବି ।
ଯମ ଘୁଚି ଦିଅ ଯେ ଯମ ଘୁଚି ଦିଅ ।
ଯମ ଦାନ ଦେଲା ଯେ ଖମ ଦାନ ଦେଲା
ଧିରେ ଧିରେ ଚାଲ ନନୀ ଯମ ଘୁଚି ଦେଲା ।
ତିଖଡ଼ି ଦାନ ଦିଅ ନନୀ ଯମ ଦାନ ଦିଅ ।
ସୂତା ତାଗେ ହିଅଯେ ସୂତାର ତାଗେ ଚାଲ,
ଧିରେ ଧିରେ ଚାଲ ନନୀ ଧିରେ ଧିରେ ଚାଲ ।
ଝାରେ ଜୁଡ଼େ ଆଚେ ଯେ ଗୋଚେ ବୁଟେ ଆଚେ
ପକ୍‌ନେ ଡେକ୍‌ନେ ଆଚେ ଯେ ପକ୍‌ନେ ଡେକ୍‌ନେ ଆଚେ ।
ଧିରେ ଧିରେ ଚାଲ ଯେ ଧିରେ ଧିରେ ଚାଲ ।
ଖାକେ କୋଲେ ଧରବ ଯେ ଖାକେ କୋଲେ ଧରବ

ତୋର ଭନ୍ଜା କେ ଯେ, କେନ୍ ଗଛତଲେ ଯେ ବରୁନ୍ ଗଛତଲେ ।
ଡିଆଁ ଖାଇ ଗଲା ଯେ କେଁକ୍ଡ଼ା ଚରିଗଲା ।
ମାଟି ଖାଇ ଦେଲା ଯେ ମାଟି ଖ୍ଆଇ ଦେଲା ।
ଏରୋ ରେଲା ରେଲା ଯେ ଏରୋ ରେଲା ରେଲା
ଇଟା କାହାର ଖାଲ୍ ନନୀ ଇଟା କାହାର ଖାଲ
ଇଟା ଡମର୍ ଖାଲ୍ ନନୀ ଇଟା ଘାସିର ଖାଲ ।
ଇଟା ମାଲିର୍ ଖାଲ ନନୀ ଇଟା ତେଲିର ଖାଲ ।
ଇଟା କାହାର ଖାଲ ନନୀ ଇଟା ସଁଅର ଖାଲ ।
ଇଟା କାହାର ଖାଲ ନନୀ ଇଟା ଭତ୍ରା ଖାଲ ।
ଇଟା କାହାର୍ ଖାଲ୍ ନନୀ ଇଟା କନ୍ଧର ଖାଲ୍
ଇଟା କାହାର ଖାଲ ନନୀ ଇଟା ଗଣର୍ ଖାଲ ।
ମାଟି ଖାଇ ଦେଲା ଯେ କେକ୍ଡ଼ା ଚରିଗଲା
ଡିଆଁ ଚରି ଦେଲା ଯେ ଡିଆଁ ଖାଇଗଲା
ଝାରେ ଜୁଡ଼େ ଆଚେ ଯେ ଗଚେ ବୁଟେ ଆଚେ
ଖାକେ କୋଲେ ଧର୍ଲା ଯେ ଠୋଡ଼ି ଚୁମା ଦେଲା ।
ଆଠ ଗଡ଼ ସଗାକେ ବୋହି ବେଲେ ଆନ୍ଲା
ଆଠ ଗଡ଼ ସଗାନେ ଯେ ଗନ୍ସା ମଙ୍ଗ୍ଲା କଲା
ସାତ ଭଣା ପାନି ଯେ ତପେଇ ବେଲେ ଦେଲା
ଗୋଦା ପୋଦା କଲାଯେ ଠୋଡ଼ି ଚୁମା ଦେଲା ।
ଆଠଗଡ଼ର ସଗାଯେ ପନ୍ତେ ଲୁକେଇ ଆନ୍ଲା ।
ନନୀ ବେଲେ ନନୀ ଯେ ଦେଖ ବେଲେ ନନୀ ।
ବାଲିର ମୋଡ଼ୋ ଲାଗଲା ଯେ ଫୁଲର ଚଅଁରା ଲାଗଲା ।
ଯାନ୍ଦେ ଯାନ୍ଦେ ଯାନ୍ଦେ ଯେ ଯାନ୍ଦେ ଯାନ୍ଦେ ଯାନ୍ଦେ
ଫୁଲର ମୋଡ଼ୋ ଲାଗ୍ଲା ଯେ ବାଲିର ମୋଡ଼ୋ ଲାଗଲା
ଝାରେ ଜୁଡ଼େ ନେଲା ଯେ ଖାକେ କୋଲେ ଧର୍ଲା ।
ଆଠ ଗଡ଼ ସଗାକେ ବୋହି ବେଲେ ଆନ୍ଲା ।
ବୋହି ବେଲେ ଅନ୍ଲା ଯେ ହସ୍ତ ଲଗନ୍ ଦେଲା

ବନ୍ଧାପନା କଲା ଯେ ଗନ୍‌ସା ମଙ୍ଗଲା କଲା ।
ମାଙ୍ଗେନ୍ ଯାଚେନ୍ କଲା ଯେ ମାଙ୍ଗେନ୍ ଯାଚେନ୍ କଲା ।
କେନ୍ ଘରର୍ ଲୋକା ନନୀ ସୋରି ଘରର୍ ଲୋକୋ ।
ମରକାମ୍ ଘର୍‌କେ କନିଆ ମାଗି ଗଲା ଯେ କନିଆ ମାଗି ଗଲା ।
ମାଙ୍ଗେନ୍ ଯାଚେନ୍ କଲା ଯେ ମାଙ୍ଗେନ୍ ଯାଚେନ୍‌କଲା ।
ଫୁଲ୍ ତୁଲା ନନୀ ଯେ ବଅଲେଇ ଆନ୍‌ଲା ।
ଫୁଲ ତୋଲା ନନୀକେ କନିଆ ମାଗି ଗଲା ।
ହସ୍ତ ଲଗନ୍ ଦେଲା ଯେ ହସ୍ତ ଲଗନ୍ ଦେଲା
ତାର ଭନ୍‌ଜାକେ ବୋହି ବେଲେ ଆନଲା ଯେ ବୋହି ବେଲେ ଆନ୍‌ଲା ।
ଗନ୍‌ସା ମଙ୍ଗଲା କରବା ଯେ ଗନ୍‌ସା ମଙ୍ଗଲା କର୍‌ବା
ଚାଲ୍ ପୋଚେନ୍ ଚାଲ ଯେ ମାଙ୍ଗେନ୍ ଘର୍ ଯିମୁଁ
ଜନ୍ ଉଦିଆ ଦଶ୍‌ମି ଯେ ମାଙ୍ଗେନ୍ କରି ଯିମୁଁ
ପୁନି ଏକାଦଶି ବିହା ଯେ ବିହା ବରୁନ୍ କରମୁଁ ।
କନିଆଁ ମାଙ୍ଗି ଗଲୁଯେ କନିଆ ମାଙ୍ଗି ସାରଲୁଁ ।
କନିଆଁ ମାଙ୍ଗି ଗଲୁ ଯେ କନିଆ ମାଙ୍ଗି ଗଲୁ
ଖରି ଖୁରା ବସ୍‌ଲା ଯେ ଖରି ଖୁରା ବସ୍‌ଲା ।
ଚାଲ ମରିଏନ୍ ଚାଲ ଯେ ମାଗେନ୍ ଯାଚେନ୍ କରମୁ
ଚାଲ ମରିଏନ୍ ଚାଲ ଯେ ମନ୍ଦ ଖୁଏ ଯିମୁଁ ।
ସବୁ ନେଙ୍ଗା ସର୍‌ଲା ଯେ ଗଣେକର ଚାଲା ।
ଗଣେକର ସବୁ ନେଂଘା ସର୍‌ଲା ଯେ ସବୁ ନେଙ୍ଘା ସରଲା ।
ତମେ ଯାହା ପୋର୍‌ଟେନ୍ ଯେ ତମେ ଯାହା ପୋର୍‌ଟେନ୍
ପୁଚେନ୍ କରି ଯିବୁ ଯେ ପୁଚେନ କରି ଯମୁଁ ।
ଫୁଲ ତୋଲା ନନୀ କେ ହସ୍ତି ଲଗନ କରମୁଁ ।
ଆଠ ଗଡ଼ ସଗାଯେ ବିହା ବରୁନ୍ ହେବା ।
ଚାଲ ବେଲେ ଚାଲ ବାବୁ ଚାଲ ବେଲେ ଚାଲ
ବାବୁର ନା ହୀରାଧର ଚାଲ ବେଲେ ଚାଲ
ବନ୍ଧାପନା ଦେବୁଁ ବାବୁ ଗନ୍‌ସା ଗନ୍‌ସି କରମୁଁ ।

ବାବୁ ବେଲେ ବାବୁ ଯେ ବାବୁ ବେଲେ ବାବୁ
ଏକାଦଶି ବିହା ଯେ ବିହା ବରୁନ୍ ହେବା
ବାବୁ ବେଲେ ବାବୁ ଯେ ଲୋକେ ବରୁନ୍ କଲା ।
ଆଠଗଡ଼ ସଗା ଯେ ସବୁ ଠୁଲ ହେଲେ ।
ଦଶା ପଡ଼ି ଗଲା ଯେ ଦଶା ପଡ଼ି ଗଲା
ଗନ୍ସା ମଙ୍ଗଲା କଲା ଯେ ଗନ୍ସା ମଙ୍ଗଲା କଲା
କନିଆ ଆନି ଦେବ ଯେ କନିଆ ଆନି ଦେବ ।
ଗୁରୁବାର ଦିନ ଯେ କନିଆ ଆନି ଦେବ ।
ଆମେ ଗନ୍ସି ଥିମୁଁ ଯେ ବନ୍ଦାପନା ଦେମୁଁ ।
ଶୁକ୍ରବାର ଦିନ ଯେ ମୋଡୋରେନ୍ ହେବା ।
ମୋଡ଼ୋ ଝରେନ୍ ହେବା ଯେ ମୁନ୍ଦି ଲୁକେନ୍ ହେବା ।
ମୁନ୍ଦି ଲୁକେନ୍ ହେବା ଯେ ପଲଟନ୍ ଗନ୍ସନ୍ କରମୁଁ ।
ପଲଟନ୍ ଗନ୍ସନ୍ କରମୁଁ ଯେ ବନ୍ଦାପନା ଦେମୁଁ
ରଏନ୍ ଭଣା ଖେଲାମୁଁ ଯେ ରଏନ୍ ଭଣା ଖେଲାମୁଁ
ଶଏନ୍‌ବାର ଦିନ ସୋବୁ ଯେ ବିହା ବରୁନ୍ ସାରବା
ବିହା ବରୁନ୍ ସାରଲା ଯେ ବିହା ବରୁନ୍ ସାରଲା
ବାବୁବେଲେ ବାବୁ ଯେ ଚାଲବାବୁ ଚାଲ ।
ମହଲା କରିଆ ଯାହା ବାବୁ ମହଲା କରିଅ ଯାହା ।
ଏଲଯେ ଏଲଯେ ଏଲ ବାବୁ ଏଲଯେ ଏଲଯେ ଏଲ ।
ଫୁଲ ତୋଲା ନନୀକେ ଯେ ବିହା ବରୁନ ହେବା ।
ଆଠଗଡ଼ ସଗାନେ ଗନ୍ସା ମଙ୍ଗଲା କରମୁଁ
ନନୀ ବେଲେ ନନୀ ଯେ ଦେଖବେଲେ ନନୀ
ଦେଖବେଲେ ଦେଖ ଯେ ବାଲିର ମୋଡ଼ୋ ଲାଗ୍‌ଲା
ଫୁଲର ଚହିଁରା ଲାଗଲା ଯେ ଫୁଲର୍ ଚହିଁରା ଲାଗଲା ।
ଏରେ ରେଲା ଯେ ଏରୋ ରେଲା ରେଲା...



କାନ୍ଥରେ ଝୋଟି ଚିତା ‘‘ବନା’’



ଗୋଁଡ଼ ପଡ଼ାରେ ସକାଳ

# ବନା ଗୋଦା

ନନୀବେଲେ ନନୀ ଯେ ଦଶରଡି ନନୀ
ବନା ଗୋଦା ଯିମୁ ନନୀ ବନା ଗୋଦା ଯିମୁଁ
ତୋର ଭନ୍‌ଜା ଶୁଭ ହଉଛେ ଶୁଭ ଦେଖି ଯିମୁଁ ।
ଗାଁହାର ମାଟି ପାଟି ଯେ ସବୁ ଆସ ଭେଲେ
ବନା ଦେଖି ଆସ ଯେ ବନା ଦେଖି ଆସ ।
ବଡ଼ ମୁହେଁନ୍ ଘୋଗେନ୍ ଯେ ବାହାନ ବଛା ଲୋରେ
ବଡ଼ ମୁହେଁନ୍ ଘୋଗେନ୍ ଯେ ଏଣ୍‌କା ବୁଛାରା ଲୋରେ
ବଡ଼ ମୁହେଁନ୍ ଘୋଗେନ୍ ଯେ ଫୁଲି ମନ୍ଦ ଲୋରେ
ବଡ଼ ମୁହେଁନ୍ ଘୋଗେନ୍ ଯେ ଦୁଆ ଗେଏ ଲୋରେ
ଘୋଡ଼ା ଦାନ ମାଙ୍ଗେ ନନୀ ହାତୀ ଦାନ ମାଙ୍ଗେ
ଏରୋ ରେଲା ରେଲା ଯେ ଏରୋ ରେଲା ରେଲା
କେଏଁ ଖୋଜୁର ବନା ଯେ ହଁସ୍ ଖୋଜୁର୍ ବନା
କେଁ ଖୋଜୁର୍ ବନାଯେ ପୋରୁଆଖୋଜୁର୍ ବନା
ଗୋଟେ ଗୋଟେ ବନାକେ ଶଏ ଶଏ ମୂଲ ।
ବନା ଦେଖି ଆସ ଯେ ଗାହାଁର ଗଙ୍ଗାଦୀ
ବନା ଦେଖି ଆସଯେ ଗାହାଁର ପରଦେଶିଏନ୍
ବନା ଦେଖି ଆସଯେ ଗାହାଁର ବାବୁରାଏ
ବନା ଦେଖି ଆସଯେ ଗାହାଁର ଛୋଟି ବୁଢ଼ି
କାଲି ମାଟି ନିଲିମାଟି ପଦମନି ମାଟି
କୋଏରି ଯେ ମାଟି ଯେ ଲୋଏରି ଯେ ମାଟି ।
ସବୁ ବନା ଦେଖି ବେଲେ ଦେଖି ବେଲେ ଆସ
ତୋର ଭନ୍‌ଜା ଶୁଭ ହୋତେ ଶୁଭ ଦେଖି ଆସ
ଗୋଟେ ଗୋଟେ ବନାକେ ଶଏ ଶଏ ମୂଲ
ବାହାନ୍ ବଛା ଲୋରେ ଏତାକା ଘୁଷରା ଲୋରେ
ଫୁଲି ମନ୍ଦ ଲୋରେ ଫୁଲି ମନ୍ଦ ଲୋରେ ।

# ବନ୍ଦି ବନ୍ଦା ଗୀତ

ଗାହାଁର ଗରାମର ବନ୍ଦି ବାନ୍ଦୋ ହୋ
ଛୋଟି ବୁଢ଼ିର ବନ୍ଦି ବାନ୍ଦୋ
ପରଦେଶିଏନର ବନ୍ଦି ବାନ୍ଦୋ ହୋ ବାଜୁରାଏର ବନ୍ଦି ବାନ୍ଦୋ
ଦେ'ବେବତାର ବନ୍ଦି ବାନ୍ଦୋ ହୋ ଦେ'ବେବତାର ବନ୍ଦି ବାନ୍ଦୋ ।
ମାତା ପିତାର, ବନ୍ଦି ବାନ୍ଦୋ ହୋ ମାତା ପିତାର ବନ୍ଦି ବାନ୍ଦୋ
ଆଇ ଦାଦିର ବନ୍ଦି ବାନ୍ଦୋ ହୋ ବେଇ ଭାଟୋର ବନ୍ଦି ବାନ୍ଦୋ
ମେଟ ପେଟର ବନ୍ଦି ଛିଡ଼ୋ ହୋ ଗାଁ ଗରାମର ବନ୍ଦି ଛିଡ଼ୋ
ଆଇ ଦାଦିର ବନ୍ଦି ଛିଡ଼ୋ ହୋ ଛୋଟି ବୁଢ଼ିର ବନ୍ଦି ଛିଡ଼ୋ
ପାହାର ଭଣ୍ଡଶର ବନ୍ଦି ଛିଡ଼ୋ ହୋ ଛୋଟ ବୁଢ଼ିର ବନ୍ଦି ଛିଡ଼ୋ
ସବୁ ଦେ'ବେବତାର ବନ୍ଦି ଛିଡ଼ୋ ହୋ ଦେ'ବେବତାର ବନ୍ଦି ଛିଡ଼ୋ ।

* * *

# ତୃତୀୟ ପରିଚ୍ଛେଦ

## ଗୋଁଡ଼ମାନଙ୍କ ଯାତ୍ରା ପରବ

ଗୋଁଡ଼ମାନଙ୍କ ବିଭିନ୍ନ ଋତୁରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପର୍ବପର୍ବାଣିର କ୍ରମ ନିମ୍ନ ପ୍ରକାର।

୧ - ଚଇତ ଯାତ୍ରା ବା ମହୁଲ ଯାତ୍ରା
୨ - ବିହନ ଛିନା
୩ - ଅକ୍ଷୟ ତୃତୀୟା
୪ - ଆଷାଢ଼ ଖେନା
୫ - ହରୁଆଁଳି ଉଆଁସ
୬ - ଡଣ୍ସରା
୭ - ନୂଆଖାଇ
୮ - ଦଶହରା ବା ବୋଏଲ୍ ଯାତ୍ରା
୯ - ଚଉଳ ଧୂଆ
୧୦- ଚରୁ ପୂଜା

## ଚଇତ ଯାତ୍ରା ବା ମହୁଲ ଯାତ୍ରା

ଚଇତି ଯାତ୍ରା ସାଧାରଣତଃ ଗୋଁଡ଼ମାନେ ଚୈତ୍ରମାସରେ ପାଳନ କରନ୍ତି। କନ୍ଧମାନଙ୍କର ଚଇତ ପରବ ଓ ଗୋଁଡ଼ମାନଙ୍କର ଚଇତ ଯାତ୍ରା ଅଲଗା। ଗୋଁଡ଼ ସଂପ୍ରଦାୟରେ ଏହି ଯାତ୍ରା ମାତ୍ର ଗୋଟିଏ ଦିନ ପାଳନ କରାଯାଏ। ଚୈତ୍ର ମାସର ଶୁକ୍ଳପକ୍ଷ ତିଥିରେ ପ୍ରଥମ ମଙ୍ଗଳବାର ଦିନ ଏହି ଚଇତ୍ ଯାତରା ପାଳନ କରନ୍ତି। ଏହି ଯାତ୍ରାରେ ଗ୍ରାମ ଦେବୀ ଗଙ୍ଗାଦିଙ୍କୁ ଗ୍ରାମର ବାହାର ପୂଜା କରାଯାଇଥାଏ। କାରଣ ଗ୍ରାମ ବାହାରେ ହିଁ ଗଙ୍ଗାଦି ଦେବୀଙ୍କ ଗୁଡ଼ି ଥାଏ। ଗ୍ରାମର ଝାଁକର ଏବଂ ଗ୍ରାମର ମୁଖିଆ ଗୋଟିଏ ନୂଆ ପାଛିଆରେ ଚାଉଳ, ଧୂପ, ଦୀପ, ସିନ୍ଦୁର, ଫୁଲ, କୁକୁଡ଼ା ଓ ମଦ ଧରି ଗ୍ରାମର ବାହାରକୁ ଟିକେ ଦୂରକୁ ଯାନ୍ତି। ତାଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ଯାଇଥାନ୍ତି। ଗ୍ରାମର

ବାହାରେ ଗୋଟିଏ ଗଛମଳେ ଗୋଟିଏ ପଥରକୁ ପୂଜା କରନ୍ତି । ସେହି ପଥର ଉପରେ ସିନ୍ଦୂର ଲଗାଇ, ଫୁଲ, ଚାଉଳ, ଚଢ଼ାଇ ଗ୍ରାମଦେବତୀଙ୍କୁ ସେ ସ୍ଥାନକୁ ଡକାଯାଏ । ସେଠାରେ ଦେବୀଙ୍କ ଠାରେ କୁକୁଡ଼ା ବଳି ଦିଆଯାଇ ମଦରେ ଚଲୁଧରି ଝାଁକର ଦେବୀଙ୍କୁ ଭୋଗ ଲଗାଇ ଖାଇବାକୁ ଦିଅନ୍ତି । ଦେବୀଙ୍କୁ ସେଠାରେ ମହୁଲ ପୋଡ଼ା ଭୋଗ ମଧ୍ୟ ଦିଆଯାଏ । ମହୁଲ ପୋଡ଼ି ଦେବୀଙ୍କ ଠାରେ ଭୋଗ ଦେବା ପରେ ଗ୍ରାମର ମୁଖିଆ "ପାଏନ୍ ଧାର୍" (ପାଣି ଧାରା) କରି ନିଜ ବଂଶର ପୂର୍ବପୁରୁଷ ତିନି ପୁରୁଷ ଓ ନିଜ ମାମୁଁ ବଂଶର ପୂର୍ବ ପୁରୁଷ ତିନି ପୁରୁଷଙ୍କ ନାମ ଧରି ଡାକିଥାନ୍ତି ଓ ଜଳ ଧାରା ଦିଅନ୍ତି । ଦେବୀଙ୍କଠାରେ ପ୍ରଥମେ ମହୁଲ ପୋଡ଼ା ଦିଆଯିବା ପରେ ଗ୍ରାମର ଗୋଁଡ଼ ସଂପ୍ରଦାୟର ଅନ୍ୟଲୋକକେ ସମସ୍ତେ ମହୁଲ ଖାଇଥାନ୍ତି । ତା ପୂର୍ବରୁ କେହି ମହୁଲ ଖାଇବେ ନାହିଁ । ସେମାନଙ୍କର ବିଶ୍ୱାସ ଯେ ମହୁଲ ପୋଡ଼ା ଯାତରା ଆଗରୁ ଯିଏ ମହୁଲ ଖାଏ ତା ଉପରେ ଦେବୀ ପ୍ରକୋପ କରନ୍ତି, ତାର ବହୁତ ଅନିଷ୍ଟ କରନ୍ତି । ତା' ପିଲାଛୁଆଙ୍କୁ ବିଭିନ୍ନ ପ୍ରକାର ଦୁଃଖ ଯନ୍ତ୍ରଣା କରିବାକୁ ପଡ଼େ । ଘରେ ଥିବା ଗାଇ,ଗୋରୁ, ଛେଳି, ମେଣ୍ଢା ମରିଯାନ୍ତି । ଏହି ଯାତରା ପାଳନ କରିବା ଦାୟିତ୍ୱ ଗ୍ରାମର ମୁଖିଆଙ୍କର । ଏହି ଯାତ୍ରା ରେ ଯାହା ଖର୍ଚ୍ଚ ହୋଇଥାଏ ଗ୍ରାମ ମୁଖିଆ ତାହା ସବୁ ବହନ କରିଥାନ୍ତି ।

## ବିହନ ଛିନା

ଏହି ଯାତ୍ରା ଗୋଁଡ଼ମାନଙ୍କର ଏକ କୃଷିଭିତ୍ତିକ ପର୍ବ ଅଟେ । ବୈଶାଖ ମାସ ଶୁକ୍ଳପକ୍ଷ ତିଥିରେ କୌଣସି ଦିନ ଏହି ଯାତରା ପାଳନ କରାଯାଏ । ଏହି ଯାତ୍ରାରେ ଧରନୀ ଦେବୀ ପାହାର ଭଣ୍ଡାର ଦେବତାଙ୍କୁ ପୂଜା କରାଯାଏ । ଗ୍ରାମର ଝାଁକର (Priest), ଗ୍ରାମର ମୁଖିଆ (Headman) ଓ ଅନ୍ୟ ଲୋକମାନେ ମିଶି ବିହନ୍ ଛିନା ଯାତ୍ରା କରିବା ପାଇଁ ନିର୍ଦ୍ଦିଷ୍ଟ ଦିନବାର ଓ ତିଥି ବାହାର କରନ୍ତି । ସାଧାରଣତଃ ପାହାର ଭଣ୍ଡାର ଦେବତାଙ୍କ ଗୁଡ଼ି ଗ୍ରାମର ପାଖରେ ଥିବା ପାହାଡ଼ରେ ଥାଏ । ନିର୍ଦ୍ଦିଷ୍ଟ ଦିନ ଓପରଓଳି ସମସ୍ତେ ମିଶି ଗ୍ରାମର ଝାଁକର ସହିତ ସେହି ପାହାଡ଼କୁ ଯାଇଥାନ୍ତି । ଗ୍ରାମର ମୁଖିଆ ଓ ଝାଁକର ଚାଉଳ, ଧୂପ, ଦୀପ,

ସିନ୍ଦୁର ଓ ସମସ୍ତଙ୍କ ପାଇଁ ଧାନ ଧରି ଯାନ୍ତି । ସେଠାରେ ଧରନୀ ଦେବୀ ଓ ପାହାର ଭଣ୍ଡାର ଦେବୀଙ୍କୁ ଚାଉଳ, ଧୂପ, ଦୀପ, ସିନ୍ଦୁର ଚଢ଼ାଇ ପୂଜା କରାଯାଏ । ଗ୍ରାମର ଅନ୍ୟଲୋକମାନେ ଚାଉଳ, କୁକୁଡ଼ା, ତେଲ, ହଳଦୀ, ଲୁଣ ଧରି ଯାଇଥାନ୍ତି । ଦେବୀଙ୍କ ଠାରେ ପୁଞ୍ଜାଏ ଚାଉଳ ରଖାଯାଇଥାଏ । ଲୋକମାନେ ଆଣିଥିବା କୁକୁଡ଼ା, ଗଂଜା, ପାରା, ମେଣ୍ଢାକୁ ପ୍ରଥମେ ସେହି ଚାଉଳ ଠୁକାଯାଏ । ଯେଉଁ କୁକୁଡ଼ା, ଗଂଜା, ପାରା, ମେଣ୍ଢା ଠୁକ ଠୁକ ଚାଉଳ ଖାଇଦିଏ ସେହି କୁକୁଡ଼ା, ଗଂଜା, ପାରା, ମେଣ୍ଢାକୁ ବଳି ଦିଆଯାଏ । ଠୁକ ଠୁକ ଖାଇନଥିବା କୁକୁଡ଼ା, ପାରା, ଗଂଜା, ମେଣ୍ଢାକୁ ଦେବୀଙ୍କ ଠାରେ ବଳି ଦିଆଯାଏ ନାହିଁ । ସେଠାରେ ପିମ୍ପଲ ପତ୍ରରେ ଛୋଟ ଛୋଟ ଦୁଇଟି ବଳଦ ଓ ପଲ୍‌ସା ଗଛର ଡାଳରେ ଗୋଟିଏ ଲଙ୍ଗଳ ତିଆରି କରାଯାଏ । ଗୁଡ଼ିର ସାମ୍‌ନାରେ କିଛି ଯାଗାରେ ମାଟିକୁ କାଦୁଅ କରି ସେହି ପଲ୍‌ସା ଗଛର ଲଙ୍ଗଳ ଓ ପିମ୍ପଲ ପତ୍ରରେ ତିଆରି ବଳଦ ଦ୍ୱାରା ଝାଁକର ସେହି ଯାଗାକୁ ଚଷିଥାଏ । ଝାଁକର ଚଷୁଥିବା ସମୟରେ ତା ଉପରେ ପାଣି ଢ଼ାଳିଥାନ୍ତି । ତାପରେ ସେହି ଯାଗାରେ ବିହନ ବୁଣାଯାଏ । ସେହି ଚଷିଥିବା ଓ ବିହନ ବୁଣାଯାଇଥିବା ସ୍ଥାନର ମାଟିକୁ ପଲ୍‌ସା ପତ୍ର ଦ୍ୱାରା ଆଣି ଝାଁକର ସମସ୍ତଙ୍କ ଦେହରେ ଲଗାଇଥାନ୍ତି । ତାପରେ ସମସ୍ତଙ୍କୁ ମୁଠାଏ ମୁଠାଏ ବିହନ ଦିଆଯାଇଥାଏ । ସମସ୍ତେ ସେହି ବିହନକୁ ନେଇ ନିଜ ନିଜର ବିହନ ସହିତ ମିଶାଇ ରଖନ୍ତି ଓ ଅକ୍ଷୟ ତୃତୀୟା ଦିନ ନିଜ ନିଜ ଜମିରେ ଧାନ ବୁଣନ୍ତି । ସେମାନଙ୍କର ବିଶ୍ୱାସ ପ୍ରଥମେ ଦେବୀଙ୍କଠାରେ ବିହନ ପୂଜା କରି ନେଇ ନିଜ ଜମିରେ ବୁଣିଲେ ଭଲ ଫସଲ ଅମଳ ହୁଏ । ସମସ୍ତେ ନିଜ ନିଜର ନେଇଥିବା କୁକୁଡ଼ା, ପାରା, ଗଂଜା, ମେଣ୍ଢାକୁ ବଳି ଦେବା ପରେ ମୁଣ୍ଡକୁ ଦେବୀଙ୍କ ଠାରେ ଛାଡ଼ିଦିଅନ୍ତି ଓ ଗଣ୍ଡିକୁ ଆଣି ସେହି ପାହାଡ଼ ତଳେ ମିଶି ରାନ୍ଧି ଖାଉଥାନ୍ତି ଓ ରାତ୍ରିରେ ବିହନ ଧରି ନିଜ ନିଜ ଘରକୁ ଫେରନ୍ତି । ସେହି ଯାଗାର ଭୋଗ କେହି ବି ନିଜ ଘରକୁ ଆଣନ୍ତି ନାହିଁ ।

## ଅକ୍ଷୟ ତୃତୀୟା

ଏହା ଏକ କୃଷି ଭିତ୍ତିକ ପର୍ବ ଅଟେ । ବିହନ ଛିନା ଯାତ୍ରାରେ ସମସ୍ତେ ବିହନ ଆଣି ନିଜ ନିଜର ବିହନ ସହିତ ମିଶାଇ ରଖନ୍ତି । ଅକ୍ଷୟ ତୃତୀୟା ଦିନ ସମସ୍ତେ ସକାଳୁ ଗାଧୋଇ ଗୋଟିଏ ନୂଆ ଟୋକେଇରେ ବିହନ ଓ ଗାଈ କ୍ଷୀର ଧରି ନିଜ ନିଜ ଜମିକୁ ଆସନ୍ତି । ଜମିରେ ଗାଈ କ୍ଷୀର ପକାଇ ନିଜ ନିଜର ପୂର୍ବପୁରୁଷ ଡୁମାକୁ ସ୍ମରଣ କରି ଜମିରେ ଧାନ ବୁଣିଥାନ୍ତି । ଏହି ଦିନ ଧାନ ବୁଣିଲେ ଜମିରେ ଧାନ ଭଲ ଅମଳ ହୁଏ ବୋଲି ବିଶ୍ୱାସ ।

## ଆଷାଢ଼୍ ଖେନା

ଆଷାଢ଼ ବା ଗୁନ୍ଚା (ଗୁଣ୍ଡିଚା) ମାସରେ ଏହି ପର୍ବ ପାଳନ କରାଯାଏ । ଆଷାଢ଼ ମାସର ଶୁକ୍ଳପକ୍ଷ ତିଥିରେ ଏହି ପର୍ବପାଳନ କରାଯାଏ । ଅକ୍ଷୟ ତୃତୀୟା ଦିନ ସମସ୍ତେ ନିଜ ନିଜର  ଜମିରେ ଧାନ ବୁଣନ୍ତି । ଧାନ ସବୁ ଉଠିଯାଏ, ତା ସହିତ ଜମିରେ ଘାସ ମଧ୍ୟ ବଢ଼ିଯାଏ । ସେହି ଘାସ ସବୁ ଜମିରୁ ବାଛିବା ପାଇଁ ଆଷାଢ଼ ଖେନା ଯାତ୍ରା ପାଳନ କରାଯାଏ । ଏହି ପର୍ବରେ ଗଙ୍ଗାଦୀ ଦେବୀଙ୍କୁ ପୂଜା କରାଯାଏ । ନିର୍ଦ୍ଦିଷ୍ଟ ଦିନ ଗ୍ରାମ ଝାଁକର ଓ ଗ୍ରାମର ଅନ୍ୟ ଲୋକମାନେ ଗ୍ରାମର ଗଙ୍ଗାଦି ଗୁଡ଼ିକୁ ଯା'ନ୍ତି । ସେମାନେ ଦେବୀଙ୍କୁ ବଳି ଦେବା ପାଇଁ କୁକୁଡ଼ା, ଗଂଙ୍ଗା, ମେଣ୍ଢା, ପାରା, ନଡ଼ିଆ ଧରି ଯାଇଥାନ୍ତି । ଗଙ୍ଗାଦି ଦେବୀଙ୍କ ଗୁଡ଼ିରେ ବାଜା ବଜାଇ ଗଙ୍ଗାଦି ଦେବୀଙ୍କୁ ଆବାହନ କରାଯାଇଥାଏ । ଗଙ୍ଗାଦି ଦେବୀଙ୍କ ଶିରା (Shaman) ନିର୍ଦ୍ଦିଷ୍ଟ ଲୋକଙ୍କ ଦେହରେ ପ୍ରବେଶ କରନ୍ତି । ଝାଁକର ସେହି ଗଙ୍ଗାଦି ଦେବୀଙ୍କୁ ମନାଇ ବୁଝାଇ ଶାନ୍ତି କରାନ୍ତି । ତା ପରେ ଦେବୀଙ୍କଠାରେ ସମସ୍ତେ ଆଣିଥିବା କୁକୁଡ଼ା, ପାରା, ଗଂଙ୍ଗା, ମେଣ୍ଢାକୁ ଚାଉଳ ଠୁକାଇ ବଳି ଦେଇଥାନ୍ତି । ସ୍ୱତନ୍ତ୍ର ଲୋକଙ୍କ ଦେହରେ ପ୍ରବେଶ କରିଥିବା ଗଙ୍ଗାଦି ଦେବୀ ବଳି ଦିଆଯାଇଥିବା ଜୀବର କଞ୍ଚାରକ୍ତକୁ ପିଇଥାନ୍ତି । ତା ପରେ ସେହି ଲୋକ ଦେହରୁ ''ଶିରା'' ଉତ୍‌ରି ଯାନ୍ତି । ତା ପରେ ସମସ୍ତେ ନିଜ ନିଜର ବଳି ଦିଆଯାଇଥିବା

ଜୀବର ଗଣ୍ଡିକୁ ଧରି ଘରକୁ ଫେରି ରାନ୍ଧି ଖାଇଥାନ୍ତି । ଏହି ଯାତ୍ରା ଆଗରୁ ଚାଷୀମାନେ ଗୋଟିଏ ଓଳି ଉପବାସ ରହି ନିଜନିଜ ଜମିରୁ ଘାସ ବାଛନ୍ତି । ଯାତ୍ରା ପରେ ଦୁଇଓଳି ଘାସ ବଛାଯାଏ ତଥା ଜମିରେ ହେଉଥିବା ବିଭିନ୍ନ ପ୍ରକାର ଶାଗକୁ ମଧ୍ୟ ଖିଆଯାଏ ।

## ହରୁଆଁଲି ଉଆଁସ

ଶ୍ରାବଣ ମାସର ଅମାବାସ୍ୟା ଦିନ ଏହି ର୍ପବପାଳନ କରନ୍ତି । ଏହି ପର୍ବରେ ମାଟି ଦେବତାଙ୍କୁ ପୂଜା କରାଯାଏ । ତଥା ଦୂହ୍ଲା ଦେବତାଙ୍କୁ ମଧ୍ୟ ପୂଜା କରାଯାଏ । ଯାହାର ଘରେ କୌଣସି ସ୍ତ୍ରୀଲୋକ ଛୁଆ ଜନ୍ମଦେବା ସମୟରେ ମରି ଯାଇଥାଏ ତାଙ୍କ ଘରେ ମଧ୍ୟ ପାଳନ କରାଯାଏ । ଏହି ଦିନ ସମସ୍ତେ ନିଜ ନିଜ ଜମିରେ ସୁନାରୀ ଡାଳ, ଦେବାତୁନ ଡାଳ, ବନହଳଦୀ ଡାଳ ଓ ଭେଲୁଁଆ ଡାଳ ପୋତି ଗାଈ କ୍ଷୀର ପକାଇ ପୂଜା କରନ୍ତି । ଏହି ଦିନ ଘରେ ଘରେ ସୁନାରୀ ଡାଳ, ଦେବାତୁନ ଡାଳ, ବନହଳଦୀ ଡାଳ ଓ ଭେଲୁଆଁ ଡାଳ ଖୁଟା ଯାଇଥାଏ । ଏହାଦ୍ୱାରା ଘରକୁ କୌଣସ ଭୂତ, ପ୍ରେତ, ସାପ, ବିଛା ପଶି ପାରନ୍ତି ନାହିଁ । ଏହା ବର୍ଷକୁ ଥରେ ପାଳନ କରାଯାଏ ।

## ଡଣ୍‌ସରା ଯାତ୍ରା

ଭାଦ୍ରବ ମାସର କୃଷ୍ଣପକ୍ଷ ଅମାବାସ୍ୟା ଦିନ ଏହି ଯାତ୍ରା ପାଳନ କରାଯାଏ । ଏହି ମାସ ବେଳକୁ ଧାନ କିଆରୀରେ ଧାନ ଗଛରୁ ଧାନକେଣ୍ଡା ସବୁ ବାହାରି ଯାଇଥାଏ । ଅମାବାସ୍ୟା ଦିନର ପୂର୍ବଦିନ ପାହାନ୍ତିଆ ସମୟରେ ଗ୍ରାମର ଝାଁକର ଧାନ ଆଁଟକୁ ଯାଏ । ସେଠାରେ ସେ ନିଜର ଗୋଟିଏ ଗୋଡ଼ ଧାନ ଆଁଟ ଭିତରେ ରଖେ ଓ ଅନ୍ୟ ଗୋଡ଼ ବାହାରେ ରଖି ତାର ହାତ ପହଞ୍ଚିବା ପର୍ଯ୍ୟନ୍ତ ଧାନ କାଟେ । ଏହିପରି ଚାରି ପାଞ୍ଚଟି ଧାନ ଆଁଟରୁ ଧାନ କାଟି ଥାଏ । ଏହି ଧାନ କଟା କାମ ସେ ପାହାନ୍ତିଆ ହେବା ଆଗରୁ ସାରିଦିଏ । ସକାଳ ଓଳି ଗ୍ରାମର ଝାଁକର ଗାଧୁଆ ପାଧୁଆ ସାରି ନିଜ ଦେବୀ, ଗ୍ରାମ ଦେବାଦେବୀ ତଥା

ସମସ୍ତ ଦେବାଦେବୀଙ୍କୁ ବରଣ କରିଥାଏ । ସେହି ଦିନ ସେ ଗ୍ରାମଦେବୀ ଗୁଡ଼ିରେ ଧାନ କେଣ୍ଡା ଖୋସିଦିଏ । ତା ପରେ ଗ୍ରାମର ପ୍ରତ୍ୟେକ ଘର ବାଟ ଦୁଆରେ ଧାନ କେଣ୍ଡା ଖୋସି ଖୋସି ବୁଲେ ଏବଂ ସମସ୍ତଙ୍କ ଘରୁ ଧାନ ଚାଉଳ ଟଙ୍କା ପଇସା ଆଣେ । ଉପରଓଳି ଭାତ, ଖିରି ରୋଷେଇ କରି ନିଜ ଦେବାଦେବୀ, ଗ୍ରାମ ଦେବାଦେବୀ ତଥା ଅନ୍ୟ ସମସ୍ତ ଦେବାଦେବୀଙ୍କୁ ଭୋଗ ଦେଇଥାଏ । ସେ ଏହି ସବୁ ଭୋଗ ନୂଆ ଚାଉଳରେ କରିଥାଏ । ତା ପରେ ଦେବୀଙ୍କଠାରେ ଭୋଗ ସାରି ଗ୍ରାମର ଅନ୍ୟ ସମସ୍ତଙ୍କୁ ଦେଇଥାଏ । ଏହି ଉଣସରା ଯାତ୍ରା ନ ସରିବା ପର୍ଯ୍ୟନ୍ତ କେହି ନିଜ ଜମିରୁ ଧାନ କାଟନ୍ତି ନାହିଁ । ଦେବୀଙ୍କଠାରେ ନୂଆ ଧାନରେ ଭୋଗ ରାନ୍ଧିଦେବା ପର୍ବକୁ ଉଣସ୍‌ରା କହନ୍ତି ।

## ନୂଆଖାଇ

ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶାର ଏକ ବଡ଼ ପର୍ବ ଅଟେ । ଏହା ଏକ କୃଷି ଭିତ୍ତିକ ପର୍ବ ଅଟେ । ଆଦିବାସୀ, ହରିଜନ, ଗିରିଜନ ତଥା ସମସ୍ତଙ୍କର ଏହା ଏକ ମୁଖ୍ୟ ପର୍ବ ଅଟେ । ଗ୍ରାମର ମୁଖିଆ ଓ ଗ୍ରାମର ଝାଁକର ଓ ଅନ୍ୟଲୋକମାନେ ମିଶି ନୂଆଖାଇ ପାଇଁ ଯୋଗ ବାହାର କରନ୍ତି । ତା ପରେ ଗ୍ରାମର ଗଣା ବା ଚୌକିଦାର ଡିବ୍ ଡିବି ବଜାଇ ଗ୍ରାମର ସମସ୍ତ ଲୋକଙ୍କୁ ନବାନ୍ନର ତିଥି ଜଣାଇ ଦିଏ । ନୂଆଖାଇର ପୂର୍ବଦିନ ଗ୍ରାମର ଝାଁକର ଉପବାସ ରହି ଜମିରୁ ନୂଆ ଧାନ କାଟି ଆଣେ ଏବଂ କୁରେଇ ପତର ଆଣେ । ନୂଆଖାଇ ଦିନ ସକାଳୁ ଝାଁକର ଗାଧୋଇ ପାଧୋଇ ଆସି ନୂଆ ଧାନକୁ କୁଟି ଚୂଡ଼ା କରେ । ତା ପରେ ସେହି ଚୂଡ଼ାରେ ଦୁଧ, ଚିନି ସବୁ ମିଶାଯାଏ । କୁରେଇ ପତ୍ରରେ ସେହି ଚୂଡ଼ା ବାନ୍ଧି ଝାଁକର ପ୍ରଥମେ ଦେବୀ ଗୁଡ଼ିକୁ ଯାଇଥାଏ । ସେଠାରେ ଦେବୀଙ୍କୁ ଭୋଗ ଦିଆଯାଏ । ଅବଶ୍ୟ ନୂଆଖାଇ ପୂର୍ବରୁ ଉଣସ୍‌ରା ଯାତ୍ରାରେ ଦେବୀଙ୍କୁ ନୂତନ ଚାଉଳରେ ଭୋଗ ଦିଆ ସରିଥାଏ । ଦେବୀଙ୍କୁ ଭୋଗ ଲଗାଇ ସାରିବା ପରେ ଅନ୍ୟ ଲୋକମାନେ ନିଜ ନିଜର ଘରେ ନିଜ ନିଜର ଦେବାଦେବୀ ପୂର୍ବପୁରୁଷ ତୁମାଙ୍କୁ ନୂଆ ଅନ୍ନ ଭୋଗ ଦିଅନ୍ତି । ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ କୁରେଇ ପତ୍ରରେ ନୂଆ ଅନ୍ନ ବଢ଼ାଯାଏ । ସମସ୍ତେ ଏକାଠି ବସି ନୂଆ ଅନ୍ନକୁ ମୁଣ୍ଡରେ

ଟିକା ଦେଇ ନିଜ ନିଜର ଦେବାଦେବୀ ନାମ ସ୍ମରଣ କରି ଖାଇଥାନ୍ତି । ଏହି ନୂଆ ଅନ୍ନକୁ ପ୍ରତ୍ୟେକ ଜାତିର, ବର୍ଗର ଲୋକ କୁରେଇ ପତ୍ରରେ ଖାଇଥାନ୍ତି । ନୂଆ ଅନ୍ନ ଖାଇସାରିବା ପରେ ସମସ୍ତେ ନିଜ ନିଜ ଦେବାଦେବୀଙ୍କ ଠାରେ ମୁଣ୍ଡିଆ ମାରନ୍ତି । ତା ପରେ ଖିରି, ପିଠା, ଭାତ, ଡାଲି, ତରକାରୀ ଖାଆନ୍ତି, ଖାଇ ସାରିବା ପରେ ଗ୍ରାମର ଅନ୍ୟ ବୟୋଜ୍ୟେଷ୍ଠ ଲୋକ ତଥା ନିଜର ବନ୍ଧୁ ବାନ୍ଧବ ଲୋକମାନଙ୍କୁ ଭେଟି ପରସ୍ପର ଜୁହାର ଭେଟ ହୋଇଥାନ୍ତି । ଏହି ଦିନ ଘରେ ଘରେ ନୂଆ କପଡ଼ା, ଜାମା, ଶାଢ଼ି, ସବୁ ହୋଇଥାଏ । ନୂଆଖାଇରେ ସମସ୍ତଙ୍କ ଘରେ ପିଠା, ଖିରି କରାଯାଏ । ସମସ୍ତେ ନିଜ ନିଜର ବନ୍ଧୁ ବାନ୍ଧବ ଘରକୁ ପିଠା ପଠାଇଥାନ୍ତି । ଏହି ଦିନଟି ସମସ୍ତଙ୍କର ମହାଆନନ୍ଦରେ କଟିଯାଏ । ତା ପରଦିନ ନୂଆଖାଇ "ବାସୀ" ପାଳନ କରନ୍ତି ।  ବାସୀଦିନ ଗ୍ରାମରେ ଛେଳି, ମେଣ୍ଢା, କଟାଯାଏ । ସମସ୍ତଙ୍କ ଘରେ ମାଂସ ରନ୍ଧାଯାଏ । ଗୋଁଡ଼ ସଂପ୍ରଦାୟରେ ସମସ୍ତଙ୍କ ଘରେ ମାଂସ ହୋଇଥାଏ ଏବଂ ସେମାନେ ମଦ୍ୟପାନ କରି ମହାଆନନ୍ଦରେ ଦିନ କଟାଇଥାନ୍ତି । ସମସ୍ତଙ୍କର ଭାବନା ଏହା ଯେ ଏହି ଦୁଇଦିନ ଆନନ୍ଦ ଖୁସିରେ କଟିଲେ ବର୍ଷସାରା ଆନନ୍ଦ ଓ ଭଲରେ କଟିଥାଏ ।

## ଦଶହରା ବା ବୋଏଲ୍ ଯାତ୍‌ରା

ଆଶ୍ୱିନ୍ ମାସର ଶୁକ୍ଳପକ୍ଷ ଅଷ୍ଟମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ଯାତ୍‌ରା ପାଳନ କରନ୍ତି । ଏହି ଯାତ୍‌ରାରେ ଗୋଁଡ଼ ସଂପ୍ରଦାୟର ଲୋକମାନଙ୍କର ଦେବାଦେବୀ ପ୍ରତି ଭକ୍ତିଭାବ ତଥା ଦେବାଦେବୀଙ୍କ ଉପରେ ଥିବା ବିଶ୍ୱାସ ଜଣାପଡ଼େ । ଅଷ୍ଟମୀଦିନ ଗ୍ରାମ ଝାଁକର ସଂଧ୍ୟା ସମୟରେ ଦେବୀଙ୍କ ଆସ୍ଥାନକୁ ଯାଇ ଦେବୀ ଦେବତାଙ୍କ ଖଣ୍ଡା, ଲାଠି, ଅସ୍ତ୍ର ଶସ୍ତ୍ର ସବୁ ପୂଜାଅର୍ଚ୍ଚନା କରି ବାହାର କରନ୍ତି । ଗ୍ରାମର ଝାଁକର ଗୋଁଡ଼ ସଂପ୍ରଦାୟର ହୋଇଥାନ୍ତି । ନିଜର ଦେବୀ ଦେବୀଙ୍କ ପୂଜକ ବା ଝାଁକର ସାଧାରଣତଃ ନିଜ ଗୋଁଡ଼ ଜାତିର ହୋଇଥାନ୍ତି ଓ କଳାହାଣ୍ଡି ଜିଲ୍ଲାର ଅନେକ ଗ୍ରାମରେ ଗୋଁଡ଼ ସଂପ୍ରଦାୟର ଲୋକ ଝାଁକର ହୋଇଥିବା ଦେଖାଯାଏ । ସମସ୍ତ ଖଣ୍ଡା, ଲାଠି, ସମସ୍ତ ଅସ୍ତ୍ର ଶସ୍ତ୍ର ଧୁଅନ୍ତି ଏବଂ ନଈ ତୁଠକୁ ଆଣନ୍ତି । ନଈ ତୁଠରେ ଗୋଟିଏ ଜାଗାରେ ସମସ୍ତ ଅସ୍ତ୍ରଶସ୍ତ୍ର ରଖନ୍ତି । ସେଠାରେ

ଝାଁକର ପୂଜା ଆରାଧନା କରି ଗୋଟିଏ ପାଣିକଖାରୁ ବଳି ଦିଅନ୍ତି । ତା ପରେ ପ୍ରାୟ ରାତି ୯/୧୦ଟା ବେଳକୁ ଘରକୁ ଫେରି ଜଣଙ୍କ ଘରେ ସମସ୍ତ ଅସ୍ତ୍ରଶସ୍ତ୍ର ରଖନ୍ତି । ଏହି ଅସ୍ତ୍ରଶସ୍ତ୍ର ରଖିବା ପରେ ସେଠାରେ ଗୋଟିଏ କୁକୁଡ଼ା କିମ୍ବା ଗଂଜା କିମ୍ବା ମେଣ୍ଢା ବଳି ଦିଆଯାଏ । ଏହି ଦିନଠାରୁ ଦଶମୀ ଦିନ ପର୍ଯ୍ୟନ୍ତ ଦେବୀଙ୍କ ଖଣ୍ଡା, ଲାଠି, ଅସ୍ତ୍ରଶସ୍ତ୍ର ପାଖରେ ଅଖଣ୍ଡ ଦୀପ ଜଳାଯାଏ । ଏହାକୁ 'ଖଣାବସା' କହନ୍ତି ।

ଦଶମୀଦିନ ସକାଳେ ଝାଁକର ଗାଧୋଇ ଆସି ଖଣ୍ଡା ଲାଠି ଓ ଦେବୀଙ୍କ ଅସ୍ତ୍ର ଶସ୍ତ୍ର ପାଖରେ ପୂଜା ଆରାଧନା କରି ଲାଠିମାନଙ୍କରେ ଝଣ୍ଡା ଲଗାନ୍ତି । ଛତରରେ ଲାଲ ଝଗା ପିନ୍ଧାନ୍ତି ଓ ସମସ୍ତ ଅସ୍ତ୍ରଶସ୍ତ୍ରରେ ସିନ୍ଦୁର ଲଗାନ୍ତି । ଦିନ ୧୧/୧୨ଟା ବେଳକୁ ଦେବାଦେବୀଙ୍କ ଝଣ୍ଡା, ଖଣ୍ଡା, ଅସ୍ତ୍ରଶସ୍ତ୍ର ଓ ଛତର ଘରୁ ବାହାର କରନ୍ତି ଓ ଅନ୍ୟ ଗୋଟିଏ ଘରକୁ ଆଣି ରଖନ୍ତି । ଏହି ଛତର ବାହାରିବା ସମୟରେ ପାଖରେ ଥିବା ସମସ୍ତ ଲୋକ ଆସି ମୁଣ୍ଡିଆ ମାରନ୍ତି । ତା ପରେ ଗୋଟିଏ ସ୍ଥାନରେ ଛତର ସହିତ ପାଟଖଣ୍ଡା ତଥା ଅନ୍ୟ ଅସ୍ତ୍ରଶସ୍ତ୍ର ସବୁ ରଖି ପୂଜା କରନ୍ତି । ଝାଁକର ଦେବୀଙ୍କ ଛତର ଅସ୍ତ୍ରଶସ୍ତ୍ରଠାରେ, ଚାଉଳ, ବେଲପତ୍ର ସିନ୍ଦୁର ତଥା ଫୁଲ ଓ ଝୁଣା, ଧୂପ, ଦୀପ ଦେଇ ପୂଜା କରନ୍ତି । ଏହି ଛତର ପାଖରେ ପୂଜା ପାଇଁ ଗୋଁଡ଼୍ ସଂପ୍ରଦାୟର ସମସ୍ତଙ୍କ ଘରୁ ଚାଉଳ, ଧୂପ, ଦୀପ ଆସିଥାଏ । ଛତର ଠାରେ ନଡ଼ିଆ ଭୋଗ ଦିଆଯାଏ । ତା ଛଡ଼ା ଯିଏ ଛତର ପାଖରେ କୌଣସି ଜୀବ ବଳି ଦେବା ପାଇଁ ମନାସି ଥାନ୍ତି ତା ହେଲେ ସେଠାରେ ମନାସିଥିବା କୁକୁଡ଼ା, ଗଂଜା, ବା ପାରା ବଳି ଦିଆଯାଏ । ଏହି ଦିନ ଛତରଠାରେ ଅସଂଖ୍ୟ କୁକୁଡ଼ା, ଗଂଜା, ପାରା ବଳି ଦିଆଯାଏ । ଛତର ଘରୁ ବାହାର କରି ଆଣି ବାହାରେ ରଖିଥିବା ଯୋଗୁଁ ମଧ୍ୟ ସେଠାରେ ଗୋଟିଏ ମେଣ୍ଢା ବଳି ଦିଆଯାଏ । ଏହିପରି ଦିନ ୨/୩ଟା ପର୍ଯ୍ୟନ୍ତ ପୂଜା ଆରାଧନା କରାଯାଏ ।

ଉପରଓଳି ଦିନ ଚାରିଟା ସମୟରେ ସମସ୍ତେ ଛତର ପାଖରେ ଠୁଳ ହୁଅନ୍ତି । ଛତର ପାଖରେ ଦେବାଦେବୀଙ୍କ ଆବାହନ ପାଇଁ ଝାଁକର ପୂଜାପାଠ କରନ୍ତି । ଦେବାଦେବୀଙ୍କ 'ଶିରା' ଛତରରେ ଥାନ୍ତି । ଏହି ଦେବୀ ଆବାହନ ସମୟରେ ନିଶାନ, ତସା, ମହୁରୀ ବଜାଯାଏ ଏବଂ ଏହି ବାଜାର ତାଳେ ତାଳେ ନାଚିନାଚି



ସ୍ତମ୍ଭାକୃତି କାଠରେ ଦେବୀଙ୍କ ପୂଜା



କରତୁତ୍-କଣ୍ଠାର କଠଉ, ଦୋଳି ଓ ଚଉକି

ଦେବୀଙ୍କ 'ଶିରା' ସ୍ୱତନ୍ତ୍ର ଲୋକଙ୍କ ଦେହରେ ପ୍ରବେଶ କରନ୍ତି । ଦେବୀଙ୍କ 'ଶିରା' ପ୍ରବେଶ କରିବା ପରେ ଲାଲ ଛିଟ କନାର ଝଗା, କଉଡ଼ି ଓ କାଚ ଲଗାଯାଇଥିବା ବସ୍ତ୍ର ପିନ୍ଧାନ୍ତି ତଥା ହାତରେ ଦେବୀଙ୍କ ଅସ୍ତ୍ର ଯଥା ଖଣ୍ଡା, ତ୍ରିଶୂଳ, ଶିକୁଳି, ଧରାଇ ଦିଅନ୍ତି । ତା ପରେ ଦେବୀ ନିଜେ ନାଚି ନାଚି ପାଖରେ ଥିବା କଣ୍ଟା ଚୌକି ଓ କଣ୍ଟା ଦୋଳିରେ ବସନ୍ତି । ଦେବୀଙ୍କ ଉପରେ ଆହୁରି ତିନି ଚାରିଜଣ ଦେବାଦେବୀ ବସନ୍ତି । (ଗୋଟିଏ ଚୌକିରେ ୫୦/୬୦ ଟି ମୁନିଆ କଣ୍ଟାକୁ ଖଞ୍ଜା ଯାଇଥାଏ । ଦୋଳିରେ ମଧ୍ୟ ସେହିପରି ୫୦/୬୦ଟି ମୁନିଆଁ ଲୁହାକଣ୍ଟା ଖଞ୍ଜା ଯାଇଥାଏ ।) ସେହି ଚୌକି ଓ ଦୋଳିରେ ଦେବୀ ବସି ଝୁଲନ୍ତି । ଆଉ କେତେକ ଦେବୀ ମୁନିଆ ତ୍ରିଶୂଳକୁ ନିଜର ଗାଲରେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଭୂଷି ହୁଅନ୍ତି । ସେମାନଙ୍କ ଦେହରେ ଦେବୀଙ୍କ 'ଶିରା' ପ୍ରବେଶ କରିଥିବାରୁ ସେମାନେ କଣ୍ଟା ଚୌକିରେ ବସିଲେ, କଣ୍ଟା ଦୋଳିରେ ବସି ଝୁଲିଲେ କିମ୍ୱା ନିଜ ଗାଲରେ ତ୍ରିଶୂଳ ଭୂଷି ହେଲେ ମଧ୍ୟ ରକ୍ତ ଟୋପେ ବାହାରେ ନାହିଁ କିମ୍ୱା କିଛି କଷ୍ଟ ହୁଏ ନାହିଁ ।

ତା ପରେ ସମସ୍ତ ଦେବାଦେବୀଙ୍କୁ ଛତର, ଲାଠି, ଖଣ୍ଡା, ଧରି ଗ୍ରାମର ପ୍ରତ୍ୟେକ ଘରକୁ ବୁଲାଯାଇଥାଏ । ଏହାକୁ 'ବୋଏଲ ବୁଲା' କହନ୍ତି । ସମସ୍ତଙ୍କ ଘରେ ଦେବୀଙ୍କୁ ଓ ଛତରକୁ ବନ୍ଦାପନା କରି ଧୂପ, ଦୀପ ଦିଆଯାଏ । ନଡ଼ିଆ ଭୋଗ ଦିଆଯାଏ, ବଳି ମଧ୍ୟ ଦିଆଯାଇ ଥାଏ । ଦେବୀ, ବଳି ଦିଆଯାଇଥିବା ଜୀବର ରକ୍ତକୁ ପିଅନ୍ତି । ରକ୍ତ ପିଇବା ସମୟରେ ଦେବୀଙ୍କ ମୁହଁକୁ ଗୋଟିଏ ଲାଲ କପଡ଼ା ଦ୍ୱାରା ଘୋଡ଼େଇ ଦିଆଯାଏ । ଦେବୀ ଘର ଘର ବୁଲିବା ସମୟରେ ଘରକୁ ଚାଉଳ ଫିଙ୍ଗି ବାନ୍ଧି ଦିଅନ୍ତି । ଯାହାଦ୍ୱାରା ଘରକୁ କୌଣସି ଭୂତ, ପ୍ରେତ ଆସି ପାରନ୍ତି ନାହିଁ । ଘରର ଲୋକମାନେ ଦେବୀଙ୍କଠାରେ ନିଜର ଦୁଃଖ ଜଣାଇଥାନ୍ତି । ଦେବୀ ସବୁ ଦୁଃଖ ଦୂର କରନ୍ତି । ଏହିପରି ଦେବୀ ସମସ୍ତଙ୍କ ଘର ବୁଲନ୍ତି ଓ ସବୁଠାରେ ଦେବୀଙ୍କୁ ବନ୍ଦାପନା କରି ଭୋଗ ଦିଆଯାଏ । ତା ପରେ ସମସ୍ତେ ମିଶି ଦେବୀଙ୍କୁ ଧରି ଦେବୀ ଗୁଡ଼ିକୁ ଫେରନ୍ତି । ଦେବୀ ଗୁଡ଼ିରେ ଛତର, ଖଣ୍ଡା, ଲାଠି, ଅସ୍ତ୍ରଶସ୍ତ୍ର ସବୁ ରଖାଯାଏ । ତା ପରେ ଦେବୀଙ୍କ ଶିରା ପୁଣି ଛତରକୁ ଫେରି ଆସନ୍ତି । ଛତରକୁ ରଖିବା ସମୟରେ ଗୋଟାଏ ମେଣ୍ଢା ବଳି ଦିଆଯାଏ । ବଳି ପଡ଼ିଥିବା ଜୀବର ଦେହାଂଶକୁ ସେଠାରେ ରାନ୍ଧି ରାତିରେ ସମସ୍ତେ

ଖାନ୍ତି । ଏହି ପର୍ବ ବର୍ଷକୁ କେବଳ ଥରେ ହୋଇଥାଏ । ସମସ୍ତେ ଏହି ସମୟକୁ ଚାହିଁ ବସିଥାନ୍ତି ନିଜ ନିଜର ମନାସୀଥିବା ମାନସିକ ଭୋଗ ଦେବୀଙ୍କୁ ଦେବା ପାଇଁ ।

## ଚାଉଳ ଧୁଆ ବା ପିଠୋରି ଯାତରା

ଦିଏଲ ମାସରେ ଶୁକ୍ଲପକ୍ଷ ତିଥିରେ ଏହି ଯାତ୍ରା ପାଳନ କରାଯାଏ । ଧାନ ଅମଳ ସରିବା ପରେ ସମସ୍ତେ ନୂଆ ଧାନକୁ କୁଟି ଚାଉଳ କରି ଭାତ ରାନ୍ଧି ଖାଇଥାନ୍ତି । କିନ୍ତୁ ସମସ୍ତେ ଚାଉଳକୁ ନଧୋଇ ରାନ୍ଧି ଖାଇଥାନ୍ତି । ଗ୍ରାମର ଝାଁକର ସମସ୍ତ ଲୋକଙ୍କୁ ଡାକି ଚାଉଳ ଧୁଆ ଯାତ୍ରା ପାଇଁ ଦିନ ଠିକ୍ କରେ । ଏହି ଯାତ୍ରାରେ ଗ୍ରାମ ଦେବୀ ଗଙ୍ଗାଦି ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ପୂଜା କରାଯାଏ । ଘରେ ଘରେ ପୂର୍ବ ପୁରୁଷ ଡୁମାକୁ ପୂଜା କରନ୍ତି । ନିର୍ଦ୍ଦିଷ୍ଟ ଦିନ ଝାଁକର ଚାଉଳ, ଧୂପ, ଦୀପ, ସିନ୍ଦୁର, ଚାଉଳ ଚୂନା, ପିଠଉ ଧରି ଗ୍ରାମଦେବୀ ଗୁଡ଼ିକୁ ଯାଏ । ସେଠାରେ ଚାଉଳର ଚୂନାରେ ଝୋଟି ଦିଆଯାଏ । ଗୋଟିଏ ନୂଆ ହାଣ୍ଡିରେ ସେହି ଚାଉଳକୁ ଧୋଇ ଭାତ ରନ୍ଧାଯାଏ । ଖିରୀ କରାଯାଏ ଓ ପିଠୋଉରେ ପିଠା ତିଆରି କରାଯାଏ । ତା ପରେ ଝାଁକର ଦେବୀଙ୍କୁ ଚାଉଳ, ଧୂପ, ଦୀପ, ସିନ୍ଦୁର ଦେଇ ପୂଜା କରନ୍ତି ଓ ରୋଷେଇ କରିଥିବା ସବୁ ଖାଦ୍ୟକୁ ଭୋଗ ଦିଅନ୍ତି । ଏହି ଦିନ କୁକୁଡ଼ା, ଗଂଡ଼ା, ପାରା, ମଧ୍ୟ ବଳି ଦିଆଯାଏ । ତା ପରେ ସମସ୍ତେ ଘରକୁ ଫେରନ୍ତି । ନିଜ ନିଜ ଘରର ଦେବାଦେବୀ, ଡୁମାଙ୍କଠାରେ ଚୂନାରେ ଝୋଟି ଦେଇ ପୂଜା କରନ୍ତି ଓ ଭାତ, ଖିରି, ପିଠା ଭୋଗ ଦିଅନ୍ତି । ଏହି ଦିନରୁ ସମସ୍ତେ ନିଜର ରାନ୍ଧୁଥିବା ପୁରୁଣା ହାଣ୍ଡିକୁ ଫିଙ୍ଗି ଦେଇ ନୂଆ ହାଣ୍ଡିରେ ଭାତ ରାନ୍ଧନ୍ତି । ସମସ୍ତେ ବିଶ୍ୱାସ କରନ୍ତି ଯେ, ପିଠୋରି ଯାତ୍ରା ନ ସରିବା ଆଗରୁ ଯିଏ ଚାଉଳ ଧୋଇ ରାନ୍ଧି ଖାଏ ତା ଉପରେ ଦେବୀ କୋପ ପ୍ରକାଶ କରନ୍ତି ଓ ତାର ଅନିଷ୍ଟ ମଧ୍ୟ କରିଥାନ୍ତି । ତେଣୁ ପ୍ରଥମେ ଦେବୀଙ୍କଠାରେ ଚାଉଳ ଧୋଇ ଭୋଗ ଦେଇ ସାରିବା ପରେ ଅନ୍ୟ ସମସ୍ତେ ଚାଉଳ ଧୋଇ ରାନ୍ଧି ଖାଇଥାନ୍ତି । ଗୋଁଡ଼ ସଂପ୍ରଦାୟରେ କେହି ମଧ୍ୟ ନୀତିକୁ ଲଂଘନ କରନ୍ତି ନାହିଁ । ଯିଏ କରେ ତାର ପରିଣାମ ସେ ନିଜେ ପାଇଥାଏ ।



କଣ୍ଟାରଦୋଳି, ମାଟିମାତାର ପୂଜା, ପୂଜକ ଜବର ସିଂ ମାଝୀ,



ପାରମ୍ପରିକ ଦେବୀ ପୂଜା

## ଚରୁ ପୂଜା

ପୁଷ ମାସରେ ଏହି ପର୍ବ ପାଳନ କରନ୍ତି । ଚାଉଳଧୁଆ ଯାତ୍ରା ସରିବା ପରେ ଏହି ପର୍ବ ପାଳନ କରାଯାଏ । ଧାନ ଅମଳ ସରିବା ପରେ ନିଜ ନିଜର ଜମିର ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପର୍ବ ପାଳନ କରାଯାଏ । ଏହି ଦିନ ଜମିରେ ଲୋକମାନେ ଧରନୀ ଦେବୀକୁ ଧଳା ଗଂଜା, ମେଏଲି ଦେବତାଙ୍କୁ ଖଏଁରୀ କୁକୁଡ଼ା ଓ ମାଟି ଦେବତାଙ୍କୁ ଛେଳି, ମେଣ୍ଢା ବଳି ଦେଇଥାନ୍ତି । ଯେଉଁଦିନ ବଳି ଦିଆଯାଏ ସେଦିନ ରାତ୍ରିରେ ସମସ୍ତେ ମିଶି ନିଜ ନିଜ ଜମିରେ ରାନ୍ଧି ଖାଇଥାନ୍ତି । ଏହି ଭୋଗ ଘରକୁ ଅଣାଯାଏ ନାହିଁ । ନିଜ ନିଜର ବନ୍ଧୁବାନ୍ଧବମାନଙ୍କୁ ଡାକି ସେହି ଜମି ଉପରେ ଖାଇଥାନ୍ତି । ସେମାନଙ୍କର ବିଶ୍ୱାସ ଚରୁପୂଜା ଦ୍ୱାରା–ମାଟି ଦେବତା ଖୁସି ହୁଅନ୍ତି ଓ ଫସଲ ଭଲ ଅମଳ ହୁଏ ।

## ଗୋଁଡ଼ ଦେବାଦେବୀ

ଗୋଁଡ଼ମାନଙ୍କର ବର୍ଗ ଅନୁସାରେ ଦେବୀ ଦେବତାଙ୍କ 'ଭାଗବଟା' ହୋଇଥାଏ । ସେମାନଙ୍କ ଆଦିଦେବତା ଚତୁର୍ଭୁଜ ବୁଢ଼ାଦେଓ ଓ ଆଦିମାତା । ବଂଶ ଅନୁସାରେ ଦେବତାଙ୍କ ବଣ୍ଟନ ନିମ୍ନ ପ୍ରକାରେ ଗୋଁଡ଼ ସମାଜରେ ଦେଖିବାକୁ ମିଳେ । ଏହି ତଥ୍ୟ ପୂର୍ଭା (Gond Geneology) ରୁ ମିଳିଅଛି ।

| ଗୋଁଡ଼ ବଂଶ | ଦେବୀଦେବତା |
|---|---|
| ୧.ମରକାମ | ବ୍ରହ୍ମା, ବିଷ୍ଣୁ, ମହେଶ୍ୱର |
| ୨.ନେତାମ | ତେଜରାଜ, ଭୁଜରାଜ, ଜଂଗରାଜ, ମୁଣ୍ଡ ରାଜ |
| ୩.ମୋରହି | ଆଦିମାତା, ନିରାକାର, ନିରାଞ୍ଜନ |
| ୪.ନେଟି | ତିନିଦେଉ - ବ୍ରହ୍ମା, ବିଷ୍ଣୁ, ମହେଶ୍ୱର |
| ୫.ଜଗତ | ଲଂକେଶ୍ୱରୀ, କଂଟେଶ୍ୱରୀ, ଦୁଆରଶନୀ |
| ୬.ଓଟି | ରାହୁ, କନାଭଏଁରା (୩ ଦେବତା) |
| ୭.ପୋରଟି | ବୀର, ଶିର, ମନକର (୭ ଦେବତା) |
| ୮.ପୋରଟି | ଉଠାନ ଦେଓ, ଭୀମ ଖୁଟନି,<br>ବୁଢ଼ା ବାବୁରାଏ, ଗଙ୍ଗାଦି ଦେଉ |

ବଂଶାନୁସାରେ ଯଦିଓ ଏମାନେ ମୂଳ ଦେବ ଦେବୀ, ଗୋଁଡ଼ ପୂଜକ ମାନଙ୍କ ମତରେ ଗୋଁଡ଼ ମାନଙ୍କ ଦେବତା ହେଲେ 'ଚାର ଚୌରାଶୀ ଷୋଳ ଭଉଣୀ ଗଙ୍ଗାଦି ଓ ବାରଭାଇ ବାବୁରାଏ। ଚାରି ଋଷି, ଚଉରାଶୀ ଋଷି, ''ପାହାର ଭଣାର'', ଅର୍ଥ ପାହାଡ଼ ପର୍ବତ ଗୁଡ଼ିକ ଦେବତା ଓ ଋଷିଙ୍କ ବାସସ୍ଥାନ। ଏହି ଚାରି ଋଷି ହେଲେ ଗଙ୍ଗ, ଗାଗ୍ରଂ, ଯଦୁ ଓ କଦମ୍।

ବାରଭାଇ ବାବୁରାଏ ଦେବତାମାନଙ୍କ ନାମ ନିମ୍ନ ପ୍ରକାର -

| ଦେବତାଙ୍କ ନାମ | କେଉଁ ଫୁଲରେ ପୂଜା ହେବ |
|---|---|
| ୧. ବହ୍ୟା ବାବୁ (ବହ୍ୟା=ପାଗଳା) | ନାଗେଶ୍ୱର ଫୁଲ |
| ୨. ଅଗ୍ନିରାଏ ବାବୁ | ନାଗେଶ୍ୱର ଫୁଲ |
| ୩. ପବନରାଏ ବାବୁ | ମାଳତୀ ଫୁଲ |
| ୪. ତିଲକ ରାଏ ବାବୁ | ସେବତୀ ଫୁଲ |
| ୫. ଜଗତ ରାଏ ବାବୁ | |
| ୬. ଭଗତରାଏ ବାବୁ | ଚମ୍ପକ ଫୁଲ |
| ୭. ଖଡ଼ଗ ରାଏ ବାବୁ | ନାଗେଶ୍ୱର |
| ୮. ଚନ୍ଦନରାଏ ବାବୁ | ଟଗର ଫୁଲ |
| ୯. ସୁନ୍ଦର ରାଏ ବାବୁ | ମାଳତୀ |
| ୧୦. ଇନ୍ଦର ରାଏ ବାବୁ | ଚନ୍ଦନ |
| ୧୧. ଟିକେ ବାବୁ | ଦୟଣା |
| ୧୨. ବାବୁ ରାଏ | ବୁରୁନ୍ଦା ଫୁଲ |

## ଷୋହଳ ଭଉଣୀ ଗଙ୍ଗାଦି

ଓଡ଼ିଆ ସଂସ୍କୃତିରେ ଷୋହଳ ସଂଖ୍ୟାର ମହତ୍ତ୍ୱ ବେଶୀ। ପୁରୀ ଗଜପତିଙ୍କ ଷୋହଳ ଶାସନ ବସାଇବା, ଦଣ୍ଡନାଚର ଷୋହଳ ଖାଡ଼ି ବାଦ୍ୟ, ଓଡ଼ିଶୀ ନୃତ୍ୟର ଷୋହଳ ଖଣ୍ଡ ବାଦ୍ୟ ପ୍ରଭୃତି ଓଡ଼ିଆ ରାଜଶାସନ, ନାଟ୍ୟ ଓ ନୃତ୍ୟକ୍ଷେତ୍ରରେ ଷୋହଳ ସଂଖ୍ୟାର ସାଂସ୍କୃତିକ ମହତ୍ତ୍ୱ ପ୍ରତିପାଦନ କରେ। ସେହିପରି ଗୋଁଡ଼

ଦେବୀ ଷୋହଳ ଜଣ ! ସେମାନେ ହେଲେ ୧. ବୁଢ଼ୀମା ୨.ନନୀମା ୩.ସୁନ୍ଦରିମା (ସିନ୍ଦାରାଜି) ୪.ଗୁଣ୍ଡିମା ୫.ଇନ୍ଦ୍ରାଦି ୬.ସିନ୍ଦ୍ରାଦି, ୭. କମଳାଦି, ୮.ବିମଳାଦି ୯.ଟିକେନାନୀ ୧୦.ଭଗବତୀ ୧୧. ପ୍ରଦେଶିଆନି ୧୨. ଶେଯ ଘରେନ୍ ୧୩. ଭଣ୍ଡାର ଘରେନ୍ ୧୪. ପୋଡ଼ାମାତା ୧୫. ଖୁରାଗୁଣ୍ଡି ୧୬.ପୋଡ଼ାମା । ଲକ୍ଷ୍ୟ କରିବାର ଅଛି ଯେ, ଏହି ଷୋହଳ ଦେବୀଙ୍କ ମଧ୍ୟରୁ ବୁଢ଼ିମା, ଗୁଣ୍ଡିମା, ସିନ୍ଦାରାଜି, ପୋଡ଼ାମାତା, ପୋଡ଼ାମା, ଶେଯ ଘରେନ ପ୍ରଭୃତି ଦେବୀ ବିଭିନ୍ନ ବାୟୁବାହିତ ରୋଗର ଅଲୌକିକ ଉପାୟରେ ପୂଜାପାଠ ଦ୍ୱାରା ଭଲ କରାଯାଇ ପାରୁଥିବା ଦେବୀ ସମୂହ । ବୁଢ଼ିମା ନିଜେ ବସନ୍ତ ରୋଗର ଦେବୀ । ଦେହରେ ବସନ୍ତରୋଗର ଚିହ୍ନ (ମିଳିମିଳା, ହାଡ଼ଫୁଟି) ଦେଖା ଗଲେ ଗୁଣ୍ଡିମା ଉଭା ହେଲେ ବୋଲି ବିଶ୍ୱାସ କରାଯାଏ । ଦେହର ଚିହ୍ନ ଲାଲ ଦିଶିଲେ ଓ ସଂପୂର୍ଣ୍ଣ ଶରୀର ଲାଲ ହୋଇଗଲେ ସିନ୍ଦରାଜି ଦେବୀ ରୋଗୀ ଦେହକୁ ଆସିଲେ ବୋଲି ବିଶ୍ୱାସ ରହିଛି । ପୋଡ଼ାମା ଓ ପୋଡ଼ାମାତା ହେଉଛି ରୋଗୀ ଦେହରେ ଫୋଟକା । ସମ୍ଭବତଃ ବସନ୍ତରୋଗର ବିଭିନ୍ନ ଅବସ୍ଥାକୁ ଭିତ୍ତିକରି ସେହି ଅବସ୍ଥା ମାନଙ୍କରୁ ନିଷ୍କୃତ ପାଇବା ପାଇଁ ଏହି ଦେବୀମାନଙ୍କ କଳ୍ପନା ।

ସଂଧ୍ୟା ହେଲେ ବୁଢ଼ୀଠାକୁରାଣୀ ଟୋକେଇଟିଏ ଧରି ଫୁଲ ତୋଳି ବାହାରନ୍ତି । ଏହି ଦେବୀଙ୍କ ଫୁଲତୋଳା ଅର୍ଥ ଗାଁରେ ରୋଗାକ୍ରାନ୍ତ ଲୋକଙ୍କୁ ଟୋକେଇରେ ନେବା । ରୋଗରେ ପଡ଼ିବାର ମୂଳ କାରଣ ବୁଢ଼ୀ ଠାକୁରାଣୀଙ୍କ ପ୍ରକୋପ ବୋଲି ବିଶ୍ୱାସ କରାଯାଉଥିଲା । ଏଣୁ ଦେବୀ ବନ୍ଦନା କରି ତାଙ୍କୁ ସନ୍ତୁଷ୍ଟ କଲେ ରୋଗୀର ରୋଗ ଭଲ ହେବା ବିଶ୍ୱାସ ରହିଥିଲା । ଏହା ଅଞ୍ଚଳେ ବହୁତେ ଏବେ ବି ପ୍ରଚଳିତ । ଗୋଟିଏ ଗୌଁଡ଼ ତାଳପତ୍ର ପୋଥିରେ ଠାକୁରାଣୀ ବନ୍ଦନା ନିମ୍ନ ପ୍ରକାରେ ରହିଛି-

ଏ ଦୁଃଖ କହି ଦିଅ ଗୋ ମୋରେ ବୁଢ଼ୀ ମାଏ ଏକ ସୁଜାଯେ,<br>
ଏ ଦୁଃଖ କହି ଦିଅ ଗୋ ମୋର ପର ଦେଶିଆନି ମାଏ କେ ସୁଜାଏ<br>
ଏ ଦୁଃଖ କହି ଦିଅ ଗୋ ମୋର ବାବୁରା କେ ସୁଜାଏ<br>
ତରାଟ ଫୁଲକେ ଭାରା,

ଶେଯ ଘରିଆନି ମାୟେକେ ହାରା,

ଚମ୍ପା ଫୁଲକେ ଭାରା, ଭଣ୍ଡାର ଘରିଆନି ମାଏକେ ହାରା

ଆଗୋ ଜଗଜ୍ଜନନୀ

ନାରାୟଣୀ ମୋରେ ଭବାନୀ

ନଗ୍ର ଭ୍ରମଣି କରି ଯାଅ ଗୋ ମୋରେ ଭବାନୀ

ଏହି ଦୀର୍ଘ ବନ୍ଦନାରେ ୧୨ ଭାଇ ବାବୁରାଏ ଓ ଷୋହଳ ଭଉଣୀ ଗଙ୍ଗାଦିଙ୍କ ବର୍ଣ୍ଣନା ରହିଛି । ଷୋହଳ ଭଉଣୀ ଗଙ୍ଗାଦିଙ୍କ ମଧ୍ୟରୁ ଇନ୍ଦ୍ରାଦି ଓ ସିନ୍ଦ୍ରାଦି ନଦୀ ରୂପେ ଖ୍ୟାତ । କମଳାଦି ଲକ୍ଷ୍ମୀ ଓ ବିମଳାଦି ଦୁର୍ଗା । ପ୍ରଦେଶିଆନି ଭଣ୍ଡାର ଘରେନ ପ୍ରଭୃତି ଦେବୀ ବିଖ୍ୟାତ ଗ୍ରାମ ଦେବୀ । ଏମାନେ ଗୋଟିଏ ଗୋଟିଏ ଅଞ୍ଚଳର ବିଶିଷ୍ଟ ଦେବୀ ରୂପେ ପୂଜିତା । ଭଣ୍ଡାର ଘରିଏନ ଦେବୀ ସମଗ୍ର ନବରଂଗପୁର ଓ ନୂଆପଡ଼ା ଅଞ୍ଚଳର ଗୋଁଡ଼ ପୂଜକମାନଙ୍କ ଦ୍ୱାରା ପୂଜିତା । ସେହିପରି ବସ୍ତର ପାଟଣାକୁ ଆସିଥିବା ବସ୍ତରେନ ବା ଦନ୍ତେଶ୍ୱରୀ ଦେବୀ ପରଦେଶିଆନି ରୂପେ ଗୋଁଡ଼ ଓ ଭତରା ସମେତ ଅନ୍ୟାନ୍ୟମାନଙ୍କ ଦ୍ୱାରା ମଧ୍ୟ ପୂଜିତା ।

ତେଣୁ ଭୟମୁକ୍ତି, ରୋଗମୁକ୍ତି, ତଥା ରାଜ୍ୟ ଓ ବଂଶର ଐତିହ୍ୟକୁ ରକ୍ଷା କରୁଥିବା ହେତୁ, ଷୋହଳ ଭଉଣୀ ଗଙ୍ଗାଦି ପ୍ରସିଦ୍ଧା । ନଦୀକୁ ଦେବୀ ରୂପେ କଳ୍ପନା କରିବା ମୂଳରେ ଗଙ୍ଗାଦି ଦେବୀଙ୍କ ପୂଜା । ଗ୍ରାମ୍ୟ ଦେବୀଙ୍କୁ ଗଙ୍ଗାଦି କହିଥାନ୍ତି । କିନ୍ତୁ ଗଙ୍ଗା ନଦୀ ଦେବୀ ରୂପେ ସମଗ୍ର ଭାରତରେ ପୂଜିତା । ଗୋଁଡ଼ମାନେ ପିତୃପୁରୁଷ 'ଡୁମା' ଆବାହନ ଓ ବିସର୍ଜନ ବେଳେ ନିଜ ଗାଁର ଝରଣା ଓ ପୁଷ୍କରିଣୀରେ ହିଁ ଗଙ୍ଗାଦିଙ୍କୁ ଆବାହନ କରିଥାନ୍ତି । ଏହା ହିନ୍ଦୁ ସଂସ୍କୃତିର ଆତ୍ମାର ମରଣୋତ୍ତର ମୁକ୍ତି ସ୍ୱରୂପ ଗଙ୍ଗାରେ ବିସର୍ଜନ ଦେବାର ପରଂପରାର ପ୍ରତୀକ ।

ମଧ୍ୟପ୍ରଦେଶ ଓ କୋରାପୁଟର ରାଇଘର ଅଞ୍ଚଳରେ ଗୋଁଡ଼ମାନେ ଗୌରା, ଗୌରୀ, ଠାକୁରଦେଓ, ରନହା (ଦୁଲ୍ହାଧଓ) ଗୁରୁଗୋସାଇଁ, ଅନକୁଆଁରୀ, ବନଦୁର୍ଗା, ପ୍ରଭୃତି ଦେବା ଦେବୀଙ୍କୁ ପୂଜା କରନ୍ତି । ବର୍ଷା ପାଇଁ ଭୀମା ଦେବତାଙ୍କୁ ପୂଜା କରିଥାନ୍ତି ।

କଳାହାଣ୍ଡିର ଆଠସଗା ଗୋଁଡ଼ମାନଙ୍କ 'ନାଗ ବାରନା' ଏକ ଗୋତ୍ର ପ୍ରତୀକ । ପ୍ରତ୍ୟେକ 'ସଗା'ର ଗୋତ୍ର ପ୍ରତୀକ 'ନାଗ' ତଥା ଭଣ୍ଡାର ସ୍ୱତନ୍ତ୍ର । ସେ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା । ଗୋଁଡ଼ ସମାଜରେ କେବେ ଅଶୁଦ୍ଧ ହେଲେ ବାଳକାଟିବା ପୂର୍ବରୁ ଏହି ଗୋତ୍ର ସ୍ମରଣ କରି ପ୍ରତୀକ ସ୍ୱରୂପ କଞ୍ଚାକ୍ଷୀର (ଦୁଧ) ବା ପାଣି ମୁଣ୍ଡରେ ଛିଞ୍ଚି ହୋଇ ଯାନ୍ତି । 'ସଗା' ଅନୁସାରେ ଏହି ଗୋତ୍ର ପ୍ରତୀକ ନାଗ ଓ ଭଣ୍ଡାରର ରୂପରେଖ ଏହିପରି -

| | | |
|---|---|---|
| ୧. ମୋରହି ରାଜା ନାଙ୍ଗ୍ | - | ରାଜଭଣ୍ଡାର |
| ୨. ମୋରକାମ ଦୁଧ ନାଙ୍ଗ୍ | - | ଦୁଧ ଭଣ୍ଡାର |
| ୩. ନେତାମ୍ ପାନି ନାଙ୍ଗ | - | ପାନି ଭଣ୍ଡାର |
| ୪. ସୋରୀ ଧୁଲି ନାଙ୍ଗ | - | ଧୁଲ ଭଣ୍ଡାର |
| ୫. ଓଟି ଗୁନଚି ନାଙ୍ଗ | - | ଆଠ ଭଣ୍ଡାର |
| ୬. ନେଟି ତମ୍ବା ନାଙ୍ଗ | - | ସୋ ଭଣ୍ଡାର |
| ୭. ଜଗତ ଗୋଖରା ନାଙ୍ଗ | - | ଦୂଦ୍ ଭଣ୍ଡାର |
| ୮. ପୋରଟି ପତଲୋଡ଼ା ନାଙ୍ଗ | - | ସୋ ଭଣ୍ଡାର |

ଉପରୋକ୍ତ ତାଲିକାରୁ ଦେଖାଯାଏ ମୋରକାମ ଓ ଜଗତ ବର୍ଗର ଗୋଁଡ଼ ଦୁଇ ଭାଇ । ଏଣୁ ଏମାନଙ୍କ ମଧ୍ୟରେ ବିବାହ ନିଷିଦ୍ଧ । ସେହିପରି ନେଟି ଓ ପୋର୍‌ଟି ମଧ୍ୟ । ଡୁମା ପୂଜାବେଳେ ଏହି ମୌଖିକ ପରଂପରାର ସୂତ୍ରଧରି ପୂଜା କର୍ମକାଣ୍ଡ ପାଳନ କରାଯାଏ ।

# ଚତୁର୍ଥ ପରିଚ୍ଛେଦ

## ଗୋଁଡ଼ ମୌଖିକ ପରଂପରା

ଗୋଁଡ଼ମାନେ ଏକ ଐତିହାସିକ ଜାତି । ଅଞ୍ଚଳଭେଦରେ ଭାରତର ବିଭିନ୍ନ ସ୍ଥାନରେ ବିଭିନ୍ନ ଭାଷାକୁ ଏମାନେ ଗ୍ରହଣ କରିନେଇ ଥିବାର ଦେଖାଯାଏ । କୋରାପୁଟର ରାଇଘର, ଉମରକୋଟ ଅଞ୍ଚଳରେ ଗୋଁଡ଼ମାନେ ଗୋଁଡ଼ୀ ଭାଷା କହୁଥିବାର ଦେଖାଯାଏ । କିନ୍ତୁ ଓଡ଼ିଶାର ଉତ୍ତର/ପଶ୍ଚିମାଞ୍ଚଳରେ ଏମାନେ ଆଞ୍ଚଳିକ ଓଡ଼ିଆ କହୁଥିବାରୁ ଏମାନଙ୍କୁ ଓଡ଼ିଆ ଗୋଁଡ଼ ବୋଲି କୁହାଯାଏ । ନୂଆପଡ଼ା ଜିଲ୍ଲାରେ ଗୋଁଡ଼ମାନଙ୍କ ଭାଷା ଭତରୀ ଭାଷା ପ୍ରଭାବିତ ଆଞ୍ଚଳିକ ଓଡ଼ିଆ । ତା ଛଡ଼ା ଲରିଆ ଗୋଁଡ଼ମାନେ ଛତିଶଗଡ଼ୀ ଲରିଆ ଭାଷାରେ ଭାବପ୍ରକାଶ କରିଥାନ୍ତି ।

ଗୋଁଡ଼ ଲୋକ ମୌଖିକ ପରଂପରା ଏହି ଅଞ୍ଚଳରେ ସମୃଦ୍ଧ । ଗବେଷଣାରୁ ଜଣାଯାଏ ଯେ, ଧର୍ମାଚାର ଭିତ୍ତିକ ଗୀତକୁ ଛାଡ଼ିଦେଲେ ଗୋଁଡ଼ମାନେ ଲୋକଗୀତ ରୂପେ ଯେଉଁ ସଜନୀ, ବରିଆ, ଜାଇଫୁଲ ଗୀତ ଆଦି ଗାଉଛନ୍ତି, ସେ ସବୁ ସଂପୂର୍ଣ୍ଣ ରୂପେ ପଶ୍ଚିମାଞ୍ଚଳୀୟ କୋଶଲୀ ଭାଷା । ଏଥିରେ ଗୋଁଡ଼ୀ ଭାଷାର ପ୍ରଭାବ ଲେଶମାତ୍ର ନାହିଁ । ଏଣୁ ସହାବସ୍ଥାୟୀ ଗଉଡ଼, ମାଳି, ତେଲି, କଲାର, କୁମ୍ଭାର, କେଉଟ ପ୍ରଭୃତି ଜାତିମାନଙ୍କ ଲୋକଗୀତ ଠାରୁ ଗୋଁଡ଼ ଲୋକଗୀତକୁ ଭିନ୍ନ ଭାବେ ଦେଖି ହୁଏ ନାହିଁ । ଏହା ସାଂସ୍କୃତିକ ଆନ୍ତଃକ୍ରିୟାର ଫଳଶ୍ରୁତି ।

ଅପରପକ୍ଷରେ ଗୋଁଡ଼ମାନଙ୍କ ଧର୍ମାଚାର କାଳୀନ ଗୀତ ସେମାନଙ୍କ ଜାତିର ସଂସ୍କୃତିକୁ ପାରଂପରିକ ରୂପେ ପ୍ରତିନିଧିତ୍ୱ କରିଥାଏ । ସେମାନଙ୍କ ଆଠସଗା ଗୀତରୁ ଗୋଁଡ଼ମାନଙ୍କ ଆଠ ପ୍ରକାର ବର୍ଗର ବିବରଣୀ ମିଳେ । ପ୍ରତ୍ୟେକ ବର୍ଗର ନାମ, ଧାମ, ଗୋତ୍ର, ଛତ୍ର, ଦେବତା, ଋଷି, ଗୋତ୍ର ସନ୍ତକ ଆଦିର ବିବରଣୀ ମଧ୍ୟ ଏହି ଗୀତରେ ରହିଛି । ସେହିପରି ପାରିବାରିକ ଧର୍ମାଚାର ସହିତ ସଂପୃକ୍ତ

ଗୀତଗୁଡ଼ିକ ସମାଜରେ ଏବେ ବି ଗୋଁଡ଼ ସ୍ତ୍ରୀ ଲୋକ ଗାଇଥାନ୍ତି ।

ଖେଳ ଓ ନୃତ୍ୟ ଭିତ୍ତିକ ଗୀତ ସବୁକେବଳ ଗୋଁଡ଼ ସମାଜ ନୁହେଁ, ସହାବସ୍ଥାହୀ ଅନ୍ୟାନ୍ୟ ଜାତିର ଲୋକଙ୍କ ସହିତ ଏହା ଉପଭୋଗ୍ୟ ହୋଇଥାଏ । ଗୋଁଡ଼ ମୌଖିକ ପରଂପରାର ସବୁଠାରୁ ବଳିଷ୍ଠ ସାହିତ୍ୟ ହେଉଛି ଗୋଁଡ଼ମାନଙ୍କ ପୁରାକଳ୍ପ ବା ମିଥ୍ । ଗୋଁଡ଼ ମିଥ୍ ଭିତରେ ସେମାନଙ୍କ ଜାତିର ସ୍ୱଭାବ ଓ ଚରିତ୍ରର ବର୍ଣ୍ଣନା ମିଳେ । ଏହା ଲୋକୋକ୍ତି ରୂପେ ପରବର୍ତ୍ତି କାଳରେ ପରିଚିତ ହୋଇଥାଏ । ଗୋଁଡ଼ ମିଥ୍‌ରେ ବୁଢ଼ା ଦେଓ ଜଂଘାଦେଓ, ଲିଂଗାଦେଓ, ମହାପ୍ରଭୁ, ମହାଦେଓ, ଚତୁର୍ଭୁଜ ବୁଢ଼ାଦେଓ, ବୁଢ଼ାରାଜା ପ୍ରଭୃତି ପୁରୁଷ ଗୋଁଡ଼ମାନଙ୍କ ଆଦିଦେବତା ରୂପେ ବର୍ଣ୍ଣିତ । ଗୋଁଡ଼ମାନଙ୍କ ସୃଷ୍ଟି ଉତ୍ପତ୍ତି, ମାନବର ଉତ୍ପତ୍ତି ତଥା କୃଷି ନିର୍ଣ୍ଣୟ ଆଖ୍ୟାନଟି ଶୈବ ଦଣ୍ଡନାଟ ପରଂପରାରେ ପ୍ରବେଶ କରିଥିବା ମନେହୁଏ । ତା ଛଡ଼ା ଅରଣ୍ୟର ଜୀବଜନ୍ତୁ, ଫଳମୂଳ, ପଶୁପକ୍ଷୀ ଓ ବନସ୍ପତିର ଗୋଁଡ଼ ଜାତି ସହିତ ସଂପର୍କକୁ ନେଇ ନାନା କାହାଣୀ ସୃଷ୍ଟି ହୋଇଛି ଯାହା ଗୋଁଡ଼ ଜାତିର ଗୋତ୍ର ସନ୍ତକର ପ୍ରତିନିଧିତ୍ୱ କରେ ।

ଗୋଁଡ଼ ମିଥ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଗୋଁଡ଼ ବଂଶାବଳୀ ବା ପୂର୍ଜା (Purja) । ଏହାର ଅର୍ଥ ନିରୂପଣ ଓ ବିଶ୍ଳେଷଣ ପାଇଁ ଅଭିଜ୍ଞ ଓ ବୟସ୍କ ପରଘନିଆ ସମେତ ଗୋଁଡ଼ ମୁଖିଆମାନଙ୍କ ସହିତ ଆଲୋଚନା ଆବଶ୍ୟକ । ଏହି ପୁସ୍ତକରେ ଏହିପରି ଏକ ଗୋଁଡ଼ ପୂର୍ଜା ଅବିକଳ ଦିଆଯାଇଛି, ଯାହାର ଅର୍ଥ ନିରୂପଣ ଏବେ ବି ସମ୍ଭବ ହୋଇ ପାରିନାହିଁ । ଏହିପରି ଦୁର୍ଲ୍ଲଭ ପୂର୍ଜା କଳାହାଣ୍ଡିର ଆହୁରି କେତେକ ଗୋଁଡ଼ ଗଉନ୍ତିଆମାନଙ୍କ ପାଖରେ ତାଳପତ୍ର ପୋଥିରେ ଲିଖିତ ହୋଇ ରହିଛି ଯାହା କି ଲୌକିକ ଇତିହାସର ସମ୍ବାହକ । ଏଠି ଗୋଁଡ଼ ଗୌନ୍ତିଆ ପର୍ଶୁରାମ ମାଝୀଙ୍କଠାରୁ ସଂଗୃହୀତ ପୂର୍ଜା ପ୍ରଦତ୍ତ । ଶ୍ରୀ ମାଝୀ ଯା ଭିତରେ ଇହଲୀଳା ସାଙ୍ଗ କଲେଣି । ହେଲେ ତାଙ୍କ ସଂସ୍କୃତି ସଂପ୍ରୀତି ଅନୁକରଣୀୟ । ପୂର୍ଜା ଲେଖାଇବା ପାଇଁ ସେ ପରଘନିଆମାନଙ୍କୁ ଗାଈ, ସୁନା ଓ ଭୂମିଦାନ ଦେଇଥିଲେ ।

ଗୋଁଡ଼ ଇତିହାସ, କିମ୍ବଦନ୍ତୀ ଓ ମିଥ୍ ଏପରି ପରସ୍ପର ସହିତ ସଂଗ୍ରଥିତ ଯେ ଆମେ ଗୋଟିକରୁ ଆରଟିକୁ ଅଲଗା କରି ପାରିବା ନାହିଁ। ଶିବ ଓ ପାର୍ବତୀଙ୍କ ପୁତ୍ର ରୂପେ ଏମାନେ ପରିଚିତ। ନିଜ ଅଞ୍ଚଳରେ ଐତିହାସିକ ଅବଶେଷରେ ଶିବପାର୍ବତୀ ମିଥ୍ ସଂଯୁକ୍ତ କରି ପୁରାଣ ଐତିହ୍ୟ ସହିତ ନିଜକୁ ଏମାନେ ସଂଯୋଜିତ କରିଛନ୍ତି। ସ୍ଥାନୀୟ କିମ୍ବଦନ୍ତୀର ବଳିଷ୍ଠ ପ୍ରମାଣ ସହ ମିଥ୍‌ର ସଂଯୋଜନା ଈଶ୍ୱରଙ୍କ ସହିତ ଗୋଟିଏ ଜାତିର ପୁରାଣ ଓ ଇତିହାସକୁ ସଂଯୁକ୍ତ କରେ। ଏହା ପୁଣି ବିଶ୍ୱାସ ରୂପେ ବଂଚିରହେ ସେମାନଙ୍କ ଧର୍ମାଚାରରେ ଓ ଧର୍ମପୁରାଣରେ। ଗୋଁଡ଼ ଆଖ୍ୟାନ କହିଲେ ଏଠି ଗୋଁଡ଼ ଲୋକନାଟ୍ୟ ଓ ଲୋକ କାହାଣୀକୁ ବୁଝାଏ। ଲୋକନାଟ୍ୟ ଗୋଁଡ଼ ଜାତିର ସଂସ୍କୃତି ନାୟକ (Culture Hero) ର ବୀରତ୍ୱ ପ୍ରଖ୍ୟାପକ ତଥା ସଂପନ୍ନ ଓ ସ୍ଥାନ ତଥା ଘଟଣା ଓ ଚରିତ୍ରର ସ୍ଥାୟୀ ନିରୂପକ ହେଲାବେଳେ ଲୋକକଥା ଏହାର କଥା ରୂପ। ମିଥ୍ ପରି ଗୋଁଡ଼ ଲୋକକାବ୍ୟ ଓ ଲୋକକଥା ବିଶ୍ୱାସନୀୟ। ଏ କଥାଟି /ଆଖ୍ୟାନ ଗୀତଟି ସତରେ ଘଟିଥିଲାକି ବୋଲି ପଚାରିଲେ ପରଘନିଆ/ଗାୟକ/କଥକମାନେ ଉତ୍ତର ଦିଅନ୍ତି, ଯଦି ଅତୀତରେ ଏହା ଘଟିନଥାନ୍ତା ତେବେ ଆମେ ୟାକୁ ମନେରଖିଥାନ୍ତୁ କାହିଁକି ? ଆମ ବାପ ପୁରୁଷର କଥା ଆମେ ନ ଜାଣିବୁ ତ ଜାଣିବ କିଏ ?

ଏହି ସଂକଳନରେ ଚାରୋଟି ବଡ଼ ଆଖ୍ୟାନ (Narrative) ଦିଆ ଯାଇଛି। ତନ୍ମଧ୍ୟରୁ ଚିତଲ ସିଂହ ଛତ୍ରୀଟିକୁ ଲୋକକାବ୍ୟ (Folk epic) ରୂପେ ଗାଆନ୍ତି। ସାରଙ୍ଗୀ ଜାତୀୟ ବାଦ୍ୟ 'କିକରି' ବଜାଇ ପରଘନିଆ ଯେତେବେଳେ ଚିତଲ ସିଂହ ଗାଥା ଗାଆନ୍ତି, ସେତେବେଳେ ଗୋଁଡ଼ ନରନାରୀ ତନ୍ମୟ ହୋଇ ସେହି ଆଖ୍ୟାନଟି ଶୁଣି ପୂର୍ବ ଗୌରବରେ ଗୌରବାନ୍ୱିତ ହୁଅନ୍ତି। ମିଥ୍‌ଟି ପୂଜନୀୟ। ପୂଜାର ବିଷୟ। ହେଲେ ଲୋକକାବ୍ୟ ଯେ ଏଇ ଅଞ୍ଚଳ କେତେ ଯୁଗ ତଳେ ଘଟିଥିବା ପୂର୍ବ ପୁରୁଷଙ୍କ ବୀରଗାଥା। ଏହି ଗୀତ ସବୁ ବିବାହ କାଳରେ ବରକନ୍ୟାକୁ ଘରକୁ ଆଣିଲା ବେଳେ ଦୁଇଘଣ୍ଟା ପରଘନିଆ ଗାଇ ଶୁଣାଉଥିଲା। ଏବେ ତାକୁ ଉଠାଇ ଦିଆଗଲାଣି।

କଦେଲ କଛାର, ବାଘ ବଘନି ଓ ସାଲେବନ - ଏ ଗୁଡ଼ିକ ଲୋକକଥା।

ଭାଷା ନିପଟ ଗ୍ରାମାଞ୍ଚଳର ଗୋଁଡ଼ ବୁଢ଼ାମାନଙ୍କ ବର୍ଣ୍ଣନାତ୍ମକ କଥିତ ଭାଷା । ଏଥିରେ ଅଳଂକାର, ଉପମା ଓ ବର୍ଣ୍ଣନା ଚାତୁରୀର ମହତ୍ତ୍ୱ ରହିଛି । କାହାଣୀ ମଝିରେ ସଂଳାପ ତଥା ଗୀତର ବ୍ୟବହାର ବଡ଼ ରୁଚିପ୍ରଦ । କାହାଣୀର କଥନଧର୍ମୀତା କେବଳ ଏହିପରି ଜୀବନ୍ତ କାହାଣୀରୁ ମିଳିପାରେ । ଯେହେତୁ ଏହା ଟେପ୍‌ରେ ସଂଗୃହୀତ ତାକୁ ଅବିକଳ ଅକ୍ଷତ ରୂପେ ଦିଆଯାଇଛି । କାରଣ ଏହା ଭାଷାତତ୍ତ୍ୱ ଦୃଷ୍ଟିରୁ ତଥା ଲୋକ ସାହିତ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ।

ଏହି ଲୋକକାହାଣୀ ଗୁଡ଼ିକରେ ବି ଗୋଁଡ଼ ଜାତିର ସାଂସ୍କୃତିକ ଚିତ୍ର ଓ ମନସ୍ତତ୍ତ୍ୱର ବଳିଷ୍ଠ ପ୍ରମାଣ ମିଳେ । ଲୋକ କାବ୍ୟରେ ପ୍ରତ୍ୟକ୍ଷରୂପେ ପ୍ରଜାତିକ ପରିଚିତିର ସ୍ୱାକ୍ଷର ଥିଲାବେଳେ, ଲୋକକାହାଣୀରେ ତାହା ପରୋକ୍ଷରୂପେ ବିମ୍ବିତ ହୋଇଥାଏ । କାହାଣୀର ଉପରିଭାଗରେ ବର୍ଣ୍ଣିତ କଳ୍ପନା ଭିତରେ ବାସ୍ତବତାର ଭିତ୍ତି ନିହିତ ଥାଏ ।

## ୧. ଧର୍ମାଚାର ସଂପର୍କୀୟ ଗୀତ
## (ଆଠସଗା ଗୀତ)

ଜାଇଫୁଲରେ ଅଷ୍ଟଶାଖାର ବିଧାନ　　ଗୋଟି ଗୋଟି କରି କହୁଛି ଶୁଣ,
ଜାଇଫୁଲରେ ମନେ ନ ଘେନିବ ଆନ ।୦।
ଗଙ୍ଗ ବଂଶ ନୀତି ଶୁଣ,　　ପଣ୍ଡିତ ମାତଲା ଦେବତା ଜାଣ
ଲାଞ୍ଜିଗଡ଼ ବାସ ସ୍ଥାନ ।
କନକ ଡାବର ଛତ୍ର,　　କଇଶପ ଅଟେ ତାହାର ଗୋତ୍ର
ଚାରିବେଦ ଚାରି ଧାମ ।୧।
ଗାଗ୍ରନ ବଂଶର ନୀତି　　ବୁଢ଼ାଦେଓ ଦେବ ନିତି ପୂଜନ୍ତି
ମେଘ ନାମ ଅଟେ ଛତ୍ରୀ ।

ଛୋଟ ନାଗପୁର ବାସୀ ନାଗେଶ୍ୱର ଗୋତ୍ର ସେ ନାଗବଂଶୀ
ସପ୍ତ ଦେବ ପୂଜେ ନିତି ।୨।
ଯଦୁ ବଂଶ କଥା ଶୁଣ ଚତୁର୍ଭୁଜ ଦେବ ପୂଜନ୍ତି ଜାଣ
ଛତ୍ର ଅଟଇ ଟିପନ,
ଅନନ୍ତ ଗୋତର ତାର ଲୌହ ଗଡ଼ ଅଟେ ତା ନିଜଘର
ତିନି ଦେବତା ଆଧାର ।୩।
କଦମ୍ବ ବଂଶ ଚରିତ କାଶ୍ୟପ ଅଟଇ ତାହାର ଗୋତ୍ର
ଧମନ୍ଦା ଗଡ଼ ଆଶ୍ରିତ,
ଛତ୍ର ଅଟଇ ଉଡ଼େନ ସୁମାତଲା ଦେବ ସେବନ୍ତି ଜାଣ
ତିନି ପତ୍ରି ତିନି ଧାମ ।୪।
ସଅନ (ସୋମ) ବଂଶର ରୀତି ଉଦ୍ରେଶିଆ ଦେବା ପୂଜନ୍ତି ନିତି
ବାଜୁ ବନ୍ଧ ନାମେ ଛତ୍ରୀ ।
ବିରାଟ ଗଡ଼ରେ ବାସ କରିଥିଲେ ସେହି ଗୋତ୍ର ବଶିଷ୍ଠ
ପଞ୍ଚ ଦେବତାର ଆଶ ।୫।
ସୂର୍ଯ୍ୟବଂଶ କଥା ଶୁଣ, ପାରେଶ୍ୱର ଗୋତ୍ରୀ ଅଟେ ସମାନ
ଦ୍ୱାରପାଳ ଛତ୍ର ନାମ
ଦେବ ଗଡ଼ ଚାନ୍ଦାଠାରେ ଜଙ୍ଗା ଦେବତାଙ୍କୁ ପୂଜନ୍ତି ବାରେ
ଛଡ଼ ଦେବତା ପୟରେ ।୬।
ବଘେଲ ବଂଶର ବୀର, ବାସ କରିଥିଲେ ଆଗ୍ରା ଗଡ଼ର
ଲକ୍ଷ୍ମ ନାମଟି ଛତର
ଭାତୁଆ ଦେବ ଆଶ୍ରିତି ତିନି ପତ୍ରୀ ପୁଣି ତିନୋଟି ତୀର୍ଥ
କୁଶ ପର ନାମେ ଗୋତ୍ର ।୭।
ସୋମ ବଂଶ କଥା ଭାବ ଲିଙ୍ଗା ଅଟଇ ତାଙ୍କ ଇଷ୍ଟ ଦେବ
ହୀରାଗଡ଼ଠାରେ ଠାବ

ହୀରାପାଳ ଛତ୍ର ନାମ ଷଡ଼ ଦେବତା କରି ମନସ୍କାମ

ଗଡ଼ ପତ୍ରୀ ଷଡ଼ ଧାମ ।୮।

ଗୀତେ କହେ ବେଣୁଧର, ରାଜଗଣ୍ଡ କୁଳେ ଜନମ ମୋର

ଗୋତ୍ର ଅଟେ ନାଗେଶ୍ୱର

ବୁଢ଼ା ଦେଓଙ୍କ ପୟର ବାରବାର ବନ୍ଦେ ନୁଆଇ ଶିର

ଦୋଷା ଦୋଷ କ୍ଷମା କର ।୯।

ନୁହଁଇ ଲେଖକ ମୁହିଁ ଦିନେ କବି କୁଳ ସାକ୍ଷାତ ନାହିଁ

ଭାବି ପଦ ଲେଖିଲଇଁ ।

ବୁଢ଼ା ଦେଓ ଆଶିଷରେ ଅଷ୍ଟ ଶାଖା ଗୀର ଲେଖିଲି ବାରେ

ରାଗଗଣ୍ଡ ଉପକାରେ ।୧୦।

## ଦେବୀ ବନ୍ଦନା ଗୀତ

ଜୁହାର ଗୋ ମାଁ ଡୁକ୍ରୀ ବୁଢ଼ି

ଦେଶ କୁନେ ତୋର ଗୁଡ଼ି

ଅଙ୍ଗର୍ ରୁଧିର ଦେମି କାଢ଼ି

ଶୁନ୍‌ଥା ମୋର୍ ଗୁହାରି ହୋ

ଲାଗିଯା ବୀର ରାଜ ମୋହନୀ ଲାଗିଯା

କଲା ହଂସ ଦେବୀ ଗବଡ଼ାଶନୀ ଲାଗିଯା ।

କଲାହାଣ୍ଡି ଦେଶେ ମାଣିକେଶ୍ୱରୀ

ପାଟନାରେ ପାଟ ରାନୀ ।

ଖଡ଼ିଆଳ ଦେଶେ ଖଗେଶ୍ୱରୀ ବନ୍ଧା

ଦେଓ ଭୋଗରେ ଭବାନୀ ।

ବସ୍ତର ଦେଶରେ ବସ୍ତରିଆନୀ

ନନ୍ଦୀପୁରେ ବୁଢ଼ି ମାଇ ।

ଡଙ୍ଗରଲା ରାଜ୍ୟରେ କମଳା ବିମଳା

ତୁମର ପାଦକୁ ଧ୍ୟାଇ ।

ଦନ୍ତାଗଡ଼ ମଧ୍ୟେ ଦନ୍ତା ଗଡ଼ିଆନୀ

ନୂଆଗଡ଼େ ବାବୁରାଇ ।

ଗଂଜରଲା ରାଜ୍ୟରେ ଗଂଜା ଦୁଲିଦେବୀ

ବନ୍ଦନା କରୁଛି ମୁଇ ।

ସିନ୍ଧେକେଲା ମଧ୍ୟେ ଦୁଆରଶନୀ

ଆମପାନି ବୁଡାରଜା

ଏ ବ୍ରହ୍ମାଣ୍ଡ ଭିତରେ ଏ ଛୋଟି ମାଉଲି

ସଭାରେ ନକର ଲାଜା ।

ନକଟୀକାନୀ ଗ୍ରାମେ ଏ ବୁଡା ରଜା

ପାଙ୍ଗନ ନାଶନ ସିଙ୍ଗାରିବ ମାନ

ଦୁଷ୍ଟକୁ ଦେବୁ ଦରାଣ୍ଡି ।

କହେ କାନ୍ଦ୍ରୁ ମାଝୀ କହି ନ ପାରିଲେ

ଏକା ପଦେ ଯିବା ହଟି ହୋ ଲାଗିଯା

ବୀର ରାଜ ମୋହନୀ ଲାଗିଯା

କଲା ହଂସ ଦେବୀ ଗବଡ଼ାଶନୀ ଲାଗିଯା ।

# ପାରିବାରିକ ଆଚାର ଚଳଣି ଭିତ୍ତିକ ଗୀତ

ପୁଅ କିମ୍ବା ଝିଅଟିଏ ଜନ୍ମ ହେଲେ ତାହାର ଷଷ୍ଠୀ ଓ ଏକୋଇଶା ଦିନ ଗୋଁଡ଼ ସମାଜରେ ପ୍ରଥମେ ଯେଉଁ ଗୀତ ଗାଉଥିଲେ ଏବେ ତାହା ଆଉ ଶୁଣିବାକୁ ମିଳୁ ନାହିଁ । ଭୁଞ୍ଜିଆ ସଂପ୍ରଦାୟ ଗୋଁଡ଼ମାନଙ୍କ ପରି ଏ ଭଳି ଗୀତ ଗାଉଥିଲେ, ଏବେ ବି ଗାଆନ୍ତି । ଗୋଁଡ଼ ସମାଜରେ ବିବାହ କାଳରେ ବିଭିନ୍ନ ପର୍ଯ୍ୟାୟରେ ସ୍ତ୍ରୀ ଲୋକମାନେ କେତେକ ଗୀତ ଗାଇଥାନ୍ତି । ସେ ଭିତରୁ ଗନ୍‌ସା ମଙ୍ଗଳା ଗୀତ, ''ଦେଉତ୍‌ରେନ୍'' ଗୀତ, 'ଦାଦେର୍ ଗୀତ', ବନାଗୁଦା ଗୀତ, ତେଲ ଚଘା ଗୀତ, ମଙ୍ଗଲ ଗୀତ, ଡାଲ୍ ବୋହେଲା ଗୀତ ଅନ୍ୟତମ । ପ୍ରଥମେ ଯେଉଁ ଦେବୀ ବନ୍ଦନା କରାଯାଏ ତାହା ବନ୍ଦନା ଗୀତ - ପରଘନିଏନ୍ ଗାଏ ।

ଗାଁ ଗରାମର ବନ୍ଦି ବାନ୍ଦୋ ହୋ - ଛୋଟି ବୁଢ଼ିର ବନ୍ଦି ବାନ୍ଦୋ
ପରଦେଶିଏନର ବନ୍ଦି ବାନ୍ଦୋ ହୋ, ବାବୁରେଏର ବନ୍ଦି ବାନ୍ଦୋ
ଦେ ଦେପତାର ବନ୍ଦି ବାନ୍ଦୋ ହୋ, ମାତା ପିତାର ବନ୍ଦି ବାନ୍ଦୋ
ଆଇ ଦାଦିର ବନ୍ଦି ବାନ୍ଦୋ ହୋ, ବେଇ ଭାଟୋର ବନ୍ଦି ବାନ୍ଦୋ
ମେଏ ମଏଲାର ବାନ୍ଦି ବାନ୍ଦୋ ହୋ, କାକୋ ଆଜୋର ବନ୍ଦି ବାନ୍ଦୋ
ମେଟ କେଟର ବନ୍ଦି ଛିଡ଼ୋ ହୋ, ଗାଁ ଗରାମର ବନ୍ଦି ଛିଡ଼ୋ,
ପାହାର ଭଣାର ବନ୍ଦି ଛିଡ଼ୋ ହୋ, ଦେଦେପତାର ବନ୍ଦି ଛିଡ଼ୋ ।

ବିବାହ କାଳରେ 'ଦୁଲା' (ବର) କୁ ଅମେରା ପାନି (ହଳଦୀ ପାଣି) ରେ ସ୍ନାନ କରାଇ ଗୋଁଡ଼ ନାରୀମାନେ ଉପରୋକ୍ତ ଗୀତ ଗାଆନ୍ତି । ଗାଁର ଛୋଟ ବୁଢ଼ୀ ଦେବୀ, ପରଦେଶିଆନି, ବାବୁରାଏ ପ୍ରଭୃତି ଦେବତା ତଥା ଅଜା, ଆଇ, ମାଁ, ବାପା, ଭିଣୋଇ ଓ ଭଉଣୀ, ମାମୁଁ, ମାଇଁ, ଗ୍ରାମପତି, ମାଟିମାତା ଓ ପାହାଡ଼ ପର୍ବତ ସମସ୍ତଙ୍କୁ ବନ୍ଦନା କରାଯାଏ । ମଣିଷ, ପ୍ରକୃତି ଓ ଦେବତାଙ୍କ ଭିତରେ ଏକତ୍ୱ ଆରୋପଣ ଏହି ଦର୍ଶନର ମୂଳତତ୍ତ୍ୱ ।

# ଓଲଗୋନା ଗୀତ

ଗୋଁଡ଼ ପୂଜକ ପୂଝାରୀ ଦେବୀ ଉତ୍‌ରାନ ଗୀତ ନିମ୍ନ ପ୍ରକାରେ ଗାଆନ୍ତି । ଗାଁରେ ବସନ୍ତ ରୋଗ (ମାତା କମାନି) ହେଲେ, ହଇଜା ହେଲେ କିମ୍ବା ଭୂତପ୍ରେତ ଧରିଥିଲେ ପୂଜାରୀ ନିମ୍ନ ଗୀତ ଗାଇ ଧୂପ ଝୁଣା ଦେଇ ଦେବୀଙ୍କ ଉତ୍‌ରାନ କରନ୍ତି । ଏହାକୁ ଓଲଗୋନି ଦିଆ ବୋଲି ମଧ୍ୟ କହନ୍ତି । ଗୀତଟି ନିମ୍ନରେ ପ୍ରଦତ୍ତ ହେଲା -

ଜୟମାତ ଠାକୁରାନି ଜଗତର ମାତ
ଦୃଷ୍ଟ ଆରମ୍ଭିଲେ ମାଗୋ ହୋଇଲ ସମ୍ଭୁତ ।
ଜୟମା ଜଲନି ମାତା, ଥଲନି ମାତା
ସ୍ୱର୍ଗରୁ ଉତରାନ କଲୁ ସୁତାର ତାଗେ ।
ତହୁଁ ବିଜେକଲୁ ମାଗୋ ଚଣ୍ଡାଳ ଘରକୁ
ଚଣ୍ଡାଳ ଘର ରାଏଁଟିରେ ଉତରାନ କଲୁ ।
ଡମ ଘର ଶିରୀ ସୁତା ଅଁଟାରେ ଭିଡ଼ିଲୁ ।
ତହୁଁ ବିଜେ କଲୁ ମାଗୋ ଲୋହରା ଘରକୁ
ଲୋହରା ଘର ତ୍ରିଶୂଳ ହାତରେ ଧରିଲୁ ।
ପାଦରେ କଠାଉ ମାଡ଼ି ତହୁଁ ବିଜେ କଲୁ
ତହୁଁ ଘାସିର ଘରକୁ ତୁ ଯେ ବିଜେ କଲୁ ।
ଘାସିକର ବାଜୁଣିମା ଗୋଡ଼ରେ ପିନ୍ଧିଲୁ
ତହୁଁ ବିଜେ କଲୁ ମାଗୋ ବେପାରୀ ଘରକୁ ।
ବେପାରୀ ଘର ଚୋଳ ମା ଛାତିରେ ପିନ୍ଧିଲୁ
ତହିଁ ବିଜେ କଲୁ ମାଗୋ ଜଲନି ଯେ ମାତା ।
ଜଲନି ମାତା ଗୋ ଖେଳିଲୁ ଯେ ମାତା ।
ଗାରେଡ ମାତା ଗୋ ମୋଟଲା ଯେ ମାତା ।

ତହୁଁ ବିଜେ କଲୁ ମାଗେ ସୁନାରୀ ଘରକୁ
ସୁନାରି ଘର ସୁବର୍ଣ୍ଣ ମୁକୁଟ ଶିରରେ ବାନ୍ଧିଲୁ ।
ତହୁଁ ଚଲିଗଲୁ ମାଗୋ କୁମ୍ଭାର ଘରକୁ
କୁମ୍ଭାର ଘର ବୀରଧନୁ ହାତରେ ଧରିଲୁ ।
ସ୍ୱର୍ଗରୁ ଉତରାନ କଲୁ ମାଗୋ ସୁତାର ତାଗେରେ
ନନ୍ଦିର ବାଲି ମାଗୋ ଗନିଲୁ ଯେ ତୁହି ।
ତୋହାର ଭାଗ ଗୋ ମାତ ନ ପାରିଲେ ସହି ।
ସୁନାର କାନେ ଶୁନିମା ରୂପାର ନୟନେ ଦେଖିବୁ
ଅସୁର ମାରି ମାଗୋ ଭୋଜନ ଯେ କଲୁ
ଶିଆଲ ଲଟିରେ ମାଗୋ ଝୁଲନା ବନିଲୁ ।
ମଝୁର ମାରିଣ ମାଗୋ ଭୋଜନ ତୁ କଲୁ
ଗର୍ଭିଣୀ ଗାଈ ମାଗୋ ବାଟ ଦେଲେ ତୋତେ
ସୁନାର କାନେ ଶୁନ ଗୋ ମା ଭଗବତୀ ମାତ ।

ବସନ୍ତ ରୋଗ, ହଇଜା ରୋଗ ହେଲେ ଏହି ଗୀତ ଗାଇ ଦେବୀ ବନ୍ଦନା କରାଯାଉଥିଲା । ଏବେ ସଂପୃକ୍ତ ରୋଗ କମିଗଲାଣି । ହେଲେ ବନ୍ଦନା ଦୃଷ୍ଟିରୁ ବିଚାର ନ କରି ଗୀତ ମଧ୍ୟରେ ବିଭିନ୍ନ ଜାତିମାନଙ୍କ ଦ୍ୱାରା ଦେବୀ କିପରି ପୂଜିତା ତଥା ଜାତିମାନଙ୍କର ବୃତ୍ତି କଥା ଏଥିରେ ବର୍ଣ୍ଣିତ ଏହା ଲକ୍ଷ୍ୟଣୀୟ ।

## ବୋରିଆ ଗୀତ

ଗୋଁଡ଼ ସଂପ୍ରଦାୟର ଝିଅମାନେ ଜହ୍ନ ଆଲୁଅ ପଡ଼ିଥିବା ରାତିରେ ମନୋରଂଜନ ପାଇଁ ବୋରିଆ ଖେଳିଥାନ୍ତି । ଏହି ଖେଳ ଅବିବାହିତ ଝିଅମାନେ ମିଶି ଖେଳିଥାନ୍ତି । ଏହି ଖେଳରେ ୧୨/୧୪/୧୬ ଜଣ ଝିଅମାନେ ମିଶି ଖେଳିଥାନ୍ତି । ସେମାନେ ଦୁଇଟି ଧାଡ଼ି ହୋଇଥାନ୍ତି ଗୋଟିଏ ଗୋଟିଏ ଧାଡ଼ିରେ ୫/୬/୭ ଜଣ ରହିଥାନ୍ତି । ପ୍ରତ୍ୟେକ ଝିଅ ଅନ୍ୟର ଅଣ୍ଟାକୁ ନିଜ ହାତରେ ଧରି ଠିଆ ହୁଅନ୍ତି । ଦୁଇଟି ଧାଡ଼ି ମଧ୍ୟରେ ପାଞ୍ଚ/ଛଅ ହାତ ଦୂରତା ଥାଏ । ଗୋଟିଏ ଧାଡ଼ିର ଝିଅମାନେ ସମସ୍ତେ ମିଶି ଗୀତ ଗାଇ ଗାଇ ଅନ୍ୟ ଧାଡ଼ିର

ଝିଅମାନଙ୍କ ପାଖକୁ ଯାନ୍ତି ଓ ଗୀତ ଗାଇ ଗାଇ ନିଜ ସ୍ଥାନକୁ ଫେରି ଆସନ୍ତି । ଗଲାବେଳେ ନଇଁ ନଇଁ ଯାଇଥାନ୍ତି ଓ ଫେରିଲା ବେଳେ ସିଧା ହୋଇ ପଛଘୁଞ୍ଚା ଦେଇ ଫେରି ଆସିଥାନ୍ତି । ଗୋଟିଏ ଧାଡ଼ିର ଗୀତ ସରିବା ପରେ ଅନ୍ୟ ଧାଡ଼ିର ଝିଅମାନେ ଗୀତ ଗାଇ ଗାଇ ପ୍ରଥମ ଧାଡ଼ିର ଝିଅମାନଙ୍କ ପରି ଆସନ୍ତି ଓ ଫେରିଯାନ୍ତି । ଏହି ଖେଳ ଅନ୍ତତଃ ଚାରି ପାଞ୍ଚ ଘଣ୍ଟା ଖେଳିଥାନ୍ତି । ଏହି ଖେଳ ପ୍ରକୃତରେ ବଡ଼ ଆନନ୍ଦ ଦାୟକ । ଝିଅମାନଙ୍କର ବୋରିଆ ଗୀତ ଶୁଣିଲେ ବହୁତ ଖୁସୀ ଲାଗେ । ଝିଅମାନେ ନିମ୍ନ ପ୍ରକାରେ ବୋରିଆ ଗୀତ ଗାଇ ନାଚିଥାନ୍ତି । ଏହି ଖେଳରେ କୌଣସି ବାଦ୍ୟ ଯନ୍ତ୍ରର ଦରକାର ପଡ଼େନି ।

ଉଲି ଉଲି ଉଲି ଉଲି ବୋରିଆ ଉଲି ଉଲି ଉଲି ଉଲିରେ
ଉଲି ସାରିଗଲେ କହେବୁ ମୋକେ
ଉଲି ଖଞ୍ଜି ଦେମି ତୋକେ ବୋରିଆ
ଉଲି ଖଞ୍ଜି ଦେମି ତୋକେରେ ।
ବରୋଡ଼ି ପତର ଠିକା ବୋରିଆ
ବରୋଡ଼ି ପତର ଠିକା
ପିଲାକାଲୁ ବାବୁ ପାଉଡ଼ର ମଖା
ପାଇବୁ ମେହେଜୀ ଧକା ବୋରିଆ
ପାଇବୁ ମେହେଜୀ ଧକାରେ ।

ସଡ଼କ ବାଟ କିନ୍ଦୁରା ବୋରିଆ
ସଡ଼କ ବାଟ କିନ୍ଦୁରା
ଇ ବାବୁର ମୁହଁ ଧୁନ୍ଦୁରା
ବାବୋରି ବାଳ ସୁନ୍ଦରା ବୋରିଆ
ବାବୋରି ବାଳ ସୁନ୍ଦରା ।

ମୁଡ଼ା ହିରେ ବମ୍ବୁର ଗଛ ବୋରିଆ
ମୁଡ଼ା ହିରେ ବମ୍ବୁର ଗଛ
ବହୁକୁ ଦେଖିଲେ ବୁଢ଼ା ବୟସ
ବଙ୍ଗାଲିରେ ଅଛେ ରସ ବୋରିଆ
ବଙ୍ଗାଲିରେ ଅଛେ ରସ ।

ମୁଡ଼ା ହିରେ ଚେପ୍‌ଟା ଖାଡ଼ି ବୋରିଆ
ମୁଡା ହିରେ ଚେପ୍‌ଟା ଖାଡ଼ି
ଦଦାର ସୁନାର ମାଲି ଧାଡ଼ିକେ ଧାଡ଼ି
ବହୁର ମନ ଗଲା ଘଡ଼ି ବୋରିଆ
ବହୁର ମନ ଗଲା ଘଡ଼ି ।

ଗାହାଁ ବେରାତିକେ ଖାରି ବୋରିଆ
ଗାହାଁ ବେରାତିକେ ଖାରି
ଗାହାଁର ଗହଁଟିଆ ପରଦୁଆରି
ଗାହାଁ ହେଲା ସରକାରୀ ବୋରିଆ
ଗାହାଁ ହେଲା ସରକାରୀ ।
ମାଳ ଶେର ମାଲି ଶେର ବୋରିଆ
ମାଲି ଡୋର ମାଲି ଡୋର
ଗାହାଁର ଗହଁଟିଆ ମେହେଙ୍ଗୀ ଚୋର
ସବେ ରଖିଛନ୍ ସୋର ବୋରିଆ
ସବେ ରଖିଛନ୍ ସୋର ।

କଏଁସି ଧାନର ଭରା ବୋରିଆ
କଏଁସି ଧାନର ଭରା
ହିସଁଲିଆ ଘରେ ପଡ଼ିଛୁ ଧରା
କେବେ ନ ବୁଲିବୁ ପରା ବୋରିଆ
କେବେ ନ ବୁଲିବୁ ପରା ।
ଲାଲ ଧାନ ପନ୍ଦର ମାନ ବୋରିଆ
ଲାଲ ଧାନ ପନ୍ଦର ମାନ
ଆମେ ଟୁକିଲ ମାନେ ଖାଏଲୁ ପାନ
ପିଲାମାନେ ହିନିମାନ ବୋରିଆ
ପିଲାମାନେ ହିନିମାନ ।

ଲାଲଧାନ ଖେଡ଼୍ ବାସ ବୋରିଆ
ଲାଲଧାନ ଖେଡ଼ ବାସ
କଲା ଲୁଙ୍ଗି ପିନ୍ଧୁ ଇନେକେ ଆସ
ହିଟିପଲେ ଯିବ ନାଶ ବୋରିଆ
ହିଟି ପଲେ ଯିବ ନାଶ

ଖୋରିନେ ଖାଇଲୁ ବାସି ବୋରିଆ
ଖୋରିନେ ଖାଇଲୁ ବାସି
ଆମେ ଟୁକିଲମାନେ ଯାଉଛୁ ପେଶୀ
ପୁନିଭଙ୍ଗା ତୋର ଦଶୀ ବୋରିଆ

ପୁନି ଭଙ୍ଗା ତେର ଦଶୀ ।
ସଡ଼କେ ଝିଟିଲୁ ସାହି ବୋରିଆ
ସଡ଼କେ ଝିଟିଲୁ ସାହି
ଯେତେ ଡରାଇଲେ ଡ଼ରିବି ନାହିଁ
ଲିଟି ଗୁଡ଼ାର ଟୁକିଲ୍ ମୁହଁ ବୋରିଆ
ଲିଟିଗୁଡ଼ାର ଟୁକିଲ ମୁହିଁ ।

ମୁଡ଼ା ହିରେ ଡାକେ ଗଂଜା ବୋରିଆ
ମୁଡ଼ା ହିରେ ଡାକେ ଗଂଜା
ଧରମ ଗଡ଼ ପାଖେ ଅଛେ ତରଂଜା
ଦେଖିବାକେ ଲାଗେ ମଜା ବୋରିଆ
ଦେଖିବାକେ ଲାଗେ ମଜାରେ ।
ଈଶ୍ୱର ଶିରେ ଦେଲା ପଥର ବୋରିଆ
ଈଶ୍ୱର ଶିରେ ଦେଲା ପଥର
ନେଇ ଲାଗେ ହାତ୍‌କେ ପଏସା ପତର
ଜାତି ହଉଛେ ମାଷ୍ଟର ବୋରିଆ
ଜାତି ହଉଛେ ମାଷ୍ଟର ।

କାଠ ଖଣେ ଡେରିଥିଲି ବୋରିଆ
କାଠ ଖଣେ ଡେରିଥିଲି
ଆସିବ ଭେଣିଆ ଚିରିବ ବୋଲି
ମନେ ମନେ ଭାବିଥିଲି ବୋରିଆ
ମନେ ମୁହିଁ ଭାବି ଥିଲି ।

ସାଇକେଲ ଚାଲିଗଲା ବୋରିଆ
ସାଇକେଲ ଚାଲିଗଲା
ତମ୍‌କେ ନେଇଁ ମିଲେ ମେହେଜୀ ପିଲା
ଆମର ସଙ୍ଗେ ମନ ଭୁଲା ବୋରିଆ
ଆମର ସଙ୍ଗେ ମନ ଭୁଲାରେ ।

## ସଜନୀ

### (ଝିଅମାନଙ୍କ ଗୀତ)

ସଜନୀ - ନୂଆ ମାଏଜି ଆନିଲା
ଭଉଜ ରସିଆ ଭତରା ପିଲା
ସଜନୀ, ମାଏଜି ପାଶରି ଦେଲା ।
ସଜନୀ - କୁଶେରି ବଂକ ଫୁଟିଲା
ତୋର ମୋର ଭାବ ଆଜି ତୁଟିଲା
ସଜନୀ, ବିହି ଯାହା ଲେଖିଥିଲା ।

## ଜାଇ ଫୁଲ

ଜାଇଫୁଲରେ, ସାହାଜ ପତର ହାତେ
ବନାଲୁଗା ଦେଇ ଆନିଛେଁ ତତେ-୨
ଜାଇଫୁଲରେ ଘଏଁତା ବଲିବୁ ମତେ
ଆହା, ଜାଇଫୁଲ ଘଏଁତା ବୋଲିବୁ ମତେ ।
ଜାଇଫୁଲରେ, କରଲା କାଠର କଲା
ବହୁ ବହୁ ବୋଲି ହୁରିଆ କଲା-୨
ଜାଇଫୁଲରେ କଲା ଲୁଗା ଗୁଟେ ଦେଲା
ଆହା ଜାଇଫୁଲ କଲା ଲୁଗା ଗୁଟେ ଦେଲା ।

## ରସର କେଳି

### (ଗୌଡ଼ ପୁଅ ଝିଅ ଉଭୟ ଗାଆନ୍ତି)

ରସର କେଳିରେ
ମଲ୍ଲୀଫୁଲ ଫୁଟି କରି ମହ ମହ ବାସୁ
ମୋକେ ଦେଖି କରି ନନୀ ଖଲ ଖଲ ହସୁ
ତରା ତରା ହେଲେ ନନୀ ଅଲଗେ ଯାଇ ବସୁ
କିଏ ତକେ କାଏଁ ବଏଲା ସଙ୍ଗାତ
ମନମାରି ରୁଷୁ ନନୀ ଦେ କହି ଦେରେ ।
ରସର କେଲିରେ - ବନ୍ଦ ତେନେ ପାରେ କିରେ ପକାନର ଗାଦି
ଛନେ ପରା ଲୁଗିଥିବ ସଙ୍ଗାତ, ସଙ୍ଗେ ଯିମା ଗାଦି ରସ ମାଡ଼ି ବସରେ ।
ରସର କେଲିରେ - ଇଫାଲେ ନାଲିଆ କିରେ ସେ ଫାଲେ ନିଲିଆ
ଯାର ଘରେ ଯୁବାତିରି ବାବୁଗା ରହିଯା ହୁଲିଆ
କିଆ ଦଗାଦିଆରେ,
ହେନ୍ତା କଥା ଜାନିଥିଲେ ନନୀକେ
ନାଇ ହେତି ବିହା କିଆ ଦଗାଦିଆରେ ।

## ଡାଲଖାଇ

ଡାଲଖାଇରେ, ସୁରୁ ସୁରୁ ଭାଜି ମୂଲା ପଚର
ଖାଇବା କେ ନନୀ ହେଲା ବତର
ପାଁଚଟା ଆଙ୍ଗଟି ଦଶଟା ମୁନ୍ଦି
ଆମେ ନାଇଜାନୁ ଡାଲଖାଇ
ଖେଚଡ଼ ବୁଦ୍ଧି ଖେଚଡ଼ ବୁଦ୍ଧି କି ଡାଲଖାଇରେ ।

## ଭମରା

ଆହାରେ ରସ ଗୁଲ୍ ଗୁଲା
ତୋର ନାଇଁ ବାବୁ ମାଏଜି ପିଲା
ମାଏଜି ପିଲା ହୋ ସତେ,
ମୋର ସଙ୍ଗେ ମନ ଭୁଲା ଭମରାରେ
ଭମରା, ଲାଇଟମରା, ଟୁଆଲ ଧରା,
ପଲଙ୍କ ଉପରେ ବସିଲା ପରା ।
ଆହାରେ ଡେଙ୍ଗ ଖଜୁର
ତୋର ପରା ଧାଙ୍ଗରା ନାଇଁ ଦର୍କାର
ନାଇଁ ଦର୍କାର ହୋ ସତେ
ଘରେ ଅଛେ ଗଲାହାର ଭମରାରେ
ଭମରା, ଲାଇଟମରା, ଟୁଆଲ ଧରା
ପଲଙ୍କ ଉପରେ ବସିଲା ପରା ।

## ଗୁଆ ନଡ଼ିଆ

ଆହାରେ ଉକିଆବତୀ
ତୁଇ ନାଇ ହେଲୁରେ ସତେ ଆମର ଜାତି
ସତେ କୋଲେ ଧରି ଚୁମା ଦେତିରେ
ଗୁଆ ନଡ଼ିଆ, ସତେ କିନ୍ଦିରି ଆସେ ଭେଣିଆ ହୋ
ନୂଆଟି ଜନ, ତମର କିରା ହେଲା କାନେକ୍ଶନ ହୋ - ନୂଆଟି ଜନ
କଲା କୁକୁରାର କେଶ,
କାଲି କାଲି କଲି ହୋ ସତେ ବାଖନୁ ଥିସ
ସତେ କାଲି ଦେହେଁ ଟେଭା ରସ ହୋ, ଗୁଆ ନଡ଼ିଆ
ତମେ କିନ୍ଦିରି ଆସ ଭେଣିଆ ହୋ ଗୁଆ ନଡ଼ିଆ ।

## ଝିଅମାନଙ୍କ ଖେଳ ଗୀତ

ସନ୍ଧ୍ୟାବେଳେ ଦୁଇଦଳ ଝିଅ ସାମ୍ନାସାମ୍ନି ଠିଆ ହୋଇ ଅଣ୍ଟା ଧରା ଧରି ହୋଇ ପରସ୍ପର ଉତ୍ତର ପ୍ରତ୍ୟୁତ୍ତର ମୂଳକ ଗୀତ ଗାଆନ୍ତି । ଯଥା -

ବରିଆ -

ଉଲି ଉଲି ଉଲି ଉଲି ବରିଆ
ଉଲି, ଉଲି,ଉଲି ଉଲିରେ
ସେ ଉଲି ଗଲା ବଜାର ବୁଲି-୨
ମଇ ଟାଣି ଗଲା ତୁଲି ବରିଆ
ମଇ ଟାଣିଗଲା ତୁଲିରେ ।
ବାଜୁଅଛେ ହାରମାନି ବରିଆ
ବାଜୁଅଛି ହାରମାନିରେ
ଗାଁର ଗଁଟିଆ ଘିଚିଲା ରାନି-୨
ମହଲ ଘରେ ଦେଲା ପୋନି ବରିଆ
ମହଲ ଘରେ ଦେଲା ପୋନିରେ ।

## ବାଙ୍ଗରୀ

ବାଙ୍ଗରୀରେ ସଡ଼କେ ଗଲା ଫଟ୍‌ଫଟି ବାଙ୍ଗରୀରେ
ଆମେଁ ନାଇ ଖାଉଁ ମଡ଼ିଆ ରୁଟି
ଗହୁଁ ଘିନ ପାଞ୍ଚପୁଟି ବାଙ୍ଗରୀରେ ।

ବାଙ୍ଗରୀରେ, ଗିନା ଗିନା, ଗିନା ଗିନା
ଭେଣିଆ ପିଲାର କାଏଁଟାଉନା ବାଙ୍ଗରୀରେ
ଚାରିଆଡ଼େ ଚାରଟା ମୁନା ବାଙ୍ଗରୀରେ ।
ବାଙ୍ଗରୀରେ, ପାନି ଗଲା ନାଲେ ନାଲେ
ହୀରାକୁଦଠାନେ ବିଜୁଳି ଜଳେ ବାଙ୍ଗରୀରେ
ଦୁନିଆ ଉଜଲ କରେ ବାଙ୍ଗରୀରେ ।

## ଜାଇଫୁଲ ଗୀତ

ଆରେ ଜାଇଫୁଲ ସାମନାନେ ଦୁଇଗୋଡ଼ ପଛେ ଦୁଇଗୋଡ଼
ଆଉ ଦୁଇ ଗୋଡ଼ କିଏ
ଆଉ ଦୁଇ ଗୋଡ଼ ଭେଟାଇ ଦିଅ
ଜାଇ ଫୁଲ ଗୋ ତୁମର୍ ସଙ୍ଗେ ବିଧା ଜୟ
ମାର ମାରିଦେମି ଖାବେଲ ଖୁନ୍ଦା
ଆଛା ଛୟାଲିରେ ହଗେଇ ହେବୁ ମନ୍ଦାମନ୍ଦା ।

ଜାଇଫୁଲରେ ତେତେଲ ଗଛେ ଇଟାଭାଟି
ଆମର ଲିଟିଗୁଡ଼େ ଷ୍ଟାଇଲ ବତୀ
ଜାଇଫୁଲ ଗା ଜଲୁଥିସି ନିଶାରାତି ।

ଜାଇଫୁଲରେ ଇଟାଇଟା ଇଟାଇଟା
ଧରମ୍‌ଗଡ଼ରେ ପାନ ସରଗ ସିଟା
ଆହା ଜାଇଫୁଲ ଲିଟିଗୁଡ଼ାର ପାନ ମିଠା ।

ଜାଇଫୁଲରେ ଗଛକେ ଚଘିଲା ଗେରୁ
ଗଛ କୁଟା ଭଲିଆ ଧଙ୍ଗରା ହେଲୁ
ଆହା ଜାଇଫୁଲ ଧାଙ୍ଗରୀକେ ଝୁରି ମଲୁ ।
ଜାଇଫୁଲରେ ଡଙ୍ଗର ତଳିଆ ବାଟେ
ଆମେ ଯାଉଥିଲୁ ଆମର ଭାବେ
ଜାଇଫୁଲ ଗା ପୋଟାଲି ହଉଛ ଲୋଭେ ।

ଆହା ଜାଇଫୁଲ ଚୁଆଁ ଶାଳେ ଝିମିଝାର
ଉଠ ବାବୁରବୁଆ ଦାତୁନ କର
ଜାଇଫୁଲ ଗା ପୁରଗି ଦେମି କୁକୁରା ଗାର ।

## ସଜନୀ ଗୀତ

ଉକୁ ବୁକୁ ଉକୁ ବୁକୁ-୨
କିଏ ଧରିଥିଲା ମାଁ ଗଜ ମୁଆଁକୁ ଗୋ
ଧନ କୁଣାକୁଟି ଖାଇବାକୁ ସଜନୀରେ
ତୁମର ଚିନି ହେଲେ ଆମର ପାନି ସଜନୀରେ ।

ସଜନୀ ସଜନୀ ଗୀତ-୨
ତୁମର ଭାଇ ସଙ୍ଗେ ମୋର ଭାଇ ମିତ ଗୋ
ଧନ ଦିଲିବସି ଗାଉଁ ଗୀତ ସଜନୀରେ
ଧନ ବେଲ ବସେ ବାଜେ ହାରମୋନି ସଜନୀରେ ।



ଗୋଁଡ଼ କୁମାରୀଙ୍କ ଅଙ୍କିତ 'ବନା' (ଝୋଟି ଚିତା)



''ଆହା ମୋ ଉଦିଆ ତରା,

ଫୁଲ ଗୁନ୍ଥିଦେବି ସରିକେ ସରା, ଖୁସାକେ ଅଡ଼ାଲା ପରା''

ନଈରେ ପାନି ଉକୁ ବୁକୁ-୨
କିଏ ଘିଚିଦେଲା ବାଂଝିବୁଟାକୁ ଗୋ
ଧନ ଛାତିକରେ ଦୁକୁ ଦୁକୁ ସଜନୀରେ
ଟଙ୍କା ଭାଂଗିଲେ ନେବୁ ଚେରଅନି ସଜନୀରେ ।

ଝିକର ଘରେ ଉଜେତରା-୨
ତମ୍‌କେ ନେଇ ଦେଖି ହଉଛେ ବରା ଗୋ
ଧନ ଜଲ୍‌ଦୀ କର ତରତରା- ସଜନୀରେ
ବେଲ୍କ ବୁଢ଼େ ବାଜେ ହାରମୋନୀ ସଜନୀରେ ।
ସଜନୀ କାଲି କୁକୁରାର କେଶ
କାଲି କୁକୁରାର କେଶ
ଧରି ପଲାଇମା ପାଟନା ଦେଶ ଗୋ
ଧନ କାନ୍ଦୁଥିବ ରସ ରସ ସଜନୀରେ ।
ସଜନୀ ଧୋବ ଧୋତି କୁଞ୍ଚି କୁଞ୍ଚି
ଧୋବ ଧୋତି କୁଞ୍ଚି କୁଞ୍ଚି
ଧୋବ ଧୋତି ତଳେ ଅତର ଶିଶି ଗୋ
ଧନ ମାଖୁଥିଲେ ପରଦେଶୀ ସଜନୀରେ ।
ସଜନୀ ଥାଲିରେ କଞ୍ଚା ଗୁରସ
ଥାଲିରେ କଞ୍ଚା ଗୁରସ ।
ତମେ ତିରୀ ବାବୁ ଆମେ ପୁରୁଷ ଗୋ
ଧନ ଦେଖିଲେ ଡରି ମରୁଛ ସଜନୀରେ
ସଜନୀ ନଦୀରେ କଞ୍ଚା ଦଲମ
ନଦୀରେ କଞ୍ଚା ଦଲମ

ବାରମାସୀ ଫଳ ନିତି ଜନମ ଗୋ
ଧନ ଫସିଆଁ ପିନ୍ଧୁକେ ମନ ସଜନୀରେ ।
ସଜନୀ ନଦୀ ପହଁରିଆ ଡାଳ
ନଦୀ ପହଁରିଆ ଡାଳ
ଦଦା ଆନି ଗଲା ଚାଉଳ ଭାର ଗୋ
ଧନ ବହୁ ପୁଛି ଦେଲା ଝାଲ ସଜନୀରେ ।
ସଜନୀ ପକା ଚୁଆଁ ତଳେ ରସି-୨
ଗାହାଁର ଗହଁଟିଆ ସାଇକେଲ ବସି ଗୋ
ଧନ ପାନ ଖାଏ ହସି ହସି ସଜନୀରେ ।
ସଜନୀ ଇସ୍କୁଲେ ଶୁକାଲୁ ଚନା
ଇସ୍କୁଲେ ଶୁକାଲୁ ଚନା
ଗୁଟେ ଚନାକୁ ଗୁଟେ ବରନା ଗୋ
ଧନ ଶହେ ଟଙ୍କା ଜୋରିମାନା ସଜନୀରେ ।
ସଜନୀ ଇସ୍କୁଲେ ବାନ୍ଧିଲୁ ପୁରା
ଇସ୍କୁଲେ ବାନ୍ଧିଲୁ ପୁରା
ଆମେ ଟୁକିଲ ମାନେ ବାନ୍ଧିବୁ ଝୁଡ଼ା ଗୋ
ଧନ ପିଲାମାନେ ଲାଣି ମୁଡ଼ା ସଜନୀରେ
ଧନ ବେଲ୍ ବୁଢ଼େ ବାଜେ ହାରମୋନୀ ସଜନୀରେ
ତୁମର ଚାହା ହେଲେ ଆମରପାନୀ ସଜନୀରେ
ସଜନୀ ଚାଲିଗଲା, ସାଇକେଲ ଚାଲିଗଲା
ତମ୍‌କେ ନେଇ ମିଲେ ମେହେନ୍ଦୀ ପିଲା ସଜନୀରେ
ସିନାପାଲିଆ ବାବୁ ଆମର ସଙ୍ଗେ ମନ ଭୁଲା ସଜନୀରେ
ତମର ଚାହା ହେଲେ ଆମର ପାନି ସଜନୀରେ
ତମେ ପିଲା ହେଲେ ଆମେ ନନୀ ସଜନୀରେ ।

# ବିହାଘରିଆ ନାଚ ଓ ଗୀତ

ସାଧାରଣତଃ ଏହି ନାଚ ବାହାଘର ସମୟରେ ହୋଇଥାଏ । ଗୌଂଡ଼ ସଂପ୍ରଦାୟର କୌଣସି ପୁଅ ବା ଝିଅର ବାହାଘର ଦିନ ବିହାଘରିଆ ନାଚ ହୋଇଥାଏ । ଏହି ନାଚ ସାଧାରଣତଃ ବିବାହିତ ସ୍ତ୍ରୀଲୋକ ଓ ଅବିବାହିତ ଧାଙ୍ଗରୀମାନେ ନାଚିଥାନ୍ତି । ସମସ୍ତେ ହାତରେ ରାମକାଠି ଧରିଥାନ୍ତି ଏବଂ ବଜାଇ ବଜାଇ ଗୀତ ଗାଇ ନାଚିଥାନ୍ତି । ଏହି ନାଚରେ ସ୍ୱତନ୍ତ୍ର ବାଜାବାଲା ଥାନ୍ତି । ସେମାନେ ଢ଼ୋଲ, ମହୁରୀ, ତସା, ନିଶାନ ବଜାଉଥାନ୍ତି । ଢ଼ୋଲ, ମହୁରୀ, ତସା ନିଶାନର ତାଳେ ତାଳେ ଧାଙ୍ଗରୀମାନେ ନିଜ ନିଜର ଅଣ୍ଟା ହଲାଇ ବିଭିନ୍ନ ଭାବଭଙ୍ଗୀରେ ବିଭିନ୍ନ ପ୍ରକାର ଗୀତ ଗାଇ ନାଚିଥାନ୍ତି । ପ୍ରଥମେ ଗୋଟିଏ ପଦ ଗୀତ ଗାଆନ୍ତି । ଗୀତ ସରିଲା ପରେ ବାଜାବାଲା ମାନେ ବାଜା ବଜାଇ ଥାନ୍ତି । ସେହି ବାଜାର ତାଳେ ତାଳେ ନାଚି ନାଚି ଏମାନେ ରାତି ପୁହାଇ ଦିଅନ୍ତି । ପ୍ରକୃତରେ ଏହି ନାଚ ଦେଖିବାକୁ ଯେପରି ଆନନ୍ଦଦାୟକ ସେମାନଙ୍କର ବିହାଘରିଆ ଗୀତ ମଧ୍ୟ ମନକୁ ଆନନ୍ଦିତ କରି ଦେଇଥାଏ । ସାଧାରଣତଃ ଏହି ନାଚ ବିଶେଷ କରି ଧାଙ୍ଗରୀମାନେ ନାଚିଥାନ୍ତି ।

## ବିହାଘରିଆ ଗୀତ

ଡ଼ମ୍ ଗେଲା ପୋଥୀ ରେଳ୍ ହେଲା ଭୋବୋଷଡି
କୁକୁରା ଗାର ଲାଗି
ମାର ହେଲା ଶିରିପତି
ତାକ୍‌ନିକିତା - ତୁଇତୋ ପୁର୍‌ରା ଚରିନେତା
ତାକ୍‌ନି କିତା ।
ଆମ ଗଛ କାମିନୀରେ ଗାଗର ଜଳୁଛି
ସବୁତିରୀ ଏକା ହେଲେ ନଜରେ ବୁଲୁଛି ଜରଜର
ପିଲାର କଥା ଲଡ଼ବଡ଼ ହୋ ତାକ୍‌ନିକିତା
ତୁଇତୋ ପୁର୍‌ରା ଚରି ନେତା ତାକ୍‌ନିକିତା ।

ମୁଇଁ ତ ରାନ୍ଧି ନେଇ ଜାନେ
ପୁଡ଼ଗଲା ବାସି
କେଁ କପଟା ଘିନି ଦେଲ ବାବୁ ବୁଆ
ସରିଗଲା ଆଁଛି ତାକ୍‌ନିକିତା
ତୁଇତ ପୁର୍‌ରା ଚରିନେତା ଧିରେ ଧିରେ
ଖସରି ପଡ଼ିଯିବ ହିରେ ଧିରେ ଧିରେ ।
କାକପକ୍ଷୀ କରେ କାହିଁରେ ବାସ
ବୁଝାଇ କହିବ ଏହି ସନ୍ଦେଶ ।
ରାମ ରାବନଟି କଲେ କ ଯୁଦ୍ଧ
ସେ ପୁଣି ସୀତାଙ୍କୁ ନେଲାକ ଧରି
ଜାନିଥିଲେ ମୋତେ କହ ବିସ୍ତାରି ସେ
ଲଙ୍କା ନାଶିଲା ହନୁମାନ ।
ଲଖନହାତରେ ଇନ୍ଦ୍ରଜିତ ମଲା
ଫେଡ଼ି କହ ହେ ପଣ୍ଡିତ
ବନ୍ଦ୍‌କେ ଯାଉନା ସାଙ୍ଗ ବନ୍ଦ୍‌କେ ଯାଉନା ସାଙ୍ଗ
ଗୀତ ଗାଉଛେ ମେହେନ୍ଦୀ ରଙ୍ଗ ।
ରାଜ ସୁବକି ଜନେ ନବଦିନେ ପାର୍ଥ ଧରିଥିଲେ ଧନୁର ଜୁଲେ
ମଧୁ କୈଷବ ମାରି ପ୍ରଭୁ ନରହରି
ଛାଲକୁ ଛାଉନ କଲେ
ବ୍ରହ୍ମାଙ୍କ ତ୍ରିକୁଟ ମେରୁ ଗିରି ଖମ
ସେଥି ମଧରେ ତୋପିଲେ ।
ପୂର୍ବ ଦିଗେ ଗୋଡ଼ ପଚିମରେ ମୁଡ଼ ।
ଉଦ୍ରକୁ ମୁଖ କରିଲେ ।
ଅଷ୍ଟରମ ତପି ପ୍ରଭୁ ନରହରି
ଚନ୍ଦ୍ର ସୂର୍ଯ୍ୟ ଜାତ କଲେ ।

ବନ୍ଦ୍‌କେ ଯାଉନା ସାଙ୍ଗ ବନ୍ଦ୍‌କେ ଯାଉନା ସାଙ୍ଗ
ଗୀତ୍ ଗଉଛେ ମେହେନ୍ଦୀ ରଙ୍ଗ... ।
ସୂର୍ପନଖାର ନାକ କାନ କାହିଁ ରଖିଲା ଲଖନ ହୋ
ଦେଖନ୍ତୁ ରାଜଗଣ ।
ଉଠଧୁସା ହୋଇ ଘୁସା ଫେଡ଼ ଦ୍ରୌପଦୀ ବସନ ହୋ
ଦେଖନ୍ତୁ ରାଜଗଣ ।
ଜନ୍ମଖଣ୍ଡ କଥା ଶୁନ ହେ ପଣ୍ଡିତ ।
ବୁଝୁଥାଉ ମନ ଦେଇ
ତଲସେ ପବନ ହେଲେ ଦୁଷ୍ଟ ଗଣ
ପୃଥୀ ପ୍ରଳୟ ହୋଇଲା ।
ନମୋ ଆଦି ଅନାଦୀ.. ।
ବାଟ ପୁଟେ ହରି ଜଗନିଦ୍ରା କରି ଅଚେତନ କଲେ ମନକୁ
ଜଗ ମାୟା ଦେବୀ ମନରେ ସଂତାପି
ଛପନ କଲେ ଲଙ୍କାକୁ ହୋ ହନୁଗଲା ଲଙ୍କାକୁ
ଅଗ୍ନି ଲଗାଇ ଦେଲା ରାବନ ଲକ୍ଷ ଗୃହକୁ ହୋ
ହନୁ ଗଲା ଲଙ୍କାକୁ... ।
ମୁଁ ଆବଲି କର୍ଣ୍ଣ ସୂର୍ଯ୍ୟଙ୍କ ନନ୍ଦନ
କେଉଁ ଶରେ ପ୍ରାଣ ଗଲା ।
ଯେ ଯାଇ ସଦର ଭାରତ ଯୁଦ୍ଧରେ
ପାର୍ଥ କେମନ୍ତେ ଜିଣିଲା ।
ଭୀମ ଦୁଶାସନ କଲେ ଘୋର ରଣ
ଭୀମ ହସ୍ତେ ଧୁସା ମଲା ।
ଦ୍ରୁପତୀ କେଶନ କଲା ରକ୍ତ ପାନ
ମୋତେ ସନ୍ଦେହ ଲାଗିଲା ।

ଇନ୍ଦ୍ରକୁ ଶାପ ଦେଲା ତେଣୁକରି ସାତ ବରଷ
ବୃଷ୍ଟି ନ ହଇଲା ହୋ ଲାଗିଯା
ବୀର ରାଜ ମୋହନୀ ଲାଗିଯା.. ।

## ହଲିଆ ଗୀତ

ଆଗର ହଲିଆ ଝଡ଼ର ହଲିଆ
ମଝିର ହଲିଆ ଦହିସର ଖିଆ
ପଛର ହଲିଆ ବାସିଥିର ଖିଆ ।

ବାବୁ ହନୁମନ୍ତରେ ତୁ ଯାଇ ପାରୁ ଲଙ୍କା
ବାନ୍ଧିବିନ୍ଧା ଶରେ ରାବଣକୁ ଦେଖା
ଏହି ଶରେ ମରିବେରେ ରାବଣ
ତୋ ଭାଇ ଭିବିଷଣ ।

ଗାଈକୁ ସରକାର ଯେ କରାଇ ଯେ ନେଲା
କଉଡ଼ି ନେବାର ପାଇଁ ହେ ।
ଗଛ ବୃକ୍ଷମାନେ ପୂର୍ବରୁ ଅଛି
ତାହାଙ୍କର ଶାଖା ନାହିଁରେ ।
ତାହାଙ୍କୁ ଆକଟ କଲେ
ଟଙ୍କା ପଇସା ସରକାର ଘିଟିଲେ ।
ହାଣ୍ଡିକେ ପାନିରେ ମୁଠେକ ମଡ଼ିଆ
ତୁଣ୍ଡଲ ଗୋଟାଏ ନାହିଁ ।
ପିଇଦେଲେ ଜଲ ଜଲ ଅପ୍ରବଲ
ଔଷଧ ନକାଟେ ତହିଁରେ ଗୋରୁ ମହିଁଷି
କୁଟି ଖାଉଛନ୍ତି

# ପଲାରୁଆ ଗୀତ

ଏହି ଗୀତ ସାଧାରଣତଃ ପଲା ରୋଇବା ସମୟରେ ଗାଇଥାନ୍ତି । କୌଣସି ଚାଷକ୍ଷେତ୍ରରେ ଧାନ ପଲା ରୁଆ ଯିବା ସମୟରେ, ଧାନରୁଆ ସ୍ତ୍ରୀ ଲୋକମାନେ ଧାଡ଼ି ଧାଡ଼ି ହୋଇ ପଲା ରୋଇ ରୋଇ ଗୀତ ଗାଇଥାନ୍ତି । ଏହି ଗୀତ ସେମାନଙ୍କୁ ଆନନ୍ଦ ଦେଇ ମନକୁ ଉତ୍‌ଫୁଲ୍ଲ କରାଇଥାଏ । ଏହି ଗୀତ ଗାଇ ଗାଇ ପଲା ରୋଇ ଯିବା ଫଳରେ ସେମାନଙ୍କୁ ସମୟ ଜଣା ପଡ଼ି ନଥାଏ ।

## ଗୀତ

ଗୋଡ଼ ବିସ୍‌ଲି ହଳଦୀ
ମୋରେ କୁର୍ତ୍ତା ଖିଲି ଦେତ ପଠାନକେ ଦରଜୀ
ହୋ ଆପନ୍ ମାନ୍‌କେ
ଆପନ୍ ମାନ୍‌କେ ଡେଁକା ମୋର ଡେଁହକି
ବନାବେ ହୋ ଆପନମାନକେ
ରଥିଆ ରଇଯାରେ ଟୁରା ସାବେରଇଯା ହୋ
ରଥିଆ ରହିଯା
ଜିଲ୍ଲା ନିନ୍ଦରି ମୋର ମାରେ କିନ୍ଦରି ହୋ
ଜିଲ୍ଲା ନିନ୍ଦରି ।
ବିଳାସପୁରେ ଶାକୁର ଖିଲି
ଧିରେ ରଙ୍ଗିଆରେ ଦଦା ତୁଇ ବାବେର ବୋଲି
ହୋ ଆଦାନ ମାନକେ -
ନଦୀ ଖଣି ଖଣି ବୁନାଉ ଜୀରାଧାନ
ମେରା ସଜ ପଲଙ୍କରେ ଆବେରେ ଟୁରା
ଭାଙ୍ଗୁନା ବିଡ଼ାପାନ

ହୋ ଆପନ୍ ମାନକେ.. ।

ଧରମଗଡ଼େ ବିକିଲି କଁଚା ଜାମ

ତୋର ଧୋତି ପଣତରେ ଲେଖା ମେରା ନାମ

ହୋ ଆପନ୍ ମାନ୍ କେ ।

ଭଟ୍‌କି ମେ ବାସି ଭଟ୍‌କି ମେ ରଇଯା

ମୋର ରୁଟିଖିଆ ରଜା ତୋ

ଭୋକେ ରଇଯା

ହୋ ଆପନ ମାନ୍‌କେ

ବାଟର ଅଁଳା ଉର୍‌ଲି ଖାଉଁତ

ବଢ଼ା ଥେବିଲାରେ ଗଣା ଘର

ବଜେଇ ମାଗୁତ

ହୋ ଝିଲା ନିନ୍ଦ୍‌ରି

ଝିଲା ନିନ୍ଦ୍‌ରି ମୋର ମାରେ କିନ୍ଦରି.... ।

## ୨. ଗୋଁଡ଼ ଲୋକୋକ୍ତି

ଗୋଁଡ଼ ସଂପ୍ରଦାୟର ଲୋକୋକ୍ତିରେ ସେମାନଙ୍କର ପ୍ରଜାତିକ ଐତିହ୍ୟ ସାମାଜିକ ପରଂପରା, ଜାତିର ପରିଚିତି ତଥା ଜାତି ମାନସିକତାର ଚିତ୍ର ସୁଲଭ । ନିମ୍ନୋକ୍ତ କେତେକ ଲୋକୋକ୍ତିରୁ ଗୋଁଡ଼ ଜାତିର ଐତିହ୍ୟ ଓ ଚଳଣି ସଂପର୍କରେ ସ୍ପଷ୍ଟ ଧାରଣା କରିହେବ ।

**୧. ଗୋଁଡ଼ର ଯେ ଭୂଇଁ ରଜାର ଯେ ରେଏକ୍ ।**

ପ୍ରଥମେ ସମଗ୍ର ଗୋଁଡ଼ୱାନା ଅଞ୍ଚଳରେ ଗୋଁଡ଼ମାନେ ହିଁ ଶାସନ ମୁଖ୍ୟ ରୂପେ ରହି ଆସୁଥିଲେ । ଗ୍ରାମରେ ଜନସାଧାରଣଙ୍କୁ ସ୍ୱାୟତ୍ତତା ଦେବା ସହିତ ସେମାନେ ପ୍ରତିନିଧିମୂଳକ ଶାସକୀୟ ମୁଖ୍ୟରୂପେ ମକଦ୍ଦମ, ଉମରାହ, ଗଉଡିଆ, ଜମିଦାର, ରଜା ରୂପେ ରହି ଆସିଥିଲେ । ଗ୍ରାମଠାରୁ ରାଜ୍ୟ ପର୍ଯ୍ୟନ୍ତ

ଗୋଁଡ଼ମାନଙ୍କର ଶାସନର ଶୃଙ୍ଖଳିତ ରୂପ ଗଣ ଭିତ୍ତିକ ଶାସନ ପରଂପରାର ପ୍ରତିନିଧି ହୋଇ ଆସୁଥିଲା ।

ଚୌହାନ, ପରମାର ପ୍ରଭୃତି ରାଜବଂଶମାନଙ୍କ ଦ୍ୱାରା ମଧ୍ୟ ଭାରତୀୟ ଆଦିବାସୀ ଶାସକମାନେ ପରାଭୂତ ହେବା ଫଳରେ ସେମାନଙ୍କଠାରୁ ରାଜାମାନେ ରାଜ୍ୟ ନେଲେ ଓ ଶାସନ କଲେ । କିନ୍ତୁ ରାଜ୍ୟମାନଙ୍କରେ ଆଦିବାସୀମାନେ ସଂଖ୍ୟା ଗରିଷ୍ଠ ରୂପେ ପରିଧି-ଗ୍ରାମାଞ୍ଚଳରେ ରହିଥିବାରୁ କେନ୍ଦ୍ରରେ ଥିବା ଶାସକ ମୁଖ୍ୟ ରାଜା ସେମାନଙ୍କ ସାମାଜିକ ସଂଗଠନ କ୍ଷେତ୍ରରେ କୌଣସି ହସ୍ତକ୍ଷେପ କଲେ ନାହିଁ । ବରଂ ଆଦିବାସୀ ମୁଖ୍ୟମାନଙ୍କ ଗ୍ରାମ ଓ ପ୍ରଗଣା ଶାସନ କ୍ଷେତ୍ରରେ ରାଜାମାନେ ପୂର୍ବପ୍ରଚଳିତ ପରଂପରାକୁ ମାନ୍ୟତା ଦେବାରୁ ଶାସନ ସୁଗମ ହେଲା ।

ଗୋଁଡ଼ମାନଙ୍କଠାରୁ ରାଜାମାନେ ଶାସନ ନେଲେ ସିନା, ଗ୍ରାମାଞ୍ଚଳରେ ସେମାନଙ୍କର ଥିବା ଭୂମ୍ୟାଧିକାରକୁ ହସ୍ତକ୍ଷେପ କଲେ ନାହିଁ । ଫଳରେ ଆଦିବାସୀ ମୁଖ୍ୟମାନଙ୍କ ସହିତ ରାଜାଙ୍କର ସହାବସ୍ଥାନ ଗୋଁଡ଼ମାନଙ୍କର ପ୍ରସ୍ଥିତି କ୍ଷେତ୍ରରେ ଆଞ୍ଚ ଆଣିଲା ନାହିଁ । ଗୋଁଡ଼ମାନେ ଜାଣିଲେ ରାଜ୍ୟ ସିନା ରାଜାର ହେଲେ ଭୂମିର ଆଦିଶାସକ ରୂପେ ସେମାନଙ୍କର ପ୍ରସ୍ଥିତି ଅକ୍ଷୁର୍ଣ୍ଣ ରହିଛି । ଏଣୁ ସେମାନେ କହିଲେ, -

'ଗଣ'ର ଯେ ଭୂଇଁ, ରଜାର ଯେ ରାଏଜ' ।

କିନ୍ତୁ ହିନ୍ଦୁ ରାଜାମାନଙ୍କଠାରୁ ଯେତେବେଳେ ୧୪/୧୫ଶ ଶତାବ୍ଦୀରେ ମୁସଲମାନମାନେ ରାଜ୍ୟ ଶାସନ ଛଡ଼ାଇ ନେଲେ ସେତେବେଳେ ଏହି ଲୋକୋକ୍ତିର ପରିବର୍ତ୍ତନ ହୋଇଛି ଯଥା -

"ଗଣର ଯେ ଭୂଇଁ । ପଠାନେକର ରାଏଜ ।"

ପଠାଣମାନେ ରାଜ୍ୟ ନେବାରୁ ଗୋଁଡ଼ମାନେ ସନ୍ତୁଷ୍ଟ ନଥିଲେ । ଏଣୁ ସେମାନେ ନିଜ ନିଜ ଗାଁର ଦେବୀଙ୍କ ପାଖରେ ଘୁଷୁରୀ ବଳି ପ୍ରଚଳନ କଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ପଠାଣମାନେ ଘୁଷୁରୀ ଛୁଅନ୍ତି ନାହିଁ । ଘୃଣା କରନ୍ତି । ଯେଉଁ ଗ୍ରାମର ଗ୍ରାମ ଦେବୀଙ୍କ ଠାରେ ଘୁଷୁରୀ ବଳି ଦିଆଯାଏ; ସେହି ଗ୍ରାମକୁ ପଠାଣ ଶାସକମାନେ ଘୃଣାରେ ଆସିବେ ନାହିଁ, ଫଳରେ ସେମାନେ ଏହି ଅତ୍ୟାଚାରୀମାନଙ୍କ ଠାରୁ ରକ୍ଷା ପାଇବେ ।

## ୨. ଗୋଁଡ଼ର ଭାଲା, ଗାଁ ଗଲା
## କନ୍ଧର ଫରଶି, କେଁ କରସି ।

ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀର ସତନ୍ତ୍ର ଅସ୍ତ୍ର ପ୍ରତୀକ ରୂପେ ରହିଅଛି । ଗୋଁଡ଼ମାନଙ୍କର ଅସ୍ତ୍ର 'ଭାଲା' କନ୍ଧମାନଙ୍କର ଅସ୍ତ୍ର 'ଫରଶି' ଧରଣୀ ଦେବୀ ଗୋଁଡ଼କୁ ଦେଲେ ଭାଲା ଓ କନ୍ଧକୁ ଦେଲେ ଫରଶି । ଏହି ଅସ୍ତ୍ର ଧରି ଏମାନେ ଆକ୍ରମଣ ଓ ଆତ୍ମରକ୍ଷା କରୁଥିଲେ । ଇଂରେଜମାନେ ଆସିଲାପରେ ଏମାନଙ୍କ ଏହି ଅସ୍ତ୍ର ଧରିବା ନିଷିଦ୍ଧ ହୋଇଗଲା । ରାଜା ଓ ମୁସଲମାନ ତଥା ଇଂରେଜମାନଙ୍କର ଶାସନ ପ୍ରଭାବରେ ଗୋଁଡ଼ମାନେ ହୀନପ୍ରଭ ହୋଇପଡ଼ି କେବଳ ଏକ କୃଷିଭିତ୍ତିକ ଜାତି ରୂପେ ହିଁ ରହିଗଲେ ।

ଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ନାନାକାରଣରୁ ହେଉଥିଲା । ଗୋଁଡ଼-ବିଂଝାଲ, ଗୋଁଡ଼-କନ୍ଧ, ଗୋଁଡ଼-ଶବର, ଗୋଁଡ଼-ଭୁଞ୍ଜିଆ, ପହରିଆ-ଗୋଁଡ଼ ପ୍ରଭୃତି ସଂପ୍ରଦାୟଙ୍କ ମଧ୍ୟରେ ସଂଘର୍ଷର ଚିତ୍ର ମଧ୍ୟ-ଭାରତୀୟ ଜନଜାତିର ଐତିହାସିକ ଅଧ୍ୟୟନରୁ ଜଣାପଡ଼େ ।

ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀରରେ କନ୍ଧ ଓ ଗୋଁଡ଼ମାନଙ୍କର ପ୍ରାବଲ୍ୟ ରହିଛି । ଇଂରେଜ ଶାସନକାଳରେ କନ୍ଧମାନଙ୍କର ମେଳି ହେଲା, କିନ୍ତୁ ଗୋଁଡ଼ମାନେ ଏଥିରେ ନୀରବ ରହିଲେ । କନ୍ଧମାନଙ୍କର ଅସ୍ତ୍ର ଫରଶି । କନ୍ଧମାନେ ଫରଶି ଧରି ସମଗ୍ର ଅଞ୍ଚଳଟିରେ ଆତଙ୍କ ଖେଳାଇଦେଲେ । ଏପରିକି ସେମାନେ ଗୋଁଡ଼ମାନଙ୍କୁ ବି ଫରଶି ଦେଖାଇ ଚାପଲ୍ୟ କରିବାରୁ ଗୋଁଡ଼ମାନେ କହିଲେ -

ଗୋଁଡ଼ର ଭାଲା, ଗାଁ ଗଲା
କନ୍ଧର ଫରଶି, କେଁଏ କରସି ।

ଅର୍ଥାତ୍ ଗୋଁଡ଼ର ହାତରେ ଥିବା ଭାଲାକୁ ବ୍ୟବହାର କରିବାକୁ ଇଂରେଜ ସରକାର ନିଷେଧାଜ୍ଞା ଜାରି କରିଛି ଓ ଗୋଁଡ଼ ଏବେ ନିରସ୍ତ୍ର ହୋଇଛି ବୋଲି କନ୍ଧ ଫରଶି ଦେଖାଇ ଆସ୍ଫାଳନ ଦେଖାଉଛି । ଅନ୍ୟଥା କନ୍ଧର ଫରଶି ଗୋଁଡ଼ମାନଙ୍କର ବା କି ଅନିଷ୍ଟ କରି ପାରିବ ?

### ୩. ଗୋଁଡ଼ ଭତରା ଜୁଏ ଅଁତରା

ମଧ୍ୟଭାରତରେ ମୁଖ୍ୟ ଜନଜାତି ରୂପେ ଗୋଁଡ଼ମାନଙ୍କ ସଂଖ୍ୟା ଗରିଷ୍ଠତା ରହିଅଛି । ଏମାନଙ୍କର ଅନେକ ଉପଜାତି ମଧ୍ୟରୁ ଭତରା ଉପଜାତି ଅନ୍ୟତମ । ଗୋଁଡ଼ ଓ ଭତରାଙ୍କ ମଧ୍ୟରେ ଭିନ୍ନତା ନାହିଁ । ଧାରୁଆ ଗୋଁଡ଼, ରାଜଗୋଁଡ଼, ମାରିଆ ଗୋଁଡ଼, ମୁରିଆ ଗୋଁଡ଼, ପରି ଭତରା ଗୋଁଡ଼ ଏକତମ । ଏମାନେ ସମଗ୍ର କଳାହାଣ୍ଡି, ମଧ୍ୟପ୍ରଦେଶ-ବସ୍ତର ଓ କୋରାପୁଟର କେତେକାଂଶରେ ଗଉନ୍ତିଆ, ଉମରାହ ଓ ଜମିଦାର ରୂପେ ରହିଥିଲେ । ଗୋଁଡ଼ମାନଙ୍କ ସହିତ ପ୍ରଜାତିକ ଓ ସାମାଜିକ ଏକତ୍ୱ ଦୃଷ୍ଟିରୁ ଏମାନେ ଏତେ ଅଭିନ୍ନ ଯେ, ଅଁତରା, ଯେପରି 'ଜୁଏ' ସହିତ ଅଭିନ୍ନ; ଭତରା ସେହିପରି ଗୋଁଡ଼ଠାରୁ ଅଭିନ୍ନ ।

### ୪. ଗୋରେକର ମୁଲୁକ୍, ଗୋଁଡ଼ର ଝୁଲୁପ୍ ।

(ଗୋରେକର-ଗୋରାମାନଙ୍କର) ଇଂରେଜମାନଙ୍କର ରାଜ୍ୟ । ଇଂରେଜମାନେ ରାଜ୍ୟ ଶାସନ କଲେ ବି ଗୋଁଡ଼ମାନଙ୍କର ଝୁଲୁପ୍ ବାଳକୁ ଛୁଇଁ ପାରିବାର କ୍ଷମତା ନାହିଁ । କାରଣ ଗୋଁଡ଼ ବିଦ୍ରୋହୀମାନଙ୍କୁ ଜଙ୍ଗଲ ଭିତରୁ ଆବିଷ୍କାର କରିବା ଇଂରେଜଙ୍କ ପକ୍ଷରେ ଦୁଷ୍କର ଥିଲା । ସୁରେନ୍ଦ୍ର ସାଏଙ୍କୁ ବିଦ୍ରୋହରେ ସାହାଯ୍ୟ କରୁଥିବା ଗୋଁଡ଼ମାନଙ୍କ ଦ୍ୱାରା ଏହା ସୃଷ୍ଟ ବୋଲି ମନେ ହୁଏ ।

### ୫. ଉଠ୍‌ଲେ ଗୋଁଡ଼ ଛତର ଟେକେ
### ବସ୍‌ଲେ ଗୋଁଡ଼ ପତର ବିକେ

ଗୋଁଡ଼ ସଂପ୍ରଦାୟ ଏକ ପକ୍ଷରେ ମଧ୍ୟ ଭାରତୀୟ ଇତିହାସର ଏକ ଉଲ୍ଲେଖଯୋଗ୍ୟ ଶାସକ ଜାତି । ସମ୍ବଲପୁର, ଛତିଶଗଡ଼ର ବହୁ ଜମିଦାରୀରେ ଗୋଁଡ଼ମାନେ ହିଁ ରାଜା ରୂପେ ଶାସନ କରି ଆସିଥିବାର ଇତିହାସ ରହିଅଛି । ଏମାନେ ଗ୍ରାମୀଣ ଓ ଆଞ୍ଚଳିକ ମୁଖ୍ୟରୁ ରାଜ୍ୟ ମୁଖ୍ୟ ପର୍ଯ୍ୟନ୍ତ ରହି ଆସିଥିଲେ । ମୋଗଲ, ଇଂରେଜ ତଥା ହିନ୍ଦୁ ରାଜାଙ୍କ ଦ୍ୱାରା ଏମାନେ ପରାଭୂତ ହେଲାପରେ କ୍ରମଶଃ ଏମାନଙ୍କ ଶାସକୀୟ ପ୍ରତିଷ୍ଠିତି ଲୋପ ପାଇଲା । ଆତ୍ମରକ୍ଷା ପାଇଁ ତଥା ଜୀବିକା ପାଇଁ ଏମାନେ ଜଙ୍ଗଲ ପାହାଡ଼କୁ ଆଦରି ରହିଲେ ଓ କ୍ରମଶଃ ଆର୍ଥିକ ଦିଗରୁ ଦୁର୍ବଳ ହୋଇ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ପୂର୍ବକ ବିକ୍ରୟ କରି ଜୀବିକା ନିର୍ବାହ କଲେ ।

ଏଣୁ କୁହାଯାଇଛି, ଗୋଁଡ଼ ଉନ୍ନତି କଲେ 'ଛତର' ଟେକେ ଅର୍ଥାତ୍ 'ରାଜଛତ୍ର' ଧାରଣ କରେ ଓ ଅବନତି ହେଲେ ଜଙ୍ଗଲରୁ ପତ୍ର ସଂଗ୍ରହ କରି ବିକି ଜୀବନ ଧାରଣ କରିବା ପର୍ଯ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ହୁଏ । ଗୋଁଡ଼ମାନଙ୍କର ଅତୀତ ଓ ବର୍ତ୍ତମାନ ଏହି ଲୋକୋକ୍ତିରୁ ଜଣାପଡ଼େ ।

**୬. ଗୋଁଡ଼ ଉଠ୍ଲେ ବାଗ, ଗୋଁଡ଼ ବସ୍ଲେ ଶାଗ ।**

ଗୋଁଡ଼ ସଂପ୍ରଦାୟର ମାନସିକତାକୁ ଭିତ୍ତିକରି ଏହା ରଚିତ । ଗୋଁଡ଼ ଏକ ଯୋଦ୍ଧାଜାତି ରୂପେ ସୁପରିଚିତ । ସେ ରାଗିଲେ ବାଘପରି ହିଂସ୍ର ହୋଇଉଠେ ଓ ଶାନ୍ତ ଥିଲେ  ଶାଗ ପରି କୋମଳ ।

**୭. ଗୋଁଡ଼ ଆରୁ କନ୍ଧ ଏ ମା' ମାଏସୀର ପୋଓ ।**

ଗୋଁଡ଼ ଓ କନ୍ଧମାନେ ଦୁଇ ଭଉଣୀର ଦୁଇ ପୁଅ । ବଡ଼ ଭଉଣୀର ପୁଅ ଗୋଁଡ଼ ଓ ସାନ ଭଉଣୀର ପୁଅ କନ୍ଧ । ଏହା ସେମାନଙ୍କର ପ୍ରଜାତିକ, ଭାଷା ଭିତ୍ତିକ ଅଧ୍ୟୟନରେ ସ୍ପଷ୍ଟ ହୁଏ । କନ୍ଧମାନଙ୍କ ଲୋକ ମୌଖିକ ପରମ୍ପରାରେ ଅଛି ।

"ମା ମାଏସିର ପିଲା, ଗୋଁଡ଼ ବଏଲେ ଯେ"

(ଗୋଭାଉଦ୍‌ରା : ପୋଡ଼ବଳି ସମୟରେ ଗୀତ ମନ୍ତ୍ର)

ଗୋଁଡ଼ ଓ କନ୍ଧ ଯେପରି ଦୁଇ ଭାଇ ସେମାନଙ୍କ କଳ୍ପନା ବି ସେହିପରି । ଗୋଁଡ଼ର ମୂଳ ଦେବତା ଚତୁର୍ଭୁଜ ବୁଢ଼ା ଦେଓ ବଡ଼ଭାଇ ଓ କନ୍ଧର ନିରାକାର ନିରଞ୍ଜନ ଛୋଟ ଭାଇ ।

**୮. "ହେରାମ ଟେକରାମ କରି ଆମ, ସୁନ୍ଦରାମ**
**ଇ ଚାର ଭାଇ ନେତାମ ।"**

- ନେତାମ୍ ବର୍ଗର ଚାରୋଟି ଉପବର୍ଗ ରହିଅଛି । ସେହି ଉପବର୍ଗ ମନେ ରଖିବା ସୁବିଧା ଦୃଷ୍ଟିରୁ ଉପରୋକ୍ତ ପ୍ରବାଦ ମଧ୍ୟରେ ସଂରକ୍ଷିତ ରହିଅଛି । ସେହିପରି -

**୯. ଲୋହାଗଡ଼ର ଯେ ନେଟି**
**ବୈରାଟ ଗଢ଼େ ଯେ ପୋର୍‌ଟି ।**

ଲୋହାଗଡରେ ନେଟି ବର୍ଗର ଗୋଁଡ଼ମାନେ ଶାସନ କରୁଥିଲେ ଓ ବୈରାଟ ଗଡ଼ରେ ପୋରଟି ବର୍ଗର ଗୋଁଡ଼ମାନେ ଶାସନ କରୁଥିଲେ ।

# ଗୋଁଡ଼ ମିଥ୍

## ୧. ବୁଢ଼ା ଦେଓର ଚାଷ ନିର୍ଣ୍ଣୟ

ଗୁଡ଼ାଗଡ଼େ ମହାଦେଓ ଆଘେ ଚାଷ କଲେ । ସେଠାନେକୀମାନେ ହଳିଆ ରଖିଲେ । ଭୀମ ସୁନାବେଡ଼ା ରୂପାବେଡ଼ା କେ ଯୋତ୍‌ବାକାଙ୍କେ ମହାଦେଓ କେ ହଳ ମାଗଲା । ମହାଦେଓ ତିରଶୁଲକେ ବନାଲେ ଫାଳ୍ । ସରଗୁନୁ ଆନ୍‌ଲେ ରେଙ୍ଗାଲ କାଟ୍ ଆରୁ ତାକେ ବନାଲେ ନଙ୍ଗଲ । ତାକର ବଳଦଆରୁ ଯମର "ପୋଡ଼୍" କେ ଭୀମାକେ ନଙ୍ଗଲ ଯୋତ୍‌ବାକେ ଦେଲେ । କୁବେରଠାନୁ ଭୀମ ଧାନ ଲାଗ୍ ଆନିଗଲା । କୁବେର୍, ଚନ୍ଦ୍ର ସୂର୍ଯ୍ୟ-ଉଦତି ବୁଡ଼୍‌ତିକେ ସାକ୍ଷି ରଖି କରି ଷାଠେ ପୁଟି ଧାନ ଦେଲା । ମହାଦେଓ ଧାନ ବୁନ୍‌ଲେ । ଧାନ ପାଚ୍‌ଲା । ଭୀମକେ ମହାଦେଓ ପଠାଲେ, ଯା' ଧାନ ଖଲାକେ କାଟି କରି କୁପାବୁ ଆରୁ ମଡ଼ାବୁ । ଭୀମା ଧାନ କାଟଲ ଆରୁ ସୋବୁକେ ଖାକେ ଧରି କରି ଖରି ଗଦାଲା । ମହାଦେଓ ଠାନେ ସେ ଆସ୍‌ଲାକେ ତାକେ ପଚାରଲେ, ଧାନ କେତେ ହେଲା ? ଭୀମା କଏଲା । "ଅଢ଼େଇ ଉଙ୍ଗା" । ମହାଦେଓ ଏତ୍‌କି କମ ଧାନ ହେଲା ବଲି ରିସା ହେଲେ ଆରୁ ତାକେ କହେଲେ ଯା ନୁଏ ଆଁ କି ଦେବୁ । ଭୀମା ଗଲା ଆରୁ ଧାନ ଖରିନେ ୟୁଏ ଧରେଇ ଦେଲା । ସାତ୍‌ଦିନ୍ ସାତ୍ ରାତ୍ କୁହୁଳା ତି ତିନ୍ ଭୁବନ ଉକୁବୁକୁ ହେଲେ । ସରଗର ଦେବତାମାନେ ଆସି ଧାନ ଖରିକେ ଲିଭାଲେ । ପୁଡ଼ଲା ଧାନକେ ବ୍ରହ୍ମା, ବିଷ୍ଣୁ, ଆରୁ ମହାଦେଓ ବାହାର କଲେ । ଧାନର ରଙ୍ଗ ବଦଲି ଯାଇଛେ । କେନ୍ ଧାନ କଲା, କେନ୍‌ଟା ହଳଦିଆ, ସାତବାନି ଧାନ । ମହାଦେଓ ସେଦିନୁ ଆରୁ ଧାନ ତାସ କଲେ ।

ଯେନ୍ ଧାନ ସାତେ ଦିନେ ହେଲା ସେଟକା
ନବେ ଦିନର ଧାନ ପୋରା, ଆରୁ କଲିଆ ।

୨. ବାଘ କୋକକୁ କାହିଁକି ଡରେ ?

ମହାଦେଓ କଦେଲ ଝରିଆ ଜଙ୍ଗଲେନେ ନଙ୍ଗଲ ଚାଷୁଥିଲେ । ପାର୍ବତୀ କେତା ସାତଦିନ ହେଲା ମହାଦେଓ ନେଇ ଆସବାର୍ ବଲି ଗାଗରର ମଏଲନୁ ବାଗ୍ ଗୁଟେ ବାହାର କଲେ । ମହାଦେଓ କେ ଡାକି ଯିବା କାଯେ ବାଗ୍‌କେ ପଠାଲେ । ବାଗ ଗଲା ଆରୁ ଲୁକି କରି ମହାଦେଓ କେ ଡରାଲା । ମହାଦେଓ ନଙ୍ଗଲ ଚାଛର୍‌ଲା ଛିଲପା ଗଦାନୁ ମୁଟେକ୍ ଗାଁପଲେ ଆରୁ ବାରାବାଟେନେ ଫିକି ଦେଲେ ଆରୁ କହେଲେ, ''ଖେଦିଖାରେ କୋକୁଆ ବୋଗୁଆକେ ।'' ସେନୁ ସବୁ ଛିଲପା କୋକ ଉତରି ଗଲେ । କୋକ ବାଗ୍‌କେ ଖେଦି ନେଲା । ବାଗ ଡରି କରି ପାର୍ବତୀ ଲଗେ ଖେଟଲା ଆରୁ ରନ୍ଧା ଘରେନ ଶମିଗଲା । ପାର୍ବତୀ ରନ୍ଧାହାଣ୍ଡି ମାଜୁଥିଲେ । କୋକ୍ ବାଗ୍‌କେ ନରଦାଲା ବେଲେ ପାର୍ବତୀ କୋକର୍ ମୁହୁଁକେ କଳାହାତେନ ଚେପେଇ ଦେଲେ । ସେଠାନୁ କୋକ୍‌ର ମୁହୁଁ କଲା ହି ଗଲା । ସେ ଦିନୁ କୋକ୍ ଖମନ୍ ଭିତରେ ଲୁକସି ଆରୁ ଟୁକିଲ କୋକ୍‌କେ ଦେଖଲେ ଲାଙ୍ଗେ ହି ଯେଏସି ।

ବାଗ୍ ବି ଖମନତି କୋକ୍‌କେ ଡରି କରି ଥିସି । କୋକ୍‌ମୁତ୍‌ଲା ଠାନେ ବାଗ କଦମ୍ ପକାଲେ କଣା ହିଁ ଯେସି ଆରୁ ସେଠାନୁ ଉସ୍‌କି ନେଇ ପାରେ ବଲି କହେସନ୍ ।

୩. ବୁଢ଼ାରଜା ମିଥ୍ : (Culture Hero)

ନିରାକାର ବୁଢ଼ାଦେଓ ଶଙ୍ଖ, ଚକ୍ର,ଗଦା, ପଦ୍ମ, ଧରି ଲହ ଲହ ଜିଭିଆ ହୋଇ ମୋହି ସମୁନ୍ଦର ଅସୁର ମାରଲା । ସେ ଅସୁରର ହାତ ପୁଥିନେ ପରବତ ହେଲା । ପଞ୍ଜରା ଚିମଟା ହେଲା । ରକତ ହୋଲି, ଚନ୍ଦ ହେଲା । ସେଠାନୁ ଚାଲିଲା ତୋ ବୃକ୍ଷ ଗଛନୁ ବେତ ବାଡ଼ି ନିକାଲି କରି ଗୁଡ଼ା ପରବତଗଲା ଆରୁ ସେଠାନେ ଆସ୍ତାନ ବନାଇ । ମାଙ୍ଗୁର ବେଡ଼ା, ଚାଙ୍ଗୁର ବେଡ଼ା, ସୁନାବେଡ଼ା, ରୂପାବେଢ଼ା

କେ ଆସ୍ତାନକରି ଚାଷ କଲା । 'ଶଙ୍ଖ ମୋହରି' ଧାନ କାଟି କରି ଗଲା । ତିନି ପୁରା ଧାନ ହେଲା । ସେଟକା, ପୋରା, କଲିଆପୋରା ଆରୁ ମାଲପା ଧାନ ଈଶ୍ୱର ଦେଲା । ନରମାଞ୍ଜାକେ ପୋଷବାକେ ବଏଲା । ଗୁଡ଼ାପଭବତେ ଦେପତାମାନେ ଥିଲେ ସଂକତୋରାକେ ଉତରାନ କଲେ । ସଖାଭଜା ଦେଲେ । ବାରକୋଡ଼ି ବୀର (ବାବ ବୀର) ଭୋଗଡିହି (ଦରଲିପଡ଼ା) ଠାନେ ଦେପତାର ବିହା ହେଲା । ବୁଡ଼ାରଜା ଦେବତାରା ବିହା ହେଲା । କପୁର ହଳଦି ଆନି ବୁଢ଼ା ଦେଓ ଧରଣି ଦେବିକେ ବିହା ହେଲା । ଷୋଲେଶିଙ୍ଗିଆ ବୋକା (କୁକୁଡ଼ା) ଭୋଜି ଦେଲା । ଫୁଲାଲିଆ ଗଙ୍ଗା ଦେଇ ଦେଲେ । ପଣ୍ଡରୀ ପାନିନେ ବିଶ୍ରାମ କଲେ । ଗୋଡ଼ର ପଏଁରି ରଖିଲେ । ସେ ଲଗନୁ ପାନି (ଚାଲିବା) ଘାଟ ବଦଲେଇ ବିଶ୍ରାମ କଲେ । ବିଶ୍ରାମ କରି ଚଟୁ ରଖଲେ ଫେର ଚାଲଲେ । ଯେନ୍‌ନେ ଚଟୁ ରଖିଲେ ସେ ଗାଁ ଚଟୁ ଅନ୍‌କା ହେଲା । ଖରକା ଘାଟି (ଆମପେନ୍) ତି ଖୋରୋର (ଘୋଡ଼ାଜିନ୍) ରଖିଲେ । ଖୋମଟିଆ (କଳାହାଣ୍ଡି ପହିଲପାର ରାଜ୍ୟ) ଥି କୋଟିଆ କନ୍ଧ ମାରଲେ । ଗମଖାଇ ଦେବତା ପୂଜା ଖାଏଲା । ସେଠାନୁକୋଇ ସିଂଗ (କେସିଙ୍ଗା) କେ ସାଙ୍ଗୋ ପିନ୍ଧି କରି ଗଙ୍ଗା ଗଲେ । ଯାଇ ଫିରଲେ ଗଙ୍ଗାନୁ ସୋବ୍ଲୁ ଦେପତା ଫିରଲାକେ ଗୋନଚା ଦୁତିଆକେ ଭୋଜି ହେଲା ।

### ୪. ଚାଷ କାମର ଆରମ୍ଭ

ଦିନେ ଭଗବାନ ନଙ୍ଗା ବୈଗା ଓ ନଙ୍ଗା ବୈଗାଇନ୍‌କୁ କହିଲେ ତମେ ସବୁ ବଂଚିବ କିପରି ? ତୁମେ କି ବୃତ୍ତି କରିବ ବୋଲି ଭାବିଛ ? ନଙ୍ଗା ବୈଗା କହିଲା -"ମୁଁ ଗଛ ହାଣି ପେଟ ପୋଷିବି ।" ସେଇଠୁ ସେ ଜଙ୍ଗଲକୁ ଯାଇ ହଜାର ହଜାର ଶାଳଗଛ ହାଣି ପକାଇଲା । ସେଇ ଗଛସବୁ କାଟି ସାରିଲା ପରେ ସେ ଗଛର ଡାଳ ସବୁ ହାଣି ଖଣ୍ଡଖଣ୍ଡ କରି ସେଇ ଜାଗା ଚାରିପଟେ ବିଛେଇ ଦେଲା । ସେ ଟିକେ ଥକି ଗଲା ଓ ଘରକୁ ଫେରି ଆସିଲା । ଘରେ ସେ ସାତଦିନ ଶୋଇଲା । ସାତଦିନ ପରେ ଉଠିଲା ଓ ତାକୁ ଭାରି ସତେଜ ଲାଗିଲା । ସେ ପୁଣି ସେଇ ଜାଗାକୁ ଯାଇ ସେଇ ଶୁଖିଲା କାଠ ଉପରେ ନିଆଁ ଲଗାଇ ଦେଲା । ସବୁ ଶୁଖିଲା କାଠ ପାଉଁଶ ହୋଇଗଲା । ଆକାଶରେ ମେଘ ଦେଖାଗଲା । ବର୍ଷା ହେଲା ଯେ, ସାତଦିନ ସାତ ରାତି ।

ବର୍ଷା ଛାଡ଼ିଲା ପରେ ଭଗବାନ ନଙ୍ଗା ବୈଗା ପାଖରେ ଉଭା ହେଲେ ଆଉ ତାକୁ କିଛି କୋଦୋ ଓ କୁଟୁକି ଏ ଦୁଇଟି ଶସ୍ୟ ଦେଇ କହିଲେ ମା' ସେଇ ପାଉଁଶ ଉପରେ ଏହି ମଞ୍ଜି ସବୁ ବୁଣି ଦେ । ନଙ୍ଗା ବୈଗା ତାକୁ ବୁଣି ଦେଲା । ଭଗବାନ ତାକୁ କହିଲେ, - ଏବେ ଘରକୁ ଯା' ଆଉ ଚାରିମାସ ଶୁଅ । ବାକି କଥା ମୁଁ ବୁଝିବି । ଚାରିମାସ ପରେ ଉଠି ତୁ ଜମିକୁ ଆସିବୁ । ଶସ୍ୟ କାଟିବା ପାଇଁ ବତର ହୋଇ ଯାଇଥିବ । ଶସ୍ୟ ଠିକ୍ ଫଳିଲା । ସେହିଦିନରୁ ଭୂମିଆମାନେ ଏହିପରି ଶସ୍ୟ ଉପୁଜାଇଥାନ୍ତି । ହେଲେ, ଯା ପରେ ନଙ୍ଗା ବୈଗାଇନ୍ ଘରେ ଦୁଇଟି ପୁଅ ଜନ୍ମ ହେଲେ । ବଡ଼ ପିଲାଟି ତା ବାପାର କୃଷି ବୃତ୍ତିକୁ ଧରିଲା, ହେଲେ ଛୋଟ ପୁଅ ନିଜ ବାଗରେ ଚାଷ କଲା । ସେ ନିଜେ ଲଙ୍ଗଳ ତିଆରି କଲା । ଦୁଇଟି ଗାଈ ଯୋଚି ଜମିରେ ହଳ କଲା । ନଙ୍ଗା ବୈଗା ଏଥିରେ ତାକୁ ରାଗିଯାଇ କହିଲା ।

" ତୁ ଏହି ଲୁହାର ଲଙ୍ଗଳ ଫାଳରେ କିମିତି ଧରନୀ ମାତାର ଛାତିକୁ ଚିରୁଛୁ ? ମୁଁ ଯିମିତି କରୁଛି ସିମିତି କର । ଜଙ୍ଗଲକୁ ପୋଡ଼ି ଦେ, ମଞ୍ଜି ବୁଣି ଦେ ଏଇ ପାଉଁଶ ଉପରେ । ଭଗବାନ ଆମକୁ ଏମିତି ଶିଖାଉଛନ୍ତି ଚାଷ କରିବାକୁ ।" ହେଲେ ନଙ୍ଗା ବୈଗାର କଥା ସାନ ପିଲାଟି ମାନିଲା ନାହିଁ । ସେ ହଳ କରି କରି କୃଷକ ହୋଇଗଲା । ସେ ଗୋଁଡ଼ ବା କିଶାନ ରୂପେ ପରିଚିତ ହେଲା ।

କିଛିଦିନ ପରେ ନଙ୍ଗା ବୈଗାଇନ୍ ଘରେ ଦୁଇଟି ଝିଅ ଜନ୍ମ ହେଲେ । ସେମାନେ ସିଆନ୍ ହେଲାପରେ ନଙ୍ଗା ବୈଗାର ବଡ଼ପୁଅ ବଡ଼ ଝିଅକୁ ବାହା ହେଲା ଓ ଛୋଟ ପୁଅ ଛୋଟ ଝିଅକୁ ବାହା ହେଲା । କାରଣ ପୃଥିବୀରେ ସେ ଦୁଇଜଣ ଝିଅଙ୍କ ଛଡ଼ା ଆଉ କେହି ବାହା ହେବାକୁ ନଥିଲେ । ସେଇଠୁ ସେମାନଙ୍କ ବହୁ ପୁଅ ଝିଅ ହେଲା । ସେଇଠୁ ନଙ୍ଗା ବୈଗାର ବଡ଼ପୁଅ ଭୂମିଆମାନଙ୍କ ପୂର୍ବପୁରୁଷ ରୂପେ ପରିଚିତ ହେଲା ଓ ଛୋଟ ଭାଇ ଗୋଁଡ଼ମାନଙ୍କ ପୂର୍ବପୁରୁଷ ରୂପେ ପରିଚିତ ହେଲା । ଲୋକସଂଖ୍ୟା ବଢ଼ିଲା, ଅଧିକରୁ ଅଧିକ ଜମି ଚାଷ ହେଲା, ଶେଷରେ ଧରନୀ ମାତା ଭଗବାନଙ୍କ ପାଖରେ ଅଭିଯୋଗ କଲେ -

ଭଗବାନ, ଗୋଁଡ଼ମାନେ ମୋର ଛାତିକୁ ଚିରି, ଦେହକୁ କ୍ଷତ ବିକ୍ଷତ କରି ମୋର ସବୁ ଶକ୍ତି ହରି ନେଲେଣି । ମୁଁ ଏବେ କ୍ଲାନ୍ତ । ମୁଁ ବି ଏତେ ଲୋକଙ୍କ କ୍ଷୁଧା ତୃଷା ଦୂର କରିବା ପାଇଁ ଶସ୍ୟ, ଫଳ ପନିପରିବା ଉପୁଜାଇ ପାରିବି ନାହିଁ । କଣ କରିବି ମୋତେ କୁହ ।''

ଭଗବାନ କହିଲେ, ''ଧରନୀ ମାତା, ସେମାନଙ୍କୁ ରୋଗ ବଇରାଗ ଦେଇ ମାର । ଏମିତି କଲେ ତମର ଶକ୍ତି ଅକ୍ଷୟ ହୋଇ ରହିବ ।'' ସେଇଠୁ ଧରନୀମାତା ଭଗବାନଙ୍କ କଥାରେ ନାଗରାଜା ବୁଢ଼ାନାଙ୍ଗର ଚାକର ଓ ରଖନୀ ପାଖକୁ ଗଲେ ଓ ତାଙ୍କୁ କହିଲେ ।

''ମୋତେ ମଣିଷ ବଳି ଦେ, ମୋତେ ଭୋକ ଲାଗୁଛି ।'' ସେଇଠୁ ସେହି ପୁରୁଖା ନାଙ୍ଗ ରାଜାର ଚାକର ଗୋଟିଏ ଶକ୍ତ ଭୂମିକମ୍ପଟିଏ ସୃଷ୍ଟି କଲା । ଏହି ଭୂମିକମ୍ପରୁ ବହୁ ସଂକ୍ରାମକ ରୋଗ ବାହାରି ପୃଥିବୀରେ ବ୍ୟାପି ଗଲା ଓ ଅସଂଖ୍ୟ ଲୋକଙ୍କୁ ମରଣ ମୁହଁକୁ ନେଇଗଲା ।

ଏବେ ବି ତାହା ଚାଲିଛି ।

ତେଣୁ ଯେତେବେଳେ ଧରନୀ ମାତା ବିକଳ ହୁଅନ୍ତି, ସେ ତାଙ୍କ ସାତଭଉଣୀ ଓ ମାଁଙ୍କୁ ଧରି ମଞ୍ଚପୁରକୁ ଆସନ୍ତି । ସେ ଲୋକଙ୍କୁ, ଝିଅ, ପୁଅ, ନାରୀମାନଙ୍କୁ ପ୍ଲେଗ୍, ହଇଜା, ବସନ୍ତ ପ୍ରଭୃତି ରୋଗ ଛାଡ଼ି ଦିଅନ୍ତି, ଏହି ରୋଗରୁ ମୁକ୍ତି ନାହିଁ । କାରଣ ଧରଣୀ ମାତା ସବୁଠୁ ଶକ୍ତିଶାଳୀ । ଏତିକିବେଳେ ଗାଁର ଝାଙ୍କର ମାଁକୁ ପୂଜାକରି ତାଙ୍କୁ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ପଠାଇ ଦେବା ଛଡ଼ା ଅନ୍ୟ ଗତି ନାହିଁ । ଏ ସବୁ ରୋଗକୁ ଗାଁରୁ ଦୂରେଇ ଦେବା ପାଇଁ ଗୋଟିଏ ଛେଳି ଜଙ୍ଗଲରେ ବଳି ଦିଆଯାଏ ।

ହେଲେ ଧରଣୀ ମାତା ଗାଁରେ ଥିଲାବେଳେ ଲୋକେ ଗାଁରେ ମରିଗଲେ, ସେମାନଙ୍କ ଶବକୁ ପୋଡ଼ାହୁଏ ନାହିଁ । ତାକୁ ମାଟିରେ ପୋତି ଦିଆଯାଏ । ଏହି ଶବ ମାଟିରେ ଖତ ହୋଇ ଭଲ ଫସଲ ଦିଏ । ତେଣୁ ବିଶ୍ୱାସ ଯେ ମହାମାରୀ, ହଇଜା ହେଲା ପରେ ଗାଁମାନଙ୍କରେ ଭଲ ଫସଲ ହୁଏ । (Stephen Fuchs :Tales of Gondvana)

## ୫. ମରକାମ ବରଗ ଓ କଇଁଚ (ଗୋତ୍ର ସନ୍ତକ)

ଗୋଟିଏ ନଈ କୂଳରେ ଗୋଟିଏ ଗାଁ ଥିଲା । ବିଭିନ୍ନ ବର୍ଗର ଗୋଁଡ଼ମାନେ ସେଇଠି ବାସ କରୁଥିଲେ । ବର୍ଷାକାଳରେ ଏହି ନଦୀ ପାରି ହେବା ପାଇଁ ଗୋଁଡ଼ମାନେ ଗୋଟିଏ ବଡ଼ ଦଉଡ଼ି ନଈର ଦୁଇ ପାଖରେ ବାନ୍ଧି ରଖୁଥିଲେ । ଥରେ ବର୍ଷା ଋତୁରେ ନଈ ସେପଟ ଏକ ଗାଁରେ ଗୋଟିଏ ଦଶାହ ଘରକୁ ଏପଟର ଗୋଁଡ଼ମାନଙ୍କୁ ନିମନ୍ତ୍ରଣ ମିଳିଲା । ସେହି ଦଉଡ଼ି ସାହାଯ୍ୟରେ ସେମାନେ ନଈ ପାରି ହୋଇ ସେ ଗାଁରେ ପହଞ୍ଚିଲେ । ସେଇଠି ଦଶା ଭୋଜି ଖାଇ ମନଖୁସିରେ ଗୀତ ଗାଇ ଗପି ଗପି ସେମାନେ ନିଜ ଗାଁକୁ ଫେରିଲେ ।

ସେମାନେ ଏକାଠି ଫେରିଲେ । ନଈକୂଳରେ ବସି ଖାଦ୍ୟ ପ୍ରସ୍ତୁତ କଲେ । ପ୍ରତ୍ୟେକ ବର୍ଗର ଲୋକ ନିଜ ପାଇଁ ରାନ୍ଧିବା ଆରମ୍ଭ କଲେ । ପ୍ରତ୍ୟେକ ବର୍ଗର ଲୋକ ୩/୪ଟି ଲେଖାଁଏ ପଥର ଆଣି ଇଟଲା ବସାଇ ଚୁଲୀ ପ୍ରସ୍ତୁତ କଲେ । ହେଲେ ମରକାମ ବର୍ଗର ଗୋଁଡ଼ମାନଙ୍କ ପାଇଁ ଆଉ ଇଟଲା (ଚୁଲୀ) ବସାଇବା ପାଇଁ ପଥର ନଥିଲା । ସେମାନଙ୍କ ମଧ୍ୟରୁ ଜଣେ ମନେ ପକାଇଲା ଯେ, ସେ ଭୋଜିରୁ କିଛି ଗୁଡ଼ ଆଣିଛି । ମରକାମମାନେ ସେହି Lumps ରୁ ଚୁଲୀ ତିଆରି କଲେ । କିନ୍ତୁ ଯେମିତି ନିଆଁ ପାଖରେ ଗୁଡ଼ ତରଳି ଗଲା, ସେମାନେ ଖାଦ୍ୟ ରାନ୍ଧି ପାରିଲେ ନାହିଁ । ସେମାନେ ଖାଇବା ସାରି ନାହାନ୍ତି ଏଣେ ଅନ୍ୟ ବର୍ଗର ଲୋକେ ନଈ ପାରିହେବା ଆରମ୍ଭ କରିଦେଲେଣି । ସମସ୍ତେ ନଈ ପାରି ହେଲା ପରେ ଦଉଡ଼ିଟିକୁ କାଟି ଦେଲେ । ଫଳରେ ମରକାମ ମାନେ ଆଉ ନଈ ପାରି ହୋଇ ପାରିଲେ ନାହିଁ । ସେମାନେ ଦେଖିଲେ ନଈ ପାଣି ଧିରେ ଧିରେ ବଢ଼ୁଛି । ସେମାନେ ବିପଦ ମଣିଲେ ଆଉ ଚିତ୍କାର କଲେ । ଆମେ ସବୁ ଆଉ ନିଜ ପୁଅଝିଅଙ୍କୁ ଦେଖି ପାରିବା ନାହିଁ ।

ମରକାମମାନଙ୍କ ଏହି କ୍ରନ୍ଦନ ଶୁଣି ନଈ ଭିତରେ ଥିବା ଗୋଟିଏ କଇଁଛ ତା ମୁଣ୍ଡ ଉଠାଇ ଉପରକୁ ଦେଖିଲା । ଦୟା ପରବଶ ହୋଇ ମରକାମମାନଙ୍କୁ ପଚାରିଲା - ''ମୋ ପିଠିଟି ବଡ଼ ପ୍ରଶସ୍ତ । ତମେ ସବୁ ମୋ ପିଠି ଉପରେ ବସ । ମୁଁ ତୁମ୍ଭମାନଙ୍କୁ ନଈ ସେପାରିରେ ଛାଡ଼ି ଦେଇ ଆସିବି ।'' ସବୁ ମରକାମ ଲୋକେ କଇଁଚ ପିଠିରେ ନିରାପଦରେ ନଈ ପାରିହେଲେ ଓ ନିଜ ନିଜ ପୁଅଝିଅ,

ସ୍ତ୍ରୀଙ୍କୁ ଦେଖିଲେ । ସେହିଦିନରୁ କୃତଜ୍ଞତା ସ୍ୱରୂପ ମରକାମମାନେ କଇଁଛକୁ ପୂଜା କରନ୍ତି । ସେମାନେ କଇଁଛ ଛୁଅନ୍ତି ନାହିଁ କିମ୍ବା କଇଁଛ ମାରନ୍ତି ନାହିଁ । ଏପରିକି ମଲା କଇଁଚଟିଏ ଦେଖିଲେ ସେମାନେ ନିଜ ଜ୍ଞାତି କୁଟୁମ୍ବର ମୃତ୍ୟୁରେ ଶୋକାତୁର ହେଲାପରି ଶୋକପାଳନ କରନ୍ତି । ଯେହେତୁ କଇଁଛ ମରକାମମାନଙ୍କ ଗୋତ୍ର ସନ୍ତକ । (Stephen Fuchs : Tales of Gondvana)

## ପୂର୍ଜା

ଗୋଁଡ଼ ସଂପ୍ରଦାୟର ବଂଶାବଳୀ ବା ଜାତିର ଇତିହାସକୁ ପୂର୍ଜା ବୋଲି କହନ୍ତି । ପ୍ରତ୍ୟେକ ଗୋଁଡ଼ ବଂଶର ସ୍ୱତନ୍ତ୍ର 'ପରଘନିଆ' ବା ଜାତିର ଭାଟ ଅଛନ୍ତି । ଏମାନଙ୍କୁ ଗୋଁଡ଼ର ଏକ ଏକ ଉପଜାତି ବୋଲି କୁହାଯାଏ । ଗୋଁଡ଼ ମାନଙ୍କର ଆଠସଗା ବା ଆଠଟି ଗୋତ୍ର । ପ୍ରତ୍ୟେକ ଗୋତ୍ରର ସ୍ୱତନ୍ତ୍ର ପରଘନିଆ ରହିଛନ୍ତି । ଏମାନେ ନିଜ ଗୋତ୍ର ଯଜମାନ ବା ଗୋତ୍ର ମାଲିକଙ୍କ ଘରକୁ ଯାଇ ସେଠାରେ ସେମାନଙ୍କ ବଂଶ ଇତିହାସ ଗାଇ ସେମାନଙ୍କ ଐତିହ୍ୟ ସଂପର୍କରେ ଓ ବଂଶର କାଳାନୁକ୍ରମ ଓ ଉତ୍ତରାଧିକାରୀ ସୂତ୍ରରେ ମୌଖିକ ଇତିହାସ କହି ସେମାନଙ୍କୁ ଅତୀତ ସହିତ ପରିଚିତ କରାଇ ଥାଆନ୍ତି । ଉଦାହରଣ ସ୍ୱରୂପ 'ମରକାମ' ବଂଗର ଗୋଁଡ଼ ମାନଙ୍କର ମରକାମ ବରଗର 'ପରଘନିଆ' ଥାଆନ୍ତି । ଏହି ପରଘନିଆମାନେ କେବେ ବି ନେତାମ କିମ୍ବା ସୋରି ବର୍ଗର ଗୋଁଡ଼ ଘରକୁ ଯାଇ ଭାଟବୃତ୍ତି କରନ୍ତି ନାହିଁ । ସେହିପରି ମୋରହି ବର୍ଗର ଗୋଁଡ଼ 'ପରଘନିଆ' ମରକାମ ଗୋଁଡ଼ମାନଙ୍କ ଘରକୁ ଆସନ୍ତି ନାହିଁ ।

ପରଘନିଆ (Ethnic bard) ମାନେ ଗୋଁଡ଼ମାନଙ୍କ ଉପଜାତି । ଏମାନେ ନିଜବର୍ଗର ମୂଳ ଜାତିଠାରୁ ଜନ୍ମ ନେଇଛନ୍ତି । ଏଣୁ ମୂଳ ଜାତିଟି ବଡ଼ଭାଇ ଯିଏ କି ରାଜପଣ କରି ଶାସନ ମୁଖ୍ୟହେଲେ ଓ ସାନ ଭାଇଟି ବଡ଼ ଭାଇର ଛତ୍ର ଓ ବାନା ଧରିବାରୁ ପରଘନିଆ ହେଲା । ପରଘନିଆ ଶବ୍ଦଟି ପ୍ରଗଣିଆ ଶବ୍ଦରୁ ଆସିଅଛି ବୋଲି ମନେହୁଏ । ଗୋଁଡ଼ ଅଧ୍ୟୁଷିତ ଅଞ୍ଚଳରେ ଊନବିଂଶ ଶତାବ୍ଦୀରେ

ବାରଟି ଗ୍ରାମକୁ ନେଇ ବାରହୌଁ ବା 'ପ୍ରଗଣା' ଶାସନର ବ୍ୟବସ୍ଥା ଥିଲା । ପ୍ରଗଣାର ଶାସନ ମୁଖ୍ୟ ଥିଲେ ଗୋଁଡ଼ । ସେହି ପ୍ରଗଣା ମୁଖ୍ୟଙ୍କ ବାନା ଯିଏ ଧରିଲା ସିଏ ହେଲା ପ୍ରଗଣିଆ ବା ପରଘନିଆ । ପରଘନିଆ ଶବ୍ଦର ଅନ୍ୟ ଏକ ଅର୍ଥ ରହିଛି । ବିବାହ, ଜନ୍ମ ପ୍ରଭୃତି ମଙ୍ଗଳ ସୂଚକ ଉତ୍ସବ ବେଳେ ଏହି ପରଘନିଆ ଉପଜାତିମାନେ ନିଜ ନିଜର ଯଜମାନ (ମୂଳଗୋତ୍ର) ଘରକୁ ଯାଇ ବର, ବଧୂ ବା ନବଜାତ ଶିଶୁକୁ ବନ୍ଦାପନା କରିଥାନ୍ତି । ବନ୍ଦାପନାର ଲୌକିକ ଶବ୍ଦ 'ପରଘାଇବା' । ପରଘାଇବା ଲୋକଙ୍କୁ ପରଘନିଆ ବୋଲି ସମ୍ଭବତଃ ଅନୁମାନ । ପୁଣି ଏମାନେ ନିଜ ଦେବୀ, ଦେବତା, ଛତ୍ର, ବାନା ପ୍ରଭୃତିକୁ ପୂଜା କରିଥାନ୍ତି । ଏଣୁ ଏହି ଶବ୍ଦର ଅର୍ଥ ଯଥାର୍ଥ ମନେହୁଏ । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଏମାନଙ୍କୁ 'ପ୍ରଧାନ' ବୋଲି କୁହାଯାଏ ।

କଳାହାଣ୍ଡିର ପରଘନିଆମାନଙ୍କ ମୂଳ ବାନା (Symbol) ହେଉଛି ସେମାନଙ୍କ କେନ୍ଦରା ଜାତୀୟ ବାଦ୍ୟଯନ୍ତ୍ର କିଁକରି । ଆନ୍ଧ୍ରର ଆଦିଳାବାଦୀ ପରଘନିଆମାନେ ଏହାକୁ କହନ୍ତି ପେଁପରେ । ଏହା ଏକ ବେହେଲା ଜାତୀୟ ଦେଶୀୟ ବାଦ୍ୟଯନ୍ତ୍ର । ଏହି ବାଦ୍ୟଯନ୍ତ୍ର ଧରି ଏମାନେ 'ପୂର୍ଜା' ବା ଗୋଁଡ଼ ବଂଶାବଳୀ ଗାଉଥାନ୍ତି । ସ୍ଥଳ ବିଶେଷରେ ଏମାନଙ୍କ ଦ୍ୱାରା ଏହି 'ପୂର୍ଜା' ଲିଖିତ ରୂପେ ତାଳପତ୍ର ପୋଥିରେ ଦେଖିବାକୁ ମିଳେ । ନୂଆପଡ଼ାର ମରଗାଁ, କୁଶମାଲ, ମାଲପଡ଼ା, ଅନକାପୁର, ଧମରବନ୍ଧା ପ୍ରଭୃତି ଗୋଁଡ଼ ଗ୍ରାମମାନଙ୍କରେ ଏହି ପୂର୍ଜା ଗୋଁଡ଼ ଗୌନ୍ତିଆ ମାନଙ୍କଠାରେ ଅଛି । ହେଲେ ସେମାନେ ଏହାକୁ ଦେଖିବା ପାଇଁ ଦେବାକୁ ସୁଦ୍ଧା ମନା କରି ଦିଅନ୍ତି । ଫଳରେ ଏହା ଭିତରେ ଥିବା ଲୌକିକ ଇତିହାସ ଏବେ ବି ଅଜ୍ଞାତ ।

ବର୍ଷର ଏକ ବିଶେଷ ଉତ୍ସବ ଅନୁଷ୍ଠାନ ବେଳେ ପରଘନିଆ ମାନେ ନିଜ ନିଜ ଗୋତ୍ର ମାଲିକ (Clan head) ଘରକୁ ଯାଉଥାନ୍ତି । ଏମାନେ ଦଳବଦ୍ଧ ହୋଇ ପିଲାକବିଲାଙ୍କୁ ଧରି ନିଜ ଗୋତ୍ରର ଗୋଁଡ଼ ଗ୍ରାମ ଗୁଡ଼ିକ ବୁଲିଥାନ୍ତି । ଯେଉଁ ଗାଁରେ ପହଞ୍ଚୁଥାନ୍ତି ସେହି ଗ୍ରାମର ଗୋଁଡ଼ ସଂପ୍ରଦାୟ ଏମାନଙ୍କୁ ଆତିଥ୍ୟ ଦିଅନ୍ତି । ନିଜର ପରଘନିଆ ଆସିଛନ୍ତି ବୋଲି ଜାଣିଲେ ସଂପୃକ୍ତ ବର୍ଗର ଗୋଁଡ଼ମାନେ ସମସ୍ତେ ଏକତ୍ରିତ ହୋଇ ପ୍ରଥମେ ପରଘନିଆ ଆଣିଥିବା ବାନାକୁ

ଆମନ୍ତ୍ରଣ କରନ୍ତି । ପରଘନିଆଙ୍କୁ ପାଣିଢ଼ାଳେ ଦେଇ ପିଢ଼ା ଉପରେ ଠିଆ କରାଇ ତାକୁ ଆବାହନ କରନ୍ତି ତାଙ୍କ 'ବାନା' ଓ 'ଛତ୍ର'କୁ ଧୂପ ଦୀପ ଦେଇ ସମ୍ମାନ ଜଣାନ୍ତି । ଏହା ପରେ ସେମାନଙ୍କୁ ରହିବା ଖାଇବା ପାଇଁ ବ୍ୟବସ୍ଥା କରନ୍ତି । ପରଘନିଆମାନେ କେବେ କେମିତି ପିଲା କବିଲା ଆଣନ୍ତି ଆଉ କେବେ ନିଜ ଗାୟକ/ପାଳିଆଙ୍କୁ ଧରି ବୁଲାନ୍ତି ।

ଗୋଁଡ଼ ଗ୍ରାମର ସେହି ଦିନ ରାତି ୯ଟା ବେଳୁ ଛତ୍ର ଓ ବାନା ପୂଜା ହୁଏ । ଗୋଁଡ଼ ଦେବତା ଚତୁର୍ଭୁଜ ବୁଢ଼ା ଦେଓ, ଲିଂଗା ଦେଓ, ଜଂଘା ଦେଓଙ୍କୁ ଛତ୍ର ଓ ଦଣ୍ଡରେ ପୂଜାକଲାପରେ ପରଘନିଆ ସମବେତ ଆବାଳବୃଦ୍ଧ ବନିତାଙ୍କ ସମ୍ମୁଖରେ ଗୋଁଡ଼ ଇତିହାସ ଓ ଆଖ୍ୟାନ ଆରମ୍ଭ କରେ । ଏକ ଏକ ଆଖ୍ୟାନ ୫/୬ ଘଣ୍ଟାରେ ସରିଲା ବେଳକୁ ଏହିପରି କେତେ ଆଖ୍ୟାନ ରହିଛି ଯାହା ୩/୪ ରାତି ଗାଇଲେ ବି ସରେ ନାହିଁ ।

ପୂର୍ଜାର ବିଷୟବସ୍ତୁ ଯେହେତୁ ଲୌକିକ ଓ ସତ୍ୟ ସ୍ଥାନୀୟ ଇତିହାସକୁ ନେଇ ପ୍ରସ୍ତୁତ ହୋଇଥାଏ । ତାହା ଶୁଣି ନିଜ ବଂଶରେ ଅତୀତରେ ଘଟିଥିବା ଘଟଣା ସତ୍ୟ ବୋଲି ସମସ୍ତେ ମାନନ୍ତି । ଅତୀତର ଗୌରବ ଓ ମହିମାରେ ସେମାନେ ଉଦ୍ଦୀପିତ ହୁଅନ୍ତି । ମାଲପଡ଼ା ଗ୍ରାମର ପର୍ଶୁରାମ ମାଝୀ ଗୌନ୍ତିଆଙ୍କ ଠାରୁ ଏକ ଦୁଷ୍ପ୍ରାପ୍ୟ 'ପୂର୍ଜା' ହସ୍ତଗତ ହୋଇଅଛି । ଏହାର ଅଧ୍ୟୟନ ଦୁଃସାଧ୍ୟ କାର୍ଯ୍ୟ । କାରଣ ବିଭିନ୍ନ ବଂଶର ଗୋଁଡ଼ମାନେ କିପରି ବସ୍ତର, ଛତିଶଗଡ଼ ଓ କୋରାପୁଟ, କଳାହାଣ୍ଡି ଅଞ୍ଚଳକୁ ଆସିଲେ ତାର ଇତିହାସ ଏଥିରେ ରହିଛି । ଏହାର କ୍ରମ ପରଘନିଆମାନଙ୍କ ମାନସିକ ବିଷୟ (Mental text) ରୂପେ ଏପରି ଭାବେ ଜଟିଳ ଯେ ତନ୍ମଧ୍ୟରୁ ଅର୍ଥ ଖୋଜିବା ସାଧାରଣ ପାଠକ ପକ୍ଷରେ ସମ୍ଭବ ନୁହେଁ । ପୂର୍ଜାରେ ଥିବା ବିଷୟବସ୍ତୁ ଗୁଡ଼ିକୁ ନିମ୍ନ ପ୍ରକାରେ ବିଶ୍ଳେଷଣ କରାଯାଇପାରେ ।

୧. ଦେବୀ ଦେବତାଙ୍କ ସୃଷ୍ଟି, ସେମାନଙ୍କ ଅନ୍ୟ ଦେବୀ ଦେବତାଙ୍କ ସହିତ ଥିବା ପାରିବାରିକ ସମ୍ବନ୍ଧ, ସ୍ଥାନ ଓ ଗାଦି ବଣ୍ଟନ, ଗୋତ୍ର ଅନୁସାରେ ଦେବୀ ଦେବତା ବିଭିନ୍ନ ଗୋଁଡ଼ମାନଙ୍କ ଦ୍ୱାରା ପୂଜା ପାଇବା, ସେମାନଙ୍କ ଭୋଗ ରାଗର ପ୍ରକାର ।

୨. ଗୋଁଡ଼ ମାନଙ୍କ ପ୍ରଜାତିକ ପ୍ରସ୍ଥିତି (Ethnic status) କେଉଁ ବଂଶର ଗୋଁଡ଼

ଉଚ୍ଚ ଓ କିଏ ନୀଚ, ତାହାର ସ୍ତର ଭେଦ ପୂର୍ଜାରୁ ମିଳେ। ଯଥା ମରକାମ ଓ ନେତାମ ଶ୍ରେଷ୍ଠ ଗୋଁଡ଼ ଓ ଅନ୍ୟମାନେ ତୁଳନାତ୍ମକ ଭାବେ ନିମ୍ନ ପ୍ରସ୍ଥିତି ସମ୍ପନ୍ନ।

୩. ପ୍ରତ୍ୟେକ ବଂଶର ସ୍ଥାନାନ୍ତରଣ (Migration) ଓ ଆଗମନର ଇତିହାସ। ସ୍ଥାନାନ୍ତରଣ ସମୟରେ ଘଟିଥିବା ସନ୍ଧି ଓ ସଂଘର୍ଷର ବର୍ଣ୍ଣନାତ୍ମକ ଆଖ୍ୟାନ ଭିତରେ ସଂପୃକ୍ତ ବଂଶର ବୀର ପୁରୁଷ ବା ପ୍ରଥମ ବ୍ୟକ୍ତି (First progenitor)ଙ୍କ ଗୌରବ ଗାରିମାର ବର୍ଣ୍ଣନା।

୪. ଐତିହାସିକତାକୁ ଧାରାବାହିକ ରୂପେ ବର୍ଣ୍ଣନା କରିବା ବଦଳରେ ଘଟଣାର କ୍ରମ ରକ୍ଷା ପାଇଁ ଗୋଟିଏ ଗୋଟିଏ ମୁଖ୍ୟ ପ୍ରସଙ୍ଗ ଆଖ୍ୟାନ ବା ଇତିହାସ ରୂପେ ଉପସ୍ଥାପନ କରିବା।

୫. ଗୋଟିଏ ବଂଶ ସହିତ ଅନ୍ୟ ଏକ ବଂଶର ବୈବାହିକ ସଂପର୍କ ସ୍ଥାପନ ଏବଂ ଦୁଇଭାଇ (Brest Milk Brother) ସହିତ ବିବାହ ସଂପର୍କ ନିଷିଦ୍ଧ - ଏ ସଂପର୍କରେ ଥିବା ସାମାଜିକ ନିୟମର ଅବତାରଣା।

୬. ଘଟଣାର ଧାରାବାହିକତା ରକ୍ଷା ପାଇଁ କେବଳ ପରଘନିଆର ବର୍ଣ୍ଣନା ଯଥେଷ୍ଟ ନୁହେଁ, ତାହା ମଧ୍ୟ ସିଆନ ଲୋକମାନଙ୍କ ଦ୍ୱାରା ଯଥାର୍ଥ ଓ ଠିକ୍ ବୋଲି ସ୍ୱୀକୃତ ହେଲେ ଯାଇ ପୂର୍ଜାର କଥା ଠିକ୍ ବୋଲି ସମସ୍ତେ ମାନନ୍ତି।

ତଳେ ମଧ୍ୟପ୍ରଦେଶ ଓ ଓଡ଼ିଶା ସୀମାନ୍ତରେ ଥିବା ଗୋଁଡ଼ ଅଧ୍ୟୁଷିତ ମାଲପଡ଼ା ଗ୍ରାମର ଗୌନ୍ତିଆ ପର୍ଶୁରାମ ମାଝୀଙ୍କ 'ପୂର୍ଜା' ଅବିକଳ ଉଦ୍ଧୃତ ହେଲା। ଏହାର ବିଶ୍ଳେଷଣ ଗୋଁଡ଼ ଇତିହାସ ଉପରେ ବିଶେଷ ଆଲୋକପାତ କରି ପାରିବ।

**ପାର୍ଶୁରାମ ମାଝୀ (ମାଲପଡ଼ା)ଙ୍କ ପୂର୍ଜା**

ଶ୍ରେଷ୍ଠ ଗୋଁଡ଼ କୁଳର ମରକାମ, ନେତାମ୍, ମରେହୀ ତିନ୍ ଭାଇ
ଓଁଟି ଗୋଁଡ଼ ବଡ଼ିଆଶାଲୁ ଜନମ୍।
ନେଟି ଗୋଁଡ୍ ମାଗ୍‌ବାଡ଼ି ସେର୍‌ତୁଲା ଓ ନେଟି ପଠାନେକର
ପିଶାବରୁ ଜନମ୍ ହେଲେ।
ପୋର୍‌ଟି ଗୋଁଡ୍ ଜନମ୍ କଲା ସାପର ଗର୍ଭରୁ।
ମୂଳ ପୋର୍‌ଟି ଘୋଟିଆ ଜାତ୍ ବାମନ୍ ଲୋକ୍।

ଉଚ୍ଚ ଓ କିଏ ନୀଚ, ତାହାର ସ୍ତର ଭେଦ ପୂର୍ଜାରୁ ମିଳେ । ଯଥା ମର୍‌କାମ ଓ ନେତାମ ଶ୍ରେଷ୍ଠ ଗୌଡ଼ ଓ ଅନ୍ୟମାନେ ତୁଳନାତ୍ମକ ଭାବେ ନିମ୍ନ ପ୍ରସ୍ଥିତି ସମ୍ପନ୍ନ ।

୩. ପ୍ରତ୍ୟେକ ବଂଶର ସ୍ଥାନାନ୍ତରଣ (Migration) ଓ ଆଗମନର ଇତିହାସ । ସ୍ଥାନାନ୍ତରଣ ସମୟରେ ଘଟିଥିବା ସନ୍ଧି ଓ ସଂଘର୍ଷର ବର୍ଣ୍ଣନାତ୍ମକ ଆଖ୍ୟାନ ଭିତରେ ସଂପୃକ୍ତ ବଂଶର ବୀର ପୁରୁଷ ବା ପ୍ରଥମ ବ୍ୟକ୍ତି (First progenitor)ଙ୍କ ଗୌରବ ଗାରିମାର ବର୍ଣ୍ଣନା ।

୪. ଐତିହାସିକତାକୁ ଧାରାବାହିକ ରୂପେ ବର୍ଣ୍ଣନା କରିବା ବଦଳରେ ଘଟଣାର କ୍ରମ ରକ୍ଷା ପାଇଁ ଗୋଟିଏ ଗୋଟିଏ ମୁଖ୍ୟ ପ୍ରସଙ୍ଗ ଆଖ୍ୟାନ ବା ଇତିହାସ ରୂପେ ଉପସ୍ଥାପନ କରିବା ।

୫. ଗୋଟିଏ ବଂଶ ସହିତ ଅନ୍ୟ ଏକ ବଂଶର ବୈବାହିକ ସଂପର୍କ ସ୍ଥାପନ ଏବଂ ଦୁଇଭାଇ (Brest Milk Brother) ସହିତ ବିବାହ ସଂପର୍କ ନିଷିଦ୍ଧ - ଏ ସଂପର୍କରେ ଥିବା ସାମାଜିକ ନିୟମର ଅବତାରଣା ।

୬. ଘଟଣାର ଧାରାବାହିକତା ରକ୍ଷା ପାଇଁ କେବଳ ପରଘନିଆର ବର୍ଣ୍ଣନା ଯଥେଷ୍ଟ ନୁହେଁ, ତାହା ମଧ୍ୟ ସିଆନ ଲୋକମାନଙ୍କ ଦ୍ୱାରା ଯଥାର୍ଥ ଓ ଠିକ୍ ବୋଲି ସ୍ୱୀକୃତ ହେଲେ ଯାଇ ପୂର୍ଜାର କଥା ଠିକ୍ ବୋଲି ସମସ୍ତେ ମାନନ୍ତି ।

ତଳେ ମଧ୍ୟପ୍ରଦେଶ ଓ ଓଡ଼ିଶା ସୀମାନ୍ତରେ ଥିବା ଗୌଡ଼ ଅଧ୍ୟୁଷିତ ମାଲପଡ଼ା ଗ୍ରାମର ଗୌନ୍ତିଆ ପର୍ଶୁରାମ ମାଝୀଙ୍କ 'ପୂର୍ଜା' ଅବିକଳ ଉଦ୍ଧୃତ ହେଲା । ଏହାର ବିଶ୍ଳେଷଣ ଗୌଡ଼ ଇତିହାସ ଉପରେ ବିଶେଷ ଆଲୋକପାତ କରି ପାରିବ ।

**ପାର୍ଶୁରାମ ମାଝୀ (ମାଲପଡ଼ା)ଙ୍କ ପୂର୍ଜା**

ଶ୍ରେଷ୍ଠ ଗୌଡ଼ କୁଳର ମର୍‌କାମ, ନେତାମ୍, ମରେହୀ ତିନ୍ ଭାଇ
ଓଁଟି ଗୌଡ଼ ବଡ଼ିଆଶାଲୁ ଜନମ୍ ।
ନେଟି ଗୌଡ଼୍ ମାର୍‌ବାଡ଼ି ସେର୍‌ତୁଲା ଓ ନେଟି ପଠାନେକର
ପିଶାବରୁ ଜନମ୍ ହେଲେ ।
ପୋର୍‌ଚି ଗୌଡ଼୍ ଜନମ୍ କଲା ସାପର ଗର୍ଭରୁ ।
ମୂଳ ପୋର୍‌ଚି ଘୋଟିଆ ଜାତ୍ ବାମନ୍ ଲୋକ୍ ।

ଝାରେ ଫୁଲେ ଜନମ୍ ଜଗତ ଜାତି ଭଣ୍ଡାରି ।

ଶ୍ୱେତ ବାଗ୍ ପିଲା ସୋରି, ଜାତି ପନକା ।

କ୍ଷୀର ସମୁନ୍ଦର୍ ମରକାମ୍, ଗୋକ୍ଷୀର ମାତଲା ଦୁଦ୍‌କଲା ଔର୍

କ୍ଷୀର ରାନ୍ଧଲା । ବେଲାପାନି ଆନିଗଲା ଜଗତ୍ ।

ଇଟଲା ମଡ଼ାଲା ସୋରି । କରାପଥର, କୁଲଥିଆ ପଥର (ଏକ ଚିତ୍ରକାର ଇଟ୍‌ଲା) । ଔଁଟି ଗୌଁଡ୍ କାଠ ଆନ୍‌ଲା, ସରଗି କାଠ । ନେଟି ରାନ୍ଧଲା ଅରନ୍ । ଲହୁ ଡୁମେର ଦାତୁନ୍ କୁରେପତର ଆନ୍‌ଲା । (କୁରେଇ ପତର୍) । ଜଗତ୍ ଗୌଁଡ୍ ଉଣା କୁନ୍‌ଲାକେ ରଖିଲେ କେନ୍ଦୁଗଛେ । ଚାରନାତି ପଲାଟ୍ ବାଁଟଲେ, ଧନିଓନଗାଓ ଉତ୍‌ରାନ୍ କଲେ । (ପଲାଟ-Plot) ଓଟରାଇଲେ ବୁଢ଼ା ଦେଓ କେ ଲିଙ୍ଗା ଦେଓ । ବୁଢ଼ା ଦେଓଙ୍କୁ ଲିଙ୍ଗା ଦେଓ ଆନ୍‌ଲେ । ସାତ ତାଳ ଚଉଦ କପାଟ ମନ୍ଦିରେ ଅଛି । ସେ ଭୂକ-ମଲ ଋଷି ଅଛି । ତାର୍ ମନ୍ଦିରେ ସାତଟା କପାଟ ଅଛି । ସେ ଋଷି ଦେଢ଼୍‌ତୋଲା ମାଟି ବାହାରି ଅଛି । ସେଠି ସାତ୍‌ଖେନା ନାମ ବାହାର୍‌ଲା । ସେଠାନେ ମାୟାବତୀ ସାତ୍‌ଖେନା ବାହାର୍‌ଲା । ବଟ ବୃକ୍ଷକୁ ସେହି ମାୟାବତୀ ଠାନେ ଚତୁର୍ଭୁଜ ବୁଢ଼ାଦେଓ । କାଲିନାଙ୍ଗେନ୍ ଗର୍ଭରୁ ମାୟାବତୀ ଜାତ ହୋଇଅଛି । ନେଲୁଆ (ନାଭି) ତାର କଲମ୍‌ଡିର ବୁଢ଼ାଦେଓ କାଟଲା । ସେହିଲଡେ ଯୁବରାଜ ପକ୍ଷୀ, ସୁବର୍ନ ରାନୀ, ପହଲାଦ୍ ଗୌଁଡ୍ ସୋମନ୍ଦର ତୀରେ ହଂସ ଅସୁର ଗର୍ଭନୁ ଜନମ । ଖିର୍‌ଟିନୁ ମରକାମ୍, ଗୁରଜରୁ (ଥୋଲୋ), ନେତାମ୍ ସେଠି ତିନ୍ ଜଳ କାମେନି ମନ୍ତର ଦେଲେ । ସେହି ମନ୍ତର୍ ସୁନାନୀ ମନ୍ତର ପାଇଲେ । ସମୁଦର୍ ପାର୍ ହେବାକୁ ବିଚାର କଲେ । ସେଠାନେ ଏକ ମଗର ନାବ ପାରି କର୍‌ଥିଲା । ମର୍‌କାମ୍ ମଗର ପିଠିନେ ବସି ଯାଉଥିଲେ । ମଝାଧାରେ ଡଙ୍ଗା ରହେଲା । ସେଠାନେ ମଗର ଭାକା (ବଳି ) ମାଗ୍‌ଲା । ମରକାମ ଭାକା ଦେଲା ଜିଭିଆ କାଟି ଦେଲା । ସେନୁ ମରକାମକେ ନେତାମ୍ ମାମୁଁ ଭଣଜା ହେଲେ ।

ସିନ୍ଧି ଯୋଗୀଙ୍କର ଜାତି କମାର ଉହିନ୍ଦରମ ନୁ ବିନ୍ଧା' ତାର ସ୍ତ୍ରୀ ବନପତି ଲିମୁ ଭଟାନେ ମରକାମ୍ ନେତାମ୍ ମରେହୀ ତିନ୍ ଲୋକ୍ ମିଶାଲେ । ପଲ୍‌ସାପରୀଆ

ମାଝୀ ବସ୍ତର ନୁ ଉତ୍ରାନ୍ କଲେ ଜାତି ଚିନ୍ଦା । ଯୋଗନିଆ ମାଝି (ଯୋଗେନ୍ ପଦର୍, ସିନାପାଲି) ମାଝି ଜାତି । ମୋଗଲି ଫୁଲଝରିଆ ମାଝୀ ଶବ୍ରିଆ କାଶୀରୁ ଉତ୍ରାନ କଲେ । ରାନି ମୁଡ଼ିଆ ଗୋଁଡ୍ ଜାତି ଘାସି । ଆନ୍କାପୁରିଆ ଭୋଏ ଗାଦି ଲାଗୁଡ୍ ଉତ୍ରାନ୍ କଲେ । ଅନ୍ନାପୁର ଜାତି କୋନ୍ଧ । ସିଙ୍ଗଝରିଆ ମାଝି ବସ୍ତର ରାଜର୍ 'ଗୁନାଦି' ଚୋରିକରି ଆନ୍ଲା । ଦାବ୍ରି ଭଟେ କମରା ଘର ରଖିଲା । କଁବାରାଗୋରିଆକେ କିଲା କଲା । ଶ୍ୱେତବାଗ୍ ମରିକରି ସିଙ୍ଗଝରନେ ବାସ କଲା । ହଲ୍ୱା ଉତ୍ରାନ କଲା । ଲାଗୁନ୍ ରସିକ ବାମେ । ବାସ୍କିଆ । ତା ପରେ ପାହାଡ଼ ମଝିନେ ରହି ଭଟାନେ ଉତ୍ରାନ୍ କଲା । ଡକୁଆ ହୋଇକରି ସେହି ଲାନକର ଆଡ୍ ପତର୍ନେ ରପ୍ତା ପାଏଲା । ତାର ପୁରୁଖାର ନାମ ମୁରାସୁର ଛୁରା ପଟନା ରାଜିମରାଜାର ହାତି ଥିଲା । ଗୋଟିଏ ଭାଇ ବିନ୍ଧସି ଦେଲା । ସେହିବାର ରାଜାଲୋକ୍ ଯୁଦ୍ଧରେ ହାରିଗଲେ । ଜଗତ୍ ଗଣ ମୁରା । ଜଗତ ଘିଚି ନେଲା ତେଣୁ ତାକୁ ରଜାର ସାନ ଭାଇ ବୋଲି ବିଚାର କରି ଦୁଇଟା ଗଡ଼ ଚାନ୍ଦଗଡ଼ ଦାନ ଦେଲା । ତାକୁ ଜଗତ କଏଲେ ।

ଉତ୍ରାନ୍ କଲେ ଧାମନ୍‌ବେଡ଼ା ମାଟି କଁକ୍ରି ମାଝୀ ଉତ୍ରାନ୍ କଲେ । ସାତଭାଇ ବିବରନ୍ ହିକରି ଚାଲିଗଲେ । ଧରମ୍‌ଗଡ଼େ ଏକ୍ ଭାଇ ଡୋମ୍ରୁ ମାଝୀ ରହିଲା । ପାଞ୍ଚଭାଇ ଉତ୍ରାନ୍ କଲେ । ଧରମଗଡ଼େ ଏକ୍ ଭାଇ ଡୋମ୍ରୁ ମାଝୀ ରହିଲା । ପାଞ୍ଚଭାଇ ଉତ୍ରାନ୍ କଲେ । ଗୁର୍‌ଜିଭଟା ମାଝୀ ସେଠୁ ଚାଲି କରି ଆସି କାଙ୍କ୍ରି ମାଟିନେ ଉତ୍ରାନ କଲେ । ଜିଁତକୋ କଷନ୍ ପଡ଼ାପେ ଦେଖ ଏକ ଫାଲ୍‌ମେ ଜଁତ୍ ଦୁଷ୍ରା ତରଫ ବରା ମୁରତି (ଲିମ ସଜନେ ଲଗାତୋ - ବରା ଜଁତ୍ ଉତ୍ପାତ କରିବାରୁ ବୋଧହୁଏ) ଲଗାତୋ ଗଡ୍‌ଗଡ୍ ଯେ ଦୋ ଆଦ୍‌ମି ମାଲ୍ ଭାଇ ବୋଡ୍‌ନି ମିଲା । ତି ବଢ଼ିଆଁ ଜନ୍ତର ଚିମଟା ହାତୁଡ଼ିକୁ ଫିଙ୍ଗିଦେଲା ବୋଇଲା ଜଁତ୍ ଆଣିବାକୁ, ମୋ ଗଲା ସୋମରକୋ କଁକରିଆ ମାଝୀ ଦେବ୍‌ତାକୁ ଦୌଡ଼ାଇଲା । ତୋ ଦେବୀ ମୁଡ଼ିବେଡ଼ାରେ, ତେଜରାଜ, ଦେବ ଭୁଜ୍‌ରାଜ୍, ଜଙ୍ଗରାଜ ମୁଣ୍ଡ୍‌ରାଜ୍ ଦେବତା ଚାରି ରେଢ୍‌କୋ ନେତାମ୍ କୋ ଦେଲା । ବୁଢ଼ା ଦେଓ କହେଲା ମୈନେ ରୂପା ଚଢ଼ି ହୋଗା ତୋ ହାତ୍ ମେ ଉଡ଼ି କୋ ମାରୋ ତୋ ଅଛାତିସେ ମାରୋ । ମାରନେ ସେ ବୋଲା ତେରେ ହାତମେ ବଳି ଖାଉଁଗା

ବୋଲା । ମାଝିନେ ଦେବତାକୋ ଶର୍ ସେ ପୂଜା ଦେବି ବୋଲା । ବୂଢ଼ା ଦେକୋ ପାହାନ୍ ମେ ପୂଜାକିଆ । ଦକ୍ଷିଣ ମାଝୀ, ବରୁନ୍ ମାଝୀ, ଧରମ ମାଝୀ, ଦାମୂ ମାଝୀ, ସାମ ମାଝୀ, କାଁକରି ମାଝୀ ।

ମେରୁ ଗିରି ପରବତ୍ ସତୁରି ଯୋଜନ, ଏକଲାଖ ଲମା, ଦେଢ୍ ଲାଖ ଚୌଡ଼ା, ଫଲଫ୍ଲ ସରିଗଲାକେ ତୁଲ୍‌ସି ପରବତ ଗଲା । ଲିଂଘା ଦେଓ ଝୁଁକର ଦେଶ୍‌କୁ ଆସ୍‌ଲା । ଚଣ୍ଡି ମାହାଲ କେ ସେବା କଲା । ଚାରି ଖଟେ ମୁଦ୍‌ରା ଦେଲା । ମାଟି କେ ବାଁଟ୍ତେ ପଠାନ୍ କେ ସାଥ୍ ଝଗ୍‌ଡ଼ା କିଆ । ବଡ଼ା ଦେଲେ ପଠାନ୍‌କେ ଦେବ ଖେଦା । ତୋ ଆଉତୁ ମୋରି ଗଣ୍ଡ ଯେ ଲୁଚାତୋ ଭି ନେହି ଠହରା । ତାଲ କଦମ, କଦମ ବୃକ୍ଷ ମେ ଲୁଚା । ଖେଲାଦ୍ ପଠାନ୍ ବଡ଼, ପହଲାଦ୍ ମଝିଆ, ତୁଲସି ଛୋଟା, ଦୋ ଭାଇ ମର୍‌ଗୟା । ତୁଲସି ବଚଗୟା, ଖଲିଅଖ ବଚଗୟା । ଏକ ହଲନ୍ ଚେଡ଼୍‌କା ଦେଖା ଔର ବଡ଼ା ଦେଓ କୋ ଦେଖା ଦିଆ । ମାର୍‌କର ଚମଡ଼ା ବାହାର ନିଶାନ୍‌ମେ ଟୁବାକର ମୋର୍‌କାମ୍ ଗୋଁଡ଼ ସଂଜୀବନୀକା ମନ୍ତର ଦିଆ । ସେଠାନେ ସତ୍‌କିଆ ଦିଲିମେ ମାଟି ଉଠୁଁଗା ତୋ ମେରେ ସତ୍ ବୁଡ଼୍ ଯାଏ ଗା । ଗଣ୍ଡ ବେଲା ତୋ ମେରା ରାଜକାଁଜ୍ ବୁଡ଼େଗା ତୋ ମେରା ବଂଶ୍ ବୁଡ଼େଗା । ତିନ୍ ଭାଇ ଆସୁଥିଲେ । ରାଜିମ୍ ଲୋଚନ୍ ମେ ଦେବତା ପେକ ଦିଆ । ସେଇ ମାଛ ଛୁଆ ଡିମ୍‌କୋ ମକରା କୋ ଭେଜା ପାଟ୍ ସୁତାକେ ବାଁଟ୍ତେ । ଶକ୍ତି ବନାନେକେଲିଏ ଭେଜା ସୁତା ଲାକର ପାଟ୍ ବନାୟା । ଅଗଲା ସୋଟ୍‌କୋ ମରାକୋ ଦିଆ । ସେ ତାଳ ଛତର୍‌କୁ ଇଲା ବାୟକମେ ରଖିଲା । ସେ ଇଲା ବାୟକେ ତାବ୍ ନିଶାନ୍ ମୁହରି କୋ ଲାକର ବଡ଼େ ମେରାହା ପଦବୀ ବୋନିଆ ମାଝୀ ବୋଲା, ଜାତି ଡମ୍ ବୋଲା । ମରକାମ୍ ଚଲାଗୟା । ଓଡ଼ିଶା ମେ ରହକର ରାଜ୍ ପଦବୀ ପାୟା । ଉସ୍‌କା ରାନୀକା ନାମ ହିରାନ୍ଦି, ପୁରୁଷ ନାମ ରଣକୁମର, ଦୋଲଡକା ଦଲସିଁୟାଁ କୃଷ୍ଣ ମାଝୀ, ସାନ ଗୋଦାବରୀ ଘର ।

# ନେତାମ୍‌କା ଉତ୍‌ରାନ ଭୂମି କା ବାସସ୍ଥାନ

କୋୟବାସେ ଚଲାୟା ଖୁଟ୍‌ଗାବସେ ରେଙ୍ଗାଲ ଡାଲାକର ମୋଡ୍ରା ମାଝୀମେ ଉତ୍‌ରାନ କିଆ, ମୋଡ୍ରା ମାଝୀ ମୋଡ଼ରା ଧରୁଆ ବୋଲାୟା ଉସ୍‌କା ନାମ୍ ସିଙ୍ଗଲ୍ ସାଏ ଧରୁଆ ବୋଲାୟା । ଉସ୍‌କା କୁଆନାମ ସୁନାଦି ରୂପାଦି କକା ନାମ୍ ମୋଡ୍ରା ମାଝୀ ରହକର କନିଆ ମାଗ୍‌ନେକୋ ଗୟା । ମୁଲି ସୋରୀ କା ଲଡ଼କି ମାଁଗା । ଉସ୍‌କା ଲଡ୍‌କି ଗଜି ଧୁରନୀକୋ ସିଙ୍ଗଲ୍ ସାଏ ଧରୁଆ ବିବାହ ହୁଆ । ମୁକନା ମାଝୀ କନିଆଁ ମାଗ୍‌ନେ ଗୟା, କଷ୍ଟି ଧୁରନି କୋ ମୋକ୍‌ନା ମାଝୀ ବିବାହ ହୁଆ । ସିଙ୍ଗଲ ସାଏ ଧରୁଆ ନୂଆଗଡ଼ ଲିମୁଭଟାମେ ଉତ୍‌ରାନ୍ କିଆ । ବଧ ଫୋଡ଼ା ରାଜାକୋ ଥାନ୍ ମାଗ୍‌ନେ କୋ ଗୟା । ରାଜାକା ଥାନ ଅରଜୁନ୍ ପାହାଡ୍‌ମେ ରାଜାକେ ପାଶ୍ ଗୟା, ଥାନ୍ ମାଁଗା, ନୂଆଖାଇ ମେ ଜୁହାରେନ୍ ଗୟା । ରାଜାକେ ପାସ୍ ସରାବ୍ ଚାର୍ ଗରା ସରାବ୍ ଖିଲାୟା ତୋ ଉସିକୋ ନିଶା ନହି ଦିଆ । ରାଜାକୋ ଝଗ୍‌ଡ଼ାବିନ୍ଦ୍ର ଉସ୍‌କୋ ମାର୍‌ନେକୋ ଗୟା ତୋ ଗୁମାଡ୍‌ମେ ମାରା । ଦାବ୍ ଖର୍‌କାପତା ମିଶିର୍‌କୋ କାଁଟା, ଶିର କୋ ଟୁକଡ଼ା କର୍‌କେ ଜୋବା ମେଁ ଫେକ୍ ଦିଆ । ପାନ ପଲାଟ୍ ସିଲମୈ ମୋଘେ କୟ୍ୟଦରାହ ପଣ୍ଡା ଘର ମୈ ରହା । ପତରାନ ଜନମ ଲିଆ ନଲୁଆ କାଁଡୁ ଟୋବା ବସକା ପତା ଉସକା ନାମ କହ୍ଲା କଁବର ନାମ ଦିଆ । ଚିନ୍ଦରଜା ସଙ୍ଗେମ ଲଡ଼କିୟା ଅର୍‌ଜୁନିକା ପାହାଡ଼ ବୋଲା ସବ୍ ଚିନ୍ଧା ଦୁଖା ତୋ ସବ୍ ମରଗୟା । ଏବ ବେଟି ପାଞ୍ଚ ମାହସ ଭି ହୋରାହା ବଚ୍‌ଗୟା ଓସି ବେଟିକେ ବରଦିୟା । ବାସୁ ଦେବୀ ଗର୍ବ ଜନମ୍ ବଟରା ଚିନ୍ ଭୌଁଏରା ଚିନ୍ଧା ।

ଠେଲକୋ ବାହାଲିନେ ଉତ୍‌ରାନ କଲେ କାଁକରିଆ ମାଝୀ ଘର ଡାକିନେଲେ । ଝିଅ ସୁବର୍‌ନୀକୁ ଘରଜିଆଁ ରଖିଲେ । ଘରଜିଆଁ କା ନାମ୍ ବୁଠାସାମରଥ କଁକରିଆ ମାଝୀ । ମାଟି ଦେଲେ ଡଡରା ମାଟି ପାଲା, ଡୋଡରିଆ ସାମରଥ ପଦବୀ ପାଏଲା । ମୋବ ଜାତି ସଁହରା କେୟେବା (ଫୁଲିମୁଣା କୁଏବା) ମାଟି ପାଏଲା । ଇଗଲ କୁସୁମ ଖୁଟା ମେ ଉତ୍‌ରାନ କଲା । ଜୋ ମାଟି ପାଲା କୋସୁମ୍ ଖୁଟା ଗୌନ୍ତିଆ ବୋଏଲା । ଜାତି କୋନ୍ଧ । କେୟେବା (କୁଏବା) ମାଟି

ଉତ୍ରାନ କଲା । ଫୁଲି ମୁଣାୟା ଗୌନ୍ତିଆ ବେଲାଲା । ଜାତି ବିଂଝାଲ । ଖଜୁର୍ ପଦରିଆ ବାସସ୍ଥାନ ଗଧୋସ ଘୋସି ବନ୍ଧରେ ଉତରାନ କଲେ; କରିବାଡ଼ି ଗାଁବ ମାଟି ପାଏଲେ । ରେସନାୟକ, ମାହ ନାୟକ ଦୋଭାଇ ଜାତି ବେପାରି ଚଲ୍ନା ବଢ଼ତି କଦଲମୁଡ଼ି ଘର୍କେ ନେଲେ । ମହା ନାୟକର ଲଡ଼କା ଚୁନ୍ଦି ନାୟକ ମୋଡ଼ିଚଲନା ବଡ଼ିଭଟାନେ ବନିଆ ପାଠ ଖଡ଼ା, ସରଲିଆ ମାଝୀ ପାଟଖଣ୍ଡା ବନାଲା ଜାତି ବଢ଼ିଆ । ଛୁରିଆଗଡ଼ ଆସିଲେ ଗିରସୁଲ୍ ମାଟିମେ ଉତରାନ କଲେ । ଗିର ସୁଲିଅ ମାଝୀ ମାଟି ପାଇଲେ ଜାତି ଗୋଭର କେଶଲିଆ । କଗିରେଲ୍ ପାନି ଆସିଲେ ବଡ଼ ମାଝୀ, ବାସ ମାଝୀ ମାଟି ଜୋର୍ରେ ଜଲ ଉଠେଲେ । ଗଲାମାର ଲିଟିସରଗି ଭୋଏ କାଯେ ପୋଡ଼ାଗୁରା କଲେ । ଚିନ୍ଦା ରଜାକେ ଜୁହାର କଲେ, ଜୁହାର ମାମୁଁ ବଏଲେ । ଭୋଏ କାଯେ ଆସ୍ଲୁ ମାମୁଁ, ଆରମ ମଏନା ବଏନ୍ ଡାଇ ସେନୁସ୍ ଯାହା ବଲି କହେଲା । ଗଲେ ସାତ ବହେନି କେ ରଖିଲେ । ଚିନ୍ଦାରଜାକୁ ପୋଷନପାଲନ୍, ପୋଡ଼ଗୁରା ମାଝୀକୁ ସାଥ (୭) ଭାଇକୁ ସଁପି ଦେଲେ । ଧନ ଶାଲ୍କୁ ଖାଇ ନାଇ ପାର୍ଲେ । ଧନଶାଲ ଭଟେ ତୋପି ଦେଲେ । ଚୌତ ଜନ ଶୁକଲ ପକ୍ଷ ଅମସାୟ ନକ୍ଷତ୍ର ଥିଲା, ଗୁରୁବାର ଦିନ ଖମ୍ ସରଗି ଡୁର୍କା ଡଙ୍ଗର ଡୋରା । ଏକ୍ନା ଡୋଗ୍ରି ପାଟି ଫାଲ ଡୋଗ୍ରି ଓ ରଜା ଓ ପାତର ପାନି ଖାଇବାର ବଂଧାଠାରେ ବାଉଁଶ ଜାତି ପାଇକ୍ ଲୋକ ।

ପୋରଠିକର ବାସସ୍ଥାନ୍ ଡୋୟେଲ ଡୋହୋଲିଆ ପୋର୍ଚି ବୋଇଲେ । ବଡ଼ମାଝୀ ପିଲା, ବଡ଼ ମଝିଆ ଟୁକିଲ ପେଡ଼ାଗୁରେ ବିବାହ ହେଲା । ଡୋୟେଲିଆ ପୋର୍ଚି ବୋଲେ ଡୋଲିୟା ମାଟି ପାଏଲେ ।

**ଭୋଏ ପଦବୀକା ନାମ :** କୋଏବା (ଫୁଲିମୁଣା କୁଏବା) ନୁ ଉତ୍ରାନ କଲେ । ବଜାଡ଼ି ଭୋଏ ପଦବୀ ପାଏଲେ । ମାଟିପାଇ ଜାତିକୋନ୍ଧ, ଗଡ଼ ଗଡ଼ିସିରି ବାସସ୍ଥାନ ଘୋଗେରା ତାକର ମାଉଡ଼ିକୁ ଦେଲେ । ଗିର୍ସୁଲିଆ ମାଝୀକୁ ଦେଲେ, ବନ୍ଧୁ ସମୁଦୀ ହେଲେ । ଘୋଗେର ମାଟି ପାଏଲେ । ଧୋରୁଆ ସୋରି ବୋଲାଇଲେ ଜାତି ବଢ଼ିଆ ।

**ବରଗୁରିଆ ଝାଁକର ବାସସ୍ଥାନ :** ମୁଲା ବଡ଼ ମୁଲା ବାସସ୍ଥାନ ପୋନ୍ ମୁଡ଼ା ଥିଲେ ଘିଗ୍ରି । ମାରି ଯାଉଥିଲେ, ଦେବତା କେ ସେବାକଲେ । ଜାତି

କେଉଟ୍ ସାନ୍ ପାଟକୁ ସେବା କଲେ । ବଡଗୁରା ମାଟି ପାଏଲେ । ନ:ର ଦେବୀଘର ନାମ ଦେଉକା ନାମ କସୈପେନ୍ (କସେଇପେନ୍) । ମିତ ବହଲିଆକର ବାସସ୍ଥାନ କୁଇସ୍ କୋନା । ଉତ୍ରାନ୍ ଥାନ କୁଇସ୍ କୋନା ଆସିଲେଯେ ଜୁଲାନା ମାଝୀ ପାଏଲେ । ଜାତି ବେପାରୀ । ଚଟି ଗୁରିଆ କର ପୂଜା ଦୁମ୍ଦୁମି ଡୁମା ପୂଜା ସେହି ହେତୁ ଭୂଇଁର୍ ମରକାମ୍ ପଦ ପାଏଲେ ।

**ଅମଲି ପଦରିଆ :** ପିପଲ୍ ପିଲିଆ ଭତ୍ରାକ୍ର ଅମଲିପଦର ସିଂଗୋହରେନ୍ ମାଝି ପିଲା ଉତ୍ରାନ କଲେ ଅମଲିପଦର ।

**ଗୁଜିମୋରି :** କୁଜବନ ଗୁଜିମୋରି ଉତ୍ରାନ । କୁଂଜବନେ ରହି କରି ଛେଳି ଗର୍ଭୁ ଜନ୍ମ ହେଲେ । ଗାଡ଼ା ବିଜରୁ ଜନମ ଛେରିୟା ଗାଡ଼ା ବିଜରୁ ଜନମ ବନ୍ଦବା ମାଝୀ । ଛେଳିକୁ ନହି ଖାଇବୁ । ତୋର ମାତା ବୋଲି ଛୋରିଆ ଗଡ଼ା କହେଲା ।

**ଜଗତକା ବାସସ୍ଥାନ :** ଛ ଭାଇ ଜଗତ ପୂଜା କରି ଗଲେ । ପୂଜା ସାଲରେ ସାନଭାଇ ବେଲପତ୍ର କାଯେ ଗଲା, ପୂଜା ସରି ଆସିଲା ବେଳକୁ ଭାରକୁ ପାଶରିଲେ । ଭାରକୁ ଆନି ଯିବାକୁ ଗଲେ, ସେହି ଶିକା ଡୋର ପୂଜାର ସମାନ ଧରି ଉପରେ ଝୁଲୁଅଛି । ସେହିଡୋର ସତ କଲେ । ବନ୍ଧୁବାନ୍ଧବ ଖାଇ ସାରିଲେ ଖାଇବାକୁ ନାଇ ମିଲେ । ପୂଜା କରିବାକୁ ଗଲେ ତିନି ଭାଇ । ସାନ ଭାଇ ବେଲ ପତର ଆନିବାକୁ ଗଲା । ବହୁତ ଡେରି ହେଲା । ବଡ଼ ମଝିଆ ପୂଜା ସାରି ଘରକୁ ଆସିବା ବେଳକୁ ଭାର ଆସିବା ବାଟରେ ପରିଲା । ପୂଜାଶାଳାରେ ସେହିଭାର ଗୋଯୋରୁହେଉଅଛି । ପାଟି ହେଉଅଛି ବୈଗା ସିଖା, ଗୋଇ ଦେଖିଲା ଯେ ଆଜିଠାନୁ ଗୋଇକୁ ନହି ଖାଇବି ବୋଲି କହିଲା । ପୂଜା ସେ ସରି ସାନ ଭାଇ ଆସି ଦେଖିଲା ଯେ ବୋକାମୁଡ଼ି ଆଖି ଦେଖି ଅଛି । ଆଜି ଠାନୁ ବୋକା ଖାଇବି ନାହିଁ ବୋଲି ସତ୍କଲା, ବଡ଼ ଭାଇ ହେଲା । ପୋଏଁରି ଅଁଟି ମଝିଆ ଭାଇ, ବୈଗା ଅଁଟି ସାନ ଭାଇ ବୋକା ଅଁଟି ହେଲା । ମୁଡ଼ା ବେଡ଼ିୟା ଝାଁକର ଉତ୍ରାନ କଲେ : କୋଲିଆ ପାତର' ରୁ ଉତ୍ରାନ କରି ମୁଡ଼ିବେଡା ଗାଦିକୁ ଆସିଲେ । ସେ ମ ସେହିଠାରେ ଗୁଡ଼ିବେଡ଼ିଆ ଝାଁକର ପଦ ପାଇଲେ ଜାତିରେ ମୁରିଆ (ମୋରହି ଗୋଁଡ଼) ।

**ରାଜ ଗୌଁଡ଼କା ନାମଥାନ :** କନିଆ ଲୋନେକେ ବାଁସ୍ତେ ମେ ଏକ୍ ଲଡ୍‌କା ବାଟ୍ ରାଧାକେ ବକ୍ତ ଜନମ୍ ଲିଆ ତୋ ଉସକା ନାମ ଅମେତ ଗୌଁଡ଼୍ ବୋଲାୟା ।

**ଧୁଳି ଗୋଡ଼ିକା ନାମ :** ଓଗରିମେ ବରତ୍‌ବାନ ହୁଆତୋ ଉସ୍‌କା ନାମ ଧୁଗୌଁଡ଼୍ ବୋଲାୟା, ଲଡ୍‌କି କା ନାମ ଚିତା ଭାଇ ଉଧରି ମେଁ ବରତ୍‌ମାନ ହୁଆ, ଦିବା ମାଝୀକୋ ଲଡ଼କି କୋ ସାଦିକର ଦିଆ ।

**ମାଲିକା ବାସସ୍ଥାନ :** ଲଙ୍କା ଭୁବନ ସେ ଆସି ମୋହରା ନିଶାନ୍ ଲାୟା ଔର ବଡ଼ା ଦେବକେ ପାସ୍ ଗୟା ପଇତା ମାଗନେ କେ ବାସ୍ତେ । ଛଡ଼ଗୁନ୍ ପଇତା ଦିୟା । ସେ ବୋଲା ମୁରଗି ନେହି ଖାଏଗି, ସରାବ୍‌ଭି ନେହି ପିଏଗି, ମରାଏ ହୋଏଗି । ଗୋଡାଲୋଗ୍ ବ୍ରହ୍ମାକା ମୋଲମ୍ ପିଲି ଭଗବାନ୍ କେ ସେବାକର ବର ମାଗା ଉସକା ବିରକଂକର ଦୋକୋ ଦିୟା । ଉସି ବିର କଂକଣ କୋ ଘର ଦୋଡ଼େ ତୋ ବ୍ରହ୍ମା ଭାଗଆୟା । ଈଶ୍ୱରନେ ପାର୍ବତୀ ରୂପ ହୁଆ ଗାଡ଼ାକୋ ନାଚ ବୋଲ ମୋଡ଼ (ମୁଣ୍ଡ) ତରଫ ହାତ ଲୋ ଦୁଇବାଟ ହାଥା ଲୋଭସା ମାରୋ ତୋ କୁଇ ଜାରଲି ବୋଲା, ତୁମ୍‌ଲୋଗ୍ ନୀଚ ଜାତି ବୋଲା, ଇସିଲିଏ ଡେମ୍‌ରୁ ବାଜା ବଜାଓ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଈଶ୍ୱର କଚେରୀକୁ ଗଲେ । ଗାଡ଼ା ପିଲାକୋ ମାରା କର ଶିକାର କର ପତର ଡିଲା ବାନ୍ଧା ଦୋଡିଲା ବାନ୍ଧକର ଗଡ଼େନ୍ ଡୋକ୍‌ରୀ ଘର ପହୁଁଚା ଦିଆ । ଗୋଡ଼େନ୍ ଡୁକ୍‌ରୀ ରାନ୍ଧି ନାଇ ଖାଇ । ଟୁକ୍‌ନା ମେ ଡାବ୍ ଦିଆ । ଅଧାରାତ୍ ମେ ଗାଡ଼ାକା ସିକର ମୁର୍‌ଗି ହୋୟା । କୁକୁରା ଡକା ଈଶ୍ୱର ନେ କଚରୀ ଯାନେ କେ ବକ୍ତ ଝାଡ଼ାଲଗା ତୋ ଝାଡ଼ା ବସକର ମୋଦେକ ପତା ଟାକା ଦିଆ ତୋ ମଇଲା ଘଗିୟା ରୂପ ହୋଗୟା ।

## ବୁଢ଼ାଦେଓ ମିଥ୍

ବୁଢା ଦେଓ ଶଙ୍ଖ ଚକ୍ର ଗଦା ପଦ୍ମ ଧରି ଲହ ଲହ ଜିଭିଆ ହୋଇ ମୋହି ସମୁନ୍ଦର ଅସୁର ମାର୍‌ଲା । ସେ ଅସୁରର ହାଡ଼ ପୃଥିବୀରେ ପରବତ ହେଲା । ପଞ୍ଜରା ଚିମଟା ହେଲା । ରକତ ହୋଲି ଚନ୍ଦନ ହେଲା । ସେଠାରୁ ବୁଢା ଦେଓ

ଚାଲିଲା ତୋ ବୃକ୍ଷ ଗଛରୁ ବେତବାଡ଼ି ନିକାଲି କରି ଗୁଡ଼ା ପରବତ ଗଲା ଆରୁ ସେଠାନେ ଆସ୍ତାନ ବନାଲା । ମାଙ୍ଗୁର ବେଡ଼ା, ଚାଙ୍ଗୁର ବେଡ଼ା, ସୁନାବେଡ଼ା, ରୂପା ବେଡ଼ା କେ ଆସ୍ତାନ କରି ଚାଷ କଲା । "ଶଙ୍ଖ ମୋହନି" ଘର ଧାନ କାଟିକରି ଚଲା ତିନ୍ ପୁଡ଼ା ଧାନ ହେଲା । ପ୍ରଥମ ସେଟ୍‌କା ପୋରା, ଦ୍ୱିତୀୟରେ କାଳିଆ ପୋରା, ତୃତୀୟରେ ମାଲପା ଧାନ ଈଶ୍ୱର ନେଲା । ନର ମଣିଷକୁ ପୋଷିବାକୁ ବଏଲା । ଚୁଡ଼ା ପରବତେ ଦେବ୍‌ତାମାନେ ଥିଲେ । ସଂକଟୋରା କେ ଉତ୍‌ରାନ କଲେ । ଶଖା ଭକା ଦେଲେ । ବାରକୋଡ଼ି ବୀର (ବାବବୀର) ଭୋଗ ଡିହି (ଦର୍‌ଲିପଡ଼ା) ଠାନେ ଦେବତାର ବିବାହ ହେଲା । କପୁର ହଲଦୀ ଆନି ବୁଢ଼ାଦେଓ ଧରନୀ ଦେବୀକେ ବିବାହ ହେଲା । ଶୋଲ ଶିଙ୍ଗିଆ ବୋକା (କୁକୁଡ଼ା) ଭୋଜି ଦେଲା । ଫୁଲାଲିଆ ଗଙ୍ଗାଦେଇ ବୋଲେ ପଣ୍ଡରିପାନିନେ ବିଶ୍ରାମ କଲେ । ଗୋଡ଼ର ପଏଁରି ରଖିଲେ । ସେଇ ଲଗ୍‌ନୁ ପାନି (ଚାଲ) ଘାଟି ବଦଲେଇ ବିଶ୍ରାମ କଲେ । ବିଶ୍ରାମ କରି ଚାଟୁ ରଖି ଫେର୍ ଚାଲିଲେ । ଯେନ୍‌ନେ ଚଟୁ ରଖିଲେ ସେ ଗାଁ ଚଟୁଆନ୍‌କା ହେଲା । ଖର୍‌କା ମାଟି (ଆମପେନ) ତି ଖୋଗେର (ଘୋଡ଼ା ଚଘିବା ଜିନ୍) ରଖିଲେ । ଖୋମଟିଆ (କଳାହାଣ୍ଡି ପହିଲପାର୍ ରାଏଜ୍) ଥି କୋଟିଆ କନ୍ଦ ମାର୍‌ଲେ । ଖମ୍ ଖାଇ ଦେବତା ପୂଜା ଖାଏଲା । ସେ ଠାନୁ କେଉସିଂଗ୍ (କେସିଙ୍ଗା) କେ ସାଙ୍ଗୋ ପିନ୍ଧି କରି ଗଙ୍ଗା ଗଲେ । ଯାଇ ଫିର୍‌ଲେ । ଗଙ୍ଗାନୁ ଫିର୍‌ଲାକେ ଗୋନ୍‌ଟା ଦୂତିଆକେ ଭୋଜି ଦେଲେ ।

## ଗୋଁଡ଼୍ ବାନାକା ଦେବତା ଭାଗ

୧. ମରକାମ୍ - ବ୍ରହ୍ମା, ବିଷ୍ଣୁ, ମହେଶ୍ୱର

୨. ନେତାମ୍, - ତେଜରାଜ୍, ଭୂଜରାଜ୍, ଜଂଗରାଜ୍, ମୁଣ୍ଡରାଜ୍ ।

୩. ମରେହୀ - ତିନିଦେବ୍‌ତା - ଆଦିମାତା, ନିରାକାର, ନିରଞ୍ଜନ ।

୪. ନେଟି - ତିନିଦେଓ -ବ୍ରହ୍ମା ବିଷ୍ଣୁ ମହେଶ୍ୱର ।

୫. ଜଗତ - ଛ ଦେବତା - ଲେଙ୍କଶ୍ୱରୀ,ଦଂନ୍ତେଶ୍ୱରୀ, ଦୁଆର୍ଶନୀ ।

୬. ଓଁଟି - ତିନ୍ ଦେଓ - ରାହୁ, କନା, ଭଏଁରା ।

୭. ସୋରି - ସାତ ଦେଓ - ବୀର ଶିର ମନକର ।

୮. ପୋର୍‌ତି - ଚାରିଦେଓ - ଉଠାନ୍ ଦେଉ, ଭୀମ, ଖୁଟ୍‌ନି, ବୁଢ଼ା ବାବୁରାଏ । ଗଙ୍ଗାଦୀ ଦେଓ, ଜନମ୍ ଶୁରଜଙ୍କର ଗର୍ଭରୁ ଜାତନାମ ହିରାଦୀ ଡାଗାମେ ପୂଜାଖାଏ ।



ପରଘନିଆ ବ୍ରହ୍ମବୀଣା ବାଦକ



ନୃତ୍ୟରତା ଗୌଡ଼ କୁମାରୀବୃନ୍ଦ

## ମୋରହି ନାଗ : ନାଗ ବାରନା

ମୋରହି ରାଜନାଗ୍ - ରଜ ଭଣ୍ଡାର
ମୋରକାମ ଦୁଧନାଗ - ଦୁଧ ଭଣ୍ଡାର
ନେତାମ ପାନି ନାଗ - ପାନି ଭଣ୍ଡାର
ସୋରୀ ଧୂଳି ନାଗ - ଧୂଲ୍ ଭଣ୍ଡାର
ଓଁଟି ଗୁନ୍‌ଚି ନାଗ - ଆଠ ଭଣ୍ଡାର
ନେଟି ତମା ନାଗ - ସୋ ଭଣ୍ଡାର
ଜଗତ ଗୋଖ୍‌ରା ନାଗ - ଚୁଢ୍ ଭଣ୍ଡାର
ପୋର୍‌ଟି ପତ୍‌ଲୋଡ଼ା ନାଗ - ହେ ଭଣ୍ଡାର ।

## ଦେବତାଙ୍କ ଗୋତ୍ର

ବୁଢ଼ାଦେଓ ଦେମ ଦେବସ୍ଥୁଲୀ ଗୋତ୍ର
ଧରନୀ ଦେଉ କୁଶଲୀ ଗୋତ୍ର

## ଇଲିଙ୍ଗ ସିଲିଙ୍ଗ କିଲିଙ୍ଗ

ସାନ ପାଟ୍ - ଇଲିଙ୍ଗ ଗୋତ୍ର
ବୁଢ଼ାରଜା - ସିଲିଙ୍ଗ ଗୋତ୍ର
ଖୁଟ୍‌ନି ବୁଟି - କିଲିଙ୍ଗ ଗୋତ୍ର

# ଆଠସଗା

## ଶ୍ରୀ ମୀନକେତନ ମାଝୀ, ମରଗାଁଙ୍କଠାରୁ ସଂଗୃହୀତ

| ବର୍ଗ | ବଂଶ | ସ୍ଥାନ | ଗଡ଼ | ଦେବତା | ଭାଇ | ପିତା/ଋଷି | ମାତା | ଛତର | ଗୋତ୍ର |
|---|---|---|---|---|---|---|---|---|---|
| ମରକାମ | କଦମ୍ବବଂଶ | ରାନୀପୁର ଝରିଏଲ | ଧନ୍ଦାଗଡ଼ | ତିନିଦେବତା ରେତାଲ ବୁଢ଼ା | ୧.ନୃପତି, ୨.ଗଜପତି ୩.ଅଯୋଧାପତି ୪.ଭୂପତି(ଚାରିଭାଇ) | କାଶ୍ୟପ ଋଷି | ଆଦିତ୍ୟ | ଉଦ୍ଦନ ଛତର | କାଶ୍ୟପ |
| ନେତାମ | ଗଙ୍ଗବଂଶ | ଫୁଲିମୁଣା କୁଏବା | ଲାଞ୍ଜିଗଡ଼ | ଚାରିଦେଓ ପାଟରେତାଲ ବୁଢ଼ା | ୧.ସୁମରାଜ, ୨.ଭୁମରାଜ ୩.ମାନିକରାଜ, ୪.ନେତାମରାଜ (ଚାରିଭାଇ) | କାଶ୍ୟପଋଷି | ଆଦିତ୍ୟ | କନକତାବର ଛତର | କାଶ୍ୟପ |
| ନେଟି | ଯଦୁବଂଶ | ଫରସରା | ଲୁହାଗଡ଼ | ତିନିଦେଓ ପାଇକରାଏ | ୧.ବିକ୍ରମ ଧରୁଆ ୨.ମାନ୍‌ଝେରିଆ ମାଝୀ ୩.ନନ୍ଦଲିଆ ଭୋଇ | ଅତ୍ରମୁନି | ଅନୁସୟା | ଟିପନଛତର | ଅନନ୍ତ |
| ପୋର୍‌ଟି | ସୋମବଂଶ | ଦାବ୍‌ରୀ | ବିରାଟଗଡ଼ | ପାଞ୍ଚଦେଓ ମାନିକ ସୁଧା | ୧.ପୋର୍‌ଟି, ୨.ଡାହକ ୩.ଡାମର,୪.କାମର ୫.ଚାଟି, ୬,ବିଚାଟି (ଛ ଭାଇ) | ଗୌତମମୁନି | ଅନୁସୟା | ବାଜୁବନ୍ଧ ଛତର | ଇନ୍ଦ୍ର |

| | | | | | | | | | |
|---|---|---|---|---|---|---|---|---|---|
| ଅଁଟି | ନୀଳବଂଶ | କିରେକେଲା | ହୀରାଗଡ଼ | ଛ ଦେଓ<br>ହୀରା ରୁକ୍ମିଣି | ୧.ପଏଁରା ଅଁଟି<br>୨.ବଏଙ୍ଗା ଅଁଟି<br>୩.ବୋକା ଅଁଟି | ପାରେଶ୍ୱର | ପାର୍ବତୀ | ବୀରା ବାକୁଡ଼ା | ପଳାସ |
| ଜଗତ | ସୂର୍ଯ୍ୟୋବଂଶ | କୁମାଖାନ | ଚନ୍ଦାଗଡ଼ | ଛଦେଓ<br>ଭରିଆଶଙ୍କର<br>(ଜଙ୍ଘା ଦେଓ) | ୧.ଝଲିଆ ମାଝୀ ୨.ପାଟମକୁନ୍ଦ<br>୩.କାଲିଆ ଧରୁଆ<br>୪.ଚକ୍ରଧ୍ରପୋଟା<br>୫.କୁବ୍‌ଲିଆ ପୋଟା<br>୬.ମୁଣ୍ଡଫୁଟା ଜଗତ<br>୭.ଶିକା ଓଲା ଜଗତ<br>(ସାତ ଭାଇ) | ପାରେଶ୍ୱର | ପାର୍ବତୀ | ଦ୍ୱାରପାଳ<br>ଛତର | ପାରେଶ୍ୱର |
| ମରେହୀ | ଗାଗ୍ରମ ବଂଶ | କାଁକିଁରି | ଗଢ଼ାମଲ | ସାତଦେଓ<br>ସିଂହ ବାହିନୀ | ୧.ବଡ଼ ଗୋଟାମ<br>୨.ଲାଲବଞ୍ଚ<br>୪.ପରକ ୪.ପଦ୍ରପ<br>୫.ଶ୍ୟାମ ୬.କୁଞ୍ଜମ<br>୭.ଗୁରୁ (ସାତଭାଇ) | ମାର୍କଣ୍ଡ | ଶ୍ରୀୟାବତୀ | ମେଘଡାବର | ନାଗ |
| ସୋରୀ | ବଘେଲ<br>ବଂଶ | ପଣ୍ଡରା<br>ପଥର | ପରୁଆଗଡ଼ | ଏକଦେଓ<br>ପାଟଖଣ୍ଡା | ୧.କେଶାସୋରୀ<br>୨.ବୋଦା ସୋରୀ<br>୩.ମହାପଞ୍ଚ ସୋରୀ | ଅତ୍ରି | ଅନୁସୟା | ନକ୍ଷୀ ଛତର | କୁଶପର |

# ଗୋଁଡ଼ ଆଖ୍ୟାନ

ଗୋଁଡ଼ ସମାଜରେ ପରଘନିଆମାନେ ତଥା ସିଆନ ବୁଢ଼ାବୁଢ଼ୀମାନେ ବହୁ ସଂଖ୍ୟାରେ ଗଦ୍ୟ ପଦ୍ୟାତ୍ମକ ଆଖ୍ୟାନ କହିଥାନ୍ତି । ପରଘନିଆମାନେ କିଂକରି (Fiddle) ବଜାଇ ଏହି ଆଖ୍ୟାନ ସବୁ ଗାଇଥାନ୍ତି । ବୁଢ଼ାବୁଢ଼ୀମାନେ ବାଦ୍ୟଯନ୍ତ୍ରର ବ୍ୟବହାର କରନ୍ତି ନାହିଁ କିନ୍ତୁ ବଡ଼ ଚମତ୍କାର ଭାବେ ଆଖ୍ୟାନ ଗୁଡ଼ିକୁ ବର୍ଣ୍ଣନା କରିଥାନ୍ତି । ଲୋକ ସାହିତ୍ୟ ବିଶ୍ଳେଷଣ କାଳରେ ଏହାକୁ ବର୍ଣ୍ଣନାତ୍ମକ ପଟ୍ଟଭୂମିରୁ ବିଚାର କଲେ ଏହି ସବୁ ଆଖ୍ୟାନକୁ ଗାଥା ଲୋକକାବ୍ୟ ଓ ଲୋକ କାହାଣୀର ସ୍ଥୁଳ ରୂପ ବୋଲି ଗ୍ରହଣ କରାଯାଇପାରେ । ଏହା କେତେକ ସ୍ଥଳରେ ଅତୀତରେ ଘଟିଥିବା ସତ୍ୟ ଘଟଣା ବୋଲି କୁହାଯାଏ ଓ ପରଘନିଆମାନଙ୍କ ଦ୍ୱାରା 'ପୂର୍ଜା' ର ସତ୍ୟ ଓ କଳ୍ପନା ମିଶାଇ ପୂଜାପାଠ ବି ହୋଇଥାଏ । ଅପରପକ୍ଷରେ ଗୋଁଡ଼ ସଂସ୍କୃତି ନାୟକ (Culture Hero ) ମାନେ ଲୋକକାବ୍ୟ ଓ ଲୋକକଥାରେ ପ୍ରଭୂତ ଭାବେ ପ୍ରଭାବ ବିସ୍ତାର କରିଥାନ୍ତି । କେତୋଟି ଆଖ୍ୟାନ ସେହିପରି ଗୋଁଡ଼ ନାୟକମାନଙ୍କର ବୀରତ୍ୱ ଓ ଗାରିମା ପ୍ରଖ୍ୟାପକ । ଏସବୁ ଏଠାରେ ନିର୍ବାଚିତ କରି ଦିଆଯାଇଛି ।

କ. ଚିତଲ ସିଂହ ଛତ୍ରୀ

ଖ. କଦେଲ କଛାର

ଗ. ବାଘ ବଘନି

ଘ. ସାଲେବନ୍

(ସଂଗ୍ରହ : ଖଗମାଝୀ, ତାଳପଦର)

## ଚିତଲ୍ ସିଂ ଛତ୍ରୀ

ଗୁଟେ ଦେଶେ ଥିଲେ ଯେ ସାଦେ ବୁଢ଼ାର୍ ସାତ୍‌ଟା ପୋ । ତାର୍ ବାପର୍ ନା ଅନ୍ଧ ବୁଢ଼ା । ସାତ୍‌ଭାଇର୍ ନା, ଭୁବ୍‌ନା ସିଂ, ହେରେନା ସିଂ, ଚିତଲ୍ ସିଂହ ଏନ୍ତା ନାମନେ ଥିଲା । ସାତ୍ ଭାଇ କିଛି କାମ୍ ନେଇ କରୁଥାଇ । ଘରେ ଖାଲି ବସିରହବ୍, ଇ ପରା ସେ ପରା ବୁଲୁ ରହତ୍ । ଦିନେ ଅନ୍ଧ ବୁଢ଼ା ସାତ ଭାଇକେ

# ଗୋଁଡ଼ ଆଖ୍ୟାନ

ଗୋଁଡ଼ ସମାଜରେ ପରଘନିଆମାନେ ତଥା ସିଆନ ବୁଢ଼ାବୁଢ଼ୀମାନେ ବହୁ ସଂଖ୍ୟାରେ ଗଦ୍ୟ ପଦ୍ୟାତ୍ମକ ଆଖ୍ୟାନ କହିଥାନ୍ତି । ପରଘନିଆମାନେ କିଂକରି (Fiddle) ବଜାଇ ଏହି ଆଖ୍ୟାନ ସବୁ ଗାଇଥାନ୍ତି । ବୁଢ଼ାବୁଢ଼ୀମାନେ ବାଦ୍ୟଯନ୍ତ୍ରର ବ୍ୟବହାର କରନ୍ତି ନାହିଁ କିନ୍ତୁ ବଡ଼ ଚମତ୍କାର ଭାବେ ଆଖ୍ୟାନ ଗୁଡ଼ିକୁ ବର୍ଣ୍ଣନା କରିଥାନ୍ତି । ଲୋକ ସାହିତ୍ୟ ବିଶ୍ଳେଷଣ କାଳରେ ଏହାକୁ ବର୍ଣ୍ଣନାତ୍ମକ ପଟ୍ଟଭୂମିରୁ ବିଚାର କଲେ ଏହି ସବୁ ଆଖ୍ୟାନକୁ ଗାଥା ଲୋକକାବ୍ୟ ଓ ଲୋକ କାହାଣୀର ସ୍ଥୂଳ ରୂପ ବୋଲି ଗ୍ରହଣ କରାଯାଇପାରେ । ଏହା କେତେକ ସ୍ଥଳରେ ଅତୀତରେ ଘଟିଥିବା ସତ୍ୟ ଘଟଣା ବୋଲି କୁହାଯାଏ ଓ ପରଘନିଆମାନଙ୍କ ଦ୍ୱାରା 'ପୂର୍ବା' ର ସତ୍ୟ ଓ କଳ୍ପନା ମିଶାଇ ପୂଜାପାଠ ବି ହୋଇଥାଏ । ଅପରପକ୍ଷରେ ଗୋଁଡ଼ ସଂସ୍କୃତି ନାୟକ (Culture Hero ) ମାନେ ଲୋକକାବ୍ୟ ଓ ଲୋକକଥାରେ ପ୍ରଭୂତ ଭାବେ ପ୍ରଭାବ ବିସ୍ତାର କରିଥାନ୍ତି । କେତୋଟି ଆଖ୍ୟାନ ସେହିପରି ଗୋଁଡ଼ ନାୟକମାନଙ୍କର ବୀରତ୍ୱ ଓ ଗାରିମା ପ୍ରଖ୍ୟାପକ । ଏସବୁ ଏଠାରେ ନିର୍ବାଚିତ କରି ଦିଆଯାଇଛି ।

କ. ଚିତଲ ସିଂହ ଛତ୍ରୀ

ଖ. କଦେଲ କଛାର

ଗ. ବାଘ ବଘନି

ଘ. ସାଲେବନ୍

(ସଂଗ୍ରହ : ଖଗମାଝୀ, ତାଳପଦର)

## ଚିତଲ୍ ସିଂ ଛତ୍ରୀ

ଗୁଟେ ଦେଶେ ଥିଲେ ଯେ ସାଦେ ବୁଢ଼ାର୍ ସାତ୍‌ଟା ପୋ । ତାର୍ ବାପର୍ ନା ଅନ୍ଧ ବୁଢ଼ା । ସାତ୍‌ଭାଇର୍ ନା, ଭୁବ୍‌ନା ସିଂ, ହେରେ୍‌ନା ସିଂ, ଚିତଲ୍ ସିଂହ ଏନ୍ତା ନାମନେ ଥିଲା । ସାତ୍ ଭାଇ କିଛି କାମ୍ ନେଇ କରୁଥାଇ । ଘରେ ଖାଲି ବସିରହବ୍, ଇ ପରା ସେ ପରା ବୁଲୁ ରହତ୍ । ଦିନେ ଅନ୍ଧ ବୁଢ଼ା ସାତ ଭାଇକେ

ଡାକ୍‌ଲା ଆର୍ କଏଲା । ତମର୍ ମାନ୍‌କର ଦିନ ସବୁଦିନ୍ ଏନ୍ତା ଯିବାନାକେ । ଆମର୍ ଏତ୍‌କି ଜମି ଜୁମା ଅଛେ । ତମେମାନେ ଚାଷ ବାସ୍ କର । ପିଲାମ୍ନାନେ ବସ୍‌ଲେ ଆର୍ କଥା ହେଲେ କଏଲେ ନେଇଁରେ ଚାଲ ସବୁଲୋକ ମିଶିକରି ଆମର୍ ଖେତେ କାମ କବାର୍ କରୁଁ । ନେଇଁ ହେଲୋ ଅରନ୍ ମୁଠେ ବି ଖେବାକେ ନାଇଁ ମିଳେ ।

ତାର, ଆର୍ ଦିନ ସକାଳୁନ୍ ସବେ ମିଶି ହଳିଆ ଖୋଜି ଗଲେ । ସବେ ଛ ଭାଇ ଗୁଟେ ଗୁଟେ ହଳିଆ ଆନ୍‌ବାକେ ସାନ୍ ଭାଇ ଚିତଲ୍ ସିଂ ଦୁଇଟା ଆନ୍‌ଲା । ସେନୁ ସବେ ହଳ, ବୁଇଲ୍ ଠିକ୍ କଲେ । ଚାଷ ବାସ, ଜମିକେ କୁର୍‌ଲା କୁର୍‌ଲି କଲେ । ତାର ପଛେ ବଡ଼ ଭାଇମାନେ ସାନ୍ ଭାଇକେ କଏଲେ ଯେ ଯା ତୁଇ ଗିଏ ବୁଇଲ୍ ଚରାବୁ ଆରୁ ଆମେମାନେ ଜମିକେ କୁର୍‌ଲା କୁର୍‌ଲି କରମୁଁ । ସାନ୍ ଭାଇ ହଁ କଲା ଆରୁ ଗିଏ, ବୁଇଲ୍ ଚରି ନେଲା । ଦିନେକ୍ କେଁ ହେଲା ଯେ ଗିଏ ବୁଇଲ୍ ଉର୍‌ଲାଲେ । ସେନୁ ଚିତଲ୍ ସିଂ ଗିଏ ବୁଇଲ୍‌କେ ଗରକେ ଖେଦି ଆନ୍‌ଲା ଆରୁ ତାର, ବଡ଼ ବହୁ ମାନ୍ କେଇଲା ମାଗ୍‌ଲା, ଖର୍‌କାଟ୍‌ଲା ଆରୁ ଗିଏ ବୁଇଲ୍‌କେ ଖେବା କେ ଦେଲା । ତାର ବହୁମାନେ ପେନ୍‌ପୁନା କୁଣା କୁଣି ଆନି ଦିଅତ୍ ଗିଏ ବୁଇଲ୍‌କେ । ଛ ଦେରେନ୍ ଜେଠେନ୍ ପାଲି କରି ପେନ୍ ପୁନା କୁଣା କୁଣି ଦିଅତ୍ ।

ଦିନେ ଦେରେନ୍ ଜେଠେନ୍ ତାକର ସ୍ୱାମୀ ମାନ୍‌କେ କଏଲେ, ତମେ ଇ ସାନ୍‌କେ ଗିଏ ବୁଇଲ୍‌ଚରି ମଗାସ ଯେ ଆମ୍‌କେ ହଏରାନ୍ କର୍‌ବାକେ । ଆମେ ମାନେ କେତେ କଟଁରା ପାନି ଫିକୁରେବୁ । ସବୁଦିନ୍ ଗିଏ ବୁଇଲ୍ ଖେଦକରି ଅଘାଲାଟା ପୁଏଲ, ଖର, ହଗ୍‌ଲା ଗୁକେ ଫିକିଫିକି ଆମର୍ ପ୍ରାଣ୍ ଛାଡ଼ ଗଲାନା । ତାର, ଦଦା ତାକେ ଡାକ୍‌ଲା ଆରୁ କଏଲା ବାବୁ ଚିତଲ ସିଂ, କାଲ୍‌କେ ତୁଇ କର୍‌ଲା ଖମାର କେ ଚଉଦଟା ଲଦା, ଚଉଦଟା ପିକା ପତର, ଚଉଦ ଲୋକର ଧୁଙ୍ଗିଆ ପତର, ଚଉଦଟା ଲୋକର ଖୁରୀ, ଗିନା, ପେଜ ସବୁ ଧରି କରି ଯିବୁ । ଚିତଲ୍ ସିଂ କଏଲା କେନ୍ତା କରି ଏତ୍‌କି ଲୋକର, ଖାନା, ପିନା, ସବୁ ନେମି । ମୁଇଁତ ଜଣେକର୍ ନି ପାର୍‌ବି । ତାର ଦଦା କଏଲା । ତୁଇ ଯେନ୍ତା କରିବି ଆନବୁସ୍ ତୋ ଆନ୍‌ବୁସ୍ ନେଇ ହେଲେ ତୋକେ ମାରି ଦେମି । ତାର, ଆର

ଦିନ ସକାଳୁ ଚିତଲ ସିଂ ଗିଏ, ବୁଇଲ୍ ଚରି ନେଲା ଆରୁ ଆସଲା, ପେଜ୍ ଶାଗ୍, ପିକପତର ଲଦା ସବୁ ମାଗ୍ଲା ଆରୁ ଗୋଟେ ମୁନାରେ ରଖିଲା ତାର, ଦେବାକେ ସୁମରନା କଲା ଆରୁ ବାହାରିଲା ।

ସେ ଫାଲ୍ ତାର ଦଦାମାନେ ଜଗି ଛନ୍ କେତେବେଳେ ଚିତଲ ସିଂ ଆନ୍‌ସି ବଲି । ଚିତଲ୍‌ସିଂ କେ ଦୂରୁ ଦେଖିଲେ ଆରୁ କଥା ବାରତା ହଉଛନ୍, ହେଜେଗା ହେ ତୋ ଛୁଚା ହାତେ ଆସୁଛେ କେଁଟାକେ ଖେବ ଏବେ । ସେନୁ ଚିତଲ୍ ସିଂ ଆସ୍‌ଲା ତାର୍ ମୁନାନୁ ବାହାର କଲା ସବୁ ଜିନିଷ ଗୁଟେ କରି ସବୁ ଭାଇମାନେ ଦେଖିଲେ ଆରୁ କାବା ହିଗଲେ । ସେମାନେ କଏଲେ ଇଟା କେନ୍ତା କଥା ହେଲା ଜଣେ ଲୋକ୍ କେନ୍‌ତା କରି ଏତ୍‌କି ଲୋକର୍ ସବୁ ଜିନିଷ୍‌ତକ ବୁହି ଆନ୍‌ଲା । ଇ ତୋ ବଡ଼ କ୍ଷତ୍ରିଏ । ଇତାକେ ଯେନତା କରିବି ମାରିଦେବାକେ ପଡୁବା । ନେଇଁ ମାର୍‌ଲେ ଇ ଆମ୍‌କେ ମାରି ପକାବା । ଘରକେ ପଟେକ୍ ଶାଲ୍‌କେ ଗୁଟେକ୍ । କୁର୍‌ରା ସିଂ କଏଲା ଆମର୍ ଭିତରେ ଗୁଟେକ୍ କ୍ଷତ୍ରି ଆଚେ କେଁ ଯେ ତାକେ ମର୍‌ବୁ । ଚିତଲ୍ ସିଂ କର୍‌ରା ସିଂର ତଲେ ଜନମ୍ ହିରେ । ହେତରି କାଯେ କୁରରା ସିଂ କେ ଦୁଖ୍ ଲାଗ୍‌ଲା । ସବ୍‌କରନୁ ବଡ଼ ଯେନ୍‌ଏ ସେ କଏଲା ଚାଲ ସବେ କେତ୍ କୁର୍‌ଲି କଁଉଁ । ସେନୁ ସାନ୍ ଭାଇ ସଙ୍ଗେ ସବେ ହଲ୍ ନଙ୍ଗଲ୍ ଧରିକରି କୁର୍‌ଲି ଗଲେ । କୁର୍‌ଲି ଦେଲାକେ କେତେ ନି କେତେ ଖାଲି ହି ଗଲା ଦୁଇ ବାଟେ ମେଟ୍ ଅଛେ ମଝିନେ ଖାଲ । ସାନ୍‌କେ କଏଲେ ତୁଇ ଭିତର୍‌କେ ସମ୍ ଯେ ମେଟ୍ ସମାନ୍ କରବୁ । ସାନ୍ ଭାଇ ଖାଲ୍‌କେ ଗଲା ଆରୁ ମେଟ୍ ସମାନ୍ କରୁଛେ । ଏତ୍‌କି ବେଳେ ସବୁ ଭାଇ ମାନେ ମିଶ୍‌ଲେ ଆରୁ ଦେଲେ ଚିତଲ୍ ସିଂ କେ ମେଟ୍ ଭିତରେ ପାଟି । ସବେ ମେଟ୍ ପାଟି ଦି କରି ଘରକେ ଫିର୍‌ଲେ । ସବେ କଥା ବାରତା ହେଲେ ଯେ ଘରେ କିଏ ପଚାର୍‌ଲେ କେନ୍ ବି ନେଇ କଏବ ଯେ ସାନ୍ ଭାଇକେ ଏନ୍‌ତା କଲୁଁ ବଲି ।

ସାନ୍ ଭାଇ କେ ମେଟ୍‌ନେ ପୋତି ସିନା ଦେଲେ ହେଲେ କୁର୍‌ରା ସିଂର ମନ୍ କାନ୍ଦି ଯଉରେହେ । କାହାକେ କଏବାର୍ ନେଇଁ । ଘର୍‌କେ ସବେ ଫଇରଲାକେ ଦେଖିଲେ ଯେ ସବୁ ଅଛନ୍ ହେଲେ ସାନ୍ ଭାଇ ନେଇନା । ସବେ ତାର୍ ବହୁମାନେ ପଚାର୍‌ଲେ କାହିଁ ଗଲେ ସାନ୍ ବାବୁ ବଲି । ବଡ଼ଭାଇ ମାନେ କଏଲେ ଯେ ସାନ୍‌ଭାଇ ଆମର୍ ବଇ ଘରକେ ଯେଇଛେ ବଲି । କୁର୍‌ରା ସିଂର କନିଆ କୁର୍‌ରା ସିଂକେ ପଚାରଲା ସାନ୍ ବାବୁ କାଇଁ ଗଲେ ହୋ ବଲି । କୁର୍‌ରା ସିଂ ତାର,

କନିଆ କେ କଏଲା ନେଇରେ ସାନ୍‌କେ ସବେ ମିଶି ମାରିଦେଲେ, ସେ ଆରୁ ନେଇ ଏନେ ଜୀବ୍‌ନେ। ସେନୁ କୁର୍‌ରା ସିଂ ଆର୍ ତାର କନିଆ କନ୍ଦାକନ୍ଦି କଲେ ଆରୁ ତୁମ୍ ତାମ୍ ଗଏଲେ।

ଇବାଟେ ମାଁପୁରୁ ଦେଖିଲେ ଯେ ଚିତଲ୍ ସିଂ କେଁ ହେଲା ଦୁଇ ତିନ୍ ଦିନ୍ ହେଲା ନେଇଁ ଆସ୍‌ବାର ସେନୁ ମାଁପୁରୁ ପଚ୍‌ରା ଉଚ୍‌ରା କଲେ ଆର୍ ଯାନ୍‌ଲେ ଯେ ତାକେ ସବେ ମେଟ୍ ଭିତରେ ପୋତି ଦିଛନ୍। ସେନୁ ମାଁପୁରୁ ଇନ୍ଦର ଦେବ୍‌ତାକେ ସମ୍‌ରନା କଲେ। ଇନ୍ଦରଦେବ୍‌ତା ଆସ୍‌ଲାକେ ମାଁପୁରୁ କଏଲେ ଯେ ଏନ୍ତା ପେନ୍ ମାରୁ ଯେ ଯେନ୍‌ତା କି କୁର୍‌ଲାଲା ମେଟ୍ ପେନ୍‌ନେ ଭାସିଯିବା। ଇନ୍ଦର ମାଁପୁରୁ କଏଲେ ମୋକେ ଏକା ଡାକ୍‌ଲେ କେଁ ହେବା, ଘୁଡ୍‌ଘୁଡ଼ିକେ ଡାକ, ପବନ୍‌କେ ଡାକ, ମେଘ୍ ଦେବ୍‌ତାକେ ଡାକ। ତାର, ପଛେ ଭଗବାନ୍ ସବ୍‌କେ ଡାକ୍‌ଲେ। ସବୁ ଦେବ୍‌ତା ଆସ୍‌ଲାକେ ମେଘ ଡାବ୍‌ଲା ଘଡ଼ିଘଡ଼ି ମାର୍‌ଲା, ପବନ୍ ଯୋର୍‌ସେ ବହଲା। ଆରୁ ଏନ୍‌ତା ପେନ୍ ବରଷି ଗଲା ଯେ ଅନ୍ଧା ବୁଢାର୍ ପୋ ମାନ୍‌ନେ କୁର୍‌ଲଲା ମେଟେ୍ ପେନ୍ ନେ ଭାସି ଗଲା। ମେଟ୍ ଭାସି ଗଲାକେ ପିଲା ପେନ୍‌ନେ ଭାସ୍‌ଲା। ଭଗବାନ୍ ତାକେ ଘିଚ୍‌ଲେ ଆରୁ ଜୀବନ୍ ଦାନ୍ ଦେଲେ। ଚିତଲ ସିଂ ଉଠ୍‌ଲା ଆରୁ ଭଗ୍‌ବାନ୍‌କେ କଏଲା ମୋକେତ ମୋର୍ ଭାଇମାନେ ମାରି ଦିରେଲେ ତମେ କେଁଯେ ଆର ମୋକେ ଉଠାଲ। ମୁଇଁ ଏବେ କେନ୍‌ତା କରି ଘରକେ ଯେଁସି ? ଭଗ୍‌ବାନ୍ କଏଲେ ଯା ତୁଇ କଏବୁ ଯେ ମୁଇଁ ବଇ ଘର୍‌କେ ଯେଇ ରେଲି ବଲି। ସେନୁ ଚିତଲ୍ ସିଂ ଘର୍‌କେ ଗଲାକେ ତାର୍ ବୁଆ ତାର୍ ବହୁମାନେ ପଚାର୍‌ଲେ କାହିଁକେ ଯାଇଥିଲ ବୋଲି। ଚିତଲ୍ ସିଂ କଏଲା ବଇ ଘର୍ ଯାଇଥିଲି। କୁର୍‌ରା ସିଂର କନିଆ ପଚାର୍‌ଲା ଚିତଲ୍ ସିଂ କେ। ଚିତଲ୍ ସିଂ କଏଲା ତମେତ ଯାନିଥିବନା ବହୁ, ଦଦାତ ତମ୍ କେ କହି ଥିବେ ନା।

ଚିତଲ୍ ସିଂ କୁର୍‌ରା ସିଂର କନିଆକେ ଚଉଲ୍ ଦିଟା ମାଗ୍‌ଲା କେ ତାର୍, ବହୁ କଏଲେ ହେଦେ ହେନେ ଆଚେ ହୋ ନିଯ। ଚିତଲ୍ ସିଂ ଚଉଲ ଧର୍‌ଲା ଆରୁ ଗଲା ଦେବ୍‌ତା ଗୁଡ଼ିକେ। ଦେବ୍‌ତା ଗୁଡ଼ିବି ଗିଏ ଗୁର୍‌ଲା, ବୁଇଲ୍, ଗୁର୍‌ଲା, ପୋନ୍, ଗୁର୍‌ଲା ବାଗି ଅଲ୍‌ଗେ ଥେ। ଚିତଲ୍ ସିଂହ ଗୁଡ଼ିନେ ଦେବାଦେବୀ କେ ସମ୍‌ରନ୍ କଲା ଆରୁ ଡାକ୍‌ଲା :-

ମୋର୍ ଦନ୍ତେଶରୀ ଖମେଶରୀ ମାଁ
ମୋର ଦୁଆରଶନୀ ପାଟ୍‌ନେଶରୀ
ମୋର ବୁଢ଼ାରଜା ଚତୁର ବେଦୀ ହୋ ।
ମୋର ଦୁଖ୍ ଦୁର୍‌ଦଶା ଦଣ୍ଡ କଷଣ୍ ଯଉଛେ ମାଁ ।
ମୁଇ କେଁ ବିଚାର କର୍‌ବି ମୋକେ ରାସ୍ତା ବତିଦେ ମାଁ ।
ମୋର ଚୁଟିଆ ବୁଟିଆ ମନେ, ମୋର ଗୁଟେ ଗୁଟେ ଦେବ୍‌ତା ମନେ ହୋ ।
ଇ ସବେ ମୋର, ଗୁହାରୀ ଶୁନ ମାଁ ।
ମୁଇଁ ପୋଡ଼୍‌ଖାଇକେ ପୋଡ଼୍ ଦେମି,
ମାନେ ଖାଇକେ ମାନେ ଦେମି,
କୁକୁରା ଖାଇକେ କୁକ୍‌ରା, ପାରାଖାଇକେ ପାରା
ଗଂଙ୍ଗା ଖାଇକେ ଗଂଙ୍ଗା, ଘୁଷ୍‌ରା ଖାଇକେ ଘୁଷ୍‌ରା ।
ବୋକା ଖାଇକେ ବୋକା, ଗର୍‌ରା ଖାଇକେ ଗର୍‌ରା ଦେମି ମାଁ ।

ଏନ୍ତି ବଲି ସବ୍ ଦେବା ଦେବୀ କେ ଚିତ୍‌ଲ ସିଂ ସମ୍‌ରନା କଲାକେ ଦେବାଦେବୀ ପର୍‌ସନ୍ ହେଲେ ଆର୍ କଏଲେ ବାବୁ ଚିତଲ୍ ସିଂ ତୁଇ ଆମ୍‌କେ ବାଟଦେଖେଇ ଦେ ବଲୁଛୁସ୍ ଯେ ତୁଇ ସବ୍‌କେ ଆହାର୍ ଭୋଗ୍ ପୁରେଇ ପାର୍‌ବୁ କେଁ ? ଚିତଲ୍ ସିଂ କଏଲା ସବ୍‌କେ ପୁରାବି ଆର୍ ସବ୍ ଦେବାଦେବୀ କେ ଯେଁ ଯେଁ ଟା ଖେସନ୍ ସେଟା ଦେଲା । ହେଲେ ଗୁଟେ ଦେବ୍‌ତା "ପାଟ୍ ମଶ୍‌ରି" ପର୍‌ସନ୍ ନାଇଁ ହି । ସେନୁ ଚିତଲ୍ ସିଂ ପାଟ୍ ମଶ୍‌ରି କେ ସମରନା କଲା । ପାଟ୍ ମସ୍‌ରି କଏଲେ ତୁଇ ମୋର ଭୋଗ୍ ଦି ପାର୍‌ଲେ ତୁଇ ଯେନ୍ ବର୍ ମାଗ୍‌ବୁ ମୁଇଁ ସେ ବର୍ ତୋକେ ଦେବି । ପାଟ୍ ମଶ୍‌ରି ତାକେ କୁଆଁରୀ ଟୁକିଲ୍ ମାଗ୍‌ଲେ ଚିତଲ୍ ସିଂ ଗୁଟେ ବୁଦ୍ଧି ପାଁଚିଲା । ଆଠେ ଦଶ କୁଆଁରୀ ଟୁକିଲ୍ ମାନ୍‌କେ ଡାକି କରି ଗୁଡ଼ିକେ ମେଟ୍ ଲିପି ଦେବାକେ କଏଲା ।

ତାର, ଆର, ଦିନ ସକାଲୁ ଦଶ୍‌ଟା କୁଆଁରୀ ଟୁକିଲ୍ ମାନେ ଗାଧି ପାଧି କରି ମେଟ୍ ଧରି କରି ଗୁଡ଼ି ଭିତର୍‌କେ ମେଟ ଲିପ୍‌ବାକେ ଗଲେ । ଚିତଲ୍ ସିଂ ପାଟ୍‌ମଶରୀ ଦେବୀକେ ସୁମରନା କଲା ଆରୁ କଏଲା ଦେଖ୍ ମାଁ ତୁଇ ଯେନ୍‌ଟା ମାଗ୍‌ଲୁ ମୁଇଁ ତୋକେ ସେଟା ଦେଲି ତୁଇ ଇଟାକେ ଖା ଆର୍ ମୋକେ ପର୍‌ସନ୍

ହ । ପାଟ୍ ମଶ୍‌ରୀ ଦେବୀ ତାକର୍ ଭୋଗ୍‌କେ ଖେଲେ ଆର୍ ଚିତଲ୍ ସିଂର ଉପ୍‌ରେ ପରସନ୍ ହେଲେ । ଦେବୀ କଏଲେ ।

ବାବୁ ଚିତଲ୍ ସିଂରେ
ତୋର ଦାଦି ଦିନର୍ ପୁରୁଷା ଦିନର୍,
ଧୋତି ପଗଡ଼ି ବାନ୍ଧରେ ।
ତୁଇ କେତେ ଯୋଯ୍‌ନେ ଉଡ଼ବୁ
ସେତେ ଯୋଯ୍‌ନେ ଉଡ଼େଇ ଦେବିରେ
ତୁଇ ଧୋତି ପଗଡ଼ି ବାନ୍ଧରେ ।
ତୁଇ ଯେନ୍ ବାଟେ ଯିବୁ ତୋର, ବାନା ଉଡ଼ୁବାରେ ।

ଚିତଲ୍ ସିଂ ସେଠାନୁନ୍ ଗଲା ତାର୍ ଘର୍‌କେ ଆର୍, ତାର୍ ଦଦାର କନିଆମାନ୍‌କେ କଏଲା -

ଜୁହାର ବଲେ ଜୁହାର, ବହୁ ଜୁହାର ଜୁହାର ଜୁହାର ।
ମୁଇଁ ତ ବାର ବାର ଚବିଷ ବରଷ୍ ହେଲେ ଫିରିମିନେ ।

ଚିତଲ ସିଂର ବହୁମାନେ କଏଲେ -

ତମେ କାଇଁ ଯଉଛ ଦିଅର, ଆମର୍ ସାନ୍ ଦିଅର୍
ତମେ ତମର୍ ଭାଇ ମାନଙ୍କର କଥା ଧରି କାଇଁ ଯଉଛ ଦିଅର ।
ଆମେ ତମ୍‌କେ ନେଇଁ ଦେଖି କେନ୍ତା ବଁଚମୁଁ ଦିଅର ।

ସେନୁ ଚିତଲ୍ ସିଂ ଚାଲ୍‌ଲା ଯେ ଚାଲ୍‌ଲା । ଯେଁତେ ଯେଁତେ ଯେଁତେ ବାଟେ ଦେଖିଲା ଯେ ଗୁଟେ ଲୋକ୍ ଧୂଳିଲ୍ କେ ବେଁଟ୍ ମାରୁଛେ ଯେ ଗଦା ଗଦା ବେଁଟ୍ ବାହାରି ଯାଉଛେ । ଚିତଲ୍ ସିଂ ଦେଖିଲା ଆର୍ ଭାବ୍‌ଲା ଯେ ଇତ ମୋର୍‌ନୁ ବି ଗୁଟେ ଯୋଦ୍ଧା ଏ । ଚିତଲ୍ ସିଂ ତାକେ ମହା ପରସାଦ୍ ବଲି ଡାକଲା । ସେନୁ ସେ ବେଁଟ୍ ମାରୁ ଚିତଲ୍ ସିଂ ସଙ୍ଗେ କଥା ବାର୍‌ତା ହେଲା ଆର୍, ମୁଇଁ ବି ତମର୍ ସଙ୍ଗେ ଯିବି ବଏଲା । ସେନୁ ଚିତଲ୍ ସିଂ ଆର୍, ବେଁଟମାରୁ ମହାପର୍‌ସାଦ୍ ଚାଲଲେ । ଯେ'ତେ ଯେ'ତେ ଯେ'ତେ ଦେଖିଲେ ଯେ ଗୁଟେ ଲୋକ୍ କେତେନିକେତେ କଁକ୍‌ରା ହାଡ଼୍ ତାର୍ ପାଖେ ରଖିଛେ । ଗୁଟେକ୍ କଁକ୍‌ରା ହାଡ଼୍‌କେ ମନ୍ତର୍ ମାରିଦେଲା ଯେ ସେଁ କଁକ୍‌ରା ମେଟ୍ ଭିତର୍‌କେ ସମିଗଲା ଯେ

ପାତାଲ୍‌ନୁ ପେନ୍ ବାହାର୍‌ଲା । ଚିତଲ୍ ସିଂ ଆର୍ ବେଁଟ୍ ମାରୁ ଦେଖ୍‌ଲେ ଆରୁ ଇତାକେ ମହାପରସାଦ୍ ବନ୍ନୁ, ଇତ ଆମର୍‌ରୁ ବି ଢିତ୍‌ଲାଟାଏ । ସେନୁ ତାକେ ମହାପରସାଦ୍ ବଲି ଡାକ୍‌ବାକେ ସେ ବି କଥା ବାର୍‌ତା ହି କରି ସେମାନ୍‌କର ସଙ୍ଗେ ବାହର୍‌ଲା । ତିନ୍ ଜନ୍ ମିଶିକରି ଯା'ତେ ଯା'ତେ ଯା'ତେ ଦେଖଲେ ଯେ ଗୁଟେ ଲୋକ୍ ତାର ଅଁଟାନେ ଡୋର୍ ବାନ୍ଧିଛେ ଆରୁ ଗିଏ ବୁଇଲ୍ ଗୋଠେକ୍ କେ ନଏଦ୍‌ର୍ ପେନ୍‌ନେ ପାର୍ କରି କରି ସେ ଖଏଣ୍‌ନୁ ଇଖଏଣ୍‌କେ ଚରି ଆନୁଛେ । ସେତାକେ ବି ମହାପର୍‌ସାଦ୍ ବନାଲେ । ସେନୁ ସେ ବି ଚାଲ୍‌ଲା ସେମାନଙ୍କର ସଙ୍ଗେ ।

ଚିତଲ୍ ସିଂ ଆର୍ ତିନ୍ ଜନ୍ ମିଶିକରି ଯଉଛତ୍ । ଗଲା ବାଟେ ଗୁଟେ ସହର୍ ପଡ୍‌ଲା । ସେ ସହର୍‌କେ ବାଗ୍‌ମାନେ ଆସିକରି ସବ୍‌କେ ଖେଇ ଦି ରହତ୍ । ସେନ୍‌ର ରଜା ଡିଙ୍ଗରା ଦିରହଦ୍ ଯେ ଯେନ୍ ବି ଇ ବାଘ୍‌ମାନକେ ମାରିଦେବା ତାକେ ମୋର୍ ଟୁକିଲ୍ ଜମ୍ମୁମତୀ କେ ବିହା କରି ଦେମି । ଇ ତିନ୍ ଜନ୍ ଆର୍ ଚିତଲ୍ ସିଂ ସେ ସହରର୍ ଗୁଟେ ଗଛ ତଳେ ରାନ୍ଧି ଖଉରେଲେ । ଚିତଲ୍ ସିଂ ସେ ବାଘର୍ କଥା ଶୁନଲା । ଗୁଟେ ମାଲେନ୍ ଘର୍‌କେ ଚିତଲ ସିଂ ଆର୍ ତିନ୍‌ଟା ମହାପର୍‌ସାଦ ଗଲେ ଆର୍ ରଏଲେ । ରେତ୍ ହେଲାକେ ମାଲେନ୍ ବୁଢ଼ି ଆର୍ ସବ୍‌ଲୋକ୍ ଭିତରେ ଶୁଏଲେ । ଚିତଲ୍ ସିଂ ବାହାରେ ପର୍‌ଚିନେ ଶୁଏଲା । ରେତନେ ବାଘ ଆସ୍‌ଲା । ଦେଖ୍‌ଲା ସବୁ ଲୋକର୍ ଘର୍ କବାଟ ବନ୍ଦ୍ ହିଛେ । ଗାଁ ପୁରା ଶୁନ୍‌ଶାନ୍ ହି ଯେଇଛେ ହେଲେ ଗୁଟେ ଘରର୍ ପରଚିନେ ଜୁଏ ଜଳୁଛେ ଆର୍ ଖଟ୍ ଗୁଟେକ୍ ପଡ଼ିଛେ । ବାଘ୍ ଆସଲା ଦେଖ୍‌ଲା ଯେ ଖଟେ ଲୋକ୍ ଗୁଟେ ଶୁଇଛେ । ଭାବ୍‌ଲା ଯାହାବି ହଉ ହୋ ଏଜ୍ ଖେବାକେ ମିଲ୍‌ଲା ଆର୍ ତୋ ଝପଟଲା ଚିତଲ୍ ସିଂକେ । ଚିତଲ ସିଂ ମାରଲା ବାଘ୍‌କେ ଯେ ଛିତ୍‌କି ପଡ୍‌ଲା । ବାଘ୍ ଫେର୍ ଉଠ୍‌ଲାକେ ଯେଇ କରି ମାଡ଼ି ବସ୍‌ଲା ଆର୍ ଜୀବ୍‌ନେ ମାରିଦେଲା ।

ଚିତଲ୍ ସିଂ ବାଘ୍‌କେ ମାର୍‌ଲା ଆରୁ ତାର୍ ଦାଁତ୍‌କେ, ବୀର ନଖ୍‌କେ, ମେଁଚାକେ କାଟ୍‌ଲାଆରୁ ରଖିକରି ବାଘ୍‌କେ ରାସ୍ତାନେ ଫିକି ଦେଲା । ବାଘ୍‌ଯେନ୍ ରାସ୍ତାନେ ପଡ଼ିଛେ ସେ ରାସ୍ତାନେ ଗୁଟେ କୁମ୍ଭାର ଯଉରେ, ସେ ବାଘ୍‌କେ ଦେଖ୍‌ଲାକେ ତାର୍ ଡଣା କୁଣାକେ ଆଦରି ଦେଲା । ବାଘକେ ମୁଇଁ ମାର୍‌ଲି ବଲି ରଡ଼ି ଛାଡ୍‌ଲା । ଲୋକ୍‌ମାନେ ସେଠାନେ ଜମାହିଗଲେ । ସେନୁ ତାର୍ ଆର୍ ଦିନ

ସକାଳୁ ରଜାର୍ କାନ୍‌କେ ଗଲାକେ ରଜା ସେ କୁମ୍ଭାର କେ ହାତୀନେ ବସେଇ ଆନି ନିଜର୍ ରାଜ୍‌ବାଟି ନେ ରଖିଲେ । ପଛେ ପହଁଚଲା ଚିତଲ୍ ସିଂ । ରଜାକେ ପଚାରଲା କିଏ ବାଘ୍ ମାରଲା ବଲି । ଆର୍ ଯିଏ ବାଘ୍ ମାରିଛେ ତାକେ ବାଘର, ନଖ, ମେଁଛା, ଦାଁତ୍ ଦେଖେଇ ମଗାବା କାଯେ ରଜାକେ କଏଲା । ରଜା କୁମ୍ଭାର କେ ଡାକଲେ ଆର ବାଘର ବୀର ନଖ, ମେଁଛା, ଦାତ୍ ଦେଖାହା ବଏଲାକେ କୁମ୍ଭାରର୍ ଅକଲ୍ ଗୁଡୁମ୍ ହି ଗଲା । ସେନୁ ରଜା କୁମ୍ଭାର୍‌କେ ଛାଡ଼ି ଦେଲେ ଆରୁ ଚିତଲ୍ ସିଂ ସଙ୍ଗେ ବିହା କରବା କାଯେ ଠିକ୍ ଠୁକା କଲେ ।

ଚିତଲ୍ ସିଂ ସେ ରଜାର, ଟୁକିଲ୍ ଜମୁମତୀକେ ତାର୍ ପହେଲା ମହା ପରସାଦ୍ ସଙ୍ଗେ ବିହା କରେଇଲା ଆରୁ କଏଲା ଯେ ମୁଇ ବାର ବରଷ ପଛେ ଫିର୍‌ବି । ତମେ ବନେ କରି ଥିବ ।

ଚିତଲ୍ ସିଂ ଫେର୍, ଚାଲ୍‌ଲା ତାର, ଆରୁ ଦୁଇଟା ମହା ପରସାଦ୍‌କେ ଧରି କରି । ଯା'ତେ ଯା'ତେ ଗୁଟେ ସହରେ ପହଁଚ୍‌ଲା । ସେ ସହରେ ଲୋକ୍‌ମାନେ ସବୁ କନ୍ଦା କନ୍ଦି କରୁ ରହତ୍ । ସେ ଗୁଟେ ଲୋକ୍‌କେ ପଚାର୍‌ଲା ଆରୁ ଯାନ୍‌ଲା ଯେ କାଲି ନାଙ୍ଗେନ୍ ଅସୁରୁନି ସବୁଦିନ୍ ଗୁଟେ ଗୁଟେ ସହରର୍, ଲୋକ୍‌କେ ଖେତେ ଯଉଛେ । ରଜା ଡିଙ୍ଗରା ଦିରହତ୍ ଯେ ଯେନେ ସେ କାଲି ନାଙ୍ଗେନ୍‌କେ ମାରି ଦେବା ତାକେ ମୋର୍ ରାଜାଜେମାକେ ବିହା କରେଇ ଦେବି । ଚିତଲ୍ ସିଂ ସବୁ ଶୁନିକରି ଗୁଟେ ମାଲେନ ଘରକେ ଗଲା ଆରୁ ମାଲେନ୍ ଘରେ ପୋ ହି କରି ରହେଲା । ଚିତଲ୍ ସିଂ ସଙ୍ଗେ ଆରୁ ଦୁଇଟା ମହାପରସାଦ ବି ଥନ୍ । ସେଦିନ କାଲି ନାଙ୍ଗେନ୍ ଅସୁରାନୀର ପାଲି ଥେ ମାଳି ଘରର୍ ଜଣେକେ ଖେବାର୍ କାଯେ । ମାଲେନ୍ ଘରେ କିଏ ଅଛେ ଯେ ଅସୁର୍‌ନୀ ପାଖେକେ ଯିବା । ସେନୁ ଚିତଲ୍ ସିଂ କଏଲା ମୁଇଁ ଯେଁସି ବଲିଆର୍ କାଳି ନାଙ୍ଗେନ୍ ପାଖ୍‌କେ ଗଲା । କାଲି ନାଙ୍ଗେନ୍ ଦେଖି‌କରି ଯେନ୍ତା ଖେସି ବଲ୍‌ବାକେ ଚିତଲ୍ ସିଂ ମାର୍‌ଲା କାଲି ନାଙ୍ଗେନ୍‌କେ ଗୁଟେ ଲାତ । ଏନ୍ତା ଏନ୍ତା ଚିତଲ୍ ସିଂ ମାରି ଦେଲା କାଲି ନାଙ୍ଗେନ୍ କେ ଆର୍ ମାଲେନ୍ ଘର୍‌କେ ରେତ୍‌କେ ଫିର୍‌ଲା । ମାଲେନ୍ ଦେଖିଲା ଚିତଲ୍ ସିଂକେ ଆର୍ ପଚାରଲା କେ ଚିତଲ ସିଂ ସବୁକଥା କଇଦେଲା । ତାର୍ ଆର୍ ଦିନ ସକାଳୁ ସବୁ ଲୋକ୍ ଯାନ୍‌ଲେ ଯେ ମାଲେନ୍ ବୁଢ଼ିର, ପୋ କାଲିନାଙ୍ଗେନ୍‌କେ ମାରି

ଦିଛେ । ରଜାର୍, କାନ୍‌କେ ଗଲା । ରାଜାତ କହିଛନ୍ ଯେନ୍ ବି ହଉ, କାଲି ନାଙ୍ଗେନ୍‌କେ ମାରିଦେବା ତାକେ ମୋର ରାଇଜେମାକେ ଦି ଦେବି । ରଜା ଖୁସୀ ହି ଗଲେ ଆରୁ ତାକର ଲୋକ୍ ମାନ୍‌କେ ଡାକଲେ, କଏଲେ ଫୁଲ୍ ଚାଁଡ଼ୋ, ବାଲିର୍ ମୋଡ଼ୋ କରି ରାଇଜେମା ସଙ୍ଗେ ମାଲେନ୍ ପୋକେ ଗନ୍‌ସା ମଙ୍ଗଲା କର୍‌ବାକେ । ମାଲେନ୍ ବୁଡ଼ି ପାଖିକେ ଖବର ଦେଲେ ତାର୍ ପୋ ସଙ୍ଗେ ରାଇଜେମାକେ ବିହା କର୍‌ବାକେ ।

ମାଲେନ୍ ବୁଢ଼ି ଚିତଲ୍ ସିଂ କେ କଏବା କେ ଚିତଲ୍ ସିଂ ତାର କିଁକ୍‌ରା ଖଉ ମହାପରସାଦ୍ ରାଜ୍‌ଜେମା ସଙ୍ଗେ ବିହା କରେଇ ଦେଲା ଆର୍ କଏଲା । ମହା ପରସାଦ୍ ମୁଇଁ ଯଉଁଛେ ବାର ବାର ଚବିଷ ବରଷ୍ ଗଲେ ଫିରବି । ଚିତଲ୍ ସିଂ ଫେର୍ ଚାଲ୍‌ଲା ତାର୍ ଆର୍ ଗୁଟେ ମହାପର୍‌ସାଦ୍‌କେ ସଙ୍ଗେ ଧରି କରି । ସେଠାନୁ ଯେ'ଚେ ଯେ'ତେ ଗୁଟେ ସହର୍ ପଡ଼୍‌ଲା । ଚିତଲ୍ ସିଂ ଆରୁ ତାର ମହାପରସାଦ୍ ଗୁଟେ ଗଛତଲେ ରଏଲେ, ରାନ୍ଧି ବାଢ଼ି ଖାଏଲେ । ଖାଇ ଖୁଆ ସାର୍‌ଲେ, ଚିତଲ୍‌ସିଂ ତାର୍ ମହାପର୍‌ସାଦ୍‌କେ ଛାଡ଼ି ଦି କରି ସହରକେ ଗଲା । ଚିତଲ୍ ସିଂ କେନ୍ତା କରି ମୋଛାଡ଼୍‌କେ ଚାପିଦେଲା ଯେ ସହରର୍ ସବୁ ବନ୍ଧର୍ ପେନ୍ ଅଁଟି ଗଲା । ସହରର ଲୋକ୍ କା କେ ବି ପିବାକାଯେ, ଗାଧିବାକାଯେ, ରାନ୍ଧବାକାଯେ ବି ପେନ୍ ଫୁଟେ ନେଇ ମିଲ୍‌ଲାନା । ରଜା ଦେଖ୍‌ଲେ ସବେ ପେନ୍ କାଯେ ହଏରାନ୍ ହି ଯଉଛନ୍ । ରଜା କେତେ ଗୁନିଆ ଡକାଲେ, ପୂଜାପାଠ କଲେ ବି ପେନ୍ ନେଇ ପାଜ୍‌ରଲା । ସେନୁ ରଜା କଏଲେ ଯେନ୍ ମୋର ସହରର, ବନ୍ଧ, କୁଆଁଟି ପେନ୍ ଫୁଟେ ପଜ୍‌ରେଇ ଦେବା ତାକେ ମୁଇଁ ମୋର, ରେଜ୍‌ର ଅଧା ଦେବି ଆରୁ ମୋର ଟୁକିଲ୍‌କେ ତାକେ ବିହାଦେବି ।

ଚିତଲ୍ ସିଂ ଆରୁ ତାର୍ ମହାପରସାଦ୍ ଗଛତଳେ ରାନ୍ଧି ଖଉରହତ୍ । ଲୋକ୍‌ମାନେ ଗଲେ ଦେଖ୍‌ଲେ ଯେ ଗାଁ ଭିତ୍‌ରେ ପେନ୍ ଫୁଟେ ବି ନେଇ ମିଲ୍‌ବାର ଯେ କାର୍ ଘରେ ବି ରନ୍ଧା ବଢ଼ା କିଛି ନେଇ ସବେ ଭୋକେ ଶୋଷେ ମରୁଛନ୍ ହେଲେ ଇତାର୍ ପାଖି ପେନ୍ ଅଛେ । ସେମାନେ ଭାବ୍‌ଲେ ଇଟା ଗୁଟେ ବଡ଼ ମହାନ୍‌ଲୋକ ହିରେବା । ସେମାନେ ଗଲେ ଆରୁ ରଜା ପାଖେ ସବୁ କଏଲେ । ରଜା ସେମାନ୍‌କେ ଡାକି ଆନ୍‌ବାକେ ତାକର୍ ଲୋକ୍‌ମାନ୍‌କେ ପଠାଲେ । ରଜାର୍

ଲୋକମାନେ ଡାକି ଆନ୍‌ବାକେ ତାକର୍ ଲୋକ୍‌ମାନକେ ପଠାଲେ । ରାଜାର୍ ଲୋକେମାନେ ଯାଇକରି ଚିତଲ ସିଂ କେ ଡାକି ଆନ୍‌ଲେ । ଚିତଲ୍ ସିଂ କେ କଏଲେ ଦେଖ ତମେ ଯେନ୍‌ତା କରି ବି ଆମର୍, ବନ୍ଧ, କୁଆଁ ତି ପେନ୍ ପଭ୍‌ରେଇ ଦେଲେ ତମ୍‌କେ ଆମର ରେଜର୍ ଅଧା ଦେବି ଆରୁ ମୋର ଟୁକିଲ୍ ସଙ୍ଗେ ବିହା କରିଦେବି । ଚିତଲ୍ ସିଂ କଏଲା ତମର୍ କାମ୍ କରମୁଁ ଯେ ଆଗେ ଆମ୍‌କେ ନ ଫୁଟି ଚଉଲ୍, ଛ ଫୁଟି ଦେଲ୍, ବାରଟା ଭଗା ଆରୁ ବାରଟା ବୋକା ଦିଅ ।

ସହରର୍ ସବୁ ଲୋକ୍ ଉଗାଲେ ଆରୁ ନ ଫୁଟି ଚଉଲ, ଛଫୁଟି ଦେଲ, ବାରଟା ବୋକା ଦେଲେ । ଚିତଲ୍ ସିଂ ଆରୁ ତାର ମହାପରସାଦ୍ ସବୁକେ ରାନ୍ଧିଲେ ଆର ଖାଇଦେଲେ । ଲୋକ୍‌ମାନେ ଦେଖି କରି କାବା ଛାଡ଼ି ଗଲେ । ଚିତଲ୍ ସିଂ କଏଲା ମୁଇଁ ଗୁନିଆ ବୁରତି କର୍‌ବି ହେଲେ କେହି ବି ଲୋକ ଗୁଟେ ଘରୁ ନିଶକ୍‌ବାର୍ ନେଇଁ ଏ । ଯେନ୍ ଗୁଟେ ବି ଘରୁ ବାହାରଲେ ମୋର ମନ୍ତର କାମ୍ ନେଇ କରେ କି ପେନ୍ ନେଇ ପାଭ୍‌ରେ । କେହି ବି ଲୋକ୍ ଭଟାକେ ନେଇଁ ବାହାରି । ଚିତଲ୍ ସିଂ ଗଲା ଆରୁ ମାଟି ଝାର୍‌କେ ଅଖାରି ଦେଲାକେ ପେନ୍ ପାଭ୍‌ରି ଗଲା । ସବୁ ବନ୍ଦ୍, କୁଆଁତି ନିର୍‌ମଲ୍ ପେନ୍ ଭରିଗଲା । ସକାଲ୍ ପେଲା କେ ଲୋକ୍ ଦେଖିଲେ ଯେ ନିର୍‌ମଲ୍ ପେନ୍ ଭରି ଯେଇଛେ ଯେନ୍‌ତା କି ମୁଦି ଗୁଟେ ଫିକିଦେଲେ ବି ଦିଶ୍‌ବା । ସବୁଲୋକ୍‌ମାନେ ପେନ୍‌କେ ଦେଖିଲେ, ଯେଇକରି ରଜାକେ କଏଲେ । ରଜା ତାକର୍ ଟୁକିଲ୍ ସଙ୍ଗେ ଚିତଲ୍ ସିଂ କେ ବିହା କର୍‌ବାକେ ସଜ୍‌ବାଜ ହେଲେ । ଚିତଲ୍ ସିଂ ତାର୍ ମହାପରସାଦ୍ ସଙ୍ଗେ ବିହା ବରତନ୍ କରିଦେଲା । ତାର ମହାପରସାଦ୍‌କେ କଏଲା ଦେଖ ମହାପରସାଦ୍ ମୁଇଁ ଯଉଁଛେ ଯେ ବାର ବାର ଚବିଷ୍ ବରଷ୍ ହେଲେ ଫିର୍‌ବି ।

ଚିତଲ୍ ସିଂ ଗଲାଯେ, ଗଲାଯେ, ଯେନ୍‌ଠନେ ଅନ୍ଧ ବୁଢ଼ା ନଡ଼ିଆ ଚୁପି ରହେ ସେ ଲଗେ । ଯା'ତେ ଯା'ତେ ପହଁଚିଲା ଗୁଟେ ଜଙ୍ଗଲେ । ସେ ଜଂଗ୍‌ଲେ ଗୁଟେ ରାଖିସେନ୍ ଆରୁ ତାର, ଟୁକିଲ୍ ରହୁଥିତ୍ । ଚିତଲ୍ ସିଂ ପହଁଚ୍‌ଲା ବେଳକେ ରାଖିସେନ କାହିଁକେ ଚରି ଯେଇରେହୋ ଏକଲା ରାଖିସେନ୍‌ର ଟୁକିଲ୍ ଥେ । ଚିତଲ୍ ସିଂ ସେଲଗ୍‌କେ ଗଲା ଆରୁ କଏଲା-

ଜୁଏ ଖନେ ଦିଅ ବଏଲେ ଜୁଏ ଖନେ ଦିଅନି ହୋ

ଇ ଜୁଏ ଖନେ ଦିଅନିରେ ।
କେନ୍ତିର୍ ବିଦେଶୀଆ ଭାଇ ତଲର
ପହଁଚି ଆନ୍‌ବୁ ଆସ୍ ଭାଇ ।
ତଲର ପହଁଚାକୁ ଗଲାକେ ଜୁଏ ଖନେ ଦିଅ ଭାଇ
ଜୁଏ ଖନେ ଦିଅ ନିରେ ।
କେନ୍ତିର, ବିଦେଶିଆ ଭାଇ ମଝିର୍, ପହଁଚିଆକେ ଆସ
ଇ ମଝାର ପହଁଚାକେ ଗଲାନେରେ ଜୁଏ ଖନେ ଦିଅ ।
କେନ୍ତିର୍, ବିଦେଶୀଆ ଭାଇ ଉପରପହଁଚା କେ ଆସ
କେନ୍ତିର, ବିଦେଶୀଆ ଭାଇ ।

ଚିତଲ୍ ସିଂ ଉପର୍ ସିଡ଼ିକେ ଗଲା ଦେଖ୍‌ଲା ଯେ ରାଖ୍‌ସେନ୍‌ର ଟୁକିଲ୍ ଆଚେ । ତାକେ ପଚାରିଲା କାହିଁ ଗଲା ତୋର୍ ମାଁ ବଲି । ସେ କଏଲା । କାହିଁକେ ଚରି ଯେଇଛେ । ବାର ଦିନେ ଥରେକ୍ ଯେସି, ବାରଟା ବନ୍ଧର୍ ପେନ୍ ଖେସି । ଠିକ୍ ବାର୍ ଦିନର୍, ଦିନେ ରାଖ୍‌ସେନ୍ ଫିର୍‌ବାର୍ ଆଚେକ୍ ସେ ଟୁକିଲ୍ ଚିତଲ୍ ସିଂ କେ ଗୁଟେ ମାଛି ବନେଇ ଦେଲା ।

ରାଖ୍‌ସେନ୍ ଫିର୍‌ଲା ଆରୁ କଏଲା, ମାନେ ମାନେ ଗନ୍ଧୁଛେ, ମୋର, ଘରେ କିଏରେ । ଟୁକିଲ୍ କଏଲା ଖାଏସି ବଏଲେ ମୁଇଁ, ମାର୍‌ସି ବଏଲେ ମୁଇଁ, ଆର୍‌କେନ୍ ଆଚେ ଘରେ ଯେ ଗନ୍ଧୁଛେ । ସେନୁ ରାଖ୍‌ସେନ୍ ଗୁଟେ ଗଛ କେ ଘିର୍‌ଲା ଆରୁ ଦାଁତୁନ୍ କଲା । ଘରେ ଆସିକରି ବସ୍‌ବାର୍ ସମେ ଚିତଲ୍ ସିଂ ଗଲା ଆରୁ ରାଖସେନ୍‌ର ଗୋଡ୍‌କେ ଧରି ଦେଲା । ରାଖ୍‌ସେନ କଏଲା ଠିକ୍ ଆଚେ ବୁଆ ଉଠ୍ । ତୋକେ ମୋର୍ ଟୁକିଲ୍‌କେ ଦେବି । ସେନୁ ରାଖ୍‌ସେନ୍ ବଡ୍‌ସାପ୍‌ମାନ୍‌କେ ପାଟି ବନାଲା, ଛୋଟ୍ ସାପ୍ ମାନକେ କୁଲ୍‌ସା ବନାଲା ଆରୁ ଦୁଇଜନ୍‌କେ ବନ୍ଧାପନା କରି ବିହା କରିଦେଲା । ଚିତଲ୍ ସିଂ ସେନେ ରଏଲା କେତେ ଦିନ୍ ଆରୁ ରାଖ୍‌ସେନ କେ ମାଲ୍ ଗୁଟେ ମାଗିକରି ଫିର୍‌ଲା । ଫିର୍‌ବାର୍ ବାଟେ ଦେଖ୍‌ଲା ଯେ ଗୁଟେ ବାବାଜୀ ଯୋଗ୍ ସାଦୁରେହେ । ବାବାଜୀ ଦେଖ୍‌ଲା ଚିତଲ୍ ସିଂ କେ ଆରୁ ଚିତଲ୍ ସିଂର କନିଆକେ ନିଯିବା କାଯେ ପାଁତ୍‌ଲା । ବାବାଜୀ

ମନ୍ତର ମାରିଦେଲାକେ ଟେର୍ ବେରାତିକେ ଢଂଗଲ୍ ହି ଗଲା । ଚିତଲ୍ ସିଂ କେ ମନ୍ତର୍ ମାରିଦି କରି ଗୁଟେ ଘୋଡ଼ା ବନେଇ ଦେଲା ଆରୁ ଘୋଡ଼ାନେ ସେ ଆରୁ ତାର୍ କନିଆ ବସି କରି ଚାଲ୍‌ଲେ । ବାବାଜୀ ଦେଖ୍‌ଲା ଆରୁ କଏଲା ପିଲା ମୋର୍‌ନୁ ଟେର, ଆଙ୍ଗଲ୍ ଜିତ୍‌ଲା ଆଚେ'' । ଫେର୍ ଚିତଲ୍ ସିଂ ଯା'ତେ ଯା'ତେ ଦେଖ୍‌ଲା ଯେ ଗୁଟେ ପାଖେ ସାତ୍ ବହେନି । ଜଳ କାମେନୀ ଲଙ୍ଗଲା ହି କରି ଗାଧୁ ରହତ୍ । ବାବାଜୀ ସେମାନଙ୍କର କପଡ଼ା ମାନ୍‌କେ ମନ୍ତର୍ କରି ଉଡ଼େଇ ଦିଥେ । ଚିତଲ୍ ସିଂ ସେନେକେ ପହଁର୍‌ଲା । ଦେଖ୍‌ଲା ଯେ ସାତ୍ ବହନି କାନ୍ଦୁଛନ୍ । ସେନୁ ଚିତଲ୍ ସିଂ ସେମାନଙ୍କର କପଡ଼ାକେ ଆନିଦେଲା ଆରୁ ସାତ୍ ବହ୍‌ନି ଭିତ୍‌ରେ ଯେନ୍ ସାନ୍ ତାକେ ତାର୍ ସଙ୍ଗେ ନେଲା ।

ଚିତଲ୍ ସିଂ ତାର୍ ଦୁଇଟା କନିଆକେ ଧରି କରି ଯିବାର୍ ବାଟେ ପଡ଼୍‌ଲା କେନ୍ଦୁ ଖୁଟ୍‌ଲିଆ ସହର । ସେମାନେ କେନ୍ଦୁ ଖୁଟଲିଆ ସହରର୍ ଗୁଟେ ଜାଗାନେ ରହଲେ ଆରୁ ରାନ୍ଧି ଖଉରହତ୍ । ସେତ୍‌କି ବେଳେ ସେବାଟେ ରଜାର୍ ଦୁଇଟା ଲୋକ୍ ଯାଉଥିଲେ । ଦେଖିଲେ ଚିତଲ୍ ସିଂ ଦୁଇଟା କନିଆକେ । ସେମାନେ ମନ୍‌କେ ମନ୍ ଭାବ୍‌ଲେ ଇ ସୁନ୍ଦରୀ ଟୁକିଲ୍ ଆମର୍ ରଜାକେ ମାନ୍‌ତା । ଇତାକେ ମାରିଦେଲେ ହେବା । ସେନୁ ସେମାନେ ଗଲେ ରଜାର୍ ପାଖ୍‌କେ ଆରୁ କଏଲେ'' ହଜୁର'', ଏକ୍ କଏମି ଦୁଇ କଏମି ଖୁରେକ୍ ପାନି ବୁଡ଼ି ମର୍‌ମି'' । ଗୁଟେ ଲୋକ୍ ଗୁଟେ ଦୁଇଟା ଆନିଛେ ଯେ ସେ ଭିତ୍‌ରୁ ଗୁଟେ ବଡ଼ା ସୁନ୍ଦର୍ ତମର୍ ସାଙ୍ଗେ ତାକେ ମାନ୍‌ତା । ରଜା ସେନୁ ଚିତଲ୍ ସିଂ କେ ମାରି ଦି କରି ତାର୍ କନିଆ କେ ଆନ୍‌ବା କେ ସୈନ, ସାମନ୍ତ ଧରିସ କରି ଗଲେ । ରଜା କେନ୍ଦୁ ଖୁଟ୍‌ଲି ଗୁଟେ ଧରି କରି ଆଏଲା । ଯୁଦ୍ଧ କର୍‌ବାକେ । ସେନେ ଘୋର୍ ଯୁଦ୍ଧ ହେଲା । ଚିତଲ୍ ସିଂର କନିଆ କଏଲା -

ଇ ଡ଼େବାଯେ ମାରନେ ସ୍ୱାମୀ
ଇ ଭଂଜା ଯେ ମାର ।
ଇ କେନ୍ଦୁଖୁଟ୍‌ଲିଆ ରଜାକୁଯେ
କେନ୍ଦୁ ଖୁଟ୍‌ଲିକେ ଛେଦନ କର ।

ଚିତଲ୍ ସିଂ ମାରିଦେଲା ରଜାକେ ଆରୁ ସବୁ ଲୋକ୍‌କେ । ସେଠାନେ କେନ୍ଦୁଖୁଟ୍‌ଲିଆ ରଜାର୍ କନିଆ ବି ଚିତଲ୍ ସିଂ କେ ଧର୍‌ଲା । ଚିତଲ୍ ସିଂ, ତାର୍ କନିଆ ଦୁଇଟା ଆରୁ କେନ୍ଦୁଖୁଟ୍‌ଲିଆ ରଜାର୍ କନିଆକେ ଧର୍‌ଲା ଆରୁ ଆଗ୍‌କେ ଚାଲ୍‌ଲା ।

ଚିତଲ୍ ସିଂ ତାର୍ ତିନ୍‌ଟା କନିଆଁ କେ ଧରି କରି ଯା'ତେ ଯା'ତେ ବାଟେ ପଡ୍‌ଲା ହଲଦୀଗୁଣି ରେଜ୍ । ସେ ରେଜ୍‌ର ଗାଁ ମୁଣ୍ଡ୍‌ସାନେ ଗୁଟେ ଗଛତଳେ ବିନ୍‌ମୁଡ଼ିଆ ଘୋଡ଼ାକେ ଉଲ୍‌ଟେଇ ଦେଲା ଆରୁ ସେନେ ରନ୍ଧା ବଢ଼ା କରି ରହିଥଦ୍ । ହଲଦୀ ଗୁଣି ରେଜ୍‌ର ଲୋକ୍ ଗୁଟେ ଯେଇ କରି ରଜାକେ କଏଲା, ଗୁଟେ ଲୋକ ତିନ୍‌ଟା କନିଆକେ ଧରିକରି ନଉଛେ । ସେ କନିଆମାନେ ଅପ୍‌ସରା ବାରି ଦିଶୁଛନ୍ । ରଜା ଚିତଲ୍ ସିଂ ସଙ୍ଗେ ଯୁଦ୍ଧ କରି ତିନ୍‌ଟା କନିଆ ନେବା କାଯେ ସୈନ୍ ସାମନ୍ତ ଆରୁ ହଲ୍‌ଦୀ ଗଣ୍ଡି ଧରି କରି ଆଏଲା ।

ଚିତଲ୍ ସିଂ ଉଠ୍‌ଲା ଆରୁ ତାର୍ ବିନ୍ ମୁଡ଼ିଆ ଘୋଡ଼ାନେ ବସ୍‌ଲା ଆରୁ ଘମାଘୋଟ୍ ଯୁଦ୍ଧ କଲା । ଏତ୍‌କି ବେଲେ ତାର୍ କନିଆ ମାନେ କଏଲେ -

ଡେବା ହାତ ମାରନା ସ୍ୱାମୀ
ଭଂଜା ହାତ ଜପନା ହୋ
ହଲଦୀ ଗୁଣ୍ଡିଆ ରଜାକୁଯେ
ହଲଦୀ ଗଏଁଠ୍ କେ ଯେ ମାର୍ ହୋ ।

ଚିତଲ୍ ସିଂ ହଲ୍‌ଦୀ ଗୁଣ୍ଡି ରଜାକେ ମାରି ଦେଲା । ହଲଦୀ ଗୁଣ୍ଡିର ରଜାର କନିଆ କେ ବି ଧରି କରି ତାର୍ କନିଆ ମାନଙ୍କର ସଙ୍ଗେ ଚାଲଲା ତାର୍ ଘରକେ । ଏନ୍‌ତା କରି ଚାର୍ କନିଆକେ ଧର୍‌ଲା ଆରୁ ଚିତଲ୍ ସିଂ ତାର୍ ଘରକେ ବାହାର୍‌ଲା ।

ଚିତଲ୍ ସିଂ ଘର୍‌କେ ଫିର୍‌ବାର୍, ବାଟେ ପହେଲା ତାର୍ ତିନ୍ ନମ୍ବର ମହାପର୍‌ସାଦ୍‌ର ଗାଁ ପଡ୍‌ଲା । ଚିତଲ୍ ସିଂ ତାର୍ ମହାପର୍‌ସାଦ୍ କେ ଭେଟ୍‌ଲା । ଦୁଖ ସୁଖ ହେଲା ଆରୁ ତାକେ କହି କରି ଫେର୍ ଚାଲ୍‌ଲା ତାର ଘର୍‌କେ । ତାର୍, ମହାପରସାଦ୍ ଚିତଲ୍ ସିଂ କେ କେତେ ନି କେତେ ଜିନିଷ ପତର ଦେଲା । ଚିତଲ୍ ସିଂ ଯେ'ତେ ଯେ'ତେ ଫେର୍ ପଡ୍‌ଲା ତାର୍ କଙ୍କଁରା ହାଟ୍ କଉ

ମହାପରସାଦ୍‌ର ଗାଁ । ଚିତଲ ସିଂ ତାର୍ କଁକ୍‌ରା ଖଉ ମହାପରସାଦ୍‌କେ ଭେଟ୍‌ଲା । ଦୁଖ ସୁଖ ହେଲା । ସେନେ ରଏଲା ଦୁଇ ଚେର୍‌ଦିନ୍ । ଫେର୍, ବାହାର୍‌ଲା ଚିତଲ୍ ସିଂ ତାର୍ ଗାଁକେ । ତାର ମହାପରସାଦ୍ ବି କେତେନି କେତେ ଜିନିଷ ଦେଲା ଚିତଲ୍ ସିଂକେ । ଚିତଲ ସିଂ ସବୁ ଜିନିଷ୍ ପତର, ତାର୍ କନିଆମାନ୍‌କେ ଧର୍‌ଲା ଆରୁ ଚାଲ୍‌ଲା ତାର୍ ଗାଁକେ, ଫେର୍ ଯା'ତେ ଯା'ତେ ଭେଟ୍‌ଲା ତାର୍ ବେଁଟ୍‌ମାରୁ ମହାପରସାଦ୍‌କେ । ସେନେ ରଏଲା କେତେଦିନୁ ଆରୁ ଯିବାକେ ବାହାର୍‌ଲାକେ ତାର ମହାପରସାଦ୍ ବି କେତେ ଜିନିଷ୍ ପତର୍ ଦେଲା ।

ଚିତଲ୍ ସିଂ, ତାର୍ କନିଆମାନ୍ କେ ଆରୁ ତାର୍ ମହାପରସାଦ୍‌ମାନେ ଦି ଥିବା ସବୁ ଜିନିଷ ପତର୍ ସବୁକେ ଧରି କରି ଚାଲ୍‌ଲା ତାର୍ ଗାଁ କେ । ଯେ'ତେ ଯେ'ତେ ଚେର୍ ପାଞ୍ଚ୍ ଦିନ୍ ଗଲାପରେ ପହଁଚି ଗଲା ତାର୍ ଗାଁକେ । ତାର୍ ଭାଇ ମାନକର, ପାଖ୍‌କେ ଗଲା । ପହେଲା ତାର୍ ଦଦା କୁର୍‌ରା ସିଂ ପାଖ୍‌କେ ଗଲା ଜୁହାର୍ ଭେଟ୍ ହେଲା । ତାର୍ କନିଆ ଆରୁ ଜିନିଷ ପତର୍‌କେ ରଖି ଦେଲା କୁର୍‌ରା ସିଂ ଘରେ । ତାର୍ ଅଲ୍‌ଗା ପାଁଚ୍‌ଟା ଦଦାକେ କଏଲା ।

ଏ ଭାଇ ବଲେ ଗୋଦ୍‌ନା ସିଂରେ ଠାନଖଣେ ଦିଅ,
ଇ ତୋର ଦେଶେ ମାଗି ଯାଚି ଖାଇବିନେ ଭାଇ ।
ଏ ଭାଇ ବଲେ ଭୁବନାସିଂରେ ଠାନ୍ କନେ ଦିଅ,
ଇ ତୋର ଦେଶେ ମାଗି ଯାଁଚି ଖାଇବିନେ ଭାଇ ।
ଏ ଭାଇ ବଲେ ମୋହନା ସିଂ ରେ ଠାନ୍ ଖନେ ଦିଅ
ଇ ତୋର ଦେଶେ ମାଗି ଯାଁଚି ଖାଇବିନେ ଭାଇ ।
ଇ ଶୁଟେ କହୁଛେଁ ଭାଇ ମୁଇଁ ବୁଝେ କହୁଚେଁ ରେ
ମୋର୍ ହବ୍‌ଡ଼େ କେତେ କେତେ ଖତମ୍ ହି ଗଲେ ନେ ରେ ।
ତାର୍ ବହୁ ମାନ୍‌କେ କଏଲା
ମୋରତ୍ ବହୁ ବଲେ ନାହୋ ମୋରତ ବହୁରେ
ଇ ଚମେ ଫିଟେ ଫିଟେ ଥାହାରେ ।

ଚିତଲ୍ ସିଂର ବହୁ ମାନେ କଏଲେ -

ତମେ ତୋ ମୋର ପେଟେ ଶୁଆଲା ଦିଅର
ଆମର୍ ଛେଦ କୁଂଜିଆ ଦିଅର୍
ତମେ ତମର୍ କଥାକେ ନାଇଁ ଧର ।

ଚିତଲ୍ ସିଂ ତାର୍ ଦଦା କୁର୍ରା ସିଂ କେ କଏଲା -
ମୋର୍ କୁର୍ରା ସିଂ ଭାଇରେ
ତମେ ଫିଟେ ଫିଟେ ଥାଆନାରେ ।

ଏନ୍ତା କରି ତାର୍ କୁର୍ରା ସିଂ ଦଦାକେ ଛାଡ଼ି ଦି କରି ଅଲଗା ପାଁଚଟା ଦଦାମାନ୍‌କେ ଚିତଲ ସିଂ ଧୂଳିଆ ଦେଲା । ତାର୍ ଯେତେ ସବୁ ଜିନିଷ ପତର୍ ଆନିରେଲା ସବୁ ତାର୍ କୁର୍ରା ସିଂ ଦଦାକେ ଅଧା ଦେଲା । ତାର୍ ବହୁମାନ୍‌କେ ଦେଖାରେଖା କଲା ତାର୍ ଦଦା କୁର୍ରା ସିଂ ଆରୁ ଚିତଲ୍ ସିଂ ତାକର୍ ତାକର୍ କନିଆମାନ୍‌କେ ରଖିଲେ ଆରୁ ହଁସ୍ ଖୁସୀନେ ରଏଲେ ।

*ତାଲ୍‌ପଦର୍*
*ଶ୍ରୀ ଖଗ ମାଝୀ*
*ଶ୍ରୀ ତହସିଲ ମାଝୀ*

## କଦେଲ୍ କଛାର୍

ଗୁଟେ ମହାଜନ୍ ଥିଲା ଯେ ସେ ହଉଛେ ମହାବଳୀ ମହାଜନ୍ । ତାର୍, ସାତ୍‌ଟା ପୋ । ସେ ତାର୍ ସାତପୋକାଯେ କନିଆ ଆନ୍‌ଲା । ଅନ୍‌ଲା ଯେ ତୋ ଗାଏ ବୁଇଲ୍ ଅପରଛିଲିଆ ରେହେ, ଘର, ଦ୍ୱାର, ଏକଦମ୍ ଲୁହ ବୁଦି ଯଉରେହେ । ଗାଏ ବୁଇଲ, ପୋଢ଼୍ ଏନ୍ତା ଇଦ୍‌ବଦେଇ ଦେଉ ରହନ୍ ଯେ ଯେନ୍ତା କି ଆଷାର ମାସେ ଘର୍ ଉଦ୍‌ରି ଯିବା । ସେ ସାତ୍ ଭାଏକେ ଡାକ୍‌ଲା ଆରୁ କଏଲା ତମେମାନେ କଦଲୀ କଛାର ନେ ଅଡ଼ାର ବାନ୍ଧ । ଆରୁ ଭଁଏଁସ୍, ପୋଢ଼୍‌କେ

ସେନେ ବାନ୍ଧ । ଛେଲି ଗାଏ ସବୁ ଇଠାନେ ରେହୁ । ସାତ୍ ଭାଇମାନେ ସବୁ ପୋଡ୍ଡ଼ ଭଏଁସ୍‌କେ କଦଲୀ କଛାରକେ ନେଲା ଦିନ୍ ଗୁଟେକ୍ ଚୋର, ପୋଡ୍ଡ଼, ଭଏଁସ୍ ଅଡ଼ାର୍‌କେ ପହଞ୍ଚିଲା । ସାତ୍ ଭେଏ ସବେ ମିଶି ଚୋର୍ କୁଦେତ୍ କୁଦେତ୍ ସକାଳ ପାଇଗଲା । ସେନୁ ସାତାଭାଇ ତାକ୍‌ର, ବୁଆ ପାଖ୍‌କେ ଏଲେ ଆରୁ କହେଲେ "ଏ ନାଇଁ ଗୋ ବୁଆ, ଚୋର୍ ଖେଦେତ୍ ଖେଦେତ୍ ସକାଳ ପାଇଗଲା କେନ୍ତୁ କର୍ ମୁଁ । ବୁଆ କଏଲା, "ନାଇଁରେ ବାବୁମାନେ, ତମେ ଆଡ଼ୋପହରେ ଖାଇକରି ଯାହା ଯେ ଠିକ୍ ଚୋର୍, ଆସ୍‌ବାର୍, ମହକାନେ ଉଠ୍‌ବ" । ସାତ୍‌ଭାଇ ଆଏଲେ ଆରୁ ଅଡ଼ାର୍‌ନେ ଖଟେ ଶୁଇରେଲେ ।

ସେଠାନୁ ଚୋର୍ ଆସ୍‌ଲା ଆରୁ ସବ୍‌କେ ସଁକ୍ ସାରି ଦେଲା ଆର୍ ଭଏଁସ୍ ମାନକେ ନିଗଲା । ସକାଳୁ ପିଲାମାନଙ୍କର ମାଁ ଗରିଆ, ବାଲ୍‌ଟି ଧରିକରି ଆଏଲା ଗୋରସ୍ ନେବାକେ । ଦେଖ୍‌ଲା ଯେ ଭଏଁସ୍ ଅଡ଼ାର ଭଙ୍ଗ ଭଙ୍ଗା, ଗୁଟେ ବି ଭଏଁସ୍ ନେଇନା । ସେ ତାର୍ ପିଲାମାନ୍‌କେ ଉଠେଇ ଗଲା ଆରୁ ଦେଖ୍‌ଲା ଯେ ସବୁ ଖଟ୍ ତଲେ ରୁଧିରମାନେ ଅଡ଼ା ହି ଯେଇଛେ । ସେଠାନୁ ସେ ବୁଢ଼ି କନ୍ଦା କନ୍ଦି କଲା ଆରୁ ଘର୍‌କେ ପଲି ଆଏଲା ଆରୁ ପିଲାମାନଙ୍କର ବୁଆକେ କଏଲା । ତୁଇତ କି ଦେଲୁ କଛାର୍ କେ ଭଏଁସ୍ ନେ ବଏଲୁ । ହେବାଟେ ସବ୍‌କେ ସଁକ୍ ସାରିଦେଲାନେ ଆରୁ ପିଲାମାନେ ନେଇଁ ଏନେ । ତାର୍ ପଛେ ଗାହଁର୍ ଲୋକ୍ ସବୁ ସେନେକେ ଗଲେ ଆରୁ ଦେଖିକରି କନ୍ଦା କନ୍ଦା ହି କରି ଘରକେ ଫିର୍‌ଲେ ।

ଆସି କରି ସବୁ ଲୋକ୍ ଖେତ୍ ଖଲାକେ ବି ପାଶ୍‌ରି ଦେଲେ । ପାଶ୍‌ରି ଦେତେ ଦେତେ ବହ ମାନଙ୍କର ପାଖେ ବି କିଛିଟା ନେଇ ରେହି । ନେଇଁ ହେତେ ହେତେ ଗୋଟେକ୍‌ସାନ୍ ହାରୀକେ ମାସେକ୍ କି ଦୁଇ ମାସ୍ ହି ରେହେ । ଶେଷକେ ତାକେ ନ ମାସ୍‌ନେ ବାବୁ ଗୁଟେ ହେଲା । ପିଲା ବଡ୍‌ହେଲା ଦେଖ୍‌ଲା ଯେ ପିଲାମାନେ ବାଟି ଖେଲୁ ରହତ୍ । ସେ ତାର ମାଁକେ କଏଲା ଏମାଁ ବାଟି ଗୁଟେ ବନିଦେ । ପିଲା କାଯେ ବାଟି ଗୁଟେ ବନି ଦେଲେ ଆରୁ ଲିଆ ଲଡୁ ସବୁଟା କରି ଦେଲେ । ପିଲା ପର୍‌ଲା ଗୁଟେ ଆନିକରି ସବୁକେ ଜଗାର୍‌ଲା ଆରୁ ବାଟି ଖେଲ୍‌ବା ପିଲାମାନକର୍ ପାଖ୍‌କେ ଗଲା । ସବେ ମିଶିକରି ଲଡୁ ଲିଆ ଖାଏଲେ ଆରୁ ବାଟି ଖେଲ୍‌ଲେ । ସବୁ ବାଟିକେ ଗୋଟେ ଯାଗାନେ ରଖିଲେ ଆରୁ ଜନେ ଜନେ

କରି ବାଟି ମାରଲେ । ଇ ପିଲାର୍ ପାଲି ପଡ଼ଲାକେ ପିଲା ତାର, ବାଟିନେ ମାରିଦେଲା ଯେ ସବୁ ବାଟି ଚୁରମାର୍ ହିଗଲା । ବାକି ପିଲାମାନେ ତାକେ 'ବିନ୍ ବାପର ପୋ ବାଟି ମାରେ ଠୋ ଠୋ' ବଏଲେ ଆରୁ ପିଲାକେ ସବେ ଗୁଟେ ଗୁଟେ ଥାପର୍ ଦେଲେ । ପିଲା ଆସ୍ଲା ତାର ଦାଦି ପାଖ୍କେ ଆରୁ ପଚାରଲା, 'ମୁଇଁ କେନ୍ତା ବିନ୍ ବାପର ପୋ ହେଲି କ ? ମୋର ବୁଆ ଯଦି ନେଇ ଥି । ତା ମୁଇ ଜନମ୍ କେନ୍ତା ହେତି ? ମୋର୍ ବାପ୍କେ ଭେଟେଇ ଦେବୁସ୍ ତ ଦେବୁସ୍, ନେଇ ଭେଟେଇ ଦେଲେ ମୋର୍ ପରାନ୍ ପଛେ ଯିବା ମୁଇଁ ନେଇଁ ଖାଏଁ ।'' ତାର ଦାଦି କହେଲା, ନେଇରେ ବାବୁ ଖା'' ପିଲା କହେଲା । ମୋର, ବାପର କଥାକେ ନେଇ ଭେଟେଇ ଦେବାରତକ୍ ମୁଇଁ ନେଇ ଖାଏଁ ।'' ସେନୁ ତାର୍ ଆଇ କହେଲା'', କେଁ ହେଲା ପୁତା ପୋ ବଏଲେ ଯେଁଟା, ନାତି ବଏଲେ ସେଟା, ତୁଇ ଖାଇଦେ ପୁତା ଖାଇଦେ । ତୁଇ ଖାଇ ପକା ନେଇ ହେଲେ ତୋର୍ ବାପ୍‌ର୍ କଥାକେ ତୁଇ ପାଶ୍‌ରି ଯିବୁ, ମୁଇଁ ହେତେଇ ଦେବି ।''

ସେନୁ ବୁଢ଼ା କଏଲା 'ଇଆଦେସ୍‌ରେ ବାବୁ ଯେନ୍‌ଟା ଆଗେ ଧନ୍ ଥିଲା, ଗାଏ, ଗୋରୁ, ପୋଡ୍ ଭଏଁସ୍ ସବୁଥିଲା । ମୁଇଁ ପିଲାମାନ୍‌କେ ବଏଲି ଯାହାରେ ବାବୁ ଅଡ଼ାର ବାନ୍ଦ, କଦ୍‌ଲୀ କଛାରନେ । ସେନୁ ପିଲାମାନେ ଗାଏ ଗୋରୁ ଛେଲ ମଢ଼ାକେ ଇନେ ଛାଡ଼ିଦେଲେ ଆରୁ ପୋଡ୍ଡୁ ଭଏଁସ୍‌କେ କଦ୍‌ଲୀ କଛାର୍‌କେ ନିଗଲେ ଆରୁ ରାତିନେ ହେନେ ଶୁଇଲେ । ଇ ତୋର, ଆଈ ଗରିଆ ଧରି କରି ଗୋରସ୍ କାଯେ ଗଲା । ଦେଖିଲା ଯେ ଭଏଁସ୍ ଗୁଲା ମେଲା ପଡ଼ିଛେ । ସେନୁ ସେ ପୋ ମାନ୍‌କର ପାଖେକେ ଗଲା ଦେଖଲା ଯେ ଖଟ୍‌ତଲେ ରୁଧିର ଅଡ଼ ଅଡ଼ା ହିଛେ । ମୁଖା ଅଙ୍ଗତେ, ଗୋଡ୍ ଅଙ୍ଗତେ ହି ରେହେ । ସେଠାନୁ ତୋର ଆଈ ଆଦ୍‌ରି ଖାଦ୍‌କି ହିକରି ଘର୍‌କେ ଆଏଲା । ସେ ଦିନ୍ ଠାନୁ ଆମେ ମାନେ ସେ ଖେତ୍‌କେ ବି ନେଇ ଯିବାର୍'' । ପିଲା କଏଲା ''ଦାଦି, ମୋକେ ତୁଇ ପାଟ୍‌ଘୋଡ଼ା ଦେ ।'' ଦାଦି କଏଲା, ''ପାଟ୍ ଘୋଡ଼ା ନେଇ ଦିପାରେ ନାତି । ପିଟ୍ ଖିରି ପୂଜା ନାଇଁ କଲେ ପାଟ୍ ଘୋଡ଼ା ନାଇ ବାହାରେ ।'' ପିଲା କଏଲା, ''ହେନ୍ତା ହେଲେ ମୁଇଁ କରମି ପିଟ୍ ଖିରି ପୂଜା ।'' ଆରୁ ପିଟ୍ ଖିରି ପୂଜା କଲାକେ ପାଟ୍‌ଘୋଡ଼ା ବାହାରଲା । ପାଟ୍‌ଘୋଡ଼ାକେ ସେ ପିଲା ସାଟ୍ ଶହ ଘୁଘୁରଲା

ପିନ୍ଧାଲା ଆରୁ ତାର୍ ଉପରେ ବସ୍‌ଲା । ପିଲାମାନେ ଗୁଟେ ଭଏଁସ୍‌କେ ଛାଡ଼ି ଦି ରହତ୍ । ସେ ଭଏଁସ୍‌ଟା କାଣି ଭଏଁସ୍ । ସେ କଦେଲ୍ କନ୍ଥାର୍‌କେ ନେଇ ଯେଇ ପାର୍‌ଲା କେ ଗୁଟେ ଗଛ ତଲେ ଚରି ବୁରା କରି ରେହେ । ପିଲା ଘୋଡ଼ାନେ ବସିକରି ଯଉଛେ । ସେ ଘୋଡ଼ାତ ଯାଉ କରି ବନ୍ଦ ପାଖେ ଥେବ୍‌ଲା । ପିଲା କଏଲା, "ଇଟା ଏନା ମୋର ଭଏଁସ୍ ।" ସେନୁ ଭଏଁସ୍ କେ କଏଲା, "ତୁଇ ଇ ବନ୍ଧର୍ ପେନ୍ ପି ଆରୁ ଚରିବୁଲି ଆସିକରି ଇ ଗଛତଲେ ରେବୁ । ମୁଇଁ ପର୍‌ଲା ବେଲ୍‌କେ ତୋକେ ନି କରି ଯିବି ।" ସେନୁ ପିଲାଘୋଡ଼ା କେ ତାର ମାଲ୍ ଜାଗାକେ ନେବା କେ କଏଲା । ସେନୁ ଘୋଡ଼ା ଉଡ୍‌ଲାଯେ ସେ ଅଡ଼ାର୍, ପାଖେ ଏକା ରଏଲା । ସେନେ ମହୁଲ ଗଛ ଗୁଟେ ଥିଲା । ପିଲା କଏଲା, ମାଁ ମୋର୍ ଏ କି ତୋର ଏ ବଏଲାକେ ମହୁଲ ଗଛ "ନାଇଁ ପୁତା ମୋର୍ ଏ ବଲିକରି ତିନ୍ ଫାଲ୍ ହି ଗଲା । ମହୁଲ୍ ଗଛର୍ ତିନ୍ ଫାଲ୍‌ତି ତାର୍ ସାଜୋ ସିଙ୍ଗାର, ସବୁ ରଖିଦେଲା ଆରୁ ତାର ଗୋଡ଼େ, ହାତେ, ଦେହିନେ ଲସା ଲୁସି ଘସି ହେଲା ଯେନ୍‌ତାକି ଖଜୁ ଖୁଜରି ଭଳିଆ ଆରୁ ଗାଁ ଭିତର୍‌କେ ମାଗି ଖାଇ ଗଲା । ସେ ପିଲା ମାଗି ଖାଇ ଖାଇ ଯେନ୍ ଲଗେ ପୋଡ୍ ବାନ୍ଧି ରହତ୍ ସେ ନେକେ ଗଲା । ସେ ତାର୍ ବି ଛ ସାତ୍‌ଟା ପୋ ଥନ୍ ଆରୁ ସେ ବି ଗୋଟେ ବଡ଼ ମହାଜନ୍ ଏ । ପିଲା କେ ଦେଖିକରି ସେମାନେ ପଚାର୍‌ଲେ, "ତୁଇ କାହିଁର ଏରେ ବାବୁ" ପିଲା କଏଲା, "ନେଇନା ବୁଆ ମୁଇଁ ମାଗି ଖାତ୍ ଖାତ୍ ଇନେକେ ଅଉଛେନା ; ମୋର ମାଁ ବୁଆବି ନେଇନା ।" ତାର୍ ବଡ଼ ପିଲାକେ ସେ ମହାଜନ୍ କଏଲା, ନେଇରେ ବାବୁ ଏନ୍‌ତା ଲୋକ୍‌କେ ପୁଷିଥିଲେ କେନ୍‌ତି ଗୁଟେ ବି ଧରମ୍ ଲାଗ୍‌ସି । ଇତାକେ ରଖୁଁ ଯେ ଆମର ବୁଛ୍‌ରା, ବୁଛରି, ବଗାର୍ ଉଷେର ଚରାବା । ସେନୁ ପିଲାକେ ପଚାର୍‌ଲେ ବାବୁ ଆମର୍ ଘରେ ରହେବୁ କାଏଁ । ପିଲା କହେଲା, "ମଡ୍ ଫୁଟେକ୍ ଛିଡ଼ା ହାତେଙ୍କ" ହେଲେ ମୋକେ ହେଲା । ସେଠାନୁ ସେ ପିଲା ସେ ମହାଜନ୍ ଘରେ ରହେଲା ଆରୁ, ବଛରା ଚରୋଲା, ପୋଡ୍ ଚରାଲା । ତେନ୍‌କେ ପିଲା ଯୁଆନ୍ ହି ଆସ୍‌ଲା । ସେଠାନୁ ତାକେ ଭଏଁସ୍ ଚରି ମାଗଲେ । ପିଲା କମିହା ହି ଗଲା କେ ତୋ ମହାଜନର୍ ବଡ୍ ପୋ ଦେଖିଲା ଆରୁ ବଏଲା ଇତାକେ ମୋର୍, ଝିକେ ଦେଲେ ବନେ ହେତା । ସେନୁ ସେ ଗାହାଁର୍ କୁଟୁମ

ବାଟ୍ରମ୍ ଦୁଇ ଟେର୍ ଲୋକ୍‌କେ ଡାକ୍‌ଲା ଆରୁ ପିଲାକେ ଘରଜିଆଁ ରଖିଲି ବଲି କରି ଶୁନେଇଦେଲା । ସେ ଟୁକିଲ୍ ବଲୁଛେ, "ହେ ଖସୁଆଟା କାଯେ ଯେଁସିକେଁ କେଚ୍ କେଚାଟା କାଯେ ଯେସିକେଁ ମୁଇଁ । ଉଚ୍‌କି ହେମି, କର୍‌ଲା ଖାଏମି ହେତାର୍ କାଯେ ଯିମିକେଁ । ତାର୍ ବୁଆ କହେଲା "ତୋର୍ ବୁଆ ଯେ ଯିବା ତୁଇ କେଁଟା ନେଇ ଯିବୁ ।" ଏନ୍‌ତି ଏନ୍‌ତି ବଲ୍‌ଡ଼ଁଟି କରି କରି କୁଟୁମ୍‌ଠାନେ ଶୁନେଇ ଦେଲା । ସେଠାନୁ ସେ ଟୁକିଲ୍ ବି ସମ୍‌ସମେ ହି ଗଲାକେ ତାର୍ ବୁଆ ବଲ୍‌ବଲ୍‌ରି ତାକେ ଧରାଧରି କଲା ଆରୁ ବନ୍ଧା ବୁନ୍ଧି କରିଦେଲା । ଟୁକିଲ୍ କେ ପିଲା ସଙ୍ଗେ ବନ୍ଧେଇ ଦେବାକେ ତ ସେ ପିଲା ତାର୍ ଡେରା କରି ରେହେ ସେ ଅଡ଼ାରତି । କେତେନେ ତାର ଭଁଏଁସ୍ ଲଗେ । ସେ ଟୁକିଲ୍ ଇତାର୍ ରଚେ ଅଏଁଠା ଭାତ୍, ସେତାର୍ ରଚେ ଅଏଁଠା ଭାତ୍‌କେ ଠୁଲେ ଆରୁ ସେ ପିଲା ପାଖ୍‌କେ ଅଡ଼ାରକେ ନିଦିଏ ଆରୁ କହେ, "ବର୍‌ରୋଘିଆ ଖାଇଆ, ଇନେ ମରିଛୁ ଆରୁ ମୋକେ ହୁରା ସୁନଉଛୁ ।" ପିଲା କୁକୁର ଗୁଟେ ପୋଷିରେହେ ଆରୁ ଟୁକିଲ ଆନି ଦେଲା ଭାତ୍‌ତି ବିଷ୍ ବୁଷା ଦିରେସି ବଲି କରି ଆଗେ କୁକୁର୍ କେ ଖେବାକେ ଦିଏ ଆରୁ ଦେଖ୍ ରେହେ । ତାର୍ ପଛେ ସେ ପିଲା ନିଛେ ଖେ । ଏନ୍ତା ସବୁ ଦିନ୍ ସେ ଟୁକିଲ୍ ଘରଜିଆଁ ପିଲା କାଯେ ଅଡାରକେ ଭାତ୍ ଆନି ଦିଏ ।

ଦିନେ ଗୁଟେ ବୁଢ଼ି ସେ ଟୁକିଲ୍ କେ ଅମରାଲା ଆରୁ ପଚାର୍‌ଲା । ଏ ନନୀ ତୁଇ କାହିଁ ଯାଉଛୁ, ସେ କଏଲା, "ହେ ମର୍‌ଡ଼ି ଖିଆ, ଖସୁ ଖୁଇ୍‌ରା, କେଚକେଚାଟା ହେ ଅଡ଼ାର୍ ନେ ଆଚେ ଯେ ତାର କାଯେ ଭାତ୍ ନି ଦଉଛେ । ବୁଢ଼ି କଏଲା "ତୁଇ କେଡ଼େ ସୁନ୍ଦର ଟାଯେ ଆଏବୁ ଆମର୍ ଘର୍‌କେ ଦେଖିବୁ ମୋର ଝୁଏଁ କେଡ଼େ ସୁନ୍ଦର ଟା । ଆସ୍‌ବୁତ ଆମର୍ ଘରକେ ଶୁଇରେବୁସ୍ । ତୁଇ ଦେବୀ ଦୁର୍ଗା ବାରି ଦିଶୁଛ, ଆରୁ ତାର, ଅଡ଼ାରକେ କିନ୍ଦରୀ କିନ୍ଦରୀ ଯଉଛୁ ।" ସେଠାନୁ ସେ ନନୀ ଖାଇ ପି କରି ବୁଢ଼ି ଘର୍‌କେ ଆଏଲା । ନିଶାରେତ ହେବାକେ ତୋ ଘୋଡ଼ା ଇଲାଚ୍ ଯେନ୍ତା ଆଚେ ହେନ୍‌ତା ତିନ୍ ପଲ୍‌ଟି ଦି କରି ଘୋଡ଼ା କିନ୍ଦ୍‌ରୁ ରେହେ । ଦେଖ୍ ଘୋଡ଼ା ବଘି କରି ମୋର ଝୁଏଁ କେନ୍ତା ଦିଶୁଛେ ଦେଖ୍ ବଲି କରି ବୁଢ଼ି କଏଲା । ଟୁକିଲ୍ ଦେଖ୍ କରିତ ହେ ସଙ୍ଗେ ଉମୁତ ମାରିନେଲା ଯେ ଗଲାନା । ଟୁକିଲ୍ ଦେଖ ପାର୍‌ଲା ତାର ଘର ଜିଆର ଅସଲ୍

ରୂପ୍‌କେ । ତାର୍, ଆର୍ ଦିନ ତୋ ବନେ କରି ରନ୍ଧା ରନ୍ଧି କରି ବନେ ଭାତ୍ ଶାଗ୍ ଧରି କରି ଗଲା ଅଡ଼ାର୍‌କେ ଆରୁ ଆଦର୍ ନେ ଘରଜିଆକେ ଖୋ'ବାକେ ଡାକ୍‌ଲା । ପିଲାର୍‌ତ ଚିତ୍ ପୁଟ ନେଇନା । ଟୁକିଲ୍ ଖୋବ୍ ଡାକ୍‌ଲାକେ ଆସଲା ଆରୁ ଭାତ୍ ଶାଗକେ ଦେଖିଲା ଯେ ଭାତ୍‌ଶାଗ୍ ବନେ ଦିଶୁଛେ ହେଲେ ସେ ପିଲା ନେଇ ଖାଇ । ଟୁକିଲ୍ କଏଲା, "କେଁ ଏନ୍ତା ହଉଛ ହୋ । ଇଥର ତମେ ଯାହିଁ ଥିଲେ ତାହିଁ କେ ଯିବି ନେ ମୋର ଉପ୍‌ରେ ଏନ୍‌ତା ନେଇ ରାଗ ।" ଟୁକିଲ୍ ପିଲା ସଙ୍ଗେ କଥା କୁଥି ବି ହି ଦେଖିଲା ହେଲେ ପିଲାତ ଟୁକିଲ୍ ସଙ୍ଗେ ମୁଟେ ବି କଥା ନେଇଁ ହେଲା ।

ଏନ୍‌ତା ଦୁଇ ଚେର୍ ଦିନ ସେ ଟୁକିଲ୍ ରନ୍ଧା ବଟା କରି ଘର ଜିଆ ପାଖକେ ଅଡ଼ାର୍ କେ ନି ଦେଲା ପିଲାକେ ତିନ୍ ଡାକ୍ ଦେଲାକେ ଧର୍ ସକଲେ ଖାଇ ଆସ୍‌ଲା ତାର ପଛେ ସେ ପିଲାକେ କହେଲା, 'ମୁଇଁ ଆରୁ ହେନ୍‌ତା ନେଇ ହିଏନା, ତମର୍ ସଙ୍ଗେ ଥିବି ତମେ ଯେନ୍ ନେକେ ନେଲେ ମୁଇଁ ସେନେକେ ଯିବି ।" ତାର ପଛେ ପିଲା କଏଲା । "ହେନ୍ତା ହେଲେ ତୁଇ ଏକ୍ ରେତ୍‌କେ ମୋର୍ ଠାନ୍‌କେ ଆସବୁ । ଧାନ୍ ଦୁଇଟା ଧରି କରି କୁଲା ଗୁଟେ ଆନିରେବୁ ।" କଏଲା । ରେତନେ ସେ ଟୁକିଲ୍ ଧାନ ଦି'ଟା ଧର୍‌ଲା । କୁଲା ଗୁଟେ ଧର୍‌ଲା ଆରୁ ଭାତ୍ ଶାଗ୍ ଧରି କରି ପିଲାର ଅଡାର୍‌କେ ଆସଲା । ସେନେ ସେ ଘରଜିଆଁ ଖାଏଲା କଥାବାର୍ତ୍ତା ହେଲେ, ଶୁଆ ବସା ହେଲେ । ତାର ଆର୍‌ଦିନ ବେଲ୍ ବୁଡ଼ାନେ ସେ ନନୀ ପେର୍ ଅଡ଼ାରକେ ଆଏଲା । ତାର୍ ଆର୍ ଦିନ ପିଲା କଏଲା "ତୋର, ଯେତ୍‌କି ଜିନିଷ ପତର୍ ଆଚେ ତୁଇ ଧରିକରି ଆସ୍‌ବୁ ।" ସେନୁ ସେ ଟୁକିଲ୍ ତାର୍ କତ୍‌ରିଆ ବନ୍ଦରିଆ, ସବୁ ଜିନିଷ୍ ଧରିକରି ଅଡ଼ାର୍‌କେ ଏଲା । ସେଠାନେ ସେ ପିଲା ଧାନ୍‌କେ କୁଲାନେ ରଗଡ୍‌ତେ ରଗଡ୍‌ତେ ଦେବୀ ଦେବ୍‌ତା କେ ପୂଜା କଲା ଆରୁ ଫରାଟ୍ କରି ଧାନ୍‌କେ ବିଛି ଦେବାକେ ତୋ ଭରାଟ୍ କରି ଗୁର୍‌ଲାରାଭଏଁସ୍ ମାନେ ଖଡ଼ା ହି ଗଲେ । ତାର ଭଏଁସ୍ ବି ଖଡ଼ା ହି ଗଲା । ସବୁ ଭଏଁସ୍ ଖଡ଼ା ହି ଯିବାକେ ପିଲାତୋ ଟୁକିଲ୍‌କେ ଧର୍‌ଲା ଆରୁ ଘୋନାନେ ବସ୍‌ଲା ଆରୁ ଚାଲ୍‌ଲା । ପିଲାର୍ ପଛେ ପଛେ ସବୁ ଭଏଁସ୍ ଆରୁ ବଗାର୍ ମାନେ ଚାଲ୍‌ଲେ ପିଲାର୍ ପଛକେ ପଛ୍ ।

ସକାଲ୍ ପୁଆକେ ଗୋଟେ ନଏଦ୍ ଖଣିନେ ପହଁଚିଲେ । ନଦୀନେ ଇ ଖଏଣ୍ ସେ ଖଏଣ୍ ପେନ୍ ଆସୁରେହେ । ପିଲା ନଏଦ୍‌ର ପେନ୍‌କେ ଦେଖ୍‌ଲା ଆରୁ ଭାବ୍‌ଲା ନେଇନା ବୁଆ ଏବେ ଇମାନେ ଖେଟ୍‌ଲେ ଆମ୍‌କେ ଏବେ ମାରି ଦେବେନା ଆରୁ ନଏଦ୍ ନେ ଖବ୍‌ଡ଼େଇ ଦେବେନା । ଆରୁ ପିଲା କାନ୍ଦି ଦେଲା, ପିଲାର୍ କାନ୍ଦ୍‌ବାର୍ ଦେଖି କରି ଟୁକିଲ୍ ବି କାନ୍ଦିଦେଲା । ପିଲା ଟୁକିଲ୍‌ର କନ୍ଦାକେ ତିନ୍ ଧାଡ଼ିଆ ହି ଗଲେ । ଭଏଁସ୍‌ମାନେ ଦୁଇ ତିନ୍ ଦାଡ଼ି ହି ଯିବାକେତୋ ଘୋଡ଼ାର୍ ଉପରେ ପିଲା ଆରୁ ଟୁକିଲ୍ ବସ୍‌ଲେ ଆରୁ ଘୋଡ଼ା ଭଏଁସ୍ ମାନଙ୍କର ପିଠି ଉପରେ ଚାଲି ଚାଲି ନଏଦ୍ ପାର ହି ଗଲା ।

ସବୁ ଭଏଁସ୍ ପିଲା ଟୁକିଲ୍ ଘୋଡ଼ା ସବୁ ପହଁଚି ସାର୍‌ଲାକେ ସବେ ଫେର୍ ଚାଲ୍‌ଲେ । ଯେତେ ଯେତେ ଯେତେ, ବେଲ୍ ଫୁଟାକେ ଗୁଟେ ରଜାର୍ ରେଜ୍‌ନେ ପହଁଚିଲେ । ସେ ରେଜ୍‌ନେ ଇ ପିଲାକେ ଦେଖ୍‌ଲେ ଆରୁ କହ୍‌ଲେ, ‘‘ଛେକହୋ କାର ଭଏଁସ୍ ମାନ୍‌କେ ଚୋରି ସେ ଆନୁଛେ,’’ ପିଲା କହେଲା, ‘‘ନାଇଁ ସେ ହୋ ମୋର୍ ମାଲ୍‌କେ ମୁଇଁ ନଉଛେ, ତମର୍ ଜୀବନ୍‌କେ ଆଶ୍ ଆଚେ ବେଲେ ଛେକ ।’’ ଭଏଁସ୍‌ମାନେ ତୋ ଲୋକ୍‌ମାନ୍‌କେ ରୁନ୍ଦିନେଲା ଆରୁ ଛିଙ୍ଗ୍‌ଲି ଗଲା । ସେନୁ ଯେତେ ଯେତେ ଯେତେ ଆରୁ ଗୁଟେ ରଜାର୍ ରେଜ୍‌ନେ ପହଁଚି ଗଲେ । ସେ ରେଜ୍‌ନେ ବି ଲୋକ୍‌ମାନେ ଭଏଁସ୍ ମାନ୍‌କେ ଛେକ ଛେକ ବଏଲେ । ଲୋକ୍‌ମାନେ ଛେକ୍‌ବାକେ ତୋ ଭଏଁସ୍ ମାନେ ଚିରି ଫାରି ହି କରି ସବୁ ଲୋକ୍‌କେ ରୁନ୍ଦି ରୁନ୍ଧା କରି ପଲାଲେ । ଏନ୍‌ତା କରି ତିନ୍‌ଟା ରେଜ୍‌କେ ପିଲା, ଟୁକିଲ୍ ଘୋଡ଼ା ଆରୁ ଭଏଁସ୍ ମାନେ ପାର୍ ହି ଗଲେ । ପିଲା ଆସ୍‌ଲା ବେଲ୍‌କେ ବାଟେନେ କାଣି ଭଏଁସ୍ କେ ଗୁଟେ ଗଛ ତଲେ ଛାଡ଼ି କରି ଆସି ରେହେ । ସେ ଲଗେ ଯେଇ କରି ଘୋଡ଼ା ଥେବ୍‌ଲା । ‘‘ମାଁ ଚାଲ୍’’ ବଲି କରି ପିଲା କହେବାକେ, ଚାଲ୍‌ଲା ସେ କାଣି ଭଏଁସ୍ । ସେନୁ ପିଲା ପହଁଚି ଗଲା କଦ୍‌ଲୀ କଛାର୍ ନେ । କଦ୍‌ଲୀ କଛାର୍ ନେ ପହଁଚ୍‌ଲାକେ ଅଡ଼ାର୍ ହି ଗଲା, ଯେତ୍‌କି ଯେତ୍‌କି ଖୁଟ୍ ଆଗରୁନ୍ ଥିଲା ସେତ୍‌କି ସେତ୍‌କି ଖୁଟ୍ ହି ଗଲା । ତଲେ ତଲେ ଠାଟ୍‌ମାନେ, ଖଟ୍‌ମାନେ ସଙ୍ଗେ ସଙ୍ଗେ ହି ଗଲା । ପିଲା ଦେଖ୍‌ଲା ଆରୁ ଭାବ୍‌ଲା ଇଟା ଏନା ମଉକା ଆରୁ ଦେଲା କାନ୍ଦି, ପିଲାର୍ କାନ୍ଦିକେ ଦେଖି କରି ଟୁକିଲ୍ କାନ୍ଦଲା

ଟୁକିଲର ଆରୁ ପିଲାର କନ୍ଦାକେ ଦେଖି କରି ସବୁ ଭଏଁସ୍‌ମାନେ କାନ୍ଦ୍‌ଲେ । ଏନ୍‌ତା କରି ସାତ୍‌ଦିନ୍ ସାତ୍ ରେତ୍ ସବୁ କାନ୍ଦୁ ରହତ୍ । ମାଁ ପୁରୁ ଈଶ୍ୱର, ସବୁ ଶୁନୁରହତ୍ । ଈଶ୍ୱର ମାଁପୁରୁ ପିଲାକେ କଏଲେ ହଏରେ ବାବୁ ତୋର୍ କେଁଟା ଖଇଗ୍‌ଲା ଯେ ସାତ୍‌ଦିନ୍ ସାତ୍‌ରେତ୍ କାନ୍ଦୁଛୁ ? ପିଲା କଏଲା, ''ଇଟା ତ ମାଁପୁରୁ କଏଲେ କାହାନୀ ଗଲେ ଗୀତ୍ ।'' ସେନୁ ମାଁ ପୁରୁ କଏଲେ କନି କେଁ କଥା ଯେ । ପିଲା କଏଲା ମୋର୍ ଦାଦି ଗୋଟେ ମହାଜନ ଏ । ତାର ସାତ୍‌ଟା ପୋ । ସେ ତାର୍ ପୋମାନ୍‌କେ ଇ କଦ୍‌ଲୀ କଛାର୍ ନେ ଭଏଁସ୍ ମନ୍‌କେ ବାନ୍ଧବାକେ ଆରୁ ଦେଖାରେଖା କର୍‌ବାକେ କଏଲା । ତାର୍ ପୋ ମାନେ ଇ କଦ୍‌ଲୀ କଛାର୍ ନେ ଭଏଁସ୍ ମନ୍‌କେ ବାନ୍ଧିରହତ୍ ଆରୁ ଖଟେ ଶୁଇ ରହତ୍ । ସେମାନେ ସାତ୍ ଭାଇ, ମୋର ବାପ୍ ବଡୁ ଶୁଇ ଥିବାବେଳେ ଚୋର୍ ଆଏଁଲା ଆରୁ ସଁକ୍ ସାରି ଦେଲା । ଆରୁ ସବ ଭଏଁସ୍‌ମନ୍‌କେ ନି କରି ପଲିଗଲା । ମୋର୍ ବଡୁ ଘର୍ ମାନ୍‌କେ କାହାର୍ ଘରେ ବି ପୋ କି ଝି ନେଇ ହି ରେହି । ମୁଇଁ ହେତ୍‌କି ବେଲ୍‌କେ ମୋର୍ ମାଁର ପେଟେ ମାସେ କି ଦୁଇ ମାସର୍ ହି ରହେ । ତାର୍ ପଛେ ମୁଇଁ ଜନମ୍ ହେଲି ଆରୁ ଧିରେ ଧିରେ ବଡ଼ ହେଲି । ତାର ପଛେ ପିଲାମାନକର୍ ସଙ୍ଗେ ବାଟି ଖେଳି ଗଲି । ବାଟି ଖେଲ୍‌ଲା କେ ମୁଇଁ ଅଲଗା ପିଲା ମାନ୍‌କର ବାଟି କେ ମାରିଦେଲି ଯେ ଫାଲ୍ ଫାଲ୍ ହି ଗଲା । କେତେଟା ପିଲା ମୋକେ ପିଟ୍‌ଲେ ଆରୁ ବିନ୍ ବାପର୍ ପୋ, ବିନ୍ ବାପର୍ ପୋ କହି କରି ଚିଡ଼ାଲେ । ମୁଇଁ ଏଲି ଆରୁ ମୋର୍ ଦାଦିକେ ପଚାରଲି ଯେ ମୁଇଁ କେନ୍‌ତା ବିନ୍ ବାପର୍ ପୋ ହେଲି । ସେନୁ ମୋର ଦାଦି ମୋର ବାପର୍ କଥା କଏଲା । ମୁଇଁ ପିଟ୍‌ଖୁରି ପୂଜା କଲିଯେ ପାଟ୍ ଘୋଡ଼ା ବହାରଲା । ସେନୁ ପାଟ୍ ଘୋଡ଼ା ନେ ବସ୍‌ଲି ଯେ ପାଟ୍ ଘୋଡ଼ା ଦଉଡ଼ି କରି ଯେନ୍ ଠାନେ ଭଏଁସ୍ ବିକିରେହେ ସେଠାନେ ଥେବ୍‌ଲା । ସେ ଲଗେ ମହୁଲ୍ ଗଛେ ମୋର୍ ସାଜୋ ସିଂଗାର୍ ରଖ୍‌ଲି ଆରୁ ଗାଁ ଭିତର୍‌କେ ମାଗି ଖାଇଗଲି । ମାଗି ଖାଇଗଲି ଯେ ଯେନ୍ ଲଗେ ସେ ଭଏଁସ୍ ରେହେ, ସେ ମହାଜନ୍ ମୋକେ ରଖ୍‌ଲା । ଆରୁ ତା'ର ଇ ଟୁକିଲ୍‌କେ ମୋର୍ ସଙ୍ଗେ ବନ୍ଧେଇ ଦି କରି ମୋକେ ଘରଜିଆଁ କଲା । ମୁଇଁ ମୋର୍ ଦେ ଦେବ୍‌ତାକେ ମନେଇ ବୁଝେଇ କରି ଇ ସବୁ ଭଏଁସ୍ ମନ୍‌କେ ଆନ୍‌ଲି । ଭଏଁସ୍ ମାନଙ୍କର ଖୁଁଟ ମାନ୍‌କେ,

ହାଡ୍କୁ ମାନ୍‌କେ ଦେଖିବାକେ ମୋକେ କାନ୍ଦି ଲାଗଲା ଯେ କାନ୍ଦଲି ।

ଈଶ୍ୱର, ମାଁପୁରୁ ପିଲାର ସବୁ କଥା ଶୁନ୍‌ଲେ ଆରୁ କଏଲେ ତମେ ଦୁଇ ଲୋକ୍ ଯାହାଁଆରୁ ଜାମ୍‌ଖେନା ଗୁଟେ ଭାଙ୍ଗି ଆନ୍‌ବ । ସେନୁ ପିଲା ଆରୁ ଟୁକିଲ୍ ଗଲେ ଆରୁ ଜାମ୍‌ଖେନା ଭଙ୍ଗେଇ ଆନ୍‌ଲେ । ସେନୁ ଈଶ୍ୱର ମାଁପୁରୁ ସବକର ହାଡ୍କେ ଯେନ୍ ଯେନ୍‌ନେ ରହେବାର୍ କତା ରଖିଦେଲେ ଆରୁ ସବ୍‌କର୍ ଦେହିନେ ସାତ୍ ସାତ୍ ଗଡ୍ଡୁ ପେନ ରୁକି ଦେଲା । ଆରୁ ଭଗ୍‌ବାନ୍ ଉଭାନ୍ ହି ଗଲେ । ସାତ୍‌ଟା ଲୋକ ଉଠ୍‌ଲେ ଆରୁ ଭାଗୁ ରହଦ୍ । ପିଲା କଏଲା ରହ ରହ କାହିଁ ଯାଉଛ ଛନେ ଥେବ । ସେନୁ ସାତ୍ ଭାଇ ଉଠ୍‌ଲେ । ସେ ପିଲା ସେମାନ୍‌କେ ପଚାରଲା । ତମର୍ ଭିତରେ ବଡ଼ କେନେ ଏ ? ବଡ଼ କଏଲା ମୁଇଁ ବଡ୍ ଏ । ପିଲା କଏଲା ତମେ ହେଲ ମୋର ବଡ୍ଡୁ । ତାର୍ ପଛେ ସେ ପଚାର୍‌ଲା ତମର୍ ଭିତ୍‌ରେ ସାନ୍ କେନେ ଏ ? ସାନ୍ କଏଲା ମୁଇଁ ଏ । ପିଲା କଏଲା ତମେ ହେଲ ମୋର ବୁଆ ଆରୁ ଇମାନେ ହେଲେ ମୋର ବଡ୍ଡୁ । ସାନ୍ ଭାଇ କଏଲା, "ନେଇ ହୋ ମୋର୍‌ତ ପୋଝି ନେଇ ଥି ତୁଇ କେନ୍‌ତା ମୋର୍ ପୋ ହେଲୁ ।" ସେ ପିଲା ସେନୁ ସେମାନ୍‌କେ ସବୁ କଥା କଏଲା । କହେଲା ଯେ "ମୁଇଁ ମୋର୍ ମାଁର୍ ପେଟେ ମାସେ ଦୁଇ ମାସର ହି ରେଲି । 'ନ' ମାସ୍‌ନେ ଜନମ୍ ହେଲି । ସେନୁ ମୋକେ ମୋର୍ ସାଙ୍ଗ୍‌ମାନେ ମୋକେ ବିନ୍ ବାପର ପୋ ବଏଲେ । ସେନୁ ମୁଇ ସବୁକଥା ଜାନ୍‌ଲି ।" ଏନ୍‌ତା ଏନ୍‌ତା କରି ଯାହା ସବୁ ଘଟିଗଲା ତାହା ସବୁ ସବ୍‌ଭାଇକେ କଏଲା । ତାର ପଛେ ସବୁ ଭାଇମାନେ ତାକେ ଚୁମା ଚୁମି ଦେଲେ, ଗେଲ୍‌ବସର୍ କଲେ ।

ସେଠାନୁ ପିଲା ଗଲା ତାର, ଛେଲ୍, ମେଢ଼ା ପାଖକେ । ସେ ଛେଲ୍ ଚରିଆ ପିଲାକେ ଦେଖ୍‌ଲା ଆରୁ କଏଲା ଯାରେ ଘରର୍ ମୋର, ମାଁ ବଡ୍ରେ, ଦାଦି, ଆଇକେ କହି ଦେବୁ ସେମାନେ ତାଲ ମୃଦୁଙ୍ଗ୍ ଧରି କରି ଆସ୍‌ବେ ପରଘେଇ ନେବା କାଯେ । କଇ ଦେବୁ ଯେ ମୋର୍ ଦାଦିକେ ତମର୍ ସାତ୍‌ଟା ପୋ ଆରୁ ନାତେନ୍ ଆସୁଛନ୍ ପରଘେଇ ଯାହା ବୋଲି । ଛେଲ୍ ଚରିଆ ଗଲା ଆରୁ ସବୁଲୋକ୍ କେ କଏଲା । ସେମାନେ ଛେଲ୍ ଚରିଆକେ ଗୁଏଲ୍-ଗୁଲା ଦେଲେ ଆରୁ କଏଲେ ହାଏରେ ଛେଲିଆ ପିଲା ଗଲାଧନ ମଲା ମୁନୁଷ୍ ଫିରି ଆଏସି କାଏଁରେ ଯେ ତୁଇ ଇଟା ପାଶରି ଦେଲା କଥା କେ ହେତେଇ ଦେବାକେ ଆସିଛୁ ।

ସେନୁ ସେ ଛେଲିଆ ପିଲା ଗଲା ଆରୁ ଗାହାଁର୍ ଗହଁଟିଆ ଆରୁ ଗଣାକେ ସବୁକଥା କଏଲା ଆରୁ ପରଘି ଆନିଯିବାକେ କଏଲା । ସେନୁ ଗାଁର ଗହଁଟିଆ ଗଣା ସବୁଲୋକ୍ ବଜା-ଗଜା ଧରି କରି ପରଘି ଆନ୍‌ବାକେ ଗଲେ । ଦେଖ୍‌ଲେ ସାତ୍ ଭାଇକେ ଆରୁ ଟୁକିଲ୍ ଆରୁ ପିଲାକେ । ସେମାନକର ତୋ ଆଖି ଫୁଟିଗଲାନା ଇମାନ୍‌କେ ଦେଖି ଦି କରି । ତାର୍ ପଛେ ସେମାନ୍‌କେ ପରଘେଇ କରି ଘର୍‌କେ ଆନ୍‌ଲେ । ଘରେ ନେ ସେ ପିଲାର୍ ଦାଦି ବୁଢ଼ା ପିଲାର, ମାଁ, ବଡ଼େ ମାନେ, ଆଇ ଦେଖି କରି ସବୁ ଖୁସୀ ହି ଗଲେ । ସେନୁ ସେ ମହାଜନ୍ ବୁଢ଼ା ଛ ପୁଟିର ଉଷ୍‌ନା ଚଉଲ୍, ନ ପୁଟିର ଅରୁଆ ଚଉଲ୍, ବାର୍ ପୁଟିର ଦେଲ୍, ବୁକା, ବୁକି ଆନ୍‌ଲା ଆରୁ ଗାହାଁର୍ ସବୁ ଲୋକ୍‌କେ ଡାକ୍‌ଲା ଆରୁ ଭୋଜି କଲା, ଖେବାକେ ସବ୍‌କେ ଦେଲା । ସବୁନୂଆ ନୂତନ୍ ହେଲେ । ଯାହାର୍ ମେହେଜୀକେ ସେ ରଖ୍‌ଲେ, ଆରୁ ସବ୍ ମିଶି କରି ଗୁଟେ ଡି ରଏଲେ ।

## ବାଘ୍ ବାଘ୍‌ନି

ଗୁଟେ ସହରେ ବୁଢ଼ା ବୁଢ଼ି ଦୁଇଟା ଥିଲେ । ସେମାନଙ୍କର ପୋ କି ଝି କିଛି ନେଇ ଥି । ଆଠକାଲ୍ ବାରମାସ୍ ସେମାନେ କନ୍ଦାକୁନ୍ଦି କରୁରହତ୍ । ଏନ୍ତା ହେତେ ହେତେ ଦିନେ ବୁଢ଼ିକେ ଙ୍ଗହରା ଚେତ୍‌ଲା । ବୁଢ଼ିକେ ମାସେ କି ଦୁଇମାସର୍ ହେଲା । ବୁଢ଼ି ଭାବ୍‌ଲା ଇ ଧଙ୍ଗ୍‌ରା ଧାଙ୍ଗରୀ ବେଲ୍‌କେ ନେଇ ହି, ବୁଢ଼ା ବୁଢ଼ିବେଲ୍‌କେ ହଉଛେ । ଦିନ୍ ଗୁଟେ ବୁଢ଼ିକେ ଦୁଖାଧର୍‌ଲାକେ ବୁଢ଼ା ତାର୍ କାଯେ ଅଲ୍‌ଗା ଗୁରଲା ଗୁଟେ ବନି ଦେଲା ଆରୁ କଏଲା ଦେଖି ପିଲା ହେଲେ ଘର୍‌କେ ଆନ୍‌ବୁସ୍, ଟୁକିଲ୍ ହେଲେ ନେଇ ଆନ୍‌ବୁସ୍ ନା, କେନ୍ କୁଲିଆ ଖାଲେ କୁଚି କୁଚା ଦେବୁ । ବୁଢ଼ି ଯେଇ କରି ଗୁରଲାନେ ରଏଲା । ଦିନେ ଦୁଇ ଦିନ୍ ଗଲାକେ ବୁଢ଼ିକେ ପିଲା ଗୁଟେ ହେଲା । ପିଲା ହେଲାକେ ବୁଢ଼ି କଏଲା ଝି ଗୁଟେ ହି ଥିଲେ ସିନା ମୋର୍ ଉସାସ୍ ହିରେଚା କେନ୍ ଠୁଟି ବାଜୁନ୍ ଗୁଟେ ଧରିରେତା, ପେନ୍‌ପୁନା ଆନିରେଚା, ପିଲା ହେଲା ଯେ ତୋ ଇଟା ବୁଢ଼ାକେ ସୁଖି ହେଲା । କେନ୍ ଟଙ୍ଗିଆ ଗୁଟେ ଧରବା କି କେନ୍ କାମ୍ କରବା । ଏନ୍ତା ଭାବ୍‌ଲା ଆରୁ ବୁଢ଼ି ସେ ପିଲାକେ କେନ୍ ଖାଲ୍‌ନେ କୁଚି ଦେଲା ଆରୁ ଧୁଆ ଧୁଇ ହି କରି ଘର୍‌କେ ବୁଢ଼ି

ଏକ୍ଲା ଆସ୍ଲା । ବୁଢ଼ା ପଚାର୍ଲା କେ ବୁଢ଼ି କଏଲା ଝି ଗୁଟେ ହେଲା ଯେ କୁଚି ଦେଲି ଆରୁ ପଲି ଆସ୍ଲି । ବୁଢ଼ା କଏଲା ବନେ କଲ ହେତାକେ ଆମେ କେଁ କାଯେ ପରଗ୍ କାଯେ ପୋଷି ଗେତୁ । ଗାଁହାର୍ ଲୋକ୍ମାନେ ତାକେ ପଚାର୍ଲାକେ କଏଲା ମଲାଟା ହେଲା ଘର୍କେ ନେଇ ଆନିନା । ମଲାଟାକେ ନେଇ ଦେଖ୍ ଯେ ଦେଖେଇ ଆନ୍ତୁ କେଁ ? ଲୋକ୍ମାନେ କଏଲେ ବନେ ହେଲା ହୋ ।

ସାତ୍ଦିନ୍ ସାତ୍ରେତ୍ ହେବାକେ ମାଁପୁରୁ ପିଲାର, କଣ୍ଟେ ବସ୍ଲେ ପିଲାଟୋ କାନ୍ଦ୍ଲା । ଅଏଁଲା ଗିରୀ ପର୍ବତ୍ନେ ବାଘନି ପିଲା ଦିରେହେ । ପିଲାର୍ କାନ୍ଦ୍କେ ଦେଖିକରି ବାଘନି ସଟ୍ ସଟ୍ ସେନେକେ ପଲି ଆସ୍ଲା ଦେଖିଲା ଯେ କୁଲିଆ ଖାଲେ ପିଲା ଗୁଟେ ଆଚେ ଆରୁ କାନ୍ଦୁଛେ । ବାଘନି ପିଲାକେ ବାହାର୍ କଲା ଆରୁ ତାର୍, ଥନ୍ ଗୁଟେ ପିଲାର୍, ତୁଣେ ଦେଲାକେ ପିଲା ଖେଲା ଆରୁ ତୁମ୍ ପଲା । ପିଲା କଟ୍ଲେଇ ଦେବାକେ ବାଘନି ନିଗଲା ତାର, ଖୋପ୍କେ । ବାଘ୍ ପିଲାମାନେ ଇ ପିଲାକେ ଦେଖିଲେ ଆରୁ ଛୁଆଁ ଛୁଇଁ, ଚବା ଚବି କରବାକେ ଯିବାକେ ବାଘନି କଏଲା ଦେଖ୍ ଇତାକେ ଚବାଚବି କର୍ବ ନାଇଁ । ଭଗ୍ବାନ୍ ଆମକେ ଦିଛେ । ମୁଇଁ ନେଇଥିଲା ବେଲ୍କେ ଇତାକେ ଖେଲାବ । ବାଘ୍ ପିଲାମାନେ ସେନୁ ଭାବ୍ଲେ ଯାହା ବି ହଉ ଇ ପିଲା ବଡ୍ ହେଲେ ଆମର କାଯେ ଯଁତ୍, କୁର୍ରା ମାରି ଆନି ଦେବା । ଏନ୍ତା କରି କରି ସେ ବାଘନି ତାର, ବାଘ୍ ଛୁଆ ମାନକର, ସଙ୍ଗେ ପିଲାକେ ବି ତାର ପନା ଖୁଏଇ ଖୁଏଇ ପୋଷ୍ଲା ।

ବାଘନି ଭାବ୍ଲା ଯେ ଏତ୍କି ଦିନ୍ ତୋଇ ପିଲାକେ ପନା ପିଏଇ ପିଏଇ ପୋଷ୍ଲି ଏବେ ତୋ ଇ ଭାତ୍ ଖାଏବାର୍ ହିଗଲାନା । ସେନୁ ବାଘନି ଗାଁ ଭିତର୍କେ ଯେ, ହାଟ୍କେ ଯେ, ହାଟେ ନେ ଲୋକ୍ମାନେ ବାଘନି କେ ଦେଖି କରି ନିଜର୍ ଜିନିଷ୍ ମାନ୍କେ ଖବ୍ଡ଼େଇ ଦି କରି ପଲି ଯାହାତ୍ ଡରର ମାଡ଼େ । ବାଘନି ସବୁ ଜିନିଷ୍ କେ ଧରେ ଆରୁ ଆଏଁଲା ଗିରୀ ପର୍ବତ୍କେ ଦୁହାରେ । ହେନ୍ତି ହେନ୍ତି - ପିଲାକେ ଖୁଏଇ ପି କରି, ପିନ୍ଧେଇ କରି ରଖିଲା । ଦିନ୍କେ ଦିନ୍ ପିଲା ବଡ୍ ହେତେ ଗଲା । ପିଲାକେ, ବଲା ପିନ୍ଧାଲା କପ୍ଡ଼ା ପିନ୍ଧାଲା । ପିଲା ଦିନ୍କେ ଦିନ୍ ଶିକାର କରି ଯାନ୍ଲା । ଧନୁଶର୍ ବନେଇ କରି ଶିକାର୍ କଲା । ଦିନେ ଅଏଁଲା ଗିରୀ ପର୍ବତ୍ ଭିତର୍କେ ଗଲା ଧନୁଶର୍ ଧରି କରି । ଦେଖିଲା

ଗୁଟେ ଜାଗାନେ ବାର ପଚ୍ ସମର୍ ଥତ୍ । ପିଲା ଧର୍‌ଲା ଧନୁଶର ଆରୁ ସୁମରନା କଲା ଆରୁ ବିନ୍ଧିଦେଲା ଯେ ପଚ୍ ପଚ୍ ସବୁ ସମର୍‌ର ଦେହି ନେ ଛିଙ୍ଗଲି ଗଲା - ଶର । ବାରପଚ୍ ସମର୍ ଗଦେଇ ହି ଗଲେ । ପିଲା ଧେଁଲା ବାଘ୍‌ପିଲାମାନଙ୍କର ପାଖ୍‌କେ ଆରୁ ସବୁ ବାଘ୍ ପିଲାକେ ଆରୁ ବାଘ୍‌ନି କେ ଡାକି ନେଲା । ଦେଖେଇ ଦେଲା ସମର୍ ମାନ୍‌କେ । ବାଘ୍‌ନି କଏଲା ଏନ୍‌ତା କଥା ଏ ବଲିକରି ତୁଇ କେଁ କାଯେ ଆଗର୍‌ନୁ ନେଇ କଏଲୁ । ପିଲା କଏଲା ଆରୁ ବଡ଼୍‌ଟା, ବନେଟା ଧନୁଶର, ଗୁଟେ ହେଲେତ ଆର୍ କେତେଦିନ କେତେ ମାରତି । ବାଘ୍ ପିଲାମାନେ, ବାଘ୍‌ନି ଦେଖ୍‌ଲେ ସମର୍‌କେ, ବଡ଼ା ଖୁସ୍ ହେଲେ ଆରୁ ସବେ ମିଶି କରି ଖାଏଲେ ।

ଗୁଟେ ଗାଁନେ ଲୁହରା ବୁଢ଼ା ଗୁଟେ ଥିଲା ଯେ ତାର୍, ସାତ୍‌ଟା ପୋ । ସେ ତାର ପୋ ମାନ୍‌କେ ଧରି କରି ଲୁହା ଆନି ଯଉ ରହେ । ବୁଢ଼ା ଆଗେ ଆଗେ ଚାଲୁଥେ ଆରୁ ତାର୍ ପିଲାମାନେ ପଛେ ପଛେ ଯାଉ ରହତ୍ । ବାଘ୍‌ନି ଆସ୍‌ଲା ଆରୁ ଧର୍‌ଲା ବୁଢ଼ାକେ ଆରୁ ନି ଗଲା ଜଂଗଲ୍ ଭିତର୍ କେ ରଖିଦେଲା ଗୁଟେ କରପନ୍ ଭିତରେ । ବାଘ୍‌ନି କେ ବୁଢ଼ା କଏଲା ମୋକେ ଖେବୁସ୍ ହେଲେ ଖେଇଦେ, ରଖିବୁ ହେଲେ ରଖ । ମୋକେ କେଁ କାଯେ ଇ କର୍‌ପନ୍ ଭିତରେ ରଖିଛୁ ? ବାଘ୍‌ନି କଏଲା ନେଇଁଗା ମୁଇ ତୋକେ ନେଇ ମାରେ ତୋର୍ ପାଖେ ଗୁଟେ କାମ୍ ଅଛେ । ତୁଇ ସେ କାମ କରବୁସ୍ କରବୁସ୍ ଦେଇ ହେଲେ ତୋକେ ମାରିଦେବି । ତୁଇ ମୋର୍ କାଯେ ଦଶ୍ ବିଶାର୍ ଧନୁ ଆରୁ ପାଁଚ୍ ବିଶାର୍ କାତା ବନେଇ କରି ଆନିବେଦୁସ୍ । ନେଇ ଆନି ଦେଲେ ତୋକେ ମାରି ଦେବିନା । ତାର୍ ପଛେ ବୁଢ଼ା ଘର୍‌କେ ଗଲା ।

ଇଫାଲ୍ ବୁଢ଼ାର ପିଲାମାନେ ଆରୁ ଘରର୍ ଲୋକମାନେ କହୁଛେ ବୁଢ଼ା ତୋ ନେଇନା, ବୁଢ଼ାକେ ବାଘ୍ ଖେଇ ଦିରେବାନା ବଲି ଚୁମଦାମ୍ ପଡ଼ି ରହତ୍ । ବୁଢ଼ା ରେତ୍ ହେଲା କେ ଆଏଲା ଆରୁ ଡାକ୍‌ଲା, କବାଟ୍ ଖୋଲ୍‌ବାକେ କଏଲା । ପିଲାମାନେ କହୁରହତ୍, ନେଇନେ ବୁଆ ଇଟା ବୁଢ଼ାର ଡୁମା ଆସିଛେନା, ସବେ ଚୁମ୍ ଟାମ୍ ପରି ରହ । ବୁଢ଼ା ଯୋର୍‌ସେ ଖୋବ୍ ବେଲା ଡାକ୍ ଦେଲାକେ ପିଲାମାନେ କବାଟ୍‌ର କଣା ବାଟୁ ଦେଖିଲେ ଯେ ବୁଢ଼ା ଠିଆ ହିଛେ । ସେନୁ ପିଲାମାନେ କବାଟ୍ ଖୋଲ୍‌ଲେ ଆରୁ ବୁଢ଼ାକେ ଘର୍ ଭିତର୍‌କେ ନେଲେ । ବୁଢ଼ାକେ

ପଚାରଲେ କେଁତା ତୋକେ ବାଘନି ଛାଡ଼ି ଦେଲା । ବଲାବାକେ ବୁଢ଼ା କଏଲା ବାଘନି କେନ୍ ପିଲା ଗୁଟେକେ ପୋ କଲା ଆଚେ ଯେ ତାର ଲାଗି ଦଶ୍ ଘନାର୍ ଗୁଟେ ଧନୁ, ପାଁଚ୍ ଘନାର୍ ଗୁଟେ ଶାର୍ ବନାବାର୍ କାଯେ, ମୋକେ ତାର ଠାନ୍‌କେ ଡାକି ନେଲା ଆରୁ ବନାବା କାଯେ କଇଛେ । କାଲ୍‌କେ ସକାଲ୍‌କେ ଲୁହା ଆନିକରି, ଧନୁଶର ବନାବାକେ ପଡ଼୍‌ବା । ନେଇଁ ନି ଦେଲେ ଧଡ଼ାସ୍ କରି ଆଏବା ଆରୁ ସବ୍‌କେ ମାରିଦେବା । ସାତ୍ ଭାଇ କଏଲେ, 'ଖୋ ଇତିର୍ କାଯେ କେଁ ଚିନ୍ତା, କେଲ୍ ସକାଳେ ଆମେ ସାତ୍ ଭାଇ ଯେଇ କରି ଲୁହା ଆନ୍‌ମୁ ଆରୁ ଧୂନ୍ କାତା ବନି କରି ଯେନ୍ ଦିନେ ନେବାର୍ କଥା ସେ ଦିନେ ନିଦେମୁଁ ।'' ସେନୁ ପିଲାମାନେ ସାତ୍ ଜନ୍ ମିଶ୍‌ଲେ ଧନୁକାଣ୍ ବନାଲେ ଆରୁ ନି ଦେଲେ ବାଘନି ପାଖ୍‌କେ । କଏଲେଁ ହେ ଦେ ମାଁ ତୋର୍ କଏଲା ଜିନିଷ୍ ଆନି ଦିଛୁଁ ।'' ବଏଲେ ଆରୁ ରଖ୍ ଦି କରି ପଲି ଆସ୍‌ଲେ । ବାଘନି ଆସ୍‌ଲା । ଆରୁ ଦେଖ୍‌ଲା, ଧନୁ, କାଣ୍ କେ ଉଠାଲା ଯେ ଉଠେଇ ନେଇ ପାର୍‌ଲା । ବାଘନି ଗଲା ଆରୁ ପିଲାକେ କଏଲାକେ ପିଲା ଗଲା ଆରୁ ଧନୁକାଣ୍ ଉଠେଇ କରି ଆନ୍‌ଲା ।

ତାର୍ ଆର୍ ଦିନ ସକାଲ୍‌ନୁ ପିଲା ଧର୍‌ଲା ଧନୁ କାଣ୍‌କେ ଆରୁ ଜଙ୍ଗଲ୍ ଭିତର୍‌କେ ଗଲା । ଗୁଟେ ଜାଗାନେ ଦେଖ୍‌ଲା ଯେ ବାରପଟ୍ ସମର୍ ଚରୁଛତ୍ । ସେନୁ ସେ ଉଠାଲା ଧନୁ କାଣ ଆରୁ ମାରିଦେଲା ଯେ ବାରଟା ସମର୍‌ର ଦେହିନେ ଛିଙ୍ଗ୍‌ଲି କରି, ପର୍ବତ୍ କେ ଛିଙ୍ଗଲି ଗଲା ଆରୁ ଗୁଟେ ରଜାର୍ ସିଂ ଦୁଆରେ ସେ କାଣ୍‌ଟା ରହିଗଲା । କାଣ୍ ଯେନ୍ ସୁତରେ ଯେଇଥେ ସେ ସୁତ୍‌ରେ ଡଙ୍ଗର୍ କଣା ହି ଯେଇ ରେହେ । ପିଲା ବାଘନି ପାଖ୍‌କେ ଗଲା ଆରୁ କଏଲା ମାଁ ମୁଇଁ ସମର୍ କେତେଟା ମାରିଦିଛେ ଯା ତୁଇ ଧରି ଆନ୍‌ବୁ । ମୁଇଁ ଯଉଁଛେ ମୋର୍ କାଣ୍‌ଖୋଜି । ବାଘନି ତାକେ ନେଇଁ ଯିବା କାଯେ କେତେ ମନା କଲା ହେଲେ ପିଲା ନେଇଁ ମାନ୍‌ଲା ଆରୁ କଏଲା ମାଁ ମୁଇଁ ଇ ତାଲ୍ ଖେଦେକ୍ ଗାଡ଼ି ଦିଛେ ଯେନ୍ ଦିନେ ଇତାଲ୍ ଝୁର୍ ମୁରେଇ ଯିବା ସେ ଦିନେ ତୁଇ ଯାନ୍‌ବୁ ଯେ ମୋର୍ ପାକେ ବିପତି ପଡ଼ିଛେ ବଲି ଯାନ୍‌ବୁ । ଆରୁ ସେ ଦିନେ ପେନ୍ ବୁଡ଼େକ୍ ଦେବୁସ୍ । ପିଲା ଚାଲ୍‌ଲା ତାର କାଣ୍ ଖୋଜି । କାଣ୍ ଯେନ୍ ସୁତ୍‌ରେ ଯାଇଥେ ସେ ସୁତ୍‌ରେ

ପିଲା ଚାଲୁଥେ । ଯେଇ ଯେଇ ଯେନ୍ ଦେଶେ ତାର୍ କାଣ୍ ଅଲ୍‌ଜିଥେ ସେ ଦେଶର, ଗୁଟେ ଗଛ ତଳେ ଟଙ୍ଗିଆ ଆରୁ ଧନୁକେ ରଖି ଦେଲା ଆରୁ ରନ୍ଧା ବଢ଼ା କଲା ଆରୁ ଖେଲା ରଏଲା ।

ସେ ଦେଶର୍ ରଜା ବଲୁଛେ କେନ୍ କ୍ଷତ୍ରୀ ଗୁଟେ କାଣ୍ ମାରି ଦେଲା ଯେ କାଣ୍ ଆସିକରି ମୋର୍ ସିଂ ଦୁଆରେ ରହେଲା । ଯେନ୍ କ୍ଷତ୍ରୀ ଇ କାଣ୍‌କେ ଘିଚି ଦେବା ସେ ମୋର୍ କମ୍‌ଲାମତି ଝିକେ ବିହାହେବା । ଦେଶର୍ ସବୁ ବୀରମାନେ ଆସିକରି ଘିଚି ଦେଖିଲେ, ହେଲେ କେନ୍ ବି ନାଇଁ ପାରଲେ । ଏନ୍‌ତା କରି ସେ ଦେଶର୍ ସବୁ ଲୋକ୍ ସାରି ରହତ୍‌ନେ । ରଜାର୍ ଲୋକ୍‌ମାନେ ଏଲେ ଆରୁ ରଜାକେ କଏଲେ ହଜୁର, କେନ୍‌ନର୍ ଲୋକ୍ ଗୁଟେ ଆମର ସେ ଗଛତଲେ ଆଚେ, ତାର ସଙ୍ଗେ ଟଙ୍ଗିଆ ଗୁଟେ ଆରୁ ଧନୁ ଗୁଟେ ଧରିଛେ । ରଜା ସେ ପିଲାକେ ଧରି ଆନ୍‌ବା କାଯେ କହଲେ । ରଜାର୍ ଲୋକ୍‌ମାନେ ଗଲେ ଆରୁ ପିଲାକେ କହଲେ ଚାଲ୍ ରଜା ତୋକେ ଡାକୁଛନ୍ । ପିଲା କଏଲା ମୁଁଇ କେଁ ଦୋଷ୍ କଲି । ମୁଇଁ ଖାଲି ତମର୍ ଦେଶର୍ ଯେନ୍ ଫୁଟେ, କାଠ୍ ଖଣେତି ଭାତ୍ ରାନ୍ଧି କରି ଖଉଛେଁ । ତରମ୍ ଦେଶର କିଛି ନୁକ୍‌ସାନ୍ ନେଇ କରବାର୍ । ରାଜାର୍ ଲୋକ୍‌ମାନେ ବଲ୍ ଜବ୍‌ରି ପିଲାକେ ରଜା ପାଖିକେ ଧରିନେଲେ । ରଜା ପିଲାକେ କଏଲେ ଦେଖ ବାବୁ କେନ୍ କ୍ଷତ୍ରୀ ଗୁଟେ ଶର୍ ମାର୍‌ଲାଯେ, ହେଟା ଆସିକରି ଆମର ସିଂ ଦୁଆରେ ଲାଗି ଯାଇଛେ । ଆମର୍ ଦେଶର୍ ଯେତେ ବୀରମାନେ ଥିଲେ ସବେ ଗୁଟେ ଗୁଟେ କରି ଘିଚ୍‌ଲେ ହେଲେ କେନ୍ ବି ନେଇ ପାର୍‌ଲେ । ଯିଏ ଇ କାଣ୍‌କେ ଘିଚି ଦେବା ସେ ମୋର୍ କୋମଳମତୀ ଝିକେ ବିହାହେବା । ସେନୁ ପିଲା କଏଲା କେନ୍‌କେ ଅଛେ ସେ କାଣ୍ । ପିଲାର୍ ଦେହିନେ ତ ଅପର୍ ବଲ୍ ଶକ୍ତି ଅଚେ । ବାଘ୍‌ନିର ପନା ପି ପି କରି । ଦେଖେଇ ଦେଲାକେ ତୋ ଗଲା ଆରୁ ଭୋତ୍‌କୋ କରି ଘିଚି ଦେଲା କାଣ୍‌କେ । ସବୁ ଲୋକ୍ ଦେଖି ରହତ୍ । ସେନୁ ଦେଶର୍ ଲୋକ୍ ସବୁ ଜମା ହି ଗଲେ ସେନେ । ରଜା ଦେଖିଲେ, କଏଲେ ଏଡ୍ଡେ ବଡ଼ ରତି, ମହାରତି ବୀରମାନେ ହାରି ଗଲାଟାକେ ଇ କାହିଁର ପିଲା ଘିଚି ଦେଲା । ଇତ କେନ୍‌ତା ଦିଶୁଛେ । ଇତାକେ ମୋର ଝିକେ ନାଇଁ ଦିଏ । ସେନୁ ଗୁଟେ ବୀର କଏଲା ହେ କାଣ୍ ତୋ ଆମେମାନେ ଘିଚ୍‌ଲାକେ ହଲୁଥିଲାନା ସେଟାକେ ଇ ଘିଚିଦେଲା ଯେ କେଁ ବଡ୍‌କାମ କର୍‌ଲା । ରଜା ବି ସେ କଥାକେ

କଏଲେ । ପିଲା କଏଲା ଠିକ୍ ଅଛେ ମୁଇଁ ଇ କାଣ୍ ଯେନ୍‌ନେ ଥିଲା ସେନେ ଖୁଚି ଦଉଛେଁ । ତମର ଦେଶର୍ କ୍ଷତ୍ରୀମାନେ ଆସନ୍ ଆରୁ ଘିଚନ୍ । ପିଲା ଫେର୍ ଥରେ କାଣ୍‌କେ ଯେନ୍ ନେ ଥିଲା ସେନେ ଲଗେଇ ଦେଲା । କେତେନି କେତେ ବୀରମାନେ ଆଏଲେ ଆରୁ ଘିଚ୍‌ଲେ ହେଲେ କେନ୍ ବି ନେଇ ପାରି । ଶେଷ୍‌ନେ ସେ ପିଲା ଆର୍ ଥରେ ଘିଚ୍‌ଲା ।

ରଜା ଦେଖିଲେ କଏଲେ ପର୍‌ଜୁତ୍ ନେ ଇ ପିଲା ବୀର୍ ଏ । ଇତାର ସଙ୍ଗେ ମୋର କମ୍‌ଲାମତୀ ଝିକେ ବିହା କରିଦେବି ।

ରଜା ସବୁ ଠିକ୍ ଠୁକା କଲେ । ସବୁ ଲୋକ୍‌ମାନ୍‌କେ ଡାକ୍‌ଲେ ଆରୁ ସେ ପିଲା ସଙ୍ଗେ, କମ୍‌ଲାମତୀ କେ ବିହା କରି ଦେଲେ । ପିଲା କମ୍‌ଲାମତୀ ସଙ୍ଗେ ରଏଲା । ମାସେ ଦୁଇ ମାସ୍ ଗଲାକେ ପିଲା ରଜାକେ କଏଲା ଯେ ସେ ତାର୍ ଘର୍ ଯିବା ବଲି । ରଜା ତାକର ଲୋକ୍‌ମାନ୍‌କେ ଡାକ୍‌ଲେ । ସବୁ ଜିନିଷ ଲଦି ଲୁଦା ଦେଲେ ଆରୁ ରଜା ପିଲାକେ ଆରୁ ଟୁକିଲ୍ କେ ପଠେଇ ଦେଲେ । ପିଲା ଟୁକିଲ୍ ଆସ୍‌ବା ବେଲ୍‌କେ ଗୁଟେ ରେଜ୍ ପଡ୍‌ଲା । ସେ ଦେଶର, ରଜା ପିଲା ସଙ୍ଗେ ଯୁଦ୍ କଲା । ପିଲା ଯୁଦ୍ଧନେ ଜିତ୍‌ଲା ଆରୁ ସେ ରଜାର୍ ଟୁକିଲ୍, ପଦ୍ମାବତୀ କେ ବିହା ହେଲା । ସେନେ ବି କେତେ ଦିନ୍ ରଏଲା ଆରୁ ତାର୍ ଘର୍‌କେ ଯିବାକେ ବାହାର୍‌ଲାକେ ରଜା ଜିନିଷ ପତର, ଗାଡ଼ି ମାନ୍‌କେ, ଲଦି ଲୁଦା ଦେଲେ । ସେନୁ ପିଲା, ରାନୀ ଟୁକିଲ ଦୁଇଟାକେ ଧରି କରି ଚାଲ୍‌ଲା ଅଇଁଲାଗିରୀ ପରବତ୍‌କେ । ପରବତ୍ ପାଖିକେ ଆସ୍‌ବାକେ ବାଘମାନେ ଦେଖିକରି ନରହଲେ ପିଲା ପାଖକେ । ବାଘ୍‌ମାନ୍‌କେ ଦେଖିକରି ରାନୀ ଟୁକିଲ୍ ଦୁଇଟା ଆର୍ ଗାଡ଼ି ବାଲାମାନେ ଭାଗ୍‌ବାକେ ହେଲେ । ପିଲା କଏଲା ରହ ରହ, ଇ ବାଘମାନେ ମୋକେ କିଛି ନେଇଁ କରନ୍ । ଇମାନେ ମୋକେ ପର୍‌ଘାବାକେ ଆସୁଛନ୍ । ସେନୁ ସବୁ ଥେବ୍‌ଲେ । ତାର୍ ପଛେ ଚାଲ୍‌ଲେ ବାଘୁନି ପାଖିକେ । ବାଘୁନି ତ ଖବର୍ ପାଇ ରେ ନା । ଦେଖିଲା କେ ପିଲା ପାଖିକେ ଆଏଲା, ପିଲାକେ ପର୍‌ଘାଲା, ଦୁଇଟା ରାନୀ ଟୁକିଲ୍ କେ ପର୍‌ଘାଲା ଆରୁ ଗୁଁଫାକେ ଆନ୍‌ଲା । ସେନେ ଭୋଜି ହେଲା । ରଜାର୍ ଲୋକ୍‌ମାନେ ଖେଲେ ଆର୍ ପଲି ଆସ୍‌ଲେ । ବାଘୁନି, ପିଲା, ଟୁକିଲ୍ ଆର୍ ବାଘ୍‌ମାନ୍‌କେ ରଖି କରି ଆନନ୍ଦ୍‌ନେ ରଏଲେ ।

# ସାଲେବନ୍

ସାଲେବନ୍ ବଲି କରି ସାତ୍ ଭାଇ ଥିଲେ । ଖାଲି ବନ୍ ବୁଲା, ଜଙ୍ଗଲ୍ ବୁଲା ହେଲା ସେମାନଙ୍କର କାମ୍ । ଦିନେ ସାତ୍ ଭାଇର ବୁଆ ସେମାନ୍‌କେ କଏଲା ବାବୁ ତୁମେ ସାତ୍ ଭାଇ ଆଚ ଯେ କିଛି କାମ୍ ନେଇ କରବାର୍ । ତମେମାନେ ଜଙ୍ଗଲନୁ ଜଁତୁ ଗୁଟେ କି ଚିତା ଗୁଟେ ବି ନେଇ ମାରବାର୍ । ଆମର୍ ସମର୍ ମୋଡ଼ା କେ ହେଲେ ଦେଖା ଦେଖି କର, ଜୋତା ଜୋଡି କର । କିଛି ନେଇ ହେଲେ ଅଡ଼ିଆ ଦିଟା ତୋ ମିଲବା । ସେନୁ ବଡ଼ ଭାଇ ସାନ୍ ଭାଇ ମାନ୍‌କେ କଏଲା, "ଦେଖ ବାପାର୍ କଥା, କାଟର୍ କଥା, ଘାଟର୍ କଥା ଇଟା ଧରବାର୍ କଥା । ଅଲଗା ଭାଇମାନେ କଏଲେ ଦେଖ ଆମେ ସାତ୍ ଭାଇ ଅଛୁଁ । କିଏ ଜୁଏଲେନେ, କିଏ ନଙ୍ଗଲ୍‌ନେ ଜୋତା ବୁହା କର ଆର ଚାଲ ସେ ମୁଡ଼ାକେ କୁରଲା ବନ୍ଧା କରମୁଁ । ସେ ମୁଡ଼ା କେତେ ଦିନନୁ ଫାରି ରି ରେହେ । ତାକେ ଯେଇ କରି ହଲ୍ ନଙ୍ଗଲ୍ ନି କରି କୁରଲା ବନ୍ଧା କଲେ । ସେମାନକର୍ ସାନ ଭାଇ କ୍ଷତ୍ରୀ ଅଂଶେ ଜନମ୍ ହି ଥିଲା । ଭାଇମାନେ କହେଲେ ସାନ୍ ଭାଇ ତୋ ନଙ୍ଗଲ୍ ଛାଡ଼ି କରି ଠିଆ ହିଛେ । ନାଇଁ ମଝିଆ, ବଡ୍ ମଝିଆଁ, ସାନ୍ ମଝିଆଁ ଇ ସାନ୍‌କେ ମାରି ଦେବାକେ ପଡ଼ବା । ବଡ୍ ମଝିଆଁ, ସାନ୍ ମଝିଆଁ କଏଲେ ଘରକେ ଗୁଟେ, ସାନ୍ ଲୋକ୍‌କେ ପଟେ । ଗୋରୁ ମାନକର ଭିତ୍‌ରେ ଷଣ୍ ଗୁଟେ ଥିଲେ କେନ୍‌ତା ଦିଶୁଛି ? ସାନ୍ ଭାଇ କ୍ଷତ୍ରୀ ଯେ କେଁ ହେଲା ? ସେ ବି ଥୋ । ବଡ଼ ଭାଇ କଏଲା ତମେ ଯଦି ନେଇ ମାନ ବେଲେ ସେବ୍‌କେ ମୁଇଁ ମାରି ଦେମି । ଭାଇମାନେ କଏଲେ କେନ୍ତା କରି ତାକେ ମାରମୁଁ ? ବଡ଼ ଭାଇ କଏଲା ତାକେ ଜଙ୍ଗଲ୍ କେ ବୁଲେଇ ନେମୁଁ, ନୀଳଗିରୀ ପର୍ବତ୍ କେ ନେମୁଁ । ସେନୁ ସାନ୍ ଭାଇକେ ଛାଡ଼ିକରି ଅଲଗା ଭାଇମାନେ ଘରକେ ଫିରଲେ । ଘରେ ସବେ ଖାଇ ପି କରି ସାନ୍ ଭାଇ ସଙ୍ଗେ ସବ୍ ଭାଇମାନେ ଜଙ୍ଗଲ୍ ବୁଲି ବାହାରଲେ । ଜଙ୍ଗଲ୍‌ର, ଭିତରକେ ଗଲେ । ଗୁଟେ ଜାଗାନେ ଭାଇମାନେ ସାନ୍‌ଭାଇକେ କଏଲେ ଜଙ୍ଗଲ୍ ବାର ପରଲ୍ ଆଚେ । ତୁଇ ଇ ପାଖେ ଜଗିଥା, ବାଗ୍ ଆସୋ, ଭାଲୁ ଆସୋ,

ଯେତେ ଯଁତୁ ଆସୁ ସବ୍‌କେ ମାର୍‌ବୁ ଆରୁ ଜଗିଥିବୁ । ସାନ୍ ଭାଇ କଏଲା "ନେଇ ଦଦା ମୋକେ ଡର୍ ଲାଗୁଛେ, ବାଘ୍ ଭାଲୁ ଆଏଲେ ମୋକେ ମାରି ଖାଇଦେବା ।" ଭାଇମାନେ ତାର୍ କଥା ନେଇ ମାନି ଆରୁ ତାକେ ସେନେ ଜଗିଆ ଦେଲେ । ଆରୁ ସବୁ ଭାଇ ସବେ ପାରଧି ଆନିଗଲେ ।

ଛକି ଆନ୍‌ତେ ଆନ୍‌ତେ ପ୍ରଥମେ ବାଘ୍ ଆଏଲା । ଆରୁ ପିଲାକେ ଦେଖ୍‌ଲା । ପିଲାକେ ଦେଖି କରି ବାଘ୍‌ମାନେ ମାରି ଦେବାନା ବଲି କରି ହାତ ଯୋଡ଼ି ଦେଲା । ପିଲା ଦେଖ୍‌ଲା ଆରୁ ଭାବ୍‌ଲା ଏଡ଼େ ଯଁତୁ ମୋକେ ହାତ୍ ଯୋଡୁଛେ ତାକେ ନେଇ ମାରେ ବଏଲା ଆରୁ ଛାଡ଼ି ଦେଲା । ସେଠାନୁ ଭାଲୁ ଆଏଲା । ଭାଲୁ ଫୁନି ହାତ୍ ଯୋଡ଼ି ଦେଲା । ଏନ୍‌ତା ଏନ୍‌ତା ଯେତେ ଜଁତୁ ମାନେ ଆଏଲେ ଆରୁ ହାତ୍ ଯୋଡ଼ି ଦି କରି ପଲାଲେ । ଭାଇମାନେ ଫିର୍‌ଲେ ସାନ୍ ଭାଇ ପାଖ୍‌କେ ଆରୁ ପଚାର୍‌ଲେ କେନ୍‌ତା ଭାଇ ବାଘ୍, ଭାଲୁ, ବରା, ମାର୍‌ଲୁ କି ନାଇଁ, ପିଲା କଏଲା ନେଇତୋ ନେଇ ଆସ୍‌ବାର୍ କେନ୍ ଯଁତୁ ବି । ସେନୁତ ଅଲ୍‌ଗା ଭାଇମାନେ ସାନ୍ ଉପରେ ରାଗି ଗଲେ ଆରୁ ତାଙ୍କର୍ ହତିଆର୍‌ନେ ସାନ୍ ଭାଇର୍ ଦୁଇ ହାତ୍ ଗୋଡ୍‌କେ ହୁଁଡ଼ା କରି ଦେଲେ ଛେଦି । ଟେର୍ ଦିଗ୍‌କେ ଫିକି ଦେଲେ ଆରୁ ସବ୍ ପଲି ଆଏଲେ ଘର୍‌କେ । ବେଲ୍ ବୁଡ଼ାକେ ଘର୍‌କେ ପହଁଚ୍‌ଲେ । ଘରେ କୋଶ୍‌ଲା ଦେଇ ବଲି ତାର୍ ବହେନ୍ ଗୁଟେ ଥିଲା । ସେ ସାତ୍ ଭାଇ ଭିତ୍‌ରେ ଗୁଟେ ବହନି । ବହେନ୍ ପଚାର୍‌ଲା "ବଡ଼ ଦଦା, ସାନ୍ କେତ୍ତା ନେଇ ଆସ୍‌ବାର୍ । ବଡ଼ ମଝିଆଁ, ସାନ ମଝିଆଁ, ମଝିଆଁ ଦଦା ସାନ୍ କେତ୍ତା ନେଇ ଏଲା ?" ଭାଇମାନେ କଏଲେ ନେଇତ ନନୀ ସାନ୍ ତୋ ଆମର୍ ସଙ୍ଗେ ନେଇ ଯେଇ, କେନ୍‌ବାଟ୍ ବୁଲି ଯେଇ ରେବା । ସବେ ଦେଖ୍‌ଲେ ଯେ ସାନ୍ ତୋ ରେବ୍ ଭର୍‌ବି ନେଇ ଆସି । ବହେନ୍ କୁକୁର୍ ଦୁଇଟା ପୋଷିଥିଲା ଆରୁ ପୋଷ୍ ମନେଇ ଥିଲା । ସକାଳେ ଦୁଇଟା କୁକୁର୍ କେ ଧର୍‌ଲା ଆରୁ ବହନି ସାନ୍ ଭାଇକେ ଡଗ୍‌ରି ଗଲା । ଯାତେ ଯାତେ ଯାତେ ଜଙ୍ଗଲ୍ କେ ପହଁଚି ଗଲା । ଦୁଇ ବାଟେ ଦୁଇଟା କୁକୁର୍ ମଝିନେ ବହେନ୍ ଅଛେ । ବହେନ୍ ଭାଇକେ ଡାକ୍ ଦେଲା ।

ଭାଇ ବଲେ ଭାଇରେ ମୋର୍ ସାନ୍ ଭାଇ
କେନ୍ ଲଗେ ଅଛୁ ତୁଇ କେନ୍ ଲଗେ ଅଛୁରେ ।
ତୋର୍ ଲାଗି ଭାଇ ଖୋଜି ଆସି ଆଁଚେ ଭାଇ
ଖୋଜି ଆସି ଆଚେରେ ।
ନଲେ ସେ ଆଚୁ କି ଭାଇ ଗଚେ ସେ ଆଛୁରେ ।
ଡୁଙ୍‌ଗେ ସେ ଆଚୁ କି ଭାଇ ହିଟି ସେ ପଲୁରେ ।
ମରି ସେ ଗଲୁକି ଭାଇ
ଜୀବ ଆଚେ ନାଇଁ ଭାଇରେ ।

ଇ ଗୀତ ଗାଇ ଗାଇ କରି ବହେନ୍ ସାନ ଭାଇକେ ଖୋଜୁଛେ । ଦୁଇ ବାଟେ ଦୁଇଟା କୁକୁର୍ ବି ଖୋଜୁଛନ୍ ।

ତାର୍ ଭାଇ କେତୋ ବଡ଼ଭାଇମାନେ ଗୋଡ଼ ହାତ ଡୁଁଡ଼ା କରି ଦିରହତ୍ । ବସି ପାର୍‌ବାକେ ନେଇଁ କି ଉଠି ପାର୍‌ବାକେ ନେଇଁ ହେଲେ ଜୀବନ୍ ଆଚେ । କୁକୁର୍ ଦୁଇଟା ଆରୁ ବହେନ୍ ଖୋଜୁଚନ୍ । ବହେନ୍ କାନ୍ଦି କାନ୍ଦି କରି ତାର୍ ସାନ୍ ଭାଇକେ ଡାକ୍ ଦଉଛେ ।

ଭାଇ ଭାଇରେ ସାନ ଭାଇ ମୋର ସାନ ଭାଇ ହେ ।
କେନ୍ ଲଗେ ପଡ଼ିଛୁ ଭାଇ ଓ କରିଯାରେ
ତୋର୍ ଲାଗି ଭାଇ ଦିନ୍‌ରେତ୍ ଭାଇ ଅନ୍ନ ଜଳ ନେଇ ଭାଇ
ଆଖି ନିଦ୍ ନାଇ ଭାଇରେ ।

ସାନ୍ ଭାଇ ଇ ଡାକ୍‌କେ ଶୁନି ପାର୍‌ଲା ଆରୁ କଏଲା ଇଟା ତୋ ମୋର୍ କୋଶ୍‌ଲା ବହେନ୍ ଡାକୁଚେ, ମୋକେ ଖୋଜି ଆସି ରେ ବାନେ । ମୁଇଁ ଯଦି ଏବେ ଓ କରି ଦେବି ବେଲେ ମୋର୍ ଇ ଅବସ୍ଥାକେ ଦେଖିବା ଆରୁ ତାର୍ ଜୀବନ୍ ଛାଡ଼ି ଯିବାନା । ଇବାଟେ ବହେନ୍ କାନ୍ଦି କାନ୍ଦି ଡାକୁଛେ : -

ଭାଇ ଭାଇ ହୋ ସାନ୍ ଭାଇ କେନ୍ ଲଗେ ଆଚୁ ଭାଇ
କେନ୍ ଲଗେ ଆଚୁରେ
ତୋର୍ ଲାଗି କାନ୍ଦି କାନ୍ଦି ଭାଇ, ତୋକେ ଖୋଜି ଆସିଛେଁ ହୋ

ମୁଇଁ ଟୁକିଲ୍ ପ୍ରାଣୀ ଇ ନୀଳଗିରୀ ପର୍ବତ୍ କେ
ଖୁଜି ଆସି ଆଚେ ଭାଇ
ତୋର୍ ଲାଗି ଅନ୍ନ ଜଳ ନାଇ ଖାଇନା ଭାଇ ।

ପିଲା ତାର୍ ସାନ୍ ବହ୍‌ନିର ଡାକ୍‌ତେ ଶୁନ୍‌ଲା ଆରୁ କଏଲା ମୁଇଁ ଯଦି ଓ ନେଇଁ କରେ ବେଲେ ମୋର୍ କୋଶ୍‌ଲା ବହେନି ଖୋଜି ଖୋଜି ହଏରାନ୍ ହି ଯିବା ଯେନ୍ତା ହେଲେ ହଉ ଓ କରି ଦେସି । ହେତ୍ କି ବେଲ୍‌କେ ବହେନ୍ କଏଲା - ଭାଇ ବଲେ ଭାଇରେ କେନ୍ ଲଗେ ଅଚୁ ? ପିଲା କଏଲା, "ଇଲଗେ ଅଛେଁରେ ବନି ବଲ୍‌ବାକେ ଦୁଇଟା କୁକୁର୍ ସେନେକେ ନର୍‌ଦି ଗଲେ ଆର ଆଗପଛ ହି କରି ବସି କରି ପିଲାର୍ ଅବସ୍ଥାକେ ଦେଖି କରି କାନ୍ଦି ଦେଲେ । ବହେନ୍ ବି ସେନେକେ ଆଏଲା ଆରୁ ସାନ୍ ଭାଇର୍ ଅବସ୍ଥାକେ ଦେଖିଲା ଆରୁ ସମ୍ଭାଳି ନେଇ ପାର୍‌ଲା ଆରୁ ତାର, ଆଖିର୍ ଧାରା ବହିଗଲା ଯେ ଥେବ୍‌ଲା ନେଇନା ଟୁକିଲ୍ କାନ୍ଦି କାନ୍ଦି କହେଲା -

ଏ ଭାଇ ବଲୁଛେଁରେ ଭାଇ ହୋ
କେନ୍ ତୋକେ ଦୁଶ୍‌ମନ୍ ବଏରି କଲା ଭାଇ
କେନ୍ ତୋକେ ଭାଇ, ତୋର୍ ଚେର୍, ହାତ ଗୋଡ୍
ହାଣି ଦେଲା ଭାଇ ।
ଏଡ଼େ ଗୁଲ୍ ଗୁଲା, ଦୁଖ୍ ଦଶା କିଏ ଦେଲା ଭାଇରେ ।
ଧନ୍ୟ ଧନ୍ୟ ଭାଇ ତୋର୍, ଜନମ୍ ହୋ
ଧନ୍ୟ ଧନ୍ୟ ଭାଇ ତୋର୍ କରମ୍ ହୋ
ଜୀବ ଯେତେବେଳେ ତୋର ଆଚେ ଯେ ଭାଇ ।

ପିଲା ତାର୍ ବହନି କେ କଏଲା "ଏ ମୋର ବହେନ୍ ତୁଇ ନାଇଁ କାନ୍ଦ୍ ମୋର ବହେନ୍ । ଯେତେବେଳେ ମୋର ସାତ୍ ବହନି ଥିଲେ, ଛ ଭାଇ ବଁଚ୍‌ଲେ । ମୋର ଛ ଭାଇ ମୋକେ ଜଙ୍ଗଲ୍ ବୁଲେଇ ଆନ୍‌ଲେ ଆରୁ ଜଗିଆ ଦି କରି ମୋକେ ଜଁତ୍ କୁର୍‌ରା ମାର୍‌ବୁ ବଏଲେ । ଜୀବ ଜଁତୁମାନେ ଆଏଲେ ଆରୁ ମୋକେ ଜୁହାର୍ କରି ଶରନ୍ ପଶ୍‌ଲେ ଆରୁ ପଲିଗଲେ । ମୋର୍ ବଡ଼ ଭାଇମାନେ ଜୀବଜଁତୁ କେ ଛପି ଛପି ଆନ୍‌ଲେ ମୋକେ ପଚାର୍‌ଲେ ଜୀବ ଜଁତୁ ମାର୍‌ଲୁ କେ ବଲି ।

ମୁଇଁ କେନ୍‌ସି ଜୀବ ବି ନାଇଁ ଆସ୍‌ବାର୍ ବଏଲାକେ ମୋର୍ ଗୋଡ଼ ହାଦ୍ ମାନ୍‌କେ କାଟି ଦି କରି ତୋର୍ ଢିଗ୍‌କେ ଫିକି ଦେଲେ । ମୁଇଁ ଇନେ ଦୁଖେ କଷ୍ଟେ ପଡ଼ିଛେଁ, ତୁଇ ଆସ୍‌ଲୁ । ବହେନ୍ କଏଲା "ଏ ଭାଇ ଗୁଟେ କଥା କହୁଛେଁ ଭାଇ, ତୋକେ ବୋହି ନେସି ଭାଇ ଘର୍‌କେ" ପିଲା କଏଲା "ନେଇ ମୋର୍ ବହେନ୍ ମୁଇଁ ତୋର୍ ସଙ୍ଗେ ନେଇ ଯେଁନା, ମୋର୍ ତ ଗୋଡ୍ ହାଦ୍ ନେଇ ଏ । ତୁଇ ଘର୍‌କେ ଯା, ତୋକେ ଯେତେବେଳେ ତୋର୍, ଶସୁର୍ ଘର ନେବ ହେଦ୍‌କିବେଳେ ତୁଇ ଗୁଟେ ତୁଲ୍‌ସୀ ବୁନ୍ଦ୍ ନେବୁ ଆରୁ ତୋର୍ ଘର୍ ସାମ୍‌ନା ନେ ରୁପି ଦେବୁ ଯେ ପେନ୍ ପୁନା ନେଇ ଦେବୁନା । ସବୁଦିନ୍ ତୁଲ୍‌ସୀ ଗଛକେ ଦେଖିବୁ । ଯେନ୍ ଦିନେ ତୁଲସୀ ଗଛ ମରିଯିବା, ବେଳେ ତୁଇ ଯାନ୍‌ବୁ ମୁଇଁ ମରିଗଲିନା ବଲିକରି । ଯେତେଦିନ୍ ତକ୍ ତୁଲସୀ ଗଛ ଜିଁତା ଥିବା ସେତେଦିନ୍ ତକ୍ ମୁଇଁ ନେଇଁ ମର୍‌ବାର୍ ବୋଲି ଜାନବୁସ୍ ।"

ବହେନ୍ ଘର୍‌କେ ଫିର୍‌ଲା ହେଲେ ତାର ଦାଦା ମାନ୍‌କେ କିଛି ନେଇଁ କଏବାର୍ । ଭାଇ ମନେ ମନେ ଠୁଁଟା ଜଗନ୍ନାଥ୍‌କେ ସମ୍‌ରନା କଲା ଆରୁ କଏଲା ହେ ମାଁପୁରୁ ମୋର୍ ଗୋଡ୍ ହାତ୍‌ତୋ ଡୁଁଡ଼ା ହି ଗଲା, ହାତେ ପୋକ୍ ମାଛି ବସ୍‌ଲାନା, ଗୋଡ଼େ କିରା ପତେଙ୍ଗା ହି ଗଲାନା, ମୋକେ କେନ୍ ଜିଁତୁ ହେଲେ ଖେଇ ଦେତା ପ୍ରଭୁ । ଏନ୍ତା କରି କରି ଈଶ୍ବର୍ ପାର୍‌ବତୀକେ ସମ୍‌ରନା କଲା । ଈଶ୍ବର୍, ପାର୍‌ବତୀ ହେଦ୍‌କି ବେଲ୍‌କେ ସରଗ୍ ଭୁବନେ ଜୁଆ ଖେଲୁ ରହତ୍ । ଜୁଆ ଖେଲ୍‌ତେ ଖେଲ୍‌ତେ ପିଲାର୍ ଡାକ୍‌କେ ଈଶ୍ବର ପାର୍‌ବତୀ ଶୁନି ପାର୍‌ଲେ । ପାର୍ବତୀ କହଲେ, ଭଗବାନ୍ ତମେ କିଛି ନେଇ ଶୁନିପାର୍‌ବାର, କେଁ ? ତମେ କିଛି ହାଲ୍ ଚାଲ୍ ନେଇ ବୁଝବାର୍ ନେ କେଁ ? ଇ ସରଗପୁର, ପାତାଲ୍ ପୁର ମଞ୍ଚପୁର ପଞ୍ଚପୁର୍‌ନେ କିଏ ଗୁଟେ କାନ୍ଦୁଛେ ଯେ ସାରା ଜଙ୍ଗଲ୍ କାନ୍ଦି ଯଉଛେ । ଇଟା ପୁନି ତ ଟିକେ ବୁଝବାର କଥାଏ । ସେନୁନ୍ ଈଶ୍ବର ପାର୍‌ବତୀ ଧେଁଲେ ଯେ ମଞ୍ଚପୁରେ ପହଁଚ୍‌ଲେ । ପିଲାକେ ଦେଖ୍‌ଲେ ହାଦ୍ ଗୋଡ୍ କାଟି ଦିଆଯାଇଛେ । ସେନୁ ଈଶ୍ୱର ମାଁପୁରୁ କଏଲେ ଯେ ଚକର ପବନ୍‌କେ ଡାକୁ ଯେ ଇତାକେ ଉଡ଼େଇ ନେବା । ସେନୁ ଚକର ପବନ କେ ଡାକ୍‌ଲେ । ଚକର୍ ପବନ୍ ଆଏଲେ ଆରୁ କଏଲେ କେଁ ହେଲା ମାଁପୁରୁ ଏଜ୍ ନେଇଁ କେଲ୍ ନେଇ ମୋକେ କେଁ ହେଲା ଯେ ଡାକ୍‌ଲ ? ଈଶ୍ବର ମାଁପୁରୁ କଏଲେ ଦେଖି ଦେଖି ଇ ଅବସ୍ଥା, ଇ

ଗୁଲ ଗୁଲା । ତାର ଭାଇମାନେ ହାତ୍ ଗୋଡ଼୍‌କେ କାଟି ଦିଛନ୍, ବିଚ୍‌ରା କେତେ ଦୁଖ୍ କଷ୍ଟ ପାଉଛେ । ଦେଖ୍ ଇତାକେ ତମେ ଉଡ଼େଇ ନିଅ ଯେ ବାନିଆ ପୋଡ଼୍ ବଲି ରେଙ୍ଗ୍ ଗୁଟେ ଆଚେ, ସେ ରେଙ୍ଗ୍‌ନେ ରଜାର୍ ଝି ଗୁଟେ ଆଚେ ଯେ ବାର ବରଷ ହେଲାନା ଆଚେ, ସେ ଘରର୍ ମାଲେନ୍ ବୁଢ଼ି ଗୁଟେ ଆଚେ, ଆରୁ କେଡ଼େନି କେଡ଼େ ଫୁଲ୍ ବଗିଚା ଆଚେ, ଇ ପିଲାକେ ସେନେ ବଗିଚାନେ ଛାଡ଼ି ଦେବୁ । ଚକର୍ ପବନ୍ ନି କରି ସେ ଫୁଲ୍ ବଗିଚାନେ ଛାଡ଼ି ଦେଲା ।

ତାର୍ ଆର୍ ଦିନ ସାକାଲୁ ମାଲେନ୍ ବୁଢ଼ି ଫୁଲ ତୁଲ୍‌ବାକେ ଆଉଛେଁ ଯେ ତୋ ଫୁଲ୍ ବଗିଚା ଗନ୍ଧି ଯଉଛେ ନା । ସେ ମାଲେନ୍ ବୁଢ଼ୀ ଗୁଏଲ୍ ଦଉଛେ, କେନ୍ ଗିଏସେ, ବୁଢ଼୍‌ରାସେ, ଛେଲ୍ ସେ, ମେଢ଼ାସେ ମରିଯିବାକେ ଆନି କରି କେନେ ଇ ରଜାର୍ ଫୁଲ୍ ବଗିଚାନେ ଫିକି ଦିଛେନା ବଲୁଛେ । କେନେ ଫିକିଛେ ବଲି କରି ଗୁଏଲ୍ ଦେତେ ଦେତେ, ଫୁଲ୍ ତୁଲ୍‌ତେ ତୁଲତେ ଆଗ୍‌କେ ଆଗ୍‌କେ ଯଉଛେ । ସେନୁ ମାଲେନ୍ ବୁଢ଼ି ସେ ଡଂଡା ପିଲାକେ ଦେଖ୍‌ଲା ଆରୁ କଏଲା ଏ ତୁଇ କିଏରେ ଇ ଫୁଲ୍ ମାନ୍‌କେ ତୁଲୁଛୁ ଯେ । ପିଲା 'କଏଲା ମୋକେ ନେଇ ହୁର୍ ବଡ଼େ ହୁରାହୁରି, ମରାମୁରି ନେଇ କର, ମୁଇଁ ଯିବିନା । ମାଲେନ୍ ବୁଢ଼ି କଏଲା ଦେଖ୍ ଏଙ୍ଗ୍ ତୋକେ ଛାଡ଼ି ଦଉଛେଁ କେଲ୍‌କେ ଆସ୍‌ବୁ ନେଇଁ ସେନୁନ୍ ବୁଢ଼ି ସବୁ ଫୁଲ୍‌କେ ତୁଲ୍‌ଲା ଆରୁ ଧରି କରି ମାଝୀ ପରା, କୁମାର୍ ପରା, ଗଉର୍ ପରା ସବୁ ବାଟ୍ ବିକ୍‌ଲା ଆରୁ ଆସି କରି ରଜାଘର୍ ସିଂ ଦୁଆରେ ପହଁଚ୍‌ଲା । ଫୁଲ୍ ଘିନ୍ ଗୋ ରାନୀମା ବଲ୍‌ତେ ବଲ୍‌ତେ, ରାନୀ ଟୁକିଲ୍ ତ ଧାଇଁ ଆସଲାନା ଫୁଲ ନେବାକେ । ଦେଖଲା ଯେ ବନେ ଫୁଲ ନେଇନା ସବୁ ତ ମାଲେନ୍ ବୁଢ଼ି ଆଗରନୁ ବିକି ଦି ସାରିଛେନା, ରାନୀ ଟୁକିଲ୍ ମାଲେନ୍ ବୁଢ଼ି କେ ହୁର୍‌ଲା ଆରୁ କଏଲା କାଲ୍‌କେ ପହେଲା ଇନେକେ ଆନ୍‌ବୁ । ସେନୁ ମାଲେନ୍ ବୁଢ଼ି ପଲି ଆଏଲା ।

ତାର୍ ଆର୍ ଦିନ୍ ସକାଳେ ମାଲେନ୍ ବୁଢ଼ି ଫୁଲ୍ ତୁଲି ଆସ୍‌ଲା । ଇଫାଲ୍ ସେ ପିଲା ହାତ୍ ନେଇ କି ଗୋଡ଼୍ ନେଇ କେନ୍‌ତା କରି ଫୁଲ ମାନ୍‌କେ ସଜେଇ ସଜେଇ ମାଲ୍ ଗୁଥି ଦିଛେ । ବୁଢ଼ି ଗଲାକେ ଦେଖ୍‌ଲା ଯେ କେର୍ କେଚା ଗନ୍ଥୁଛେ ସେ କଏଲା ନେଇଁ ଯେଇ ଥିବାରେ ଗଙ୍ଗାଦୀର ପିଲା ବଏଲା ଆରୁ ଡୁଂଡା

ପିଲାକେ ଜୁରି ଜୁରି ଆସ୍‌ଲା । ପିଲା ତାକେ କଏଲା ମୋକେ ହୁରାହୁରି ନେଇଁ କର ବଡ଼େ । ଇଫାଲ୍ ଆ ଇଟା ନେବୁସ୍ କଏଲା ଆରୁ ଫୁଲ୍ ମାଲ୍‌କେ ଦେଖେଇ ଦେଲା । ସେନୁ ବୁଢ଼ି ଫୁଲ୍ ମାଲ୍‌କେ ଦେଖ୍‌ଲା ଆରୁ ଖୁସ୍ ହି ଗଲା । ଆରୁ କଏଲା ଏଇ୍ ଇ ଫୁଲ୍ ମାଲାକେ ଏକା ରାନୀ ଟୁକିଲ୍‌ର ମନ୍‌କେ ପେବା ନା, ଇଟାକେ ଦେବି । ସେନୁ ଫୁଲ୍ ତୁଲ୍‌ତେ ତୁଲ୍‌ତେ ଫୁଲ ମାଲାକେ ଧର୍‌ଲା ଆରୁ ପହ୍‌ଲେ ରାନୀ ଟୁକିଲ୍ ପାଖ୍‌କେ ଗଲା । ବୁଢ଼ି ଡଲାନେ ଅଲ୍‌ଗା ଫୁଲ୍‌ମାନ୍‌କେ ରଖ୍‌ଥେ ଆରୁ ସେ ମାଲାକେ ତାର୍ ଆଁଟା ପଣତ୍ ନେ ରଖ୍‌ଥେ । ରାନୀ ଟୁକିଲ୍ ଦେଖ୍‌ଲା ଆରୁ ତୋ ଭଡ଼କୋ କରି ମାଲାକେ ଘିଚ୍‌ଲା ଆରୁ ଦେଖ୍‌ଲା ଯେ ବିନ୍ ସୁତାର ମାଲ୍ । ସେନୁ ମାଲେନ୍ ବୁଢ଼ିକେ ପଚାର୍‌ଲା ଇ ବିନ୍ ସୁତାର ମାଲ୍ କିଏ ଗୋଥିଛେ ବଲି । ବୁଢ଼ି ମୁଇଁ ଗୋଥିଛେଁ ବଏଲାକେ ବିଶ୍ୱାସ ନେଇ କରି । ଶେଷନେ ବୁଢ଼ି କଏଲା ନେଇଁ ହୋ ରାନୀ ଟୁକିଲ୍ ମୋର ପୋ ଗୋଟେ ଆଇଛେ ଯେ ସେ ଗୁଥିଛେ । ସେ ରାନୀ ଟୁକିଲ୍ କଏଲା ହେନ୍‌ତା ହେଲେ ତୋ ସେମାନେ ସମାନ୍ ଲୋକ୍ ନେଇଁ ସେ, ସେ ଭଗବାନ୍ ସମାନ୍ ଲୋକ୍ ଏ । ରାନୀ ଟୁକିଲ୍ ମାଲେନ୍ ବୁଢ଼ିକେ କଏଲା ଯା ତୁଇ ତାକେ କଏବୁ ଭଗ୍‌ବାନ୍‌ର ଘଟ୍‌ନା ଆଚେ ବଏଲେ ହି ପାର୍‌ବା । ସେନୁ ଟୁକିଲ୍ ମାଲେନ୍ ବୁଢ଼ିକେ ପାଁଚ୍ ମାନ ଚଉଲ୍, ମୁଗ୍, ଦେଲ୍, ଶାଗ୍ ଶବ୍‌ଜି ଧରିକରି ବୁଢ଼ି ପାଖ୍‌କେ ଆନି କରି ଦେଲା । ଆରୁ କଏଲା ଯା ତୋର୍ ଇ ମାଲ୍ ଗୁଥି ଦି ଥିବାର୍ ପୋକେ ବନେ କରି ରାନ୍ଧି କରି ଖେବାକେ ଦେବୁ । ବୁଢ଼ି ତୋ ସର୍‌ଧା ହି ଗଲାନା । ବୁଢ଼ି ମନ୍‌କେ ମନ୍ ଭାବ୍‌ଲା ରେତ୍ ଦିନ୍ ଫୁଲ୍ ବିକି ବିକି ବୁଲ୍‌ସି ଯେ ତୋ ଏତ୍‌କି ଚଉଲ ନେଇ ମିଳେ । ଏଇ୍ ଇ ଫୁଲ୍ ମାଲ୍ କାଯେ କେତେ ଯେ ମିଲିଛେ ବଲି ମନ୍‌କେ ମନ୍ ଖୋବ୍ ସର୍‌ଧା ହେଲା ।

ବୁଢ଼ି ଘରେ ବନେ କରି ରନ୍ଧା ରନ୍ଧି କଲା ଆରୁ ଡୁଁଡ଼ା ପିଲା କାଯେ ଖେବାକେ ଭାତ୍, ମଂଗ୍ ଶାଗ୍, ଦେଲ୍ ନି ଦେଲା ପିଲାକେ ଖେବାକେ ଡାକ୍‌ଲା କେ ପିଲା ନେଇଁ ଖେଁ ବଏଲା । ବୁଢ଼ି କଏଲା ନେଇ ହୋ ମୁଇଁ ତୋକେ ହୁର୍‌ଲି ଯେ ନେଇ ଖେବାର୍ କେଁ ? ପିଲା କଏଲା ତୁଇତ ଫୁଲ୍ ବିକି ବିକି ବଁଚିଛୁ ଆରୁ ମୋର୍ କାଯେ କେଁ କାଯେ ଆନିଦିଛୁ ? ତୁଇ ରାନ୍ଧ୍‌ଲୁ ତୁଇ ବାଢ଼୍‌ଲୁ ନେ ତୁଇ ଖେବୁନା ବଏଲାକେ ବୁଢ଼ି ପିଲାର୍ ପାଖେ ଭାତ୍, ଦେଲ୍, ଶାଗ୍ କେ ରଖ୍‌ଦେଲା

ଆରୁ ପଲାଲା । ପିଲା ଭାବ୍ଲା ନେଇଁରେ ବୁଆ ମୁଇଁ ଇ ବଗିଚାନୁ ନେଇ ଯିବାର୍ ଯେ ବିଷ ମିଶେଇ କରି ଭାତ୍ ଆନି ଦିଛେ ବୁଢ଼ି, ମୁଁ ମରିଯିବି ବଲି କରି । ସେନୁ ପିଲା ଦେଖ୍ଲା ଯେ ତାର୍ ପାଖେ ପାଖେ ଚୁଟି ମୂଷା ଗୁଟେ ବୁଲୁଛେ, ସେ ମୂଷାକେ ଭାତ୍, ଦେଲ୍ ଶାଗ୍ ଖଣେ ଖଣେ ଖେବାକେ ଦେଲା । ଦେଖ୍ଲା ଯେ ମୂଷା ନେଇ ମରି ତୋ ପିଲା ଭାତ୍, ଦେଲ, ଶାଗ୍ ଖେଲା ।

ଇପାଲ୍ ରାନୀ ଟୁକିଲ୍ ତ ବିନ୍ ସୁତାର ମାଲ୍କେ ଦେଖି କରି ଯେନେ ମାଲ୍ ଗୁଥିଛେ ତାକେ ମନେ ମନେ ପସନ୍ଦ କଲା ଆରୁ ତ ନେଇ ଖେଇ, ନେଇ ପି କରି, କବାଟ୍ ବନ୍ଦ କରି କରି ତାର୍ ଘର ଭିତ୍ରେ ପଡ଼ି ରହି କରି ରୁଷି ବସ୍ଲା, ଫଟ୍ କଲା । ରାଜାର୍ କାନ୍କେ ରାନୀ ଟୁକିଲ୍ ଫଟ୍ କର୍ବାର୍ କଥା ଗଲା । ରଜା କଏଲେ ଯାହା ବୁଝ କେଁ ବଲୁଛେ ଯେ ? ଦାସୀମାନେ ଆସ୍ଲେ, ପଚାର୍ଲେ ରାନୀ ଟୁକିଲ୍ କଏଲା ରେଜ୍ର ସବୁ ଲୋକ୍କେ ଡାକ ମୁଇଁ ବର ଖଂଜ୍ମି । ସେନୁ ରଜା ରେଜ୍ର ସବୁଲୋକ୍ କେ ରାଜ୍ ବାଟିକେ ଡାକ୍ଲେ । ଇ ବଲୁଛେ ମୁଇଁ ବିହା ହେମି, ସେ ବଲୁଛେ ମୁଇଁ ବିହା ହେମି । ଏନ୍ତା କରି ସବୁଲୋକ୍ ରାଜ୍ ବାଟିକେ ଆସ୍ଲେ । ରାନୀ ଟୁକିଲ୍ କେ ବିହା ହେବା କାଯେ ସବ୍କର, ମନ୍ ତଲ୍ ମଲ । ସବୁଲୋକ୍ ଆସ୍ଲାକେ ରାନୀଟୁକିଲ୍ କେ ଖବର୍ ଦେଲେ । ରାନୀ ଟୁକିଲ୍ ଆସ୍ଲା, ଦେଖ୍ଲା ଆରୁ କଏଲା ସବୁ ଆସ୍ଲେ ଯେ ଗୁଟେ ଲୋକ୍ ନେଇ ଆସ୍ବାର । ରଜା ପଚାର୍ଲେ କେନେ ନେଇ ଆସ୍ବାର୍ । ଟୁକିଲ୍ କଏଲା ମାଲେନ୍ ବୁଢ଼ିର୍ ପୋ ନେଇ ଆସ୍ବାର୍ । ରଜା ତାକର୍ ପାହାର୍ଦାର୍ ମାନ୍କେ ଡାକ୍ଲେ ଆରୁ ଯ ମାଲେନ୍ ବୁଢ଼ିର୍ ପୋକେ ଧରି ଆନ୍ବ କଏଲେ । ରଜାର୍ ପାହାର୍ଦାର୍ ମାନେ ମାଲେନ୍ ବୁଢ଼ି ପାଖ୍କେ ଗଲେ ଆରୁ କାହିଁ ଗଲା ତୋର୍ ପୋ କଏଲେ । ବୁଢ଼ି ଦେଖେଇ ଦେଲା ଫୁଲ୍ ବଗିଚାନେ ଆଚେ ବଲି । ପାହାର୍ଦାର୍ମାନେ ଗଲେ ଦେଖ୍ଲେ ଯେ ପିଲା ଗୁଟେ ବସିଛେ ଯେ ତାର୍ ହାତ୍ ନେଇନା, ଗୋଡ୍ ନେଇନା ଆରୁ ଘା ହି କରି ବଜ୍ ବଜି ଯେଇଛେ ଆରୁ ଗନ୍ଧୁଛେ । ପାହାର୍ଦାର୍ମାନେ ଖିକାଲେ ଆରୁ ପଲି ଆସ୍ଲେ । ରଜା ପଚାର୍ଲେ କେଁ ହେଲା ? କେଁ କାଯେ ନେଇ ଆନି ବଲି । ପାହାର୍ଦାର୍ମାନେ ସବୁ କଥା କଏଲାକେ ରଜା କଏଲେ ଯାହା ତାକେ ଯେନ୍ତା କରିବି ବୋହି କରି ଧରି ଆନ୍ବ । ତାକେ ଯଦି ନେଇଁ ଆନ୍ବ ବେଲେ ତମ୍କେ ମାନ୍କେ ଶୂଳି ଦି ଦେବି । ତାର୍ ପଛେ ଚେର୍

ପାଞ୍ଚ ଜଣ୍ ପାହାର୍‌ଦାର୍ ଫେର୍ ଗଲେ ଆରୁ ସେ ଢୁଂଡା ପିଲାକେ ବୁହି ଆନ୍‌ଲେ । ଲୋକ୍‌ମାନେ ତାକେ ଦେଖ୍‌ଲାକେ ଖିକାଲେ ।

ଯେତେ ଲୋକ୍ ରାଜାବାଟିକେ ଆସିଥିଲେ ସବେ ରଜାକେ କଏଲେ, ମହାରାଇ୍ ଆମେ ଏତ୍‌କି ଦୂରୁ ଆଇଛୁ, ଆପନ୍‌କର ଟୁକିଲ ବର ଖଂଜମି ବଏଲାକେ । ରଜା ସେନୁ ରାନୀ ଟୁକିଲ୍‌କେ ଖବର୍ ଦେଲେ, ବର୍ ଖଂଜ୍‌ବା କେ ଆସ୍‌ବା କାଯେ । ରାନୀ ଟୁକିଲ୍ ଆସ୍‌ଲା । ସବେଲୋକ୍ ବଢ଼ିଆ ବଢ଼ିଆ ଧୋତି କୁର୍ତା, ସୁନା, ରୂପା ପିନ୍ଧି କରି ବସିଛନ୍, ଢୁଁଡ଼ା ପିଲା ବି ଆଛେ । ଜଗନ୍ନାଥ୍ ବି ରଖା ହିଛେ । ସେନୁ ରାନୀ ଟୁକିଲ୍ ପେନ୍ ଗଡୁ ଧରି କରି ବାହାର୍‌ଲା । ଭଁରେକ୍ କିନ୍ଦ୍‌ରି ଆସି କରି ପହେଲା ଜଗନ୍ନାଥ କେ ପେନ୍ ରୁକାଲା ଆରୁ ପଛେ ଢୁଁଡାର୍ ଉପରେ ପେନ୍ ରୁକାଲା । ଏନ୍‌ତା କରି ତିନ୍ ଥର୍ ପେନ୍ ରୁକାଲା । ଯେତେ ଲୋକେ ଆସିଥିଲେ ସବେ ଥାକ୍ ଥାକ୍ କରି ପଲି ଗଲେ । ସବେ କହୁଥନ୍ ଦେଖତ କେଢ଼େ କେଢ଼େ ସୁନ୍ଦରଟାମାନ୍‌କେ ଛାଡ଼ି ଦେଲା ଆରୁ ହାତ୍ ଗୋଡ୍ନୁ ନେଇଥିଲାଟା ଗୁଟ୍‌କେ ବର୍ ଖଂଜ୍‌ଲା । ରାନୀ ଟୁକେଲ୍ ତାର ଦାସୀମାନ୍‌କେ ଡାକ୍‌ଲା ଆରୁ ଭାତ୍ ନିଦେବା କାଯେ କଏଲା । ଦାସୀମାନେ ଭାତ୍ ନି ଦେଲେ । ଢୁଁଡା ଖେଲା । ତାର୍ ପଛେ ତୋ ଢୁଁଡା, ଜଗନ୍ନାଥ ମାଁପୁରୁ, ଈଶ୍ୱର ମାଁପୁରୁ, ପବନ ମାଁପୁରୁ, ବ୍ରହ୍ମା ମାଁପୁରୁ କେ ସମର୍‌ନା କଲା । ଚକର ପବନ୍ ତାର୍ ହାତ୍ ଗୋଡ଼କେ ଉଡ଼େଇ ଆନ୍‌ଲେ ଆରୁ ଢୁଁଡାର୍ ଦେହିନେ ଲଗେଇ ଦେଲେ । ଢୁଁଡାତ ଏବେ ଢୁଁଡା ବାରି ନେଇ ଦିଶ୍‌ବାର୍‌ନା ରଜା ପିଲା ବାରି ଦିଶୁଛେ ।

ତାର ଆର୍ ଦିନେ ଦାସୀମାନେ ଭାତ୍ ନି ଦେଲେ ଯେ ଢୁଁଡ଼ାର୍ ଘର କବାଟ୍ ବନ୍ଦ୍ ହିଥେ । ସେମାନେ ଢୁଁଡ଼ାକେ ଡ଼ାକ୍‌ଲେ । ଢୁଁଡ଼ା ଆସି କରି ଭଡ଼ାକ୍ କରି କବାଟ୍ ଖୋଲି ଦେଲା । ଦାସୀମାନେ ଦେଖିଲେ ଆରୁ କଏଲେ ଏ ବୁଆ ଇ ଗୋଡ୍ନୁ ନି ଥି, ଇ ଗୋଡ୍ନୁ ହାତ୍ ଥିଲାଟା ଗୁଟେ ଗୁଟେ କେନ୍ ଏ ? ଇଟା ତ ଦେବ୍‌ତା ହିଥିବାନା ବଏଲେ ଆରୁ ଭାତ୍ ଦେଲ ହେନେ ଫିଙ୍ଗି ଦେଲେ । ରାନୀ ଟୁକିଲ୍ ପାଖେ ଆସିଲେ ଆରୁ କଏଲେ ଯେ ଢୁଡ଼ା କେକେନ ଗୋଟେ ମାରି ଦିଛେ ଆରୁ ଢୁଁଡ଼ାର ଘରେ ଅଛେ । ରାନୀ ଟୁକିଲ ଯାନି ପାର୍‌ଲା ଆରୁ ସେ ଦିନ ସେ ଭାତ୍ ଦେଲ୍ ରାନ୍ଧ୍‌ଲା ଆରୁ ତୋ ଢୁଁଡାର୍ ପାଖିକେ ନି ଦେଲା ଖେବାକେ । ଟୁକିଲ୍ ଦଶ୍ ଭଗାର୍ ଡାକ୍ ଦେବାକେ ବି ସେ କବାଟ୍ ନେଇ ଖୋଲ୍‌ଲା ସ୍ୱାମୀ

ସ୍ୱାମୀ ବଲି କରି ଡାକ୍‌ଲା କେ ସେ କଏଲା କେନ୍ ଏ ମୋକେ ସ୍ୱାମୀ ସ୍ୱାମୀ ବୋଲି ଡାକୁଛେ । ମୋକେ ଇନେକେ ରହେବାର୍ ମାସେ ଦେଢ଼ ମାସ ହିଗଲା ମୋକେ କୁକୁର୍ ବିଲେଇ ବାରି କରଲୁ ଆରୁ ତୋର୍ ଦାସୀ ମାନ୍‌କର ହାତେ ଭାତ୍ ଦେଇ ପଠେଇ ଦଉରେଲୁ । ଏଭେ କେଁ କାଯେ ସ୍ୱାମୀ ସ୍ୱାମୀ ବଲି ଡାକୁଛୁ ଆରୁ ତୁଇ ନିଯେ ଖେ ବାର୍ ଜିନିଷ୍ ଧରିକରି ଆସିଛୁ । ଯା ତୋର୍ ଭାତ୍ ଶାଗ୍ ତୁଇ ଖେବୁ । ଟୁକିଲ୍ ପିଲାକେ ନିଜର୍ ଭୁଲ କାଯେ କ୍ଷମା ମାଗ୍‌ଲା କେ ପିଲା କବାଟ୍ ଉଗାରି ଦେଲା । ସେଠାନୁ ପିଲା ଭାତକେ ଏକ୍ ଗରସା ଖାଏଲା ଆରୁ ଆଗଲ୍‌ଲା ଭାତ୍‌କେ ରାନୀ ଟୁକିଲ ଖେଲା ।

ରାନୀ ଟୁକିଲ କଏଲା କେତେ ଦୂରୁନ୍ କେତେ କେତେ ଲୋ୍କ୍ ଆସିଥିଲେ ତୋ ସେମାନ୍‌କେ ମୁଇଁ ନେଇ ଖଂଜି । ତମର୍ ମୋର୍ ଯୋଗ୍ ଥିଲା ବଲି କରି ସିନା ତମର ମୁଡ଼େ ପେନ୍ ଲୁକାଲି । ଏଭ୍ ଠାନୁନ୍ ମୁଇ ତମ୍‌କେ ନେଇ ଛାଡ଼େଁ । ଏଭୁନ୍ ତୁମେ ମୁଇଁ ଗୁଟେ ଜୀବନ୍ । ମାସେ ଦୁଇ ମାସ୍ ଗଲାକେ ଟୁକିଲ୍ କଏଲା ବାପା ଯେନ୍‌ଟା ମୁଇ ବର୍ ଖଂଜ୍‌ଲି ସେଟା ତ ହେଲା । ଛୋଟା ହଉ କି କୋଲା ବି ହେଉ କି ଯେଁଟା ବି ହେଉ ତୁଇ ମୋକେ ଗନ୍‌ସା ମଙ୍ଗ୍‌ଲା କରିଦେ, ବିହା କରି ଦେ ।

ତମର୍ ବି ମୁକ୍ତି ଯିବା ଆମର୍ ବି ମୁକ୍ତି ଯିବା । ସେନୁ ରଜା ବାଲି ତୋର୍, ଫୁଲର୍ ମୋଡ଼ୋ କଲା । ସାନ୍ ଦୂର୍‌କେ କାଟ୍ ପେଣା, ବଡ଼ ଦୂର୍‌କେ ପତର୍ ପେଣା କଲା, ସବୁ ରଜାମାନ୍‌କେ ଡକେଇ ପଠାଲା । ସବୁ ଯେତେ ଡାକ୍‌ଲା ଲୋକ୍‌ମାନେ ରଜା ଘର୍‌କେ ଆସ୍‌ଲେ । ତାର୍ ପଛେ ସବେ ଠୁଲ ହି କରି ପିଲା ଆରୁ ଟୁକିଲ୍ କେ ଗନ୍‌ସା ଗନ୍‌ସି କଲେ ଆରୁ ବିହା କରି ଦେଲେ । ଯେତେ ଯେତେ ଯେତେ ବରଷେ, ଦେଢ଼ ବରଷ୍ ଗଲା କେ ପିଲା ତାର୍ ଶସୁର୍‌କେ କହେଲା ମୋର୍‌ବି ତ ଘରଦ୍ୱାର, ଅଛେ, ଆରୁ ମୁଇଁ ମୋର୍ ଘର୍‌କେ ଯେଁସି । ରଜା ସେନୁ ପିଲାକେ ଆର୍ କେତେ ଦିନ୍ ରଏବାକେ କଏଲେ । ଦିନ୍ ଆସ୍‌ଲାକେ କୋଡ଼େ ପଚିଷ୍‌ଟା ଗାଡ଼ିକେ ସବୁ ସାମାନ୍ ଲଦି ଦେଲେ ଆରୁ ନି ଦିଅ ବଏଲେ ।

ପିଲା ସେନୁ ବାହାର୍‌ଲା ଯେ ତାର୍ କୋଶ୍‌ଲା ବହେନ୍ କେ ଯେନ୍ ଗାଁ ନେ ଦିଛନ୍ ସେ ଗାଁକେ ଗଲା । ଗାଁ ମୁଡ଼ୁସାନେ ଗୁଟେ ଛୋଟ୍ ପିଲାକେ ଦେଖ୍‌ଲାଁ

ଆରୁ କଏଲା ଯା ତୋରେ ବାବୁ ସେ ଅମ୍‌କ ଗାଁର ଝି ଗୁଟେ କୋଶ୍‌ଲା ଦେଇ କେ କହି ଦେବୁ ଯେ ତୋର୍ ସାନ୍ ଭାଇ ଆସୁଛେ ଆରୁ ପରଘି ଯା । ସାନ୍ ପିଲା ଗଲା ଆରୁ ତାର୍ ମାଁକେ କଏଲା । ତାର୍ ମାଁ କଏଲା ମୁଇଁ ତୋ କୋଶ୍‌ଲା ଦେଇ ଏ, ମୋର୍ ସାନ୍ ଭାଇ ଆସୁଛେ ବଲି ଗାଁର କେତେ ଲୋକ୍‌କେ ଧରି କରି ଗଲା ଆରୁ ସାନ୍ ଭାଇକେ ପରଘି ଆନ୍‌ଲା । ସାନ୍ ଭାଇର୍ ମାଲ୍ ମତା ଯେତେ ଗାଡ଼ି ନେ ଆସିଥିଲା, ସବୁକେ ସେଠାନେ ରଖି ଦେଲେ ଆରୁ ଗାଡ଼ି ବାଲେ ଫିରି ଗଲେ । ସାନ୍ ଭାଇ କୋଶ୍‌ଲା ବହେନ୍ କେ ତାର୍ ଦଦା ମାନ୍‌କର ବିଷେ ପଚାର୍‌ଲା । ଦଦାମାନେ ତୋକେ ଦେଖି ଆସୁଛନ୍ କି ନେଇ ଆସ୍‌ବାର୍ । କୋଶ୍‌ଲା କଏଲା କଦାମାନେ ଦେଖି ଆସୁଛନ୍ ଯେ ଦଦା ଧନ୍‌ଜନ୍ କିଛି ନେଇ ଏନା । ସବେ ଏବେ କାଠ ବିକି କରି ଚଲୁଛତ୍ । ହେନ୍‌ତା ହେଲେ ଖବର୍ ଦଉ ଯେଁ ଆମ୍‌କେ ଦେଖି ଆସ୍‌ବେ । ସେନୁ ବହେନ୍ ଖବର୍ ଦେଲା । ବଡ଼ ଭାଇମାନେ ଖବର୍ ଦେଲେ ଆରୁ ଭାବ୍‌ଲେ, ସାନ୍ ବଂଚି କରି ଆସିଛେ, ଆମ୍‌କେ ଦେଖିଲେ ମାରି ମୁରା ଦେବାକେଁ ? ନେଇଁ ହୋ ନେଇ ମାରେ ବଏଲେ ଆରୁ ଦେଖବାକେ କୋଶ୍‌ଲାର୍ ଗାଁ କେ ଆଏଲେ । ଛ ଭାଇ ସବେ ପହଁଚ୍‌ଲେ । ସାନ୍ ଭାଇ ସଙ୍ଗେ ସବେ ଭେଟ୍ ଭୁଟା ହେଲେ । ସାନ୍ ଭାଇ ସେମାନ୍‌କର ଗୁଲ୍ ଗୁଲା ଦେଖିଲା ଆରୁ କଏଲା ତମେ ମାନେ ସିନା ମୋର୍ ଗୋଡ଼୍ ହାତ୍ କାଟି ଦି କରି ଜଙ୍ଗଲେ ଛାଡ଼ି ଦି କରି ପଲି ଆସ୍‌ଲା । ହେଲେ ଭଗ୍‌ବାନ୍ ମୋକେ ସାହା ଭରସା ହେଲେ । ମୋକେ ଗୋଡ଼୍ ହାତ୍ ଦେଲେ । ହାତେକ୍ ନୁ ଦୁଇ ହାତ୍ ହେଲି । ମୋର୍ କୋଶ୍‌ଲା ବହେନ୍ କେ ଦେଖିବାକେ ଏଲି ଆରୁ ତମର୍ ମାନ୍‌କର ପାଖିକେ ଖବର୍ ଦେଲି ତମ୍‌କେ ମାନ୍‌କେ ଦେଖବାକେ । ତମେ ମାନେ ଏଡ଼େ ବଡ଼ ଧନୀ ଘରର୍ ପୋ । ଇ ଯେନ୍ ଗୁଲ ଗୁଲା ହଉଛ ବନେ ଏ କେଁ ? ତମେମାନେ ଏବେ ମୋର୍ ନେଇ କେ ଆସ, ମୋର୍ ଧନ୍ କିଏ ଖାଏବା । ତମେମାନେ ଆସ ଆରୁ କମେଇ ଧମେଇ କରି ଖାହା । ଇରେଛୁ, ଇ ଭୁଇଁ ଆମେ ସବୁ ପାଏମୁଁ । ବଡ଼ ଭାଇମାନେ ସାନ୍ ଭାଇ ଇ କଥାକେ ଶୁନ୍‌ଲେ, ସବେ ଲାଜେ ସରମେ ହି ଗଲେ ଆରୁ ହଁ ବଲି କରି ଶାନ୍ତି ନେ ସାନ୍ ଭାଇ ପାଖେ ରହେଲେ ।

* * *

# ପଞ୍ଚମ ପରିଚ୍ଛେଦ

## ଉପସଂହାର

ପରଂପରା ଓ ପ୍ରଗତି - ଏ ଦୁଇଟି ମଧ୍ୟରୁ ଯେକୌଣସି ଗୋଟିଏକୁ ଜାତି ଗ୍ରହଣ କଲେ ଅନ୍ୟଟିକୁ ତ୍ୟାଗ କରିବାକୁ ପଡ଼େ । ପୃଥିବୀରେ ଏମିତି କମ୍ ସଭ୍ୟ ଜାତି ଅଛନ୍ତି ଯେଉଁମାନେ ପରଂପରା ଓ ପ୍ରଗତି ମଧ୍ୟରେ ଏକ ସମନ୍ୱିତ ଭାରସାମ୍ୟ ରକ୍ଷା କରିଛନ୍ତି । ମଣିଷ ଯେତେ ପ୍ରଗତିଶୀଳ ହେଲେ ବି ତା ଶରୀରରେ ପରଂପରା ଅସ୍ଥିମଜ୍ଜାଗତ । ତେଣୁ ସେ ନିଜକୁ ଓ ନିଜର ଐତିହ୍ୟକୁ ଗୌରବମୟ କରି ଦେଖେ । ଅପରପକ୍ଷରେ ଏକାନ୍ତଭାବେ ପାରଂପରିକ ହେଲେ ସିଏ ଆଗାମୀ ସଭ୍ୟତାର ସ୍ରୋତରେ ନିଜକୁ ସାମିଲ କରିପାରେ ନାହିଁ । ତେଣୁ ଶିକ୍ଷା, ସଂସ୍କାର ଓ ସଭ୍ୟତା ଅନୁରୋଧରେ ପ୍ରତ୍ୟେକ ଜାତି ନିଜର ଐତିହ୍ୟ ସଚେତନତା ସହିତ ପ୍ରଗତିର ପଥେ ଅଗ୍ରସର ହେବା କର୍ତ୍ତବ୍ୟ ବୋଲି ମନେ କରନ୍ତି ।

ସମ୍ଭବତଃ ଭାରତରେ ଗୌଁଡ଼ମାନେ ଏହିପରି ଏକମାତ୍ର ସଂଖ୍ୟାଗରିଷ୍ଠ ଗୋଷ୍ଠୀ ଯେଉଁମାନେ ସଭ୍ୟତାର ମୁଖ୍ୟସ୍ରୋତରେ ଦ୍ରୁତଗତିରେ ସାମିଲ ହୋଇଛନ୍ତି । ଗୌଁଡ଼ମାନଙ୍କ ଆଶ୍ରିତକୁଳ ବା ସହାବସ୍ଥାୟୀ ଅନ୍ୟାନ୍ୟ ଆଦିବାସୀ ଜାତି ସେମାନଙ୍କ ତୁଳନାରେ ତଥାପି ଅନଗ୍ରସର ହୋଇ ରହିଛନ୍ତି । ପ୍ରଗତି ସହିତ ଅନୁକୂଳିତ ହୋଇ ନପାରି ସେମାନେ ଏବେ ବି ପ୍ରଥାବଦ୍ଧ ଓ ପରଂପରାଶ୍ରୟୀ । ଏଣେ ଗୌଁଡ଼ମାନଙ୍କ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ବି ସମସ୍ୟା ଅନେକ । ଭୂମ୍ୟଧିକାରୀ ରୂପେ ଏମାନେ ଜମିଦାର, ଗୌନ୍ତିଆ, ରାଜା, ମକଦ୍ଦମ, ଉମରାହ ପ୍ରଭୃତି ପଦପଦବୀରେ ପ୍ରାକ୍ ବ୍ରିଟିଶ୍ ଅମଳରୁ ଥିଲେ । ରାଜୁଡ଼ା ଶାସନ ଓ ବ୍ରିଟିଶ ଶାସନ ବେଳୁ ଏମାନଙ୍କ ଭୂମି ହସ୍ତାନ୍ତରଣ ହେଲା ଅନ୍ୟମାନଙ୍କ ପାଖକୁ । ଫଳରେ ଏମାନେ ଜଂଗଲ ଅଞ୍ଚଳକୁ ଆଶ୍ରୟକରି ରହିଲେ । ଯେଉଁ ଗୌଁଡ଼ ରାଜା ଦିନେ ସମଗ୍ର ମଧ୍ୟ ଭାରତରେ ସାମ୍ରାଜ୍ୟ ବିସ୍ତାର କରି ଗୋଣ୍ଡୱାନା ରାଜ୍ୟ ପ୍ରତିଷ୍ଠା କରିଥିଲା, ସେହି ଗୌଁଡ଼ର ବଂଶଧର ମାନେ ଜଂଗଲର ପତ୍ର ବିକିବା ଓ ଜୀବିକା ନିର୍ବାହ କରିବା ପର୍ଯ୍ୟନ୍ତ ଅଧୋପତନ ହେଲା । ଫଳରେ ଗୌଁଡ଼ମାନେ ଆର୍ଥିକ ଦିଗରୁ କ୍ଷତିଗ୍ରସ୍ତ ହେଲେ ।

ସମୟର ପରିବର୍ତ୍ତନ ସହିତ ତାଳ ଦେଇ ଗୌଁଡ଼ମାନେ ସାମାଜିକ ପରିବର୍ତ୍ତନରେ ଆଗ୍ରହୀ ହେଲେ । ଛତିଶଗଡ଼ରେ ମାନବ ବିଜ୍ଞାନୀ ଭେରିଆର

ଏଲୱିନ ଗୋଁଡ଼ ସମାଜ ପାଇଁ ଓ ଉନ୍ନତି ପାଇଁ ବହୁ କାମ କରିଯାଇଛନ୍ତି । ସ୍ଥାନୀୟ ରାଜା ଜମିଦାର ମାନେ ବି ସେହି ସମାଜସେବା ପରଂପରାକୁ ବଂଚାଇ ରଖି ଆସିଲେ । ଏବେ ସେମାନଙ୍କ ସମାଜ ଛତିଶଗଡ଼ରେ ସକ୍ରିୟ ।

ଓଡ଼ିଶାରେ ଗୋଁଡ଼ ସାଂସ୍କୃତିକ ସମାଜ ଗତ କିଛି ବର୍ଷ ଧରି ଗୋଁଡ଼ମାନଙ୍କର ଶିକ୍ଷା, ସମାଜ ସଂସ୍କାର, ସାଂସ୍କୃତିକ ଅଭ୍ୟୁତ୍ଥାନ, ଶାସନ, ରାଜନୀତି, ବ୍ୟବସାୟ ଓ ଅର୍ଥନୀତି କ୍ଷେତ୍ରରେ ବରାବର ସଂଗଠନାତ୍ମକ କାର୍ଯ୍ୟ କରି ଆସିଛି । ଗୋଁଡ଼ ସମାଜରେ ମଦ୍ୟପାନ, କୁସଂସ୍କାର ବନ୍ଦ ହୋଇଛି । ନୃତ୍ୟଗୀତ ବି କ୍ରମଶଃ ବନ୍ଦ ହୋଇ ଆସୁଛି । ସ୍ଥଳ ବିଶେଷରେ ଏହା ଲୋପ ପାଇ ସାରିଛି । କେବଳ ଯେଉଁଠି ସାକ୍ଷରତା ହାର କମ୍ ସେଇ ଅଞ୍ଚଳରେ କେବଳ ନୃତ୍ୟଗୀତର ପ୍ରଚଳନ ରହିଛି । ଗୋଁଡ଼ ଲୋକମାନେ ଏବେ ବହୁସଂଖ୍ୟାରେ ପାଠପଢ଼ି ଚାକିରୀ କରି, ରାଜନୀତିକରି ଓଡ଼ିଶା ଶାସନ ଓ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରି ପାରିଛନ୍ତି । ଏବେ ବିଭିନ୍ନ ଅଞ୍ଚଳରେ ସାମାଜିକ ଏକତା ଓ ସମାଜ ସଂସ୍କାର କ୍ଷେତ୍ରରେ ଗୋଁଡ଼ମାନଙ୍କ ଭୂମିକା ଉଲ୍ଲେଖନୀୟ । ପ୍ରଗତିର ପଥେ ଗୋଁଡ଼ ସମାଜର ଅଗ୍ରଗତି ପ୍ରଶଂସନୀୟ । ସଂସ୍କୃତି କରଣ ଓ ପାଶ୍ଚାତ୍ୟକରଣର ପ୍ରଭାବ ଗୋଁଡ଼ ସମାଜରେ ପଡ଼ିଅଛି ଓ ସେମାନେ କୌଣସି ଦୃଷ୍ଟିରୁ ପଛରେ ନାହାନ୍ତି । କେବଳ ଗ୍ରାମାଞ୍ଚଳର ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଲୋକଙ୍କ କଥା ସ୍ୱତନ୍ତ୍ର ।

ଜାତିଗତ ପବିତ୍ରତା ରକ୍ଷା କରିବା ଗୋଁଡ଼ମାନଙ୍କ ପ୍ରଥମ କର୍ତ୍ତବ୍ୟ । ଏହି ଦୃଷ୍ଟିରୁ ଏମାନେ ମୌଳିକ । ଗୋଁଡ଼ମାନଙ୍କ ସଂଖ୍ୟାଧିକ ଉପଜାତି ପ୍ରାୟ ୪୦/୪୫ ପ୍ରକାରରୁ ବେଶୀ ହେବ । ଏମାନେ ସମସ୍ତେ ଗୋଁଡ଼ମାନଙ୍କର ଆଶ୍ରିତକୁଳ । ଗୋଁଡ଼ଜାତି ଛଡ଼ା ଅନ୍ୟ ଜାତିର ଲୋକ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବା ଦେଖାଯାଇଥାଏ । ନୂଆପଡ଼ା, କଳାହାଣ୍ଡିର କୌଣସି ଗୋଁଡ଼ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବା ଏବେ ସୁଦ୍ଧା ଦେଖାଯାଇ ନାହିଁ ।

ନୂଆପଡ଼ା, ଖଡ଼ିଆଲ ଅଞ୍ଚଳରେ ଗୋଁଡ଼ମାନଙ୍କ ସାଂସ୍କୃତିକ ପ୍ରଭାବ ଲକ୍ଷଣୀୟ । ଏହି ଅଞ୍ଚଳରେ ପ୍ରାୟ ୬୦ ପ୍ରତିଶତରୁ ଅଧିକ ଗାଁରେ ଗୋଁଡ଼ ଜାତିର ଗଉନ୍ତିଆ ରହିଥିଲେ । ଏବେ ଗୌନ୍ତିଆ ପ୍ରଥା ଲୋପ ପାଇଲାଣି ସିନା, ପରଂପରା କ୍ରମେ ପର୍ବପର୍ବାଣି, ଗାଁର ସାମାଜିକ ପାରିବାରିକ ଆଚାର ଚଳଣି ବେଳେ ନିର୍ବାଚିତ ସରପଞ୍ଚଙ୍କ ଅପେକ୍ଷା ଗାଁର ଗୌନ୍ତିଆ, ଝାକର ଓ ଦିହାରୀ (Priest and Shaman of the Gonds) ନରିହା (ଗଉଡ଼ Waterman) ଖବରିଆ ଗଣା (ଗାଁ ଚଉକିଆ) ମକଦ୍ଦମ (ବିଚାରକ) ଓ ଦୁଇ ଚାରିଜଣ ସିଆନ ଲୋକ (ସାରଳା ଦାସଙ୍କ ମହାଭାରତର 'ସିହାଣ') ଗାଁର ଭଲମନ୍ଦ ନ୍ୟାୟ ନିଶାପ

କରିଥାନ୍ତି । ଗୋଟିଏ ଗାଁରେ ସମସ୍ତ ଜାତିର ଲୋକଙ୍କ ଏକତ୍ର ସହାବସ୍ଥାନ ଓ ପାରସ୍ପରିକ ନିର୍ଭରଶୀଳତା, ଗ୍ରାମୀଣ କାରିଗରୀ ଓ ଉତ୍ପାଦନର ବିନିମୟ, ଧାର୍ମିକ ଓ ସାଂସ୍କୃତିକ ସହଭାଗିତା ନାରୀ ପୁରୁଷ ବାଳକ ବାଳିକାଙ୍କ ସମାଜରେ ନିର୍ଦ୍ଦିଷ୍ଟ ଓ ନିରୂପିତ ଭୂମିକା ପରିଗ୍ରହଣ ଏକ ପରିପୂର୍ଣ୍ଣ ଗ୍ରାମୀଣ ଜୀବନର ଚିତ୍ରକୁ ସ୍ପଷ୍ଟ କରିଥାଏ । ଗୋଟିଏ ଲୋକୋକ୍ତିରୁ ତାହା ସ୍ପଷ୍ଟ ହେବ । ଯଥା -

ରଜାର ଯେ ରାଏଜ, ଗଣେକର ଯେ ଭୂଇଁ
ଭୁଞ୍ଜିଏକର ଦେପଟା, ଡମେକର ସଏଲତା,
ଗୋଦୁରର ଯେ ପାନି, ତେଲୀର ଯେ ଘାନି,
କୁମ୍ଭାରର ଯେ ଜିଆ, କେଉଟର ଯେ ଲିଆ ।

ଲକ୍ଷ୍ୟ କରିବାର ଅଛି ଏହି ଲୋକୋକ୍ତିରେ ପ୍ରତ୍ୟେକ ଜାତିର ଗ୍ରାମ ଦେବତୀଙ୍କ ପାଖରେ ନିଜ ନିଜର ଜାତି-ବୃତ୍ତି ଘେନି ସେବା ଲାଗି ହେବା ପାଇଁ ଯେଉଁ ବ୍ୟବସ୍ଥା ରହିଛି ତାହା ସଂହତିର ସୂଚକ । ଏହା ବିଭିନ୍ନ ଜାତିରେ ଥିବା ପାରସ୍ପରିକ ସଂପର୍କ ଓ ଆର୍ଥିକ-ସାମାଜିକ ଭୂମିକା ସଂପର୍କରେ ସୂଚାଏ । ନୂଆପଡ଼ା-ଖଡ଼ିଆଳ ଅଞ୍ଚଳରେ ଉପଲବ୍ଧ ଏହି ଲୋକୋକ୍ତିର ତାତ୍ପର୍ଯ୍ୟ ହେଉଛି :

ରାଜାଙ୍କ ରାଜ୍ୟ ଅର୍ଥାତ୍ ଶାସନ (Administration) ରାଜାଙ୍କର, କିନ୍ତୁ ଭୂମିର ଅଧିକାରୀ ଗୋଁଡ଼ । ଭୁଂଜିଆମାନେ ଦେବୀଦେବତାଙ୍କ ପୂଜକ । ସେହି ଦେବୀ ଦେବତାଙ୍କ ପୂଜାରେ ଡମ୍ବ/କୋଷ୍ଟା ଲୋକ ଦୀପଜାଳିବା ପାଇଁ ସଳିତା ଦିଅନ୍ତି । ସେମାନେ ଲୁଗା ବୁଣୁଥିଲେ । ଗଉଡ଼ ପାଣି ଯୋଗାଉଥିଲା, ଏବେ ବି ଯୋଗାଏ । ତେଲୀ ଦୀପ ଜାଳିବା ପାଇଁ ତେଲ ଦିଏ । କୁମ୍ଭାର ମାଟିର ଦୀପ ରୁଖା ତିଆରି କରି ଦେବୀ ଗୁଡ଼ିରେ ଦିଏ । କେଉଟ ଲିଆ/ଉଖୁଡ଼ା/ମୁଢ଼ି ଭାଜି ଦେବୀଗୁଡ଼ିକୁ ଦିଏ । ଏସବୁ ଦେବୀଙ୍କଠାରେ ଆଣି ଏକତ୍ରିତ କରିବା ଅର୍ଥ ଗ୍ରାମୀଣ ଏକତା ରକ୍ଷା କରିବା ।

ଗୌଁଡ଼ମାନେ ଯେହେତୁ ଗ୍ରାମରେ କ୍ଷମତାଶାଳୀ ଥିଲେ, ସେମାନଙ୍କ ବିବାହ, ଜନ୍ମ, ମୃତ୍ୟୁ ସଂସ୍କାର ଆଦିରେ ଗଉଡ଼ ଓ ଡମ୍ବ ଲୋକଙ୍କ ସହଯୋଗ ବରାବର ରହୁଥିଲା । ଗ୍ରାମର ଦେବୀ ଦେବତାଙ୍କ ପୂଜା ପାର୍ବଣ ବେଳେ ବି ଗଉଡ଼ ଓ ଡମ୍ବ ଲୋକଙ୍କ ସେବା ଓ ସାଂସ୍କୃତିକ ମହତ୍ୱ ରହିଛି ।

ଗୌଁଡ଼ ସମାଜର ସଂହତିର ଦୁଇଗୋଟି ପ୍ରକୃଷ୍ଟ ଉଦାହରଣ ଏଠାରେ ଉଲ୍ଲେଖନୀୟ । ପ୍ରଥମଟି ହେଉଛି ପୁଅଝିଅର ବିଭାଘର ବେଳେ କନ୍ୟାପକ୍ଷକୁ ବରପକ୍ଷରୁ ଆର୍ଥିକ ସାହାଯ୍ୟ ଦେବା ଓ କନ୍ୟାପକ୍ଷ ସେହି ଅର୍ଥରେ ବିଭାଘର

ଖର୍ଚ୍ଚ ତୁଲାଇବା । ଦ୍ୱିତୀୟଟି ହେଉଛି, ବରପକ୍ଷ ବା କନ୍ୟାପକ୍ଷକୁ ଯିଏ ବି ନିମନ୍ତ୍ରିତ ଅତିଥି ହୋଇ ଆସୁନା କାହିଁକି ସିଏ ଅନ୍ତତଃ ଚାଉଳ, ଟଙ୍କା, ଖାସି ଆଦି ଧରି ବିଭାଘର ବନ୍ଧୁଘରକୁ ପହଞ୍ଚିବେ । ଫଳରେ ବନ୍ଧୁ କୁଟୁମ୍ବଙ୍କ ଦ୍ୱାରା ଅଣାଯାଇଥିବା ଖଞ୍ଜାରେ ବର କନ୍ୟାଘରର ଖର୍ଚ୍ଚ ଅଧା ଅଧି ଉଠିଯାଏ । ସାମାଜିକ ସଂହତିର ଏହା ଏକ ପ୍ରକୃଷ୍ଟ ଉଦାହରଣ । ଯୌତୁକ ପ୍ରଥା ଗୋଁଡ଼ ସମାଜରେ ଆଦୌ ନାହିଁ କହିଲେ ଚଳେ ।

୧୯୮୯ ମସିହା । ଆଦିବାସୀ ଭାଷା ସଂସ୍କୃତି ଏକାଡ଼େମୀ ଆନୁକୂଲ୍ୟରେ ସିନାପାଲି ଆଦିବାସୀ ଗବେଷଣା ପରିଷଦ ପକ୍ଷରୁ ଆଦିବାସୀ ସମ୍ମିଳନୀ ହେଉଥାଏ । ପ୍ରାୟ ୮୦ଟି ଗାଁରୁ ଆଦିବାସୀ ମୁଖିଆମାନଙ୍କୁ ଡକାଯାଇଥାଏ । ସମ୍ମିଳନୀସ୍ଥଳକୁ ଆସିଲାବେଳେ ଜଣକ ପରେ ଜଣେ କିଛି ଟଙ୍କା କିଛି ଚାଉଳ ଆଣି ପରିଷଦର କର୍ମକର୍ତ୍ତାଙ୍କୁ ଦେବାରେ ଲାଗିଲେ । କିଛି ସମୟପରେ ସେମାନଙ୍କୁ ପଚାରିବାରୁ ସେମାନେ କହିଲେ, ଆମ ଜାତିର ଉନ୍ନତି ପାଇଁ ତମେ ଯେତେବେଳେ ସଭା କରୁଛ ଆମେ କିଛି ନଆଣି ଏଠିକି ଆସିବା ଅଧର୍ମ ହେବ ।

ସମୂହଭାବନା, ସହଭାଗିତା, ସହଯୋଗିତା ଓ ସହାବସ୍ଥାନ ଗୋଁଡ଼ ସଂସ୍କୃତିର ମୂଳକଥା । ଇତିହାସରେ ଏମାନେ ସଂଘର୍ଷ କରି ରାଜ୍ୟସ୍ଥାପନ କରିଛନ୍ତି ତ କେବେ ବାହ୍ୟ ଆକ୍ରମଣ ଦ୍ୱାରା ଆକ୍ରାନ୍ତ ହୋଇ ନିଜକୁ ପ୍ରତ୍ୟାହାର କରିନେଇଛନ୍ତି ଅରଣ୍ୟ ଅଞ୍ଚଳକୁ ।

ଗୋଁଡ଼ ଲୋକ ସାହିତ୍ୟରେ ମିଥ୍, କିମ୍ବଦନ୍ତୀ, କାହାଣୀ ଓ ଧର୍ମାଚାରର ପ୍ରଚଳନ ସର୍ବାଧିକ । ଶିକ୍ଷିତ ଲୋକଙ୍କ ମୂଲ୍ୟବୋଧରେ ଓ ବିଶ୍ୱାସରେ ପରିବର୍ତ୍ତନ ତ ଆସେ । ହେଲେ ଖଗମାଝୀ, ଜିତ ମାଝୀ, ପରଶୁରାମ ମାଝୀ ପରି ପୁରୁଖା ବୁଢ଼ାମାନେ ନିଜ ସଂସ୍କୃତିରୁ ଯେଉଁ ଶିକ୍ଷା ଆହରଣ କରିଛନ୍ତି, ସେହି ଶିକ୍ଷା ସେମାନଙ୍କୁ ସଂଘର୍ଷ କରି ବଂଚିବାର ବାଟ ଦେଖାଇଛି । କେଉଁ ଦୁର୍ଗମ ଅରଣ୍ୟ ଭେଦ କରି ମଧ୍ୟପ୍ରଦେଶ ଦେଇ ଓଡ଼ିଶାରେ ପହଁଚି ଜଂଗଲ ପଦାକରି ଗ୍ରାମ ବସାଇବା, କୃଷିକାମ କରିବ, ଦେବୀ ଦେବତାଙ୍କ କୃପାରୁ ସୁରକ୍ଷା ପାଇବା, ଯୁଦ୍ଧ ଓ ପ୍ରେମରେ ଜନ୍ମଲାଭ କରି ବଂଶର ଗୌରବ ରଖିବା, ପ୍ରକୃତି ଓ ଜଂଗଲକୁ ଚିର ସବୁଜ କରି ରଖିବା, ମାଟିମାତାକୁ ବାରମାସ ପୂଜା କରିବା ପ୍ରଭୃତି ଦର୍ଶନ ସେହି ବୃଦ୍ଧମାନଙ୍କ ଅଭିଜ୍ଞତା ପ୍ରସୂତ ଜ୍ଞାନ । ସେମାନଙ୍କ ପାରମ୍ପରିକ ଜ୍ଞାନ ସମାଜକୁ ବଂଚିବାର ପ୍ରେରଣା ଦେବା ଲାଗି ଉଦ୍ଦିଷ୍ଟ ।

* * *

# BIBLIOGRAPHY OF THE GOND OF ORISSA


Bapat, N.V — Gond Tribes of India, New Delhi, Bharatiya Adimjati Sewak Sangh, 1950, P-57

Choudhury, B. — Gond, Adibasi, Spl. issue (1963-64), No-3, pp. 157-160

Dalton, E.T. — The Gonds, Descriptive Ethnology of Bengal, Calcutta, 1960, pp. 265-275.

Elwin, Verrier. — Leaves from the Jungle. Life in a Gond village, London, John murray, 1926, P - 243 Married a Gond. Man in India, Vol-20, No-4, 1940, pp. 228-255. Kingdom of the Young, London, John murray.

An Ethnology of marriage Sermons. Gond of mandala, man in India, Vol.23, No.2, 1943, P. 108

Funer-Haimendrof, C. Von. — Raj Gonds of Adilabad, London, macmillan, 1948.

The Gonds of Andhra Pradesh, New Delhi, Vikash Publishing house, 1980

Hivale, S. and Elwin, v — Songs of the Forest, the folk poetry of the Gonds, London, George Allen 1935.

The Gond poems, man in India, vol-23, 1943, pp. 20-22.

Prasad, Narma Deswar. — Land and people of Tribal Bihar, Ranchi, Bihar Tribal Research Institute, 1961, pp. 177-181.

Russel, R.V and Hiralal — The Tribes and castes of the Central Provinces of India 1916.

Stephen Fuchs — The Gonds and the Bhumias of Eastern Mandalas, popular Prakasan, Bombay, 1960.

Tales of Gondvana.

Sah. A.P. — Life in Medieval Orissa (600-1200 AD) Chaukhamba orientalia, Varanasi, 1976.

Wills, C.V. — Territorial Systems of the Rajput Kingdoms of Medieval Chhatish garh 1919 (Journal of the Asiatic Society, Calcutta)

The Raj gond Maharajas of the Satpura Hills, 1913

ଦାସ ଶିବ ପ୍ରସାଦ — ସମ୍ବଲପୁର ଇତିହାସ

ଗୋଣ୍ଡି, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଭୁବନେଶ୍ୱର, ୧୯୯୫